୫୧
# ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୦/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, December 10/2024 | Page 16 | ₹ 7.00 | SAMBALPUR
୫୧ଶ ଭାଗ ୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 17 | ମୂଲ୍ୟ ₹୭/-

# ଗୁଣି ସନ୍ଦେହରେ ଜୁଇରେ ଜାଳିଦେଲେ

**କୋରାପୁଟ/ନାରାୟଣପାଟଣା, ୯।୧୨ (ଅମିତାଭ ବେହେରା/ ରାଜକିଶୋର ଜେନା)**

ଗୁଣିଗାରେଡ଼ିକୁ ସନ୍ଦେହ କରି ଜଣେ ଯୁବକଙ୍କୁ ୫ଜଣ ହତ୍ୟା କରିବା ପରେ ମୃତଦେହକୁ ଅନ୍ୟଜଣଙ୍କ ଜୁଇରେ ପକାଇ ଜାଳି ଦେଇଛନ୍ତି। ଏଭଳି ଚାଞ୍ଚଲ୍ୟକର ଘଟଣା ରବିବାର କୋରାପୁଟ ଜିଲା ବନ୍ଧୁଗାଁ ଥାନା ଜାର୍ପା ଗାଁର ଶ୍ମଶାନରେ ଘଟିଛି। ମୃତ ଯୁବକ ଜଣକ ହେଲେ ବନ୍ଧୁଗାଁ ଥାନା ଜାର୍ପା ଗାଁର ଶିବ ମିନ୍ୟାକା(୩୪)। ଏ ନେଇ ବନ୍ଧୁଗାଁ ଥାନାରେ ସୋମବାର ନଂ. ୧୧୨/୨୪ରେ ମାମଲା ରୁଜୁ ହୋଇଛି। ୫ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

ମିଳିଥିବା ସୂଚନା ଅନୁଯାୟୀ, ଜାର୍ପା ଗାଁର ଦଶ ମିନ୍ୟାକା ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ରବିବାର ଅପରାହ୍ଣରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପୂର୍ବରୁ ଦଶଙ୍କ ଭାଇ ଜଙ୍ଗାମାଙ୍କର ମୃତ୍ୟୁ ଘଟିଥିବାରୁ ଗୁଣିଗାରେଡ଼ି ସମ୍ପର୍କରେ ଆଖପାଖରେ ପ୍ରଚାର ହୋଇଥିଲା। ଜାର୍ପା ଗାଁର ଶିବ ମିନ୍ୟାକାଙ୍କ ସହ ଦଶ ମିନ୍ୟାକା ଏବଂ ତାଙ୍କ ସମ୍ପର୍କୀୟ ଭାଇଙ୍କର ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ବିଭିନ୍ନ ସମୟରେ ଦଶ ଓ ତାଙ୍କ ସମ୍ପର୍କୀୟ ଭାଇମାନଙ୍କୁ ଶିବ କୁଆଡେ ଗୁଣିକରି ମାରିଦେବାକୁ ଧମକ ଦେଉଥିଲେ। ହେଲେ ରବିବାର ହଠାତ୍ ଦଶଙ୍କର କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ମୃତଦେହ ଦାହ ହେଉଥିବା


ପ୍ରତୀକାତ୍ମକ ଚିତ୍ର

ସ୍ଥାନକୁ ଶିବ ଯାଇଥିବା ବେଳେ ଦଶଙ୍କ ପରିବାର ଏବଂ ସମ୍ପର୍କୀୟ ୫ଜଣ ତାଙ୍କୁ ଗୁଣି ସନ୍ଦେହରେ କାଠଫାଳିଆରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଶିବଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାକୁ ଚପାଇଦେବା ପାଇଁ ଶିବଙ୍କ ମୃତଦେହ ଦଶଙ୍କ ଜୁଇରେ ପକାଇ ଜାଳିଦେଇଥିଲେ। ପରେ ଗାଁ ଲୋକ ଓ ଶିବଙ୍କ ସମ୍ପର୍କୀୟମାନଙ୍କୁ ଘଟଣା ବିଷୟରେ କାହାରିକୁ କିଛି ନ କହିବାକୁ ତାଗିଦ କରିଥିଲେ। ଶିବଙ୍କ ପରିବାର ଲୋକେ ଭୟରେ ପୋଲିସରେ ଅଭିଯୋଗ କରି ନ ଥିଲେ। ସୋମବାର ସକାଳେ ଘଟଣା ପ୍ରଚାରିତ ହୋଇଥିଲା। ପରେ ବନ୍ଧୁଗାଁ ଥାନା ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ଓ ସାଇଣ୍ଟିଫିକ୍ ଟିମ୍, କୋରାପୁଟ ଅତିରିକ୍ତ ଏସ୍‌ପି ମନୋବ୍ରତା ଶତପଥୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିବାରୁ ଗୁଣିଗାରେଡ଼ି ସନ୍ଦେହରେ ଶିବଙ୍କୁ ହତ୍ୟା କରିଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ। ସୂଚନାଯୋଗ୍ୟ, କୋରାପୁଟ ଜିଲା ନାରାୟଣପାଟଣା ଥାନା ମାଙ୍କଡ଼ଝୋଲା ଗାଁରେ ୨୦୨୩ ଅକ୍ଟୋବରରେ ଗୁଣିଗାରେଡ଼ି ସନ୍ଦେହରେ ଜଣେ ଯୁବକଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଆକ୍ରମଣ କରାଯାଇଥିଲା।

## ସଞ୍ଜୟ ମାଲହୋତ୍ରା ଆର୍‌ବିଆଇ ଗଭର୍ନର ନିଯୁକ୍ତ



**ନୂଆଦିଲ୍ଲୀ,୯।୧୨(ପି.ଟି.)**

କେନ୍ଦ୍ର ସରକାର ରାଜସ୍ୱ ସଚିବ ସଞ୍ଜୟ ମାଲହୋତ୍ରାଙ୍କୁ ସୋମବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ୨୬ତମ ଗଭର୍ନର ନିଯୁକ୍ତ କରିଛନ୍ତି। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ☞ପୃଷ୍ଠା-୨

# ସବୁ ଜିଲାରେ ଖୋଲିବ ମେଡିକାଲ କଲେଜ

## ନିଯୁକ୍ତ ହେବେ ୫ ହଜାର ଡାକ୍ତର, ୩ ହଜାର ପାରାମେଡିକାଲ ଷ୍ଟାଫ୍

**ଭୁବନେଶ୍ୱର,୯।୧୨(ଅନିଲ ଦାସ)**

ରାଜ୍ୟର ସମସ୍ତ ୩୦ ଜିଲାରେ ମେଡିକାଲ କଲେଜ ଖୋଲିବ। ମେଡିକାଲ କଲେଜ ଖୋଲିବା ପାଇଁ କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଅନୁଦାନ ଯୋଗାଇଦେବେ। ୨୦୧୪ ପରେ ରାଜ୍ୟରେ ଯେତେ ସବୁ ବଡ଼ ମେଡିକାଲ କଲେଜ ଖୋଲିଛି, ୧୦୦ ସିଟ୍ ମେଡିକାଲ କଲେଜ୍ ପାଇଁ ୨୫୦ରୁ ୩୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ରାଜ୍ୟ ସରକାର ଆସନ୍ତା ୫ ବର୍ଷ ମଧ୍ୟରେ ସମସ୍ତ ଜିଲାରେ ମେଡିକାଲ କଲେଜ ସ୍ଥାପନ କରିବେ। ଏହାଛଡ଼ା ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଖାଲିଥିବା ୫ ହଜାର ଡାକ୍ତର ଓ ୩ ହଜାର ପାରା ମେଡିକାଲ ଷ୍ଟାଫ୍ ନିଯୁକ୍ତ କରାଯିବ। ଏ ନେଇ ରାଜ୍ୟ ସରକାର ଖୁବ୍‌ଶୀଘ୍ର ବିଜ୍ଞାପନ ପ୍ରକାଶ କରିବେ। ଏଥିପାଇଁ ପ୍ରକ୍ରିୟା ଜାରି ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନ କ୍ରମେ ମେଡିକାଲ ନିଯୁକ୍ତି ପ୍ରକ୍ରିୟାରେ ଦୁଇଟି ସଂଶୋଧନ କରାଯାଇଛି। ରାଜ୍ୟ ସରକାର ଏ ନେଇ ପ୍ରତିଶ୍ରୁତିବଦ୍ଧ। ଆମେ ନିର୍ବାଚନ ବେଳେ ସଙ୍କଳ୍ପ ପତ୍ରରେ ଯାହା ପ୍ରତିଶ୍ରୁତି ଦେଇଛୁ ତାକୁ ପାଳନ କରିବୁ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୋମବାର ବିଧାନସଭା ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି।

ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ ପଚାରିଛନ୍ତି, ଓଡ଼ିଶାରେ କେତୋଟି ସରକାରୀ ମେଡିକାଲ କଲେଜ, ହୋମିଓପ୍ୟାଥିକ କଲେଜ, ଆୟୁର୍ବେଦିକ କଲେଜ, ସ୍ନାତକୋତ୍ତର ଡାକ୍ତରୀ ଶିକ୍ଷା ପ୍ରତିଷ୍ଠାନ ଏବଂ ଚିକିତ୍ସା ଓ ଗବେଷଣା କେନ୍ଦ୍ର ରହିଛି। ଓଡ଼ିଶା ସ୍ୱାସ୍ଥ୍ୟ ବିଦ୍ୟାଳୟ ଓ ମେଡିକାଲ କଲେଜଗୁଡ଼ିକ ପାଇଁ କେତେ ସଂଖ୍ୟକ ମଞ୍ଜୁରିପ୍ରାପ୍ତ ପଦବୀ ରହିଛି। ସେଥିରୁ କେତେ ପଦବୀ ଖାଲି ଅଛି। ବୁର୍ଲା ମେଡିକାଲ କଲେଜକୁ କେବଳ ରାଜ୍ୟ ନୁହେଁ, ଛତିଶଗଡ଼ରୁ ମଧ୍ୟ ରୋଗୀ ଆସୁଛନ୍ତି। ସେହି ମେଡିକାଲ କଲେଜ ଅବସ୍ଥା ଭଲ ନାହିଁ। ଭିମସାରରେ କେତେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ପଦବୀ ଖାଲିଅଛି। ମନ୍ତ୍ରୀ କହିଛନ୍ତି, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ଲାଞ୍ଚ ଜାଲରେ






## ସଂକ୍ଷେପରେ

### କାର୍ ଦୁର୍ଘଟଣା: ୭ ମୃତ

ଗାନ୍ଧୀନଗର, ୯।୧୨

ଗୁଜରାଟର ଜୁନାଗଡ଼ ଜିଲା ଜୁନାଗଡ଼-ବେରାୱଲ ରାଜପଥରେ ମିଲିଆ-ହଟିନା ଗ୍ରାମ ନିକଟରେ ସୋମବାର ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ୨ କାର୍ ପରସ୍ପର ସହ ଧକ୍କା ହେବାରୁ ୫ କଲେଜ ଛାତ୍ରୀଛାତ୍ରଙ୍କ ସମେତ ୭ ଜଣଙ୍କର ମୃତ୍ୟୁ ଘଟିଛି। ସମସ୍ତ ୫ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। ପରସ୍ପର ସହ ଧକ୍କା ହେବା ପରେ ଗୋଟିଏ କାର୍‌ର ସିଏନ୍‌ଜି ସିଲିଣ୍ଡର ଫାଟିଯାଇଥିଲା। ଫଳରେ ଉଭୟ କାର୍ ଜଳିଯାଇଥିଲା। ଗୋଟିଏ କାର୍‌ରେ ୫ ଛାତ୍ରୀଛାତ୍ରଙ୍କ ସମେତ ୬ ଜଣ ଏବଂ ଅନ୍ୟ ଏକ କାର୍‌ରେ ଜଣେ ବ୍ୟକ୍ତି ଥିବାବେଳେ ଘଟଣାସ୍ଥଳରେ ସମସ୍ତଙ୍କର ମୃତ୍ୟୁ ଘଟିଛି।

### ଦିଲ୍ଲୀର ୪୦ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୯।୧୨

ଦିଲ୍ଲୀର ୪୦ରୁ ଅଧିକ ସ୍କୁଲକୁ ସୋମବାର ବୋମାରେ ଉଡ଼ାଇଦେବାକୁ ଇମେଲ ଯୋଗେ ଧମକ ମିଳିଛି। ଫଳରେ ଛାତ୍ରୀଛାତ୍ର ଏବଂ କର୍ମଚାରୀମାନଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ଇମେଲରେ ଲେଖାଯାଇଥିଲା, ସ୍କୁଲର ଅଧିକାଂଶ ସ୍ଥାନରେ ବମ୍ ଲୁଚାଇ ରଖାଯାଇଛି। ୩୦ ହଜାର ଡଲାର ଦିଆ ନ ଗଲେ ବୋମାରେ ସ୍କୁଲକୁ ଉଡ଼ାଇ ଦିଆଯିବ। ସୂଚନା ମିଳିବା ମାତ୍ରେ ଦିଲ୍ଲୀ ପୋଲିସ, ବୋମା ନିଷ୍କ୍ରିୟ ଦଳ(ବିଡିଏସ୍), ଅଗ୍ନିଶମ ବିଭାଗର ଅଧିକାରୀମାନେ ସମ୍ପୃକ୍ତ ସ୍କୁଲ କ୍ୟାମ୍ପସଗୁଡ଼ିକରେ ପହଞ୍ଚି ଯାଞ୍ଚ କରିଥିଲେ। ତେବେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନ ଥିଲା। ବୋମା ଧମକକୁ ନେଇ ଦିଲ୍ଲୀ ସାଇବର କ୍ରାଇମ ସେଲ୍ ତଦନ୍ତ ଜାରି ରଖିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ରାଜଧାନୀର ଲୋକଙ୍କୁ ସୁରକ୍ଷା ଯୋଗାଇବାରେ କେନ୍ଦ୍ରର ଭାଜପା ସରକାର ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି।

### କୃଷକ ଆନ୍ଦୋଳନ: ରାସ୍ତା ଅବରୋଧ ହଟାଇବା ଆବେଦନ ଖାରଜ

ନୂଆଦିଲ୍ଲୀ,୯।୧୨(ପି.ଟି.)

ଆନ୍ଦୋଳନରତ କୃଷକଙ୍କ ଦ୍ୱାରା ଜାତୀୟ ରାଜପଥ ଏବଂ ରେଳଲାଇନଗୁଡ଼ିକ ଅବରୋଧ ନ ହେବା ଏବଂ କେନ୍ଦ୍ର ତଥା ରାଜ୍ୟ ସରକାରମାନେ ଚାଷୀମାନଙ୍କୁ ଅଟକାଇବା ପାଇଁ ଲଗାଇଥିବା ଅବରୋଧ ହଟାଇଦେବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଦାଏର ଏକ ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ସୋମବାର ଅଗ୍ରାହ୍ୟ କରିଦେଇଛନ୍ତି। ଏହି ପ୍ରସଙ୍ଗରେ ଅନ୍ୟ ଏକ ପିଆଇଏଲ୍ ବିଚାରାଧୀନ ଥିବା ଦର୍ଶାଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ମନମୋହନଙ୍କ ଖଣ୍ଡପୀଠ ସାମାଜିକ କର୍ମୀ ଗୌରବ ଲଥ୍ରାଙ୍କ ପିଟିଶନ୍‌କୁ ଶୁଣାଣି ପାଇଁ ମନା କରିଦେଇଛନ୍ତି। କେତେଜଣ ପ୍ରଚାର ପାଇଁ ଓ ସହାନୁଭୂତି ପାଇବାକୁ ଏଭଳି ଆବେଦନ କରୁଥିବା ଖଣ୍ଡପୀଠ କହିଥିଲେ।

# ଧନ୍‌କରଙ୍କ ବିରୋଧରେ ଆସିବ ଅନାସ୍ଥା

## ଜର୍ଜ ସୋରୋସ-କଂଗ୍ରେସ ସମ୍ପର୍କ, ଆଦାନୀ ପ୍ରସଙ୍ଗ ନେଇ ପାର୍ଲାମେଣ୍ଟ ଅଚଳ

ନୂଆଦିଲ୍ଲୀ,୯।୧୨(ପି.ଟି.)

ରାଜ୍ୟ ସଭା ଅଧକ୍ଷ ଜଗଦୀପ୍ ଧନ୍‌କର ଏବଂ ଇଣ୍ଡିଆ ବ୍ଲକ୍ ମଧ୍ୟରେ ସମ୍ପର୍କ ସୋମବାର ଅଧିକ ଖରାପ ହୋଇଛି। ଉପରାଷ୍ଟ୍ରପତି ଧନ୍‌କରଙ୍କୁ ତାଙ୍କ ପଦବୀରୁ ହଟାଇବା ପାଇଁ ବିରୋଧୀ ଦଳ ଖୁବ୍‌ଶୀଘ୍ର ଅନାସ୍ଥା ପ୍ରସ୍ତାବ ଆଣିବାକୁ ବିଚାର କରୁଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଅନାସ୍ଥା ନୋଟିସ୍ ପଠାଇବା ପାଇଁ ବିରୋଧୀ ଦଳଗୁଡ଼ିକ ଗତ ଅଗଷ୍ଟରେ ଇଣ୍ଡିଆ ବ୍ଲକ୍ ଦଳଗୁଡ଼ିକର ସ୍ୱାକ୍ଷର ଆବଶ୍ୟକ କରିଥିଲେ। ତେବେ ଧନ୍‌କରଙ୍କୁ ଆଉ ଏକ ସୁଯୋଗ ଦେବା ଲାଗି ନିଷ୍ପତ୍ତି ନେଇ ସେମାନେ ପ୍ରସ୍ତାବ ଆଣି ନ ଥିଲେ। ତେବେ ସୋମବାର ଧନ୍‌କରଙ୍କ ଆଚରଣ ସେମାନଙ୍କୁ ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି ହୃଦ୍‌ବୋଧ କରାଇଛି। ଏହି ପ୍ରସଙ୍ଗରେ କଂଗ୍ରେସ ନେତୃତ୍ୱ ନେବାକୁ ଥିବାବେଳେ ଟିଏମ୍‌ସି, ସମାଜବାଦୀ ପାର୍ଟି ସମେତ ଇଣ୍ଡିଆ


ଜଗଦୀପ୍ ଧନ୍‌କର

ବ୍ଲକ୍‌ର ସମସ୍ତ ଦଳ ସମର୍ଥନ ଜଣାଇବେ ବୋଲି ଉପରୋକ୍ତ ସୂତ୍ରରୁ କୁହାଯାଇଛି।

ସୋମବାର ଶୂନ୍ୟକାଳ ଆରମ୍ଭ ହେବା ପରେ ରାଜ୍ୟ ସଭାକୁ ପ୍ରଥମ ମୁଲତବୀ ଘୋଷଣା କରାଯାଇଥିଲା। କଂଗ୍ରେସ ନେତାମାନେ ସମ୍ପୃକ୍ତ ଥିବା ଏକ ପ୍ରସଙ୍ଗରେ ଭାଜପା ସଦସ୍ୟମାନେ ଆଲୋଚନା କରିବାକୁ ଚାହାନ୍ତି ବୋଲି ଗୃହର ନେତା ଜେ.ପି. ନଡ୍ଡା କହିଥିଲେ। ଫୋରମ୍ ଅଫ୍ ଡେମୋକ୍ରାଟିକ୍ ଲିଡର୍ସ ଇନ୍ ଦି ଏସିଆ-ପାସିଫିକ୍ (ଏଫ୍‌ଡିଏଲ୍-ଏପି) ଏବଂ ଜର୍ଜ ସୋରୋସ୍‌ଙ୍କ ମଧ୍ୟରେ ସମ୍ପର୍କ ଚିନ୍ତାଜନକ। ଏହା ସହଅଧକ୍ଷ ଗୃହର ଜଣେ ସଦସ୍ୟ ବୋଲି ନଡ୍ଡା କହିଥିଲେ। ଏଫ୍‌ଡିଏଲ୍-ଏପି ଜମ୍ମୁ-କଶ୍ମୀରକୁ ଏକ ଅଲଗା ଦେଶ ଭାବେ ଦେଖୁଥିବାବେଳେ ଏହା ରାଜୀବ ଗାନ୍ଧୀ ଫାଉଣ୍ଡେଶନରୁ ଆର୍ଥିକ ସହାୟତା ପାଉଥିବା ନଡ୍ଡା ଅଭିଯୋଗ କରିଥିଲେ। କଂଗ୍ରେସର ଶୀର୍ଷ ନେତାଙ୍କର ଜର୍ଜ ସୋରୋସ୍‌ଙ୍କ ସହ ସମ୍ପର୍କ ଥିବା ଅଧିକାଂଶ ଭାଜପା ସଦସ୍ୟ ଅଭିଯୋଗ କରିଥିଲେ। ଏହା ଜାତୀୟ ସୁରକ୍ଷା ସହ ସମ୍ପୃକ୍ତ ଥିବାରୁ ଗୃହରେ ଆଲୋଚନା ପାଇଁ ଭାଜପା ସମେତ ଏନ୍‌ଡିଏ ଏମ୍‌ପିମାନେ ଦାବି କରିଥିଲେ। ଅନ୍ୟପକ୍ଷରେ ଆଦାନୀ ପ୍ରସଙ୍ଗରୁ ଦୃଷ୍ଟି ହଟାଇବା ପାଇଁ ଶାସକ ଦଳ ଏଭଳି ଅଭିଯୋଗ ଆଣୁଥିବା କଂଗ୍ରେସ ସଦସ୍ୟ କହିଥିଲେ। ସେମାନଙ୍କ ନୋଟିସ୍‌କୁ ଧନ୍‌କର ଖାରଜ କରିଦେଇଥିବାବେଳେ ଶାସକ ଦଳର ସଦସ୍ୟଙ୍କୁ ଏହି ପ୍ରସଙ୍ଗ ଉଠାଇବା ପାଇଁ ଅନୁମତି ଦେଲେ କିପରି ବୋଲି ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ଜୟରାମ ରମେଶ ଏବଂ ପ୍ରମୋଦ ତିୱାରୀ ପ୍ରଶ୍ନ କରିଥିଲେ। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଓ ଶାସକ ଦଳ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ସେହିପରି ଲୋକ ସଭାରେ ମଧ୍ୟ ଜର୍ଜ ସୋରୋସ୍-କଂଗ୍ରେସ ସମ୍ପର୍କ ଏବଂ ଆଦାନୀ ପ୍ରସଙ୍ଗକୁ ନେଇ ଅଚଳାବସ୍ଥା ଜାରି ରହିବାରୁ ଗୃହକୁ ମୁଲତବୀ ରଖାଯାଇଥିଲା।

## ବାଂଲାଦେଶରେ ସଂଖ୍ୟାଲଘୁଙ୍କ ସୁରକ୍ଷା ନେଇ ଉଦ୍‌ବେଗ ଜଣାଇଲା ଭାରତ

ଢାକା,୯।୧୨(ପି.ଟି.)

ବାଂଲାଦେଶରେ ସଂଖ୍ୟାଲଘୁମାନଙ୍କ ନିରାପତ୍ତାକୁ ନେଇ ଭାରତ ସୋମବାର ଚିନ୍ତାବ୍ୟକ୍ତ କରିଛି। ପଡୋଶୀଙ୍କ ସହ ସକାରାତ୍ମକ, ଗଠନମୂଳକ ଏବଂ ପରସ୍ପର ଲାଭକାରୀ ସମ୍ପର୍କ ଭାରତ ଚାହେଁ। ଢାକାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ଏହା କହିଛନ୍ତି।

ଅଗଷ୍ଟ ୫ରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କ୍ଷମତାଚ୍ୟୁତ ହୋଇ ଭାରତ ପଳାଇଆସିବା ପରେ ଏହା ଥିଲା ବାଂଲା ସହ ଭାରତୀୟ ଅଧିକାରୀଙ୍କ ପ୍ରଥମ ଉଚ୍ଚସ୍ତରୀୟ ବୈଠକ। ବାଂଲାଦେଶ ପ୍ରତିପକ୍ଷ ମହମ୍ମଦ ଜଶିମ୍ ଉଦ୍ଦିନଙ୍କ ସହ ଏକ ସ୍ୱଷ୍ଟ ତଥା ଗଠନମୂଳକ ମତ ଆଦାନପ୍ରଦାନ ହୋଇଥିବା ବହିର୍ବ୍ୟାପାର ସଚିବ ମିସ୍ରି କହିଛନ୍ତି। ସଂଖ୍ୟାଲଘୁମାନଙ୍କ ସୁରକ୍ଷା ଓ କଲ୍ୟାଣ ସମ୍ପର୍କରେ ଆମେ ଆମର ଉଦ୍‌ବେଗ ଜଣାଇଦେଇଛୁ। ନିକଟରେ ସାଂସ୍କୃତିକ, ଧର୍ମୀୟ ଏବଂ

### ବହିର୍ବ୍ୟାପାର ସଚିବ ବୈଠକ

କୂଟନୈତିକ ସମ୍ପତ୍ତି ଉପରେ ଘଟିଥିବା ଦୁଃଖଦାୟକ ଆକ୍ରମଣ ସମ୍ପର୍କରେ ମଧ୍ୟ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ଆଣିବା ନିମନ୍ତେ ବୈଠକରେ ସହମତି ହୋଇଥିବା ମିସ୍ରି କହିଛନ୍ତି।

ସୂଚନାଯୋଗ୍ୟ, ହାସିନା ସରକାର କ୍ଷମତାଚ୍ୟୁତ ହେବା ପରେ ଭାରତ-ବାଂଲାଦେଶ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଛି। ଗତ କିଛି ସପ୍ତାହ ମଧ୍ୟରେ ହିନ୍ଦୁଙ୍କ ଉପରେ ଆକ୍ରମଣ ଏବଂ ହିନ୍ଦୁ ସନ୍ଥ ଚିନ୍ମୟ କୃଷ୍ଣଦାସଙ୍କୁ ଗିରଫ ଘଟଣା ସମ୍ପର୍କକୁ ଆହୁରି ଖରାପ କରିଦେଇଛି। ହିନ୍ଦୁ ଏବଂ ଅନ୍ୟାନ୍ୟ ସଂଖ୍ୟାଲଘୁଙ୍କ ଉପରେ ହିଂସାକାଣ୍ଡ ବଢ଼ିଚାଲିଛି। ବାଂଲାଦେଶରେ ଥିବା ହିନ୍ଦୁ ମନ୍ଦିରଗୁଡ଼ିକ ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। ଏହାର ପ୍ରତିବାଦରେ ଅଗରତାଲାରେ ଥିବା ବାଂଲାଦେଶ ମିଶନ ଉପରେ ମଧ୍ୟ ଆକ୍ରମଣ ହୋଇଥିଲା।



## ହିମାଚଳରେ ପ୍ରବଳ ତୁଷାରପାତ

### ଫସିଥିବା ୮୦୦ ଲୋକ ଉଦ୍ଧାର

ଶିମଲା,୯।୧୨

ହିମାଚଳପ୍ରଦେଶର ଲହାଉଲ୍-ସ୍ପିତିରେ ରବିବାର ରାତିରେ ପ୍ରବଳ ତୁଷାରପାତ ହୋଇଛି। ଫଳରେ ୮୭ଟି ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ହୋଇଯାଇଥିଲା। ଦୁଇ ଦଶନ୍ଧି ପରେ ପ୍ରଥମ ଥର ପାଇଁ ଶିମଲା ଓ ଏହାର ପାଖାପାଖି ପର୍ଯ୍ୟଟନ ସହରରେ ଡିସେମ୍ବର ଆରମ୍ଭରେ ତୁଷାରପାତ ହୋଇଛି। ଫଳରେ ଲଥାଉଲ-ସ୍ପିଟିର ବିଭିନ୍ନ ସ୍ଥାନରେ ଫସିରହିଥିବା ୮୦୦ ଲୋକ ଓ ୪୮୯ଟି ଗାଡ଼ିକୁ ଉଦ୍ଧାର କରାଯାଇଛି। ପୋଲିସ ସହ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ଖୋକସରରେ ୬.୭ ସେମି ଓ କେଲଙ୍ଗରେ ୩.୦ ସେମି ତୁଷାରପାତ ହୋଇଥିବା ଜଣାପଡ଼ିଛି।

## ରାଜନୈତିକ ଦଳଙ୍କୁ ଯୌନ ନିର୍ଯାତନା ନିରୋଧୀ ଆଇନ ପରିସରଭୁକ୍ତ କରିବାକୁ ପିଆଇଏଲ୍

ନୂଆଦିଲ୍ଲୀ,୯।୧୨(ପି.ଟି.)

### ଇସିଙ୍କ ଦ୍ୱାରସ୍ଥ ହେବାକୁ କହିଲେ ସୁପ୍ରିମକୋର୍ଟ

କାର୍ଯ୍ୟସ୍ଥଳରେ ମହିଳାମାନଙ୍କୁ ଯୌନ ନିର୍ଯାତନାରୁ (ସୁରକ୍ଷା, ନିଷେଧ ଏବଂ ନିରାକରଣ) ଆଇନ, ୨୦୧୩ ପରିସରରେ ରାଜନୈତିକ ଦଳଗୁଡ଼ିକୁ ଆଣିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏନେଇ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରସ୍ଥ ହେବାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ମନମୋହନଙ୍କ ଖଣ୍ଡପୀଠ ଆବେଦନକାରୀଙ୍କୁ କହିଛନ୍ତି। ଆବେଦନକାରୀ ଯୋଗମାୟା ଏମ୍‌ଜିଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଶୋଭା ଗୁପ୍ତା କହିଥିଲେ, ଦେଶରେ ୬ଟି ଜାତୀୟ ଦଳ ରହିଥିବାବେଳେ ୨୦୧୩ର ଉକ୍ତ ଆଇନ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ଆଧାରରେ ଯୌନ ନିର୍ଯାତନା ବିରୋଧରେ କୌଣସି ଅଭିଯୋଗ ସମାଧାନ ବ୍ୟବସ୍ଥା ନାହିଁ। ଖଣ୍ଡପୀଠ କହିଥିଲେ, ରାଜନୈତିକ ଦଳଗୁଡ଼ିକ ଜନପ୍ରତିନିଧି ଆଇନରେ ପଞ୍ଜୀକୃତ ହୋଇଥିବାରୁ ଆଇନ ଅନୁଯାୟୀ ଇସିଆଇ ଉପଯୁକ୍ତ କର୍ତ୍ତୃପକ୍ଷ, ଯାହାଙ୍କୁ ପିଟିଶନରେ ପକ୍ଷଭୁକ୍ତ କରାଯାଇ ନାହିଁ। ଆଇନ ପରିସରଭୁକ୍ତ ହେବାକୁ ରାଜନୈତିକ ଦଳଗୁଡ଼ିକ ବାଧ୍ୟ ନୁହନ୍ତି ବୋଲି ପୂର୍ବରୁ କେରଳ ହାଇକୋର୍ଟ କହିଥିଲେ, ଯାହାକୁ ଚ୍ୟାଲେଞ୍ଜ କରାଯାଇ ନ ଥିଲା ବୋଲି ସୁପ୍ରିମକୋର୍ଟ ଖଣ୍ଡପୀଠ କହିଛନ୍ତି।

## ‘ୟୁସିସିର ଲକ୍ଷ୍ୟ ସୌହାର୍ଦ୍ଦ୍ୟ, ଧର୍ମ ନିରପେକ୍ଷତାକୁ ପ୍ରୋତ୍ସାହିତ କରିବା’

ପ୍ରୟାଗରାଜ, ୯।୧୨

ସମାନ ନାଗରିକ ସଂହିତା(ୟୁସିସି)ର ମୂଳ ଉଦ୍ଦେଶ୍ୟ ହେଉଛି ସାମାଜିକ ସୌହାର୍ଦ୍ଦ୍ୟ, ଲିଙ୍ଗଗତ ସମାନତା ଏବଂ ଧର୍ମ ନିରପେକ୍ଷତାକୁ ପ୍ରୋତ୍ସାହିତ କରିବା। ସୋମବାର ଆଲ୍ଲାହବାଦ ହାଇକୋର୍ଟଙ୍କ ଲାଇବ୍ରେରୀ ହଲ୍‌ରେ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି)ର ଲିଗାଲ ସେଲ୍ ଏବଂ ହାଇକୋର୍ଟ ୟୁନିଟର ଏକ ପ୍ରାଦେଶିକ ସମ୍ମିଳନୀକୁ ସମ୍ବୋଧନ କରି ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ଶେଖର ଯାଦବ ଏପରି କହିଛନ୍ତି। ସେ କହିଛନ୍ତି ୟୁସିସିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଧର୍ମ ଏବଂ ସମୁଦାୟର ରହିଥିବା ଅସମାନ ଆଇନ ବ୍ୟବସ୍ଥାକୁ ହଟାଇ ସାମାଜିକ ସୌହାର୍ଦ୍ଦ୍ୟ, ଲିଙ୍ଗଗତ

### ହାଇକୋର୍ଟ ବିଚାରପତିଙ୍କ ମନ୍ତବ୍ୟକୁ ନେଇ ବିବାଦ

ସମାନତା ଏବଂ ଧର୍ମ ନିରପେକ୍ଷତାକୁ ପ୍ରୋତ୍ସାହିତ କରିବା। ୟୁସିସି ଏକ ସାମାନ୍ୟ ଆଇନ ହୋଇଥିବାବେଳେ ଏହା ଧାର୍ମିକ ସମ୍ପ୍ରଦାୟରେ ବିବାହ, ଛାଡ଼ପତ୍ର, ପୋଷ୍ୟ ସନ୍ତାନ, ଉତ୍ତରାଧିକାରୀ ଆଦି ବ୍ୟକ୍ତିଗତ ମାମଲାକୁ ନେଇ କାର୍ଯ୍ୟକାରୀ କରାଯିବ। ତେବେ ଜଷ୍ଟିସ୍ ଶେଖର ଯାଦବଙ୍କର ମନ୍ତବ୍ୟକୁ କଂଗ୍ରେସ ନାପସନ୍ଦ କରିଛି। ଭିଏଚ୍‌ପି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ହାଇକୋର୍ଟଙ୍କ ଜଣେ ବିଚାରପତି ସାମିଲ ହେବା ନ୍ୟାୟପାଳିକାର ଖସୁଥିବା ସ୍ତରକୁ ଦର୍ଶାଉଛି ବୋଲି କଂଗ୍ରେସ ରାଷ୍ଟ୍ରୀୟ ସମ୍ପାଦକ ଶାହନବାଜ ଆଲମ କହିଛନ୍ତି।

## ଯୁଦ୍ଧ ଅପରାଧରେ ଆଇନର ସମ୍ମୁଖୀନ ହେବେ ଅସାଦ

ତେହେରାନ୍,୯।୧୨

### ସିରିଆର ନୂଆ ନେତୃତ୍ୱ ପାଇଁ ବିଦ୍ରୋହୀଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଇରାନ

ସିରିଆରେ ବିଦ୍ରୋହୀମାନେ ରାଜଧାନୀ ଡମାସ୍କସ୍‌କୁ ଅକ୍ତିଆର କରିବା ସହ ରାଷ୍ଟ୍ରପତି ବଶର ଅଲ୍-ଅସାଦଙ୍କୁ କ୍ଷମତାଚ୍ୟୁତ କରିଛନ୍ତି। ଯୁଦ୍ଧ ଅପରାଧ ମାମଲାରେ ଅସାଦ ଓ ସିରିଆର ଅନ୍ୟ ଶୀର୍ଷ ଅଧିକାରୀମାନେ ବିଚାରର ସମ୍ମୁଖୀନ ହେବେ ବୋଲି ଜାତିସଂଘ ମାନବାଧିକାର ମୁଖ୍ୟ ଭୋଲକର ତୁର୍କ ସୋମବାର କହିଛନ୍ତି। ସିରିଆରେ କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ଗୃହଯୁଦ୍ଧ ବେଳର ଯୁଦ୍ଧ ଅପରାଧ ପାଇଁ ଉତ୍ତରଦାୟୀରୁ ଅଲଗା ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

ଅସାଦ ଇରାନର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଥିଲେ। ତେଣୁ ସମ୍ପର୍କରେ ପ୍ରତିକୂଳ ସ୍ଥିତି ସୃଷ୍ଟି ହେବା ଇରାନ ଚାହୁଁନାହିଁ। ସେଥିପାଇଁ ନୂଆ ନେତୃତ୍ୱ ନିମନ୍ତେ ତେହେରାନ ବିଦ୍ରୋହୀ ଗୋଷ୍ଠୀ


ବଶର ଅଲ୍-ଅସାଦ

ସହ ପ୍ରତ୍ୟକ୍ଷ ଯୋଗାଯୋଗରେ ରହିଥିବା ଜଣାପଡ଼ିଛି। ହୟାତ୍ ତାହରିର୍ ଅଲ୍-ଶାମ ନେତୃତ୍ୱରେ ବିଦ୍ରୋହୀ ଯୋଦ୍ଧାମାନେ ଦୀର୍ଘ ବର୍ଷର ଅସାଦ୍ ଶାସନର ଅବସାନ ଘଟାଇଛନ୍ତି। ମଧ୍ୟପ୍ରାଚ୍ୟରେ ଏହା ସବୁଠୁ ବଡ଼ ନିର୍ଣ୍ଣାୟକ ମୋଡ଼। କାରଣ ଅସାଦଙ୍କ ଜରିଆରେ ଇରାନ ଏବଂ ରୁଷିଆ ଆରବ ଜଗତରେ ପ୍ରଭାବ ବିସ୍ତାର କରିଥିଲେ। ଅସାଦଙ୍କ ପତନ ସହ ସେମାନଙ୍କ ଗଡ଼ର ଅବସାନ ଘଟିଥିବା ବିଦ୍ରୋହୀ କହିଥିଲେ। ଡମାସ୍କସ୍‌ରେ କ୍ଷମତା ପରିବର୍ତ୍ତନ ସିରିଆରେ ଆଇନର ପ୍ରଭାବ ହ୍ରାସ ପାଇବ, ଯେଉଁଥି ପାଇଁ ତେହେରାନ ଚିନ୍ତିତ ଥିବା କୁହାଯାଉଛି।

ବିଦ୍ରୋହୀ ଡମାସ୍କସ୍ ଦଖଲ କରିବା ପରେ ସିରିଆର ୪,୦୦୦ ସୈନ୍ୟ ଇରାକ୍ ପଳାଇଯାଇଥିଲେ ବୋଲି ଏହାର ଜଣେ ଅଧିକାରୀ କହିଛନ୍ତି। ସେମାନଙ୍କୁ ଏକ କ୍ୟାମ୍ପ୍‌ରେ ରଖାଯାଇଛି। ରବିବାର ବିଳମ୍ବିତ ରାତିରେ ସିରିଆର ହାସାକେହ ପ୍ରଦେଶର ଗଭର୍ନର ମଧ୍ୟ ସୀମା ଅତିକ୍ରମ କରିବାକୁ ଚାହିଁଥିଲେ। କ୍ୱାଇମ୍ କ୍ରସିଂ ଦେଇ ତାଙ୍କୁ ଇରାକରେ ପ୍ରବେଶ ଅନୁମତି ଦିଆଯାଇଥିଲା। ଇରାକ୍ ପୂର୍ବରୁ ଅସାଦଙ୍କ ସମର୍ଥକ ରହିଆସିଥିବାବେଳେ ତାଙ୍କର ପତନ ପରେ ନିରପେକ୍ଷ ରହିଛି।

ସିରିଆରେ ସ୍ଥିରତା ଫେରାଇ ଆଣିବା ପାଇଁ ଏକ ଶାନ୍ତିପୂର୍ଣ୍ଣ ଏବଂ ସମାବେଶୀ ସିରିଆ ନେତୃତ୍ୱାଧୀନ ରାଜନୈତିକ ପ୍ରକ୍ରିୟା ସପକ୍ଷରେ ଭାରତ ମତ ଦେଇଛି। ସିରିଆର ଏକତା, ସାର୍ବଭୌମତ୍ୱ ଏବଂ ପାରମ୍ପରିକ ଅଖଣ୍ଡତାର ସୁରକ୍ଷା ପାଇଁ ସବୁ ପକ୍ଷ ଏକାଠି କାର୍ଯ୍ୟ କରିବା ଆବଶ୍ୟକ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

## ଗାଡ଼ି ଅଟକାଇ ଖାଦ୍ୟ ମାଗୁଛି ହାତୀ

କଲମ୍ବୋ

ଗତ କିଛିଦିନ ହେବ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଗୋଟିଏ ହାତୀ ରାସ୍ତା ଦେଇ ଯାଉଥିବା କାର୍, ବସ୍ ଏବଂ ବଡ଼ ଯାନବାହନଗୁଡ଼ିକୁ ଅଟକାଇ ସେମାନଙ୍କୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ମାଗୁଛି। ଶ୍ରୀଲଙ୍କାର ବୁଟ୍ଟାଲା-କାଟାରାଗାମା ରାସ୍ତାରେ ଏହି ବିଶାଳ ଏବଂ ବଣୁଆ ହାତୀ ପ୍ରତ୍ୟେକ ଦିନ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକୁ ଅଟକାଇ ଯାତ୍ରୀଙ୍କଠାରୁ ଖାଦ୍ୟ ସାମଗ୍ରୀ ସଂଗ୍ରହ କରୁଥିବା ଜଣାପଡ଼ିଛି। ୪୦ ବର୍ଷ ବୟସର ଏହି ହାତୀ ରାଜା ନାମରେ ପରିଚିତ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ହାତୀଟି ରାସ୍ତାପାର୍ଶ୍ୱରେ ଛିଡା ହୋଇ ରହିବା ସହ ଯେକୌଣସି ଦିଗରୁ ଆସୁଥିବା ଗାଡ଼ିଗୁଡ଼ିକୁ ଅଟକାଉଛି ଏବଂ ତୁରନ୍ତ କିଛି ଖାଇବାକୁ ଦାବି କରୁଛି। ସେ ଡ୍ରାଇଭରମାନଙ୍କୁ ନିଜ ଶୁଣ୍ଢ ବଢ଼ାଇ ଖାଇବାକୁ ମାଗୁଛି ଏବଂ ଖାଦ୍ୟ ପାଇଯିବା ପରେ ରାଜା ଗାଡ଼ିଗୁଡ଼ିକୁ ଆଗକୁ ବଢ଼ିବାକୁ ଅନୁମତି ପ୍ରଦାନ କରୁଛି।



## ଫୁରସତ୍


ସୋନୁ ସୁଦ

## ‘ଫତେହ’ ଟିଜର ଆଉଟ୍

ମୁମ୍ବାଇ

ବଲିଉଡ୍ ଅଭିନେତା ସୋନୁ ସୁଦ ସମ୍ପ୍ରତି ନିଜର ଚଳଚ୍ଚିତ୍ର ‘ଫତେହ’ ପାଇଁ ଚର୍ଚ୍ଚାରେ ଅଛନ୍ତି। ଗତ ଜୁଲାଇରେ ସେ ତାଙ୍କ ଜନ୍ମଦିନ ଅବସରରେ ଏହି ଫିଲ୍ମ ସମ୍ପର୍କରେ ନିଜ ପ୍ରଶଂସକଙ୍କୁ ସୂଚନା ଦେଇଥିଲେ। ସୋମବାର ‘ଫତେହ’ର ଟିଜର ରିଲିଜ ହୋଇଛି। ଫିଲ୍ମ ନିର୍ମାତା କମ୍ପାନୀ ଜି ଷ୍ଟୁଡିଓଜ୍ ଓ ଶକ୍ତି ସାଗର ପ୍ରଡକ୍ସନ୍ ପକ୍ଷରୁ‘ଫତେହ’ର ଟିଜରକୁ ସୋସିଆଲ ମିଡିଆରେ ଜାରି କରାଯାଇଛି। ଏହି ଟିଜରକୁ ସୋନୁ ମଧ୍ୟ ନିଜ ଆଇଡିରେ ଶେୟାର କରିଛନ୍ତି। ଉକ୍ତ ଟିଜରରେ ସୋନୁଙ୍କର ଅନେକ ଆକ୍ସନ ଦୃଶ୍ୟ ଦେଖିବାକୁ ମିଳୁଛି। ସେହିପରି ଫିଲ୍ମର ମୁଖ୍ୟ ନାୟିକା ଜାକ୍‌ଲିନ ଫର୍ନାଣ୍ଡିଜ୍ ଓ ବରିଷ୍ଠ ଅଭିନେତା ନସିରୁଦ୍ଦିନ ଶାହାଙ୍କର ଝଲକ ମଧ୍ୟ ଏହି ଟିଜରରେ ଦେଖିବାକୁ ମିଳିଛି। ‘ଫତେହ’ ଫିଲ୍ମ ଡିଜିଟାଲ ସୁରକ୍ଷା ଏବଂ ଅନଲାଇନ ଠକେଇର ବିଷୟବସ୍ତୁ ଉପରେ ଆଧାରିତ। ଫିଲ୍ମରେ ‘ଫତେହ’ ହେଉଛି ଏକ ମିଶନ ଯାହା ସାଇବର କ୍ରାଇମକୁ ପର୍ଦ୍ଦାଫାଶ କରିବା ପାଇଁ ପ୍ରସ୍ତୁତ ହୋଇଛି। ତେବେ ଏହି ଚଳଚ୍ଚିତ୍ରର ଆକ୍ସନ୍ ଦୃଶ୍ୟଗୁଡିକୁ ହଲିଉଡ୍‌ର କେତେଜଣ ନାମୀ ଆକ୍ସନ୍ ତଥା ଷ୍ଟଣ୍ଟ ଡାଇରେକ୍ଟରଙ୍କ ତତ୍ତ୍ୱାବଧାନରେ କରାଯାଇଛି ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।

ସୋନୁ ଖୋଦ୍ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶିତ ଏହା ପ୍ରଥମ ଫିଲ୍ମ ହେବ। ସୋନୁଙ୍କ ସ୍ତ୍ରୀ ସୋନାଲି ସୁଦ୍ ଏବଂ ଉମେଶ କେ ବନ୍‌ସଲଙ୍କ ଦ୍ୱାରା ଏହି ଫିଲ୍ମର ନିର୍ମାଣ କରାଯାଇଛି।

## ରୋବୋଟିକ୍ ମାଉସ୍



ବେଜିଂ

ଚାଇନାର ବେଜିଂ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ବୈଜ୍ଞାନିକମାନେ ଏକ ‘ରୋବୋଟିକ୍ ମାଉସ୍’ର ଉଦ୍ଭାବନ କରିଛନ୍ତି। ଏହାର ନାମ ସ୍କ୍ୟୁରୋ ରଖାଯାଇଛି। ଏହି ରୋବୋଟିକ ମାଉସ୍ ବିଭିନ୍ନ କାର୍ଯ୍ୟରେ ନିପୁଣ ରହିଥିବାନେଇ ବୈଜ୍ଞାନିକମାନେ କହିଛନ୍ତି। ଏହି ରୋବୋଟିକ୍ ମାଉସ୍‌ର ଅନେକ କିଛି ବିଶେଷତା ରହିଛି । ଏହି ରୋବୋ ମୂଷା ଚାଲିପାରେ, ଦୌଡ଼ିପାରେ ଏବଂ ନିଜ ଓଜନରୁ ଅଧିକ ଓଜନର ଜିନିଷକୁ ଉଠାଇବାରେ ମଧ୍ୟ ସକ୍ଷମ ହୋଇ ପାରିଥାଏ। ସ୍କ୍ୟୁରୋ ନିଜଠାରୁ ଅନେକ ଗୁଣା ଭାରି ବସ୍ତୁକୁ ମଧ୍ୟ ଉଠାଇପାରିବ ବୋଲି ବୈଜ୍ଞାନିକମାନେ ବିଶ୍ୱାସ ରଖିଛନ୍ତି। ସ୍କ୍ୟୁରୋର ଆକାର ଛୋଟ ଏବଂ ପତଳା ହୋଇଥିବାରୁ ଏହା ଛୋଟ ସ୍ଥାନରେ ମଧ୍ୟ ରହିପାରିବ। ସେହିପରି ଏହି ରୋବୋ ଖୁବ୍ ଚାଲାକ ଏବଂ ଚତୁର ହୋଇଥିବା କୁହାଯାଇଛି। ବିଭିନ୍ନ ବିପଦ ସମୟରେ ଏହା ମଣିଷ ପାଇଁ ବେଶ୍ ଉପକାରୀ ହୋଇପାରିବ ବୋଲି ବୈଜ୍ଞାନିକମାନେ ଆଶାବ୍ୟକ୍ତ କରିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୦/୨୦୨୪ Bhubaneswar, Tuesday, December 10/2024 | ପୃଷ୍ଠା-୧


# ଧର୍ମ ଆଧାରରେ ସଂରକ୍ଷଣ ମନା

## ପଶ୍ଚିମବଙ୍ଗ ଓବିସି ମାମଲାରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ନୂଆଦିଲ୍ଲୀ,୯।୧୨(ପି.ଟି.)

ଧର୍ମ ଆଧାରରେ ସଂରକ୍ଷଣ ସୁବିଧା ଦିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର ଟିପ୍ପଣୀ ଦେଇଛନ୍ତି। ପଶ୍ଚିମବଙ୍ଗରେ ବିଭିନ୍ନ ଜାତିଙ୍କୁ ୨୦୧୦ରୁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ମାନ୍ୟତା ଦିଆଯାଇଥିବାବେଳେ କୋଲ୍‌କାତା ହାଇକୋର୍ଟ ଗତ ମେ' ୨୨ରେ ଏହାକୁ ଖାରଜ କରିଦେଇଥିଲେ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ପଶ୍ଚିମବଙ୍ଗ ସରକାରଙ୍କ ସମେତ ଅନ୍ୟମାନଙ୍କ ଦ୍ୱାରା ଦାଏର କେତେକ ପିଟିଶନ୍‌ର ଶୁଣାଣି ବେଳେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ଉପରୋକ୍ତ ମତ ଦେଇଛନ୍ତି। ଧର୍ମ ଆଧାରରେ ନୁହେଁ, ସାମାଜିକ ଏବଂ ଅର୍ଥନୈତିକ ଦୃଷ୍ଟିରୁ ପଛୁଆ ଆଧାରରେ ସଂରକ୍ଷଣ ଦିଆଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ।



ସରକାରୀ ଚାକିରି ଏବଂ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ବେଆଇନ ଦର୍ଶାଇ ହାଇକୋର୍ଟ ପଶ୍ଚିମବଙ୍ଗର କେତେକ ଜାତିଙ୍କୁ ଦିଆଯାଇଥିବା ଓବିସି ମାନ୍ୟତାକୁ ଖାରଜ କରିଦେଇଥିଲେ। ଏହି ଜାତିଗୁଡ଼ିକୁ ଓବିସି ଘୋଷଣା କରିବାରେ ବାସ୍ତବରେ ଧର୍ମକୁ ପ୍ରମୁଖ ମାନଦଣ୍ଡ କରାଯାଇଥିବା ଜଣାପଡୁଛି ବୋଲି ହାଇକୋର୍ଟ କହିଥିଲେ। ମୁସଲମାନଙ୍କର ୭୭ଟି ଜାତିକୁ ଓବିସି ଭାବେ ଚୟନ କରିବା ଏହି ସମ୍ପ୍ରଦାୟ ପ୍ରତି ସାମୂହିକ ଭାବେ ଅପମାନ ବୋଲି ହାଇକୋର୍ଟ କହିଥିଲେ। ସେହିପରି ଅନୁସୂଚିତ ଜାତି ଓ ଜନଜାତିଙ୍କୁ ବାଦ୍ ଦେଇ ଓବିସି ମାନ୍ୟତା ଦିଆଯାଇଥିବା ଅନ୍ୟ ୩୭ ଜାତିଙ୍କ ସଂରକ୍ଷଣକୁ ମଧ୍ୟ ହାଇକୋର୍ଟ ବାତିଲ କରିଦେଇଥିଲେ। ଅନ୍ୟପକ୍ଷରେ ଆଇନର ବ୍ୟବସ୍ଥାକୁ ଖାରଜ କରାଯିବା ଦ୍ୱାରା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବାକୁ ଏବଂ ସରକାରୀ ଚାକିରି ଆଶାୟୀ ଅନେକ ହଜାର ଛାତ୍ରୀଛାତ୍ରଙ୍କ ଅଧିକାର ପ୍ରଭାବିତ ହୋଇଥିବା ସିବଲ ଜଣାଇଥିଲେ। ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଜାରି ସହ କେତେକ ଅନ୍ତରୀଣ ନିର୍ଦ୍ଦେଶ ଦେବା ପାଇଁ ସିବଲ ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। ଜାନୁଆରୀ ୭ରେ ମାମଲାର ପରବର୍ତ୍ତୀ ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ରାଜ୍ୟ ସଭା ଉପନିର୍ବାଚନ

# ଭାଜପାରୁ ନାମାଙ୍କନ ଦାଖଲ କଲେ ସୁଜିତ

ଭୁବନେଶ୍ୱର, ୯।୧୨(ସୁନିତ୍ ମିଶ୍ର)

ବିଜେଡି ଛାଡ଼ିଥିବା ସୁଜିତ୍ କୁମାରଙ୍କୁ ରାଜ୍ୟ ସଭା ଉପନିର୍ବାଚନ ଲାଗି ଭାଜପା ପକ୍ଷରୁ ପ୍ରାର୍ଥୀ କରାଯାଇଛି। ଭାଜପା ରାଜ୍ୟ ସଭା ପ୍ରାର୍ଥୀ ଭାବେ ସୁଜିତ କୁମାର ସୋମବାର ତାଙ୍କର ନାମାଙ୍କନ ଦାଖଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଓ ୩୦ ଜଣ ବିଧାୟକ ପ୍ରସ୍ତାବକଙ୍କ ଉପସ୍ଥିତିରେ ସୁଜିତ୍ ୨ ସେଟ୍ ନାମାଙ୍କନ ଭରିଛନ୍ତି। ଭାଜପା କେନ୍ଦ୍ରୀୟ ଚୟନ କମିଟି ପକ୍ଷରୁ ସୁଜିତ୍‌ଙ୍କୁ ପ୍ରାର୍ଥୀ କରିବା ନେଇ ଘୋଷଣା କରାଯାଇଥିଲା। ନାମାଙ୍କନ ଭରିବା ପୂର୍ବରୁ ସୁଜିତ କୁମାର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚି ☞ପୃଷ୍ଠା-୨



ଭାଜପା ରାଜ୍ୟ ସଭା ପ୍ରାର୍ଥୀ ଭାବେ ସୁଜିତ କୁମାର ସୋମବାର ନାମାଙ୍କନ ଦାଖଲ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର।







# ଆଜି କ’ଣ କେଉଁଠି

## ଭୁବନେଶ୍ୱର
- ମାନବାଧିକାର ଦିବସ ଉପଲକ୍ଷେ ରାଜ୍ୟ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ପାକ୍ଷିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀୟା ଟକିଜ୍ ଛକ, ସମୟ: ସକାଳ ୮ଟା ୩୦।
- ବିଶ୍ୱ ମାନବାଧିକାର ଦିବସ ପାଳନ, ସ୍ଥାନ: ଭାରତ ସ୍କାଉଟ୍ ଆଣ୍ଡ ଗାଇଡ୍ ସମ୍ମୁଖ ରାସ୍ତା, ସମୟ: ସକାଳ ୯ଟା ୩୦।
- ଓଡିଏମ୍‌ଡି ଆସୋସିଏଶନ ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକଚେନ୍ ଟେକ୍ ଆପ୍‌ର ଉନ୍ମୋଚନ, ସ୍ଥାନ: ହୋଟେଲ ଏଚ୍‌ଏଚ୍‌ଆି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୌତମ ଆଦାନୀଙ୍କୁ ଗିରଫ ଦାବିରେ ସିପିଆଇର ବିକ୍ଷୋଭ, ସ୍ଥାନ: ରାଜମହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରାଲି ଓ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ମାନବ ଅଧିକାର ଦିବସ, ସ୍ଥାନ: ସୂଚନା ଭବନ, ସମୟ: ପରାହ୍ନ ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ସମୟ: ସନ୍ଧ୍ୟା ୬ଟା।

## କଟକ
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ- ୨୦୨୪, ସ୍ଥାନ: ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ, ନିଜିଗଡ, ଟିଗିରିଆ, ସମୟ: ସକାଳ ୯ଟା।

## ଖୋର୍ଦ୍ଧା
- ମାନବାଧିକାର ମଞ୍ଚର ବାର୍ଷିକୋତ୍ସବ, ସ୍ଥାନ: ଆଦୃତା ଶିଶୁସଦନ ପରିସର, କଣ୍ଟାବାଡ଼, ସମୟ: ଅପରାହ୍ନ ୪ଟା ୩୦।

## ବାଲେଶ୍ୱର
- ମାନବିକ ଅଧିକାର ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସୂଚନା ଅଧିକାର-ମାନବ ଅଧିକାର ଶୀର୍ଷକ ସେମିନାର, ସ୍ଥାନ: ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ କଥା ପ୍ରବଚନ ସଭାର ତୃତୀୟ ଦିବସ, ସ୍ଥାନ: ଆଇଟିଆଇ ସ୍କୋୟାର, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଉତ୍ସବର ସପ୍ତମ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୫ଟା।

## ଭଦ୍ରକ
- ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ଓ ପ୍ରଦ୍ୟୁମ୍ନ ବଳ ସ୍ମୃତି ସଂସଦର ବାର୍ଷିକୋତ୍ସବ, ସ୍ଥାନ: କଲ୍ୟାଣ ମଣ୍ଡପ,ଧାମନଗର,ସମୟ:ପୂର୍ବାହ୍ନ ୧୦ଟା।
- ଧାମନଗର ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ- ୨୦୨୪, ସ୍ଥାନ: ଏସ୍‌ଏଜେ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୋବଲ, ଧାମନଗର, ସମୟ: ପୂର୍ବାହ୍ନ ୧୦ ଟା।
- ଧାମନଗର ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ- ୨୦୨୪, ସ୍ଥାନ:ଏସ.ଏ.ଜେ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୋବଲ,ଧାମନଗର,ସମୟ: ମଧ୍ୟାହ୍ନ ୧୨ଟା।
- ତ୍ୟାଗଭୂମି ମହୋତ୍ସବ ଉପଲକ୍ଷେ ମଶାଲ ଶୋଭାଯାତ୍ରା, ସ୍ଥାନ: ରକ୍ତତୀର୍ଥ ଇରମ ଓ ଶହୀଦପୀଠ ଲୁଣିଆ, ସମୟ: ପୂର୍ବାହ୍ନ ଅପରାହ୍ନ ୩ ଟା ୩୦।
- ଭଦ୍ରକ ତ୍ୟାଗଭୂମି ମହୋତ୍ସବ-୨୦୨୪ ଉଦ୍‌ଘାଟନ, ସ୍ଥାନ: ଗୋପାଳଜୀଉ ପଡ଼ିଆ, ମଠସାହି, ଭଦ୍ରକ, ସମୟ: ଅପରାହ୍ନ ୫ ଟା।
- ବାଣିଜ୍ୟ ମେଳାର ୫ମ ସନ୍ଧ୍ୟା, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୭ ଟା।

## କେନ୍ଦୁଝର
- ଶ୍ରୀ ହନୁମାନଙ୍କ ମନ୍ଦିରରେ ଭଜନ, ଆଧାତ୍ମିକ ଆଲୋଚନା, ବେଦ ପାଠ, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ : ଅପରାହ୍ନ ୫ ଟା।
- ମା’ ମଙ୍ଗଳାଙ୍କ ମନ୍ଦିରରେ ପୂଜା, ମେଳା, ସ୍ଥାନ: ଭୂଇଁପୁର, ତରଭା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ତତ୍ତ୍ୱମସି ପ୍ରତିଷ୍ଠାନ ପକ୍ଷରୁ ‘ଅନ୍ୟ ଏକ ଯକ୍ଷର ଯନ୍ତ୍ରଣା’ ପୁସ୍ତକ ଲୋକାର୍ପଣ ଉତ୍ସବ,ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁର, ବାରିପଦା,ସମୟ: ଅପରାହ୍ନ ୩ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ଅପରାହ୍ନ ୫ଟାରୁ ରାତି ୧୦ଟା।
- କଳ୍ପନା ହାଁସଦାଙ୍କ ଆଦିବାସୀ ସଙ୍ଗୀତ ପରିବେଷଣ, ସ୍ଥାନ: ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ. ବାରିପଦା,ସମୟ:ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ସିପିଆଇ ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଅଷ୍ଟଲକ୍ଷ୍ମୀ ପୂଜା ଉତ୍ସବ, ସ୍ଥାନ: ଆସିକା ବ୍ଲକ କର୍ନୋଲି ପଣ୍ୟାଗାର ଗୋଦାମ ନିକଟ, ସମୟ: ସକାଳ ୯ଟା ୩୦।
- ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର, ସ୍ଥାନ: ବୁଗୁଡା ପିପୁଲ୍ସ କଲେଜ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ: ଗୋପାଳପୁର କଲେଜ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ- ପରଜଙ୍ଗସ୍ଥିତ ମହେଶଚନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ପାରାଦୀପ ଟ୍ରକ୍ ମାଲିକସଂଘ କର୍ମକର୍ତ୍ତା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ, ସ୍ଥାନ: ସଂଘ କାର୍ଯ୍ୟାଳୟ, ଅଠରବାଙ୍କୀ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ରାଜ ସୁନାଖଳା ମହୋତ୍ସବ କାଉଁରୀର ୩ୟ ସନ୍ଧ୍ୟା, ସ୍ଥାନ: ରଣପୁର ବ୍ଲକର ରାଜସୁନାଖଳା ଡିଆଇଇଟି ପଡିଆ, ସମୟ: ଅପରାହ୍ନ ୩ଟା।
- ସିନ୍ଦୁର ଲାଗି ଅଭିଷେକ ପର୍ବ, ସ୍ଥାନ: ଶରଣକୁଳ ମା’ଝାଡେଶ୍ୱରୀ ମନ୍ଦିର ନିକଟସ୍ଥ ଶ୍ରୀଶ୍ରୀ ବଜରଙ୍ଗବାଲିଙ୍କ ପୀଠ, ସମୟ: ସକାଳ ୮ଟା।
- ୧୫ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ମହାକୁମ୍ଭର ପ୍ରଥମ ସେମି ଫାଇନାଲ, ସ୍ଥାନ:ଭାପୁର ବ୍ଲକ ଫତେଗଡ଼ର ନାଳିସାଗର ପଡିଆ, ସମୟ:ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ଚଇତି ମାରାଥନ ଶୁଭାରମ୍ଭ, ସ୍ଥାନ: ନୁଆ ରିଲାଇନ୍ସ ମାର୍ଟ ଛକ, ସମୟ: ସକାଳ ୬ ଟା।
- ପାୱାର ଲିଫ୍ଟିଂ ପ୍ରତିଯୋଗିତା, ସ୍ଥାନ: ରାୟଗଡ଼ା ଆମ୍ବାଗୁଡ଼ା ଷ୍ଟାଡିୟମ, ସମୟ: ସକାଳ ୭ ଟା।
- ଚଇତି କ୍ରୀଡ଼ା ପ୍ରତିଯୋଗିତା ମହିଳା କବାଡ଼ି, କିନ୍ନର କବାଡ଼ି ପ୍ରତିଯୋଗିତା, ସ୍ଥାନ: ରାୟଗଡ଼ା ମହିଳା ମହା ବିଦ୍ୟାଳୟ, ସମୟ: ସକାଳ ୯ଟା ୩୦, ଅପରାହ୍ନ ୨ଟା୩୦।
- ବ୍ଲକସ୍ତରୀୟ ଚଇତି, ସ୍ଥାନ: ରାମନାଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ସ୍ୱାମୀ ବିଦ୍ୟାନନ୍ଦ ସାଗର ମହାରାଜଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ଅଦ୍ୱୈତ ବେଦାନ୍ତ ଆଶ୍ରମ, ସଙ୍ଗମଘାଟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- କପା ମଣ୍ଡି ଶୁଭାରମ୍ଭ, ସ୍ଥାନ: ରାୟଗଡ଼ା ନିୟନ୍ତ୍ରିତ ବଜାର କମିଟି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସନାତନ ଧର୍ମ ର ରକ୍ଷା ଏବଂ ବାଙ୍ଗଲାଦେଶ ରେ ହିନ୍ଦୁ ମାନଙ୍କ ଉପରେ ଅତ୍ୟାଚାର କୁ ବିରୋଧ କରି ପଦଯାତ୍ରା, ସ୍ଥାନ: ରାୟଗଡ଼ା ରେଳ ଷ୍ଟେସନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭଲିବଲ (ପୁରୁଷ ) ପ୍ରତିଯୋଗିତା, ସ୍ଥାନ: ରାୟଗଡ଼ା ଜିସିଡି ହାଇସ୍କୁଲ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।

## କୋରାପୁଟ
- ପରବ ୨୦୨୪ ନେଇ ଜିଲାପାଳଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ ଟା।
- ପରବ ୨୦୨୪ ନେଇ ଆଦିବାସୀ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ସାଂସ୍କୃତିକ ପରିଷଦ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର
- ଜାତୀୟ ସମ୍ବଲପୁରୀ ସମ୍ମିଳନ ତୃତୀୟ ଦିବସ, ସ୍ଥାନ: ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଡେରା, ସମୟ: ଅପରାହ୍ନ ୩ଟା।
- ବାଂଲାଦେଶରେ ହିନ୍ଦୁ ସୁରକ୍ଷା ନେଇ ଶୋଭାଯାତ୍ରା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶୀତ ମହୋତ୍ସବ, ସ୍ଥାନ: ପିଏଚ୍‌ଡ଼ି ପଡିଆ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଲନ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର
- ମା’ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଭାଲିଆପଦର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁରର ମା’ ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା’ ପାଟମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମହାସମାରୋହରେ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ବରଗଡ଼
- ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସଂକଳ୍ପ ଶିବିର, ସ୍ଥାନ: ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୯ଟା ୩୦।
- ଧ୍ରୁବରାଜ ଡାଙ୍ଗ ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ୍, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଦର୍ଶନୀ, ସ୍ଥାନ: ଦେଉଲବନ୍ଧ, ଗାଇସୀମା, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକୋତ୍ସବ ସ୍ୱଟ୍ ଲାଇଟ୍ ୨୦୨୪-୨୫, ସ୍ଥାନ: ସିମେଣ୍ଟ ନଗର ଇଂଲିଶ ମିଡିୟମ ସ୍କୁଲ, ବରଡୋଲ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

## ଝାରସୁଗୁଡ଼ା
- ହନୁମାନ ଚାଲିଶା ପାଠ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଆନ୍ତଃଜିଲା କ୍ଲବ କ୍ରିକେଟ ଲିଗ୍, ସ୍ଥାନ: ସରବାହାଲ ଖେଳ ପଡ଼ିଆ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ମନମୋହନ ସ୍କୁଲ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ: ୧୧ଟା।

## ସୁନ୍ଦରଗଡ଼
- ଜିଲା ଆଇନ ସେବା ପ୍ରାଧୀକରଣ ତରଫରୁ ମାନ ଅଧିକାର ଦିବସ ପାଳନ କାର୍ଯ୍ୟକ୍ରମ,ସ୍ଥାନ:ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ,ସମୟ:ପୂର୍ବାହ୍ନ ୧୧ଟା୩୦।

## ରାଉରକେଲା
- ସିଆଇଟିୟୁ ପକ୍ଷରୁ ବିଶ୍ରା ଛକରେ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୭ଟା ୩୦।
- ରାମେଶ୍ୱର ପୀଠରେ କଳସଯାତ୍ରା ଓ ଚଣ୍ଡୀପାଠ, ସ୍ଥାନ: ସେକ୍ଟର-୨୦ ନେହେରୁପାଲ୍ଲୀ, ସମୟ: ସକାଳ ୯ଟା ୩୦।
- ରାଜ୍ୟସ୍ତରୀୟ ଆୟୁଷ ଆନ୍ତଃ ମହାବିଦ୍ୟାଳୟ ସ୍ପୋର୍ଟସ ମିଟ୍‌ର ତୃତୀୟ ଦିବସ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- ହ୍ୟୁମାନ ରାଇଟ୍‌ସ ଡେ, ସ୍ଥାନ: ଏସ୍‌ଟିଆଇ ଛକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦି ହ୍ୟୁମାନିଟି ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ଗଣିତ ଅଲମ୍ପିଆଡ୍ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ମଧ୍ୟାହ୍ନ ୧୨ଟା।
- ନାଟ୍ୟ ମହୋତ୍ସବର ନବମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- ଶୀତକାଳିନ ସାହିତ୍ୟ ଆସର, ସ୍ଥାନ: ୟୁଜିଆଇ ରୋଡ୍, ଶ୍ରୀଧର ସ୍ମୃତିସଭା କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ବାଲ ଭାରତୀ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ଟା।
- ଚିନ୍ମୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ସୁନାମୁଣ୍ଡା ଦେବଗଡ଼, ସମୟ: ସକାଳ ୯ଟା।
- ମା’ ମହାମାୟୀ ମନ୍ଦିରଙ୍କ ରତ୍ନମୁଦ୍ ପାଇଁ କଳସ ଯାତ୍ରା, ସ୍ଥାନ: ଖପର ସାହି, ସମୟ: ପୂର୍ବାହ୍ନ ୧୦ଟା।
- ମା’ ମହାମାୟୀ ମନ୍ଦିରଙ୍କ ରତ୍ନମୁଦ୍, ଇନ୍ଦ୍ର ଇନ୍ଦ୍ରାଣୀ ମୂର୍ତ୍ତି ନିର୍ମିତ ଦାରୁ ସଂଗ୍ରହ, ସ୍ଥାନ: ଖପର୍ ସାହି, ସମୟ: ଅପରାହ୍ନ ୧ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା’ କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଲିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- କୋଶଲୀ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ସାଂସ୍କୃତିକ ରଙ୍ଗମଞ୍ଚ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।
- ମହୋତ୍ସବ ଉପଲକ୍ଷେ ଷ୍ଟାର ନାଇଟ କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ ପଡିଆ ସାଂସ୍କୃତିକ ରଙ୍ଗମଞ୍ଚ, ସମୟ: ରାତ୍ର ୧୦ଟା।

## ବୌଦ୍ଧ
- କଳସ ଶୋଭାଯାତ୍ରା, ସ୍ଥାନ: ଭୈରବୀ ପଡିଆ, ବୌଦ୍ଧ, ସମୟ: ସକାଳ ୮ଟା।
- ବୌଦ୍ଧ ପୁସ୍ତକ ମେଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କଚେରୀ ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସମୟାନୁବର୍ତ୍ତିତା ଓ କର୍ମଦକ୍ଷତା ଯୋଗୁ ପ୍ରଶଂସିତ ହେବେ। ପୂର୍ବରୁ ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ମାନସିକ ସ୍ତରରେ ଆଶ୍ୱସ୍ତି ଲାଭ କରିବେ। ଜଳ, ତୈଳ, ବିଦ୍ୟୁତ୍ ବ୍ୟବସାୟ ଓ ତେଜରାତି ଦୋକାନରୁ ଲାଭବାନ୍ ହେବେ। ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନା ସାଙ୍ଗକୁ ବିଳାସବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବା ସୂଚନା ରହିଛି।

**ବୃଷ**
ପ୍ରିୟବନ୍ଧୁଙ୍କ ସହ ଆଳାପ ଆଲୋଚନା ଭଲ ଜମିବ। ତୃତୀୟରେ ମଙ୍ଗଳ ଥିବାରୁ ପଡ଼ୋଶୀଙ୍କ ଶୁଣାକଥାକୁ ବିଶ୍ୱାସକଲେ ଅସୁବିଧାରେ ପଡ଼ିବେ। ଆନୁଷ୍ଠାନିକ କାମ କିମ୍ବା ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ସଭାସମିତିକୁ ଯିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ,ସରକାରୀ କାମ, ପଦସ୍ଥ ବ୍ୟକ୍ତିଙ୍କୁ ସାକ୍ଷାତକରିବା ପାଇଁ ମନ୍ଦ ହେବନାହିଁ।

**ମିଥୁନ**
ମୃଗଶିରା ନକ୍ଷତ୍ର ଆଜି ଯେଉଁ କାମରେ ହାତ ଦେବେ ସଫଳତା ନିଶ୍ଚିତ। ପରିବାରର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ, ଯାହାକି ଦୁଶ୍ଚିନ୍ତାର କାରଣ ହୋଇଯିବ। ବ୍ୟବସାୟର ଉନ୍ନତୀକରଣ ସକାଶେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରହିବା ସାଙ୍ଗକୁ ବ୍ୟବସାୟିକ ସ୍ଥିତି ଭଲ ରହିବ।

**କର୍କଟ**
କର୍ମଜଞ୍ଜାଳ ବୃଦ୍ଧି ସାଙ୍ଗକୁ ମାନସିକ ଅସ୍ଥିରତାଜନିତ ଚିନ୍ତାଗ୍ରସ୍ତ ହୋଇପାରନ୍ତି। ଅନାବଶ୍ୟକ ଖର୍ଚ୍ଚ ସାଙ୍ଗକୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ କାର୍ଯ୍ୟ ହିଁ ଅସୁବିଧାର ସମ୍ମୁଖୀନ କରାଇପାରେ। ଟେନ୍‌ସନର ଲାଘବ ସକାଶେ ସ୍ତ୍ରୀଙ୍କ ସହ ଆଲୋଚନାକଲେ ଆଶଙ୍କା ଦୂରହେବ। ସାମାଜିକ ସ୍ତରରେ କିମ୍ବା ସଙ୍ଗଠନ କ୍ଷେତ୍ରରେ ପ୍ରତିବନ୍ଧକ ସୁଧୁରିଯିବ।

**ସିଂହ**
ପାପଗ୍ରହଙ୍କ କୁପ୍ରଭାବ ଆପଣଙ୍କୁ ଗୋଲକ ଧନ୍ଦାରେ ପକାଇ ଦିଗହରା କରାଇପାରନ୍ତି। ପିଲାଙ୍କ ପାଠପଢ଼ା, ବିବାହିତଙ୍କ ଶାଶୁଘର ସମସ୍ୟା ତଥା ଅର୍ଥାଭାବ ହେତୁ ବିବ୍ରତ ହୋଇପାରନ୍ତି। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ଶାନ୍ତ ହେବ। ଉତ୍ତରାଫାଲ୍‌ଗୁନୀ ଆତ୍ମବଳ ପ୍ରଭାବରୁ ଧୀରେ ସୁସ୍ଥେ କାମ କରିପାରିବେ।

**କନ୍ୟା**
ରାଶିରେ କବନ୍ଧଗ୍ରହ କେତୁଙ୍କ ଯୋଗୁ ନୈରାଶ୍ୟ ମଧ୍ୟରେ ଅସନ୍ତୁଷ୍ଟ ରହିପାରନ୍ତି। ଈର୍ଷା ଓ ଶତ୍ରୁ ମନୋଭାବ ପୋଷଣ କରୁଥିବା ବ୍ୟକ୍ତି ନିଆଁରେ ଘିଅ ଢାଳିଲା ଭଳି ପରିସ୍ଥିତି ସୃଷ୍ଟିକରିବେ। ଅପରିଚିତ ଲୋକଟିଏ ସାହାଯ୍ୟକାରୀ ପାଲଟିବ। ଚିତ୍ରାନକ୍ଷତ୍ର ସକାଶେ ଶିଳ୍ପ, ବାଣିଜ୍ୟ, ବ୍ୟବସାୟିକ ସ୍ଥିତି ମନ୍ଦ ହେବନାହିଁ।

**ତୁଳା**
ରାହୁ ଓ ଶନି ଆପଣଙ୍କ ବିଚାରଧାରାକୁ କପଟତା କିମ୍ବା କଳୁଷିତ କରିପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟ ଖରାପ ହେତୁ ବ୍ୟସ୍ତତା ବଢ଼ିଯିବ। ମନ ଭଲ ରହିବ ନାହିଁ। ଭଲକାମ କରି ମଧ୍ୟ ପରିବାର କିମ୍ବା ସାମଜିକ ସ୍ତରରେ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିପାରନ୍ତି।

**ବିଛା**
ବ୍ୟୟାଧିପ ଶୁକ୍ର ତୃତୀୟରେ ରହିଥିବା କାରଣରୁ ବୃଥାଟନ ଓ ଖର୍ଚ୍ଚାନ୍ତଜନିତ ବିରସ ମନରେ ରହିବେ। ସ୍ତ୍ରୀଙ୍କ ସହ ମତାନ୍ତର କାରଣରୁ ଚିନ୍ତିତ ରହିପାରନ୍ତି। ବାଣିଜ୍ୟ, ପ୍ରଶାସନ, କଳା, ସାହିତ୍ୟ ଓ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ କଥାର ପ୍ରତିବାଦ କରି ଟେନ୍‌ସନକୁ ନିମନ୍ତ୍ରଣ କରିବାକୁ ପଡ଼ିପାରେ।

**ଧନୁ**
ବ୍ୟୟାଧିପ ମଙ୍ଗଳଙ୍କ ଦୁର୍ବଳତା ଯୋଗୁ ଖର୍ଚ୍ଚାନ୍ତ ହୋଇ ମଧ୍ୟ କାମକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ଦେବଗୁରୁଙ୍କ ଦିବ୍ୟଦୃଷ୍ଟିର ପ୍ରଭାବରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ବ୍ୟବସାୟ, କ୍ରୀଡ଼ା, ସଙ୍ଗୀତାଦି ପ୍ରତିଯୋଗିତାରେ ସଫଳତା ହାସଲକରିବେ। ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବା କ୍ଷେତ୍ରରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମକର**
ଶନିଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ବିଭିନ୍ନ ଦୁର୍ଭାବନାରେ ମନ ବିଚଳିତ ରହିବ। ପାରିବାରିକ ସ୍ତରରେ ଅଟକିଥିବା କାମଗୁଡ଼ିକ ବନ୍ଧୁ ସୁବିଧାରେ କରାଇ ଦେଇପାରନ୍ତି। ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ କିନ୍ତୁ ଜମିଜମା କିମ୍ବା ଘରସୀମାକୁ ନେଇ ଟଣାଓଟରା ଲାଗିପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ଆଶା ରହିଛି।

**କୁମ୍ଭ**
ଶନି ସହ ଚନ୍ଦ୍ରଙ୍କ ସଂଯୋଗଜନିତ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ। ଥଣ୍ଡା ଓ କାଶ ହେତୁ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ ଓ ସରକାରୀ ସହାୟତା ପାଇପାରନ୍ତି। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ**
ସାମାନ୍ୟ କଥାକୁ କେନ୍ଦ୍ରକରି ତର୍କବିତର୍କ କାରଣରୁ କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଶୁକ୍ରଙ୍କ ସୁପ୍ରଭାବରୁ ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ସାମୟିକ ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଚେଷ୍ଟା କରୁଥିବା କାମରେ ଅବଶ୍ୟ ସଫଳତା ପାଇବେ।

ଆଜି ଡିସେମ୍ବର ୧୦ ତାରିଖ, ବିଶ୍ୱ ମାନବାଧିକାର ଦିବସ, ମାର୍ଗଶିର ଶୁକ୍ଳ ଦଶମୀ ମଙ୍ଗଳବାର। ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଦିବା ଘ. ୦୧।୨୯ ମି. ଗତେ ରେବତୀ ନକ୍ଷତ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୧୪ ଗତେ, ଘ.୦୬।୫୭ ମଧ୍ୟେ, ଘ.୦୮।୫୭ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୨ ଗତେ, ଘ. ୦୩।୪୩ ମଧ୍ୟେ ରାହୁକାଳ।

# ଜର୍ମାନୀର ନାଗରିକ ଥାଇ ୪ ଥର ବିଧାୟକ

## ୩୦ ଲକ୍ଷ ଜରିମାନା ଲଗାଇଲେ ତେଲଙ୍ଗାନା ହାଇକୋର୍ଟ

**ହାଇଦ୍ରାବାଦ, ୯।୧୨**



ଚେନ୍ନାମନେନୀ ରମେଶ

ତେଲଙ୍ଗାନାର ବରିଷ୍ଠ ଭାରତ ରାଷ୍ଟ୍ରୀୟ ସମିତି(ବିଆର୍‌ଏସ୍) ନେତା ଚେନ୍ନାମନେନୀ ରମେଶଙ୍କ ନାଗରିକତ୍ୱକୁ ଚ୍ୟାଲେଞ୍ଜ କରି କଂଗ୍ରେସ ନେତା ଆଦି ଶ୍ରୀନିବାସ୍‌ଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନ ଉପରେ ସୋମବାର ତେଲଙ୍ଗାନା ଉଚ୍ଚ ନ୍ୟାୟାଳୟରେ ଶୁଣାଣି ହୋଇଥିଲା। ମାମଲାର ଶୁଣାଣି ସମୟରେ ହାଇକୋର୍ଟ କହିଛନ୍ତି, ରମେଶ ହେଉଛନ୍ତି ଜଣେ ଜର୍ମାନ ନାଗରିକ। ସେ ବେମୁଲାୱାଡ଼ା ଆସନରୁ ନିର୍ବାଚନ ଲଢ଼ିବା ପାଇଁ ନକଲି ଦସ୍ତାବିଜର ବ୍ୟବହାର କରି ଭାରତୀୟ ନାଗରିକ ଭାବେ ନିଜକୁ ପରିଚୟ ଦେଇଥିଲେ। ଜର୍ମାନୀର ନାଗରିକ ଆଉ ନ ଥିବା ନେଇ ରମେଶ ଜର୍ମାନ ଦୂତାବାସରୁ ଦଲିଲ ପ୍ରସ୍ତୁତ କରିବାରେ ବିଫଳ ହୋଇଛନ୍ତି ବୋଲି ହାଇକୋର୍ଟ କହିଛନ୍ତି। ତେଣୁ ଉଚ୍ଚ ଅଦାଲତ ତାଙ୍କ ଉପରେ ୩୦ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି। ସେଥିମଧ୍ୟରୁ ୨୫ ଲକ୍ଷ ଟଙ୍କା କଂଗ୍ରେସ ନେତା ଶ୍ରୀନିବାସଙ୍କୁ ଦିଆଯିବ। ୨୦୨୩ ତେଲଙ୍ଗାନା ବିଧାନସଭା ନିର୍ବାଚନରେ ବେମୁଲାୱାଡ଼ା ଆସନରୁ ରମେଶ କଂଗ୍ରେସ ପ୍ରାର୍ଥୀ ଶ୍ରୀନିବାସଙ୍କଠାରୁ ପରାସ୍ତ ହୋଇଥିଲେ। ସେ ବେମୁଲାୱାଡ଼ା ଆସନରୁ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୯ରେ ରମେଶ ତେଲୁଗୁ ଦେଶମ ପାର୍ଟି(ଟିଡିପି) ଟିକେଟରୁ ବିଧାୟକ ହୋଇଥିବାବେଳେ ୨୦୧୦, ୨୦୧୪ ଏବଂ ୨୦୧୮ରେ ସେ ତତ୍କାଳୀନ ତେଲଙ୍ଗାନା ରାଷ୍ଟ୍ରୀୟ ସମିତି(ଟିଆରଏସ୍)ରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପ୍ରକାଶ ଯେ, ଆଇନ ଅନୁଯାୟୀ କୌଣସି ଅଣଭାରତୀୟ ନାଗରିକ ଦେଶରେ ନିର୍ବାଚନ ଲଢ଼ିପାରିବେ ନାହିଁ କିମ୍ବା ଭୋଟ ଦେଇପାରିବେ ନାହିଁ।

# ଝୁଲନ୍ତା ମୃତଦେହକୁ ଜଗି ରହିଲା ପୋଷା କୁକୁର

**ଅନୁଗୋଳ, ୯।୧୨ (ଜ୍ୟୋତିରଞ୍ଜନ ସାହୁ)**



ମୃତଦେହକୁ ଜଗି ରହିଛି ପୋଷା କୁକୁର।

ଗଛରେ ଝୁଲୁଥିବା ମାଲିକଙ୍କ ମୃତଦେହକୁ ତଳେ ଜଗି ବସିଥିଲା ପୋଷା କୁକୁର ‘ସ୍ୟାଣ୍ଡି’। ଦୀର୍ଘ ସମୟ ପର୍ଯ୍ୟନ୍ତ କୁକୁରଟି ସେଠାରେ ସେମିତି ଜଗି ରହିବା ସହ କାହାକୁ ପାଖ ପୂରାଇ ଦେଇ ନ ଥିଲା। ଏପରି କି ଅନୁଗୋଳ ଥାନା ପୋଲିସ ପହଞ୍ଚିଥିଲେ ମଧ୍ୟ କିଛି ସମୟ ପାଇଁ ମୃତଦେହ ନିକଟକୁ ଯାଇପାରି ନ ଥିଲା। ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ାରେ ସୋମବାର ସକାଳୁ ଦେଖିବାକୁ ମିଳିଥିବା ଏପରି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁସାରେ, ରାଣୀଗୋଡ଼ା କଟାବନ୍ଧରେ ଥିବା ଏକ ଜାମୁଗଛରେ ସେହି ଗାଁର ମଣିଆ ବେହେରା (୭୩)ଙ୍କ ମୃତଦେହ ଝୁଲୁଥିବା ସକାଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ମଣିଆ ଗାଁ ପୋଖରୀ ହୁଡ଼ାରେ ରହିବା ସହ ସେଠାରେ ପୋଖରୀ ନିଲାମ ନେଇ ମାଛ ଚାଷ କରିଥିବା ବ୍ୟକ୍ତିଙ୍କ ଗୋରୁ ରଖି ଦୁଗ୍ଧ ବ୍ୟବସାୟ କରି ଆସୁଥିଲେ। ହେଲେ କିଛିଦିନ ତଳେ ପୋଖରୀ ନିଲାମଧାରୀ ବଦଳିବା ପରେ ନୂଆ ନିଲାମଧାରୀ ସେଠାରୁ ଗୋରୁ ନେଇଯିବାକୁ ମଣିଆଙ୍କୁ କହିଥିଲେ। ହେଲେ ହଠାତ୍ ସକାଳେ ମଣିଆଙ୍କ ମୃତଦେହ ପୋଖରୀ ହୁଡ଼ା ଜାମୁଗଛରେ ଝୁଲୁଥିବା ଲୋକମାନେ ଦେଖି ତାଙ୍କ ପରିବାରବର୍ଗଙ୍କୁ ଖବର ଦେଇଥିଲେ। ପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। କିନ୍ତୁ ମଣିଆଙ୍କ ପୋଷା କୁକୁର ସ୍ୟାଣ୍ଡି ଝୁଲନ୍ତା ମୃତଦେହ ତଳେ ଜଗି ରହିବା ସହ ମୃତଦେହ ପାଖକୁ କେହି ଯିବାକୁ ଚେଷ୍ଟା କଲେ କାମୁଡ଼ି ଗୋଡ଼ାଉଥିବା ଦେଖିବାକୁ ମିଳିଥିଲା। ଖବରପାଇ ଅନୁଗୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ପୋଲିସକୁ ମଧ୍ୟ ସ୍ୟାଣ୍ଡି ମୃତ ଶରୀର ପାଖ ମଡ଼ାଇ ଦେଇ ନ ଥିଲା। ଜାଲ ଦ୍ୱାରା କୁକୁରକୁ ଆୟତ କରାଯିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି।

ପ୍ରଥମ ପୃଷ୍ଠାରୁ...

## ସବୁ ଜିଲାରେ ଖୋଲିବ...

ରାଜ୍ୟରେ ମୋଟ ୧୩ଟି ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ରହିଛି। ଏଥିରେ ମଞ୍ଜୁରିପ୍ରାପ୍ତ ପ୍ରଫେସର ପଦବୀ ସଂଖ୍ୟା ୩୪୯ ଥିବାବେଳେ ୨୬୩ ଜଣ ଅଛନ୍ତି। ସେହିପରି ୫୩୫ ମଞ୍ଜୁରିପ୍ରାପ୍ତ ଆସୋସିଏଟ୍ ପ୍ରଫେସର ମଧ୍ୟରୁ ୩୭୨ ଏବଂ ୧ ହଜାର ମଞ୍ଜୁରିପ୍ରାପ୍ତ ଆସିଷ୍ଟାଣ୍ଟ ପ୍ରଫେସର ପଦବୀରୁ ୯୧୭ ଜଣ ଅଛନ୍ତି। ସେହିପରି ଭିମସାରରେ ୪୧ଟି ମଞ୍ଜୁରିପ୍ରାପ୍ତ ପ୍ରଫେସର ପଦବୀରୁ ୨୮ ଜଣ ଥିବା ବେଳେ ୭୬ଟି ଆସୋସିଏଟ୍ ପ୍ରଫେସରରୁ ୬୪ ଏବଂ ୧୪୯ ଆସିଷ୍ଟାଣ୍ଟ ପ୍ରଫେସର ପଦବୀରୁ ୧୨୯ ଜଣ କାର୍ଯ୍ୟରତ ଅଛନ୍ତି। ବିଜେଡି ସଭ୍ୟ ନବକିଶୋର ମଲ୍ଲିକ, ପ୍ରତାପ କେଶରୀ ଦେବ,ଦିବ୍ୟ ଶଙ୍କର ମିଶ୍ର, ଗଣେଶ୍ୱର ବେହେରା, ସଞ୍ଜୀବ ମଲ୍ଲିକ, ସିଦ୍ଧାନ୍ତ ମହାପାତ୍ର, କଂଗ୍ରେସ ସଭ୍ୟ ଅଶୋକ କୁମାର ଦାସ, ସୋଫିଆ ଫିର୍ଦ୍ଦୋସ, ପବିତ୍ର ସାଉଁଟା, ନୀଳମାଧବ ହିକ୍କା, ଭାଜପା ସଭ୍ୟ ଆକାଶ ଦାସ ନାୟକ, ରଘୁନାଥ ଜଗଦଳା, ଅମରେନ୍ଦ୍ର ଦାସ, ଆଶ୍ରିତ ପଟ୍ଟନାୟକ ପ୍ରମୁଖ ନିଜ ନିର୍ବାଚନ ମଣ୍ଡଳୀରେ ଥିବା ଡାକ୍ତରଖାନାର ଅବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିସହିତ ଡାକ୍ତରଖାନାରେ ଖାଲି ପଦବୀ କେବେ ସୁଦ୍ଧା ପୂରଣ ହେବ। ଆଉଟ୍‌ସୋର୍ସ ବଦଳରେ ସ୍ଥାୟୀ ନିଯୁକ୍ତି ଦେବା, ସବୁ ଜିଲାରେ ମେଡିକାଲ କଲେଜ କେବେ ସୁଦ୍ଧା ହେବ ଆଦି ପଚାରିଥିଲେ। ମନ୍ତ୍ରୀ କହିଛନ୍ତି, ଗତ ସରକାର ଉତ୍ତରାଧିକାରୀ ସୂତ୍ରରେ ଯାହା ଦେଇଛନ୍ତି ଆମେ ତାକୁ ପାଇଛୁ। ୨୦୧୪ରେ ମେଡିକାଲ କଲେଜ ପାଇଁ କ୍ୟାଡର୍ ହେଲା। ତଥାପି ପଦବୀପୂରଣ ହୋଇପାରି ନାହିଁ। ମୋହନ ମାଝୀଙ୍କ ସରକାର ଡାକ୍ତର ପଦବୀ ପୂରଣ ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି।

## ସଞ୍ଜୟ ମାଲହୋତ୍ରା ଆର୍‌ବିଆଇ...

ମାଲହୋତ୍ରାଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛି। ସେ ବୁଧବାରଠାରୁ କାର୍ଯ୍ୟଭାର ଗ୍ରହଣ କରିବା ସହ ଏହି ପଦବୀରେ ୩ ବର୍ଷ ରହିବେ। ବର୍ତ୍ତମାନର ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ମଙ୍ଗଳବାର ଶେଷ ହେଉଥିବାବେଳେ ତାଙ୍କ ସ୍ଥାନରେ ୧୯୯୦ ବ୍ୟାଚ୍‌ର ରାଜସ୍ଥାନ କ୍ୟାଡର ଆଇଏଏସ୍ ଅଫିସର ମାଲହୋତ୍ରା ଦାୟିତ୍ୱ ଗ୍ରହଣ କରିବେ। ସେ ଆଇଆଇଟି କାନପୁରରୁ କମ୍ପ୍ୟୁଟର ସାଇନ୍ସରେ ଇଞ୍ଜିନିୟରିଂ ଗ୍ରାଜୁଏଟ୍ ହୋଇଥିବାବେଳେ ଆମେରିକାର ପ୍ରିନ୍ସଟନ୍ ୟୁନିଭର୍ସିଟିରୁ ପବ୍ଲିକ୍ ପଲିସିରେ ସ୍ନାତକୋତ୍ତର ଡିଗ୍ରୀ କରିଛନ୍ତି। ମାଲହୋତ୍ରା ତାଙ୍କର ୩୩ ବର୍ଷରୁ ଊର୍ଦ୍ଧ୍ୱ କ୍ୟାରିୟର ମଧ୍ୟରେ ଶକ୍ତି, ଫାଇନାନ୍ସ ଏବଂ ଟିକସ ବିଭାଗ, ସୂଚନା ପ୍ରଯୁକ୍ତି, ଖଣି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ଏବେ ସେ ଅର୍ଥ ମନ୍ତ୍ରଣାଳୟରେ ରାଜସ୍ୱ ସଚିବ ରହିଛନ୍ତି। ଏହା ପୂର୍ବରୁ ସେ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ସଚିବ ରହିଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ଅର୍ଥ ଏବଂ ଟିକସ ବ୍ୟବସ୍ଥାରେ ତାଙ୍କର ପର୍ଯ୍ୟାପ୍ତ ଅଭିଜ୍ଞତା ରହିଛି। ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ ସମ୍ପର୍କିତ ନୀତି ପ୍ରଣୟନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସୂଚନାଯୋଗ୍ୟ, ଉର୍ଜିତ ପଟେଲଙ୍କ ଅଚାନକ ଇସ୍ତଫା ପରେ ୨୦୧୮ ଡିସେମ୍ବର ୧୨ରେ ଶକ୍ତିକାନ୍ତ ଆର୍‌ବିଆଇର ୨୫ତମ ଗଭର୍ନର ନିଯୁକ୍ତ ହୋଇଥିଲେ। ୩ ବର୍ଷ କାର୍ଯ୍ୟ କରିବା ପରେ ତାଙ୍କ କାର୍ଯ୍ୟକାଳକୁ ବଢ଼ାଇ ଦିଆଯାଇଥିଲା।

## ଭାଜପାରୁ ନାମାଙ୍କନ...

ମନମୋହନ ସାମଲ ଏବଂ ବରିଷ୍ଠ ନେତା ପ୍ରଦୀପ୍ତ ନାୟକଙ୍କୁ ଭେଟିଥିଲେ। ନାମାଙ୍କନ ଭରିବା ପୂର୍ବରୁ ସୁଜିତ କହିଛନ୍ତି, ପଶ୍ଚିମ ଏଂ ଦକ୍ଷିଣ ଓଡ଼ିଶାର ବିକାଶକୁ ପ୍ରାଧାନ୍ୟ ଦିଆଯିବ। ପଶ୍ଚିମ ଓଡ଼ିଶାରେ ରେଳପଥର ବିକାଶ ସହ ଅଞ୍ଚଳର ବିକାଶକୁ ଗୁରୁତ୍ୱ ମିଳିବ। ଭାଜପା ତାଙ୍କ ଉପରେ ଆସ୍ଥା ପ୍ରକଟ କରି ପୁଣିଥରେ ଟିକେଟ ଦେଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଜ୍ୟ ସଭାପତି ଧନ୍ୟବାଦ ଜଣାଇଛନ୍ତି। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ଏହି ଗୋଟିଏ ରାଜ୍ୟ ସଭା ଆସନ ଭାଜପା ଖାତାକୁ ଯିବା ନିଶ୍ଚିତ। ତେବେ ମଙ୍ଗଳବାର ନାମାଙ୍କନ ଦାଖଲର ଶେଷ ତାରିଖ ରହିଛି। ଏପର୍ଯ୍ୟନ୍ତ କଂଗ୍ରେସ ଓ ବିଜେଡି ପକ୍ଷରୁ କେହି ନାମାଙ୍କନ ଦାଖଲ କରିନାହାନ୍ତି। ସେପ୍ଟେମ୍ବର ୬ ତାରିଖରେ ସୁଜିତ କୁମାର ରାଜ୍ୟ ସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହାର କିଛି ସମୟ ପୂର୍ବରୁ ବିଜେଡିରୁ ମଧ୍ୟ ଇସ୍ତଫା ଦେଇଥିଲେ। ପରେ ସେ ଭାଜପାରେ ମିଶିଥିଲେ। ଏହା ପୂର୍ବରୁ ବିଜେଡି ନେତ୍ରୀ ତଥା ରାଜ୍ୟ ସଭା ଏମ୍‌ପି ମମତା ମହାନ୍ତ ମଧ୍ୟ ବିଜେଡି ଛାଡ଼ି ଭାଜପାରେ ମିଶିବା ପରେ ପୁଣି ତାଙ୍କୁ ଦଳ ରାଜ୍ୟ ସଭା ପଠାଇଛି। ଫଳରେ ସମାନ ଫର୍ମୁଲାରେ ସୁଜିତଙ୍କୁ ପୁଣିଥରେ ଭାଜପା ରାଜ୍ୟ ସଭା ପଠାଇବା ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଥିଲା। ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ସୁଜିତ କୁମାରଙ୍କ କାର୍ଯ୍ୟକାଳ ରହିଥିଲା। ମଙ୍ଗଳବାର ନାମାଙ୍କନ ଦାଖଲର ଶେଷ ତାରିଖ ଥିବାବେଳେ ୨୦ରେ ରାଜ୍ୟ ସଭା ଉପନିର୍ବାଚନ ରହିଛି। ୧୧ ତାରିଖ ନାମାଙ୍କନ ଯାଞ୍ଚ ଏବଂ ୧୩ରେ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି। ଏହି ଅବସରରେ ମନମୋହନ କହିଛନ୍ତି, ରାଜ୍ୟରେ ଭାଜପା ଏକାକୀ ସରକାର ଗଢ଼ିବା ପରେ ଦଳର ସାଙ୍ଗଠନିକ ସ୍ଥିତି ଦିନକୁ ଦିନ ବଢ଼ିବାରେ ଲାଗିଛି। ଭାଜପା ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ପୂର୍ବତନ ରାଜ୍ୟ ସଭା ଏମ୍‌ପି ସୁଜିତ କୁମାରଙ୍କୁ ପୁନର୍ବାର ରାଜ୍ୟ ସଭାକୁ ପଠାଇବା ପାଇଁ କେନ୍ଦ୍ରୀୟ ସଂସଦୀୟ ବୋର୍ଡ ପକ୍ଷରୁ ନିଷ୍ପତ୍ତି ହୋଇଛି। ସେ ରାଜ୍ୟ ସଭାକୁ ମନୋନୀତ ହେଲେ ଓଡ଼ିଶାର ସ୍ୱାର୍ଥ ପାଇଁ ଉଠୁଥିବା ସ୍ୱର ଅଧିକ ସୁଦୃଢ଼ ହେବ ବୋଲି ମନମୋହନ କହିଛନ୍ତି।



ଭୁବନେଶ୍ୱରସ୍ଥିତ 'ଧରିତ୍ରୀ'ର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ ସୋମବାର ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ନୟାଗଡ଼ ଜିଲାର ଯୁବ ପରିବେଶ କର୍ମୀ ପୁପୁନ ସାହୁଙ୍କୁ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ବିଜେତା (ବ୍ୟକ୍ତିଗତ ସ୍ତର) ଭାବେ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି (ବାମ)। ନିକଟରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସମେତ ଧରିତ୍ରୀ ପରିବାରର ସଦସ୍ୟମାନେ ଉପସ୍ଥିତ ଅଛନ୍ତି।

# ଅନ୍‌ଲାଇନ ଟ୍ରେଡିଂ: ୫୯ ହଜାର ଠକାମିର ଶିକାର

**ଭୁବନେଶ୍ୱର,୯।୧୨(ଅନିଲଦାସ)**

ଅନ୍‌ଲାଇନ ଟ୍ରେଡିଂ କରି ଅଧିକ ଟଙ୍କା ରୋଜଗାର କରିବା ଆଶାରେ ଥିବା ଯୁବପିଢ଼ି ସାଇବର ଠକାମିର ଶିକାର ହେଉଛନ୍ତି। ଗତ ୫ ବର୍ଷରେ ୫୯ ହଜାର ୪୩୭ ବ୍ୟକ୍ତି ଅନ୍‌ଲାଇନ ଟ୍ରେଡିଂର ଶିକାର ହୋଇଛନ୍ତି। ୨୦୧୯ରେ ୧୮, ୨୦୨୦ରେ ୨୮, ୨୦୨୧ରେ ୨୨ ଓ ୨୦୨୨ ୧୦୫ଜଣ ବ୍ୟକ୍ତି ଠକାମିର ଶିକାର ହୋଇଛନ୍ତି। ତେବେ ୨୦୨୩ ଓ ୨୦୨୪ରେ ଏହିଠକେଇ ମାମଲା ଚିନ୍ତାଜନକ ଭାବେ ବଢ଼ିଛି। ୨୦୨୩ରେ ୧୮ ହଜାର ୯୯୪ଜଣ ଅନ୍‌ଲାଇନ ଟ୍ରେଡିଂରେ ଠକଙ୍କର ଶିକାର ହୋଇଥିବା ବେଳେ ୨୦୨୪ର ୧୧ ମାସରେ ୪୦ ହଜାର ୨୭୦ ଅନ୍‌ଲାଇନ ଟ୍ରେଡିଂରେ ଶିକାର ହୋଇଛନ୍ତି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସୋମବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ୨୦୨୩ରେ ଓଡ଼ିଶାର ପୋଲିସର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ୧୮ ହଜାର ୮୦୪ ଜଣଙ୍କୁ ଠକିଥିବା ୪ଟି ଅନ୍‌ଲାଇନ ଟ୍ରେଡିଂ ସଂସ୍ଥା ବିରୋଧରେ ସାଇବର ଅପରାଧୀ ମାମଲା ରୁଜୁ କରିଛି। ସେହିପରି ୨୦୨୪ରେ ୪୦ ହଜାର ୨୧୯ ଲୋକଙ୍କୁ ଠକିଥିବା ୩ଟି ମାମଲା ଇଓଡବ୍ଲ୍ୟୁ ପଞ୍ଜୀକୃତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




# ଓଡ଼ିଶାର ଦୁଇ ରେଳ ଫ୍ଲାଏଓଭର ପାଇଁ ୫୦୮.୭୫ କୋଟି ଅନୁମୋଦନ

**ଭୁବନେଶ୍ୱର,୯।୧୨ (ଅନୁରାଧା ମହାରଣା)**

ଓଡ଼ିଶାର କଟକ ଓ ରାୟଗଡା ଜିଲାରେ ଦୁଇଟି ପ୍ରମୁଖ ରେଳ ଫ୍ଲାଏଓଭର ନିର୍ମାଣ ପାଇଁ ୫୦୮.୭୫ କୋଟି ଟଙ୍କାର ବ୍ୟୟ ଅଟକଳକୁ ରେଳ ମନ୍ତ୍ରଣାଳୟ ଅନୁମୋଦନ ଦେଇଛି। ଏହି ପଦକ୍ଷେପ ଭାରତୀୟ ରେଳପଥର ବ୍ୟାପକ ଶକ୍ତି, ଖଣିଜ ଏବଂ ସିମେଣ୍ଟ କରିଡର ଯୋଜନାର ଏକ ଅଂଶ ହୋଇଥିବାବେଳେ ରେଳ ଚଳାଚଳର ଉନ୍ନତି ତଥା ପ୍ରମୁଖ ରେଳ ଲାଇନଗୁଡିକରେ ଯାତାୟାତରେ ସମସ୍ୟା ଦୂର କରିବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପରେ କଟକ ଜିଲାର ରାଜଆଠଗଡ଼, ରାଧାକିଶୋରପୁର ଏବଂ ମାଛପୁର ରେଳ ଷ୍ଟେଶନକୁ ସଂଯୋଗ କରୁଥିବା ୧୦.୮୯ କି.ମି. ଦୀର୍ଘ ରେଳ ଫ୍ଲାଏ ଓଭର ନିର୍ମାଣ କରାଯିବ। ଏଥିପାଇଁ ମୋଟ ୨୬୮.୯୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ରାୟଗଡା ଜିଲାର ସିଙ୍ଗାପୁର ରୋଡ୍ ଷ୍ଟେଶନରେ ୫.୫୦ କିମିର ରେଳ ଫ୍ଲାଏଓଭର ନିର୍ମାଣ ହେବ। ଏହା ରାୟପୁର-ବିଜୟନଗରମ୍ ରେଳ ଲାଇନରେ ଟ୍ରାଫିକ ସମସ୍ୟାକୁ ଦୂର କରିବା ସହ ସିଙ୍ଗାପୁର ରୋଡ୍ ଷ୍ଟେଶନ ଓ ପାର୍ଶ୍ୱବର୍ତ୍ତୀ ଷ୍ଟେଶନରେ ନୀରବଚ୍ଛିନ୍ନ ଟ୍ରେନ ଚଳାଚଳ ପାଇଁ ଅନୁମତି ଦେବ। ଏଥିସହ କ୍ରସ ଟ୍ରାଫିକ କାରଣରୁ ସୃଷ୍ଟି ହେଉଥିବା ବିଳମ୍ବକୁ ଏଡାଇବ। ଏହି ପ୍ରକଳ୍ପର ଆନୁମାନିକ ବ୍ୟୟ ଅଟକଳ ୨୩୯.୮୩ କୋଟି ଟଙ୍କା ରହିଛି। ଏହି ନୂତନ ଫ୍ଲାଏଓଭରଗୁଡ଼ିକ ଏକାଧିକ ଦିଗରୁ ଟ୍ରେନର ଏକକାଳୀନ ଚଳାଚଳ ପାଇଁ ଅନୁମତି ଦେବ, ସମଗ୍ର ଅଞ୍ଚଳରେ ଟ୍ରେନ କାର୍ଯ୍ୟର ଦକ୍ଷତାକୁ ଉନ୍ନତ କରିବ। ବର୍ତ୍ତମାନ ୱାଲଟିୟର ଏବଂ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ପ୍ରମୁଖ ଜଙ୍କଶନ ସିଙ୍ଗାପୁର ରୋଡ୍ ଏବଂ ରାଜଆଠଗଡ଼-ରାଧାକିଶୋରପୁର-ମାଛପୁର ଷ୍ଟେଶନରେ ଟ୍ରେନ ଚଳାଚଳ କ୍ଷେତ୍ରରେ କ୍ରସ୍‌ଜନିତ ସମସ୍ୟା ଯୋଗୁ ଟ୍ରାଫିକ ପରିଚାଳନାରେ ବ୍ୟାପକ ଅସୁବିଧା ପରିଲକ୍ଷିତ ହେଉଛି। ଏହି ପ୍ରତିବନ୍ଧକ କାରଣରୁ ବିଭିନ୍ନ ମାର୍ଗରେ ଟ୍ରେନ୍ ଚଳାଚଳ ବିଳମ୍ବ ହୋଇଥାଏ। ବିଭିନ୍ନ ମାର୍ଗରୁ ଆସୁଥିବା ଟ୍ରେନଗୁଡିକ କ୍ରସ-ଟ୍ରାଫିକ କ୍ଲିୟରାନ୍ସ ପାଇଁ ବିଭିନ୍ନ ଷ୍ଟେଶନରେ ଅପେକ୍ଷା କରିବାକୁ ପଡିଥାଏ। ରେଳ ଫ୍ଲାଏଓଭର ବିଭିନ୍ନ ଦିଗରୁ ଟ୍ରେନ ପାଇଁ ଉତ୍ସର୍ଗୀକୃତ ପଥ ସୃଷ୍ଟି କରି ନୀରବଚ୍ଛିନ୍ନ ଟ୍ରେନ ଚଳାଚଳ ସୁନିଶ୍ଚିତ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

# ଗୁଗଲ୍ ମ୍ୟାପ ଦେଖି ଫସିଲେ ଚାଳକ

## ୩ ଦିନ ହେଲା ଘାଟିରେ ଅଟକିଛି ଭାରିଯାନ

**ଦାରିଙ୍ଗବାଡ଼ି,୯।୧୨ (ଅରୁଣ ସାହୁ)**

ଗୁଗଲ୍ ମ୍ୟାପ ଦେଖି ଜଣେ ଗାଡ଼ି ଚାଳକ ରାସ୍ତାରେ ଫସି ରହିଛନ୍ତି। ୩ ଦିନ ହେଲା ଭାରିଯାନଟି ୫୯ ନଂ. ଜାତୀୟ ରାଜପଥ ଗାଜଲବାଡ଼ି ଘାଟିରେ ଅଟକି ରହିଥିବାରୁ ଉକ୍ତ ରାସ୍ତାରେ ବିଭିନ୍ନ ସମସ୍ୟା ଦେଖାଯାଇଛି। ଗତ ଶନିବାର ଏକ ଚାଉଳ ବୋଝେଇ ଟ୍ରକ୍ ରାୟପୁର ଯିବାକୁ ଗଞ୍ଜାମ ସୋରଡ଼ା ଦେଇ ଗାଜଲବାଡ଼ି ଘାଟିର ଅଣ ଓସାରିଆ ରାସ୍ତାରେ ଆସୁଥିଲା। ଏକ ବୁଲାଣି ରାସ୍ତାରେ ଚାଳକ ଗାଡ଼ି ବୁଲେଇ ପାରି ନ ଥିବା ବେଳେ ଯାନ୍ତ୍ରିକ ତ୍ରୁଟି ମଧ୍ୟ ଦେଖାଦେଇଥିଲା। ରାସ୍ତାରେ ଉକ୍ତ ଟ୍ରକଟି ଫସି ରହିବାରୁ ଉଭୟ ପାର୍ଶ୍ୱରେ ଯାତ୍ରୀବାହୀ ବସ୍ ସମେତ ବିଭିନ୍ନ ଗାଡ଼ି ଅଟକି ରହିଥିଲା। ପରେ ବୁଲାଣି ରାସ୍ତା ମାଟିକୁ ଜେସିବି ସାହାଯ୍ୟରେ ଖୋଳିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ରବିବାର ଏକ ପର୍ଯ୍ୟଟକ ବସ୍ ଦାରିଙ୍ଗବାଡ଼ିରୁ ଫେରିବା ବେଳେ ଉକ୍ତ ଭାରିଯାନ ସହ ଲାଗିଯିବାରୁ ପୁଣି ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଘଟଣାରୁ ଜଣାପଡିଛି ଯେ, ବିଶାଖାପାଟଣାରୁ ରାୟପୁର ଯିବାକୁ ସୋରଡ଼ା, ଗାଜଲବାଡ଼ି ଘାଟି ରାସ୍ତା ଶର୍ଟକଟ୍ ରାସ୍ତା ବୋଲି ଟ୍ରକ୍ ଚାଳକ ଗୁଗଲ୍ ମ୍ୟାପ୍‌ରୁ ଦେଖି ଆସିଥିଲେ। ମ୍ୟାପ୍ ତାଙ୍କୁ ଏହି ସଂକୀର୍ଣ୍ଣ ଅଣଓସାରିଆ ରାସ୍ତାଟି ଦେଖାଇଥିଲା। ସୂଚନାଯୋଗ୍ୟ, ଉକ୍ତ ଘାଟି ରାସ୍ତା ପାଇଁ ପ୍ରାୟ ୭ ଶହ କୋଟି ବ୍ୟୟବରାଦ କରାଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଏହାର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇପାରିନି।



ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧାରାରେ ସଂପର୍କିତ ହୁଏ ଏବଂ ଏକ ସ୍ୱତନ୍ତ୍ର ଧାରାରେ ଈଶ୍ୱରଙ୍କୁ ପ୍ରକାଶ କରେ। ତୁମେ ଅନ୍ୟର ପନ୍ଥା ଗ୍ରହଣ କରିବା ଆବଶ୍ୟକ ନାହିଁ। ତୁମେ ତୁମ ବାଟରେ ଅନୁସରଣ କରି ଚାଲ। –ଶ୍ରୀମା



# ଲାଞ୍ଚ ଜାଲରେ

ସର୍ବସାଧାରଣ, ଉପଭୋକ୍ତା ଏବଂ କ୍ଷୁଦ୍ର ବ୍ୟବସାୟ ସ୍ୱାର୍ଥଜଡ଼ିତ ବିଷୟ ଉପରେ ସର୍ଭେ ମାଧ୍ୟମରେ ତଥ୍ୟ ସଂଗ୍ରହ କରୁଥିବା ଅଗ୍ରଣୀ କମ୍ୟୁନିଟି ସୋସିଆଲ ମିଡିଆ ପ୍ଲାଟଫର୍ମ 'ଲୋକାଲସର୍କଲ୍ସ' ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ବ୍ୟବସାୟ ପାଇଁ ଅନୁମତି ଓ କାର୍ଯ୍ୟାଦେଶ ପାଇବା ସକାଶେ ସରକାରୀ ଅଧିକାରୀମାନଙ୍କୁ ଲାଞ୍ଚ ଦେବାକୁ ପଡୁଛି। ବର୍ଷକ ମଧ୍ୟରେ ୧୫୯ ଜିଲାରେ ହୋଇଥିବା ସର୍ଭେରୁ ଜଣାପଡ଼ିଛି ଯେ, ୬୬ ପ୍ରତିଶତ ବ୍ୟବସାୟିକ ସଂସ୍ଥା ଲାଞ୍ଚ ଦେଇଥିବା ସ୍ୱୀକାର କରିଛନ୍ତି। ୫୪ ପ୍ରତିଶତ ସଂସ୍ଥାକୁ ଏଥିଲାଗି ବାଧ୍ୟ କରାଯାଉଥିବା ବେଳେ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ୪୬ ପ୍ରତିଶତ ସ୍ୱଇଚ୍ଛାରେ ଲାଞ୍ଚ ଦେଉଥିବା ଉକ୍ତ ରିପୋର୍ଟରୁ ଜାଣିବାକୁ ମିଳିଛି।

ଲାଞ୍ଚ ଦେବା କିମ୍ବା ନେବା ଅପରାଧ ବୋଲି ଆଇନରେ ଉଲ୍ଲେଖ ରହିଛି। ସେସବୁ ପ୍ରାୟତଃ ପୋଥିରେ ସାଇତା ହେବା ଭଳି କଥା। ପ୍ରତ୍ୟେକ କ୍ଷେତ୍ରରେ କମ୍ପ୍ୟୁଟରର ବ୍ୟବହାର ଓ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ ହେଲେ ଲାଞ୍ଚ କାରବାର କମିଯିବ ବୋଲି ଯେଉଁ ଆଶା କରାଯାଉଥିଲା ତାହା ଭୁଲ ପ୍ରମାଣିତ ହେଉଛି। ଏଠାରେ ସବୁ କ୍ଷେତ୍ରରେ ଦକ୍ଷତା ବା ସାଧାରଣ ଗତିରେ ମଧ୍ୟ କାର୍ଯ୍ୟ କରାଇବାକୁ ହେଲେ ଲାଞ୍ଚର ଆଶା ରହୁଛି। ଅତି ଛୋଟ ଋଣ ହେଉ ବା ଅନେକ ହଜାର କୋଟି ଟଙ୍କାର ଋଣ ଲାଞ୍ଚ କାରବାର ନ ହୋଇଥିଲେ ବ୍ୟାଙ୍କିଙ୍ଗ୍ ପ୍ରକ୍ରିୟା ଦେଇ କାମ ହାସଲ କରିବା କଷ୍ଟକର। ଯଦି କୌଣସି ଦେଶର ଆର୍ଥିକ ବ୍ୟବସ୍ଥାକୁ ଦେଖାଯାଏ ସେଥିରେ ଉଦ୍ୟୋଗୀ ବା ବ୍ୟବସାୟୀମାନଙ୍କ ଅବଦାନ ଯଥେଷ୍ଟ ରହିଥାଏ। କାରଣ ସେମାନେ ୱେଲ୍‌ଥ କ୍ରିଏଟର ବା ଧନ ସୃଷ୍ଟିକାରୀ ଭାବେ ବିବେଚିତ ହୋଇଥାଆନ୍ତି। କିନ୍ତୁ ଯେଉଁମାନେ ପ୍ରଥମ ଥର ପାଇଁ ଉଦ୍ୟୋଗୀ ହୋଇଥାଆନ୍ତି ସେମାନେ ନିଜ ଗୋଡ଼ରେ ଠିଆ ହେବା ସକାଶେ କେଉଁଭଳି ଭାବେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି ତାହା ଅନେକଙ୍କୁ ଅଜଣା ଥିବ। ଉଚ୍ଚଶିକ୍ଷିତ ଓ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଅଭିଜ୍ଞତା ଅର୍ଜନ କରିଥିବାର ଯେତେ ପ୍ରମାଣ ଦେଖାଇଲେ ମଧ୍ୟ ସରକାରୀ ବ୍ୟବସ୍ଥା ଓ ବ୍ୟାଙ୍କ ଭଳି ଋଣ ପ୍ରଦାନକାରୀ ସଂସ୍ଥା ପାଖରୁ ସହଜରେ ସାହାଯ୍ୟ ପାଇପାରି ନ ଥାଆନ୍ତି। ଯେତେବେଳେ ସେମାନେ ଦେଖନ୍ତି ଯେ ବ୍ୟବସାୟ କରିବା ପାଇଁ ଅନୁମତି ଓ କାର୍ଯ୍ୟାଦେଶ ପାଇବା ବିଳମ୍ବ ହେଉଛି, ସେତେବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲାଞ୍ଚର ବାଟ ଧରନ୍ତି। ନୂଆ ବ୍ୟବସାୟ ଲାଗି ଜମି, ଜଳ, ବିଦ୍ୟୁତଠାରୁ ଆରମ୍ଭ କରି ଆଇନଗତ ସୁରକ୍ଷା ଭଳି ଅନ୍ୟାନ୍ୟ ଆନୁଷଙ୍ଗିକ ସହଯୋଗ ନିମନ୍ତେ ଲାଇସେନ୍ସ ପ୍ରଦାନକାରୀ ସଂସ୍ଥା, ତହସିଲ, ବିଦ୍ୟୁତ୍ ଯୋଗାଣ, ପ୍ରଦୂଷଣ ବିଭାଗ, ମ୍ୟୁନିସିପାଲିଟି, ଜିଏସ୍‌ଟି ଅଧିକାରୀଙ୍କ ନିକଟକୁ ବାରମ୍ବାର ଦୌଡ଼ିବାକୁ ପଡ଼େ। ଏହାର ପ୍ରମାଣ 'ଲୋକାଲସର୍କଲ୍ସ'ର ରିପୋର୍ଟରୁ ଜଣାପଡ଼ିଛି। ପରମିଟ କିମ୍ବା ପ୍ରକ୍ରିୟା ଶେଷ କରାଇବାକୁ ସରକାରୀ ବିଭାଗଗୁଡ଼ିକରେ ଦୀର୍ଘଦିନ ଅପେକ୍ଷା କରିବାକୁ ପଡୁଥିବାରୁ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଲାଞ୍ଚ ଦେବା ଜୀବନର ଏକ ଧାରା ପାଲଟିଯାଇଥିବା ସର୍ଭେରେ ସମ୍ପୃକ୍ତ ୧୮ ହଜାର ବ୍ୟବସାୟିକ ସଂସ୍ଥା ମତ ଦେଇଛନ୍ତି। ଅନେକେ ଏସବୁରେ ଅଧୈର୍ଯ୍ୟ ହୋଇ ଉଦ୍ୟୋଗୀ ହେବାର ସ୍ୱପ୍ନ ମଧ୍ୟ ଭୁଲିଯାଆନ୍ତି। 'ବୋଝ ଉପରେ ନଳିତା ବିଡ଼ା' ଭଳି ସାଜେ ଦାଦାବଟିଠାରୁ ଆରମ୍ଭ କରି ବିଭିନ୍ନ ଚାନ୍ଦା ଦେଇ ସ୍ଥାନୀୟ ଲୋକଙ୍କୁ ସନ୍ତୁଷ୍ଟ କରିବା। ଏସବୁ ଭିତରେ ଆଗକୁ ଥାଏ ସଂସ୍ଥା ଚଳାଇବା, କର୍ମଚାରୀଙ୍କ ପରିଚାଳନା, ସମୟରେ ଦରମା ଦେବା ଓ ଆନଷଙ୍ଗିକ ଆର୍ଥିକ ବିଲ୍ ପୈଠ କରିବା। ଏହା ପରେ ମଧ୍ୟ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସରକାରଙ୍କ ତରଫରୁ ତିଳେମାତ୍ର ସାହାଯ୍ୟ ଆଶା କରିବା ବୃଥା। ଏଭଳି ଏକ କଷ୍ଟକର ବ୍ୟବସାୟିକ ବାତାବରଣରେ ପୁଣି ପ୍ରଶ୍ନ ଉଠେ ଭାରତବର୍ଷରେ ଅଧିକ ଉଦ୍ୟୋଗୀ କାହିଁକି ସୃଷ୍ଟି ହେଉ ନାହାନ୍ତି। କାରଣ ଜଣାଶୁଣା।

ଦୁର୍ନୀତି ସମ୍ବନ୍ଧୀୟ ସ୍ୱଚ୍ଛତା ଉପରେ ପ୍ରତିବର୍ଷ ତାଲିକା ପ୍ରକାଶ କରୁଥିବା 'ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ' ୨୦୨୩ର 'କର୍‌ପଶନ ପର୍ସେପସନ୍ସ ଇଣ୍ଡେକ୍ସ' ଅନୁଯାୟୀ ୧୮୦ ଦେଶ ମଧ୍ୟରେ ଭାରତର ସ୍ଥାନ ୯୩ରେ ରହିଛି। ସେହିପରି ଭାରତର କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କ ୨୦୨୩ ରିପୋର୍ଟରେ ଦେଖାଯାଇଛି ଯେ, ଦେଶରେ ରେଲୱେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଓ ଅନ୍ୟାନ୍ୟ ସରକାରୀ କ୍ଷେତ୍ରରେ ମୋଟ ୭୪,୨୦୩ ଦୁର୍ନୀତି ଅଭିଯୋଗ ଆସିଥିଲା। ଅବଶ୍ୟ ଏ ସବୁ ସରକାରୀ ରେକର୍ଡଭୁକ୍ତ ହୋଇଥିଲେ ମଧ୍ୟ ଅନେକ ଲାଞ୍ଚ ଘଟଣା ଆଢୁଆଳରେ ରହିଯାଉଛି। ତେଣୁ ବାସ୍ତବରେ ଯେଉଁମାନେ ଦେଶର ଆର୍ଥିକ ବିକାଶରେ ଯୋଗଦାନ କରିବାକୁ ଇଚ୍ଛୁକ, ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗୀଙ୍କ କାର୍ଯ୍ୟକୁ ସୁଗମ କରିବାକୁ ହେଲେ ସ୍ୱଚ୍ଛତା ନିତାନ୍ତ ଜରୁରୀ। ଏହା କହିଲା ବେଳେ ଆମେ ସଚେତନ ଯେ, ଅନେକ କର୍ପୋରେଟ ସଂସ୍ଥା ସରକାରୀ ସୁବିଧା ହାତେଇବା ପାଇଁ ଲାଞ୍ଚକୁ ପ୍ରମୁଖ ମାଧ୍ୟମ କରିଦେଉଥିବା ଶୁଣିବାକୁ ମିଳୁଛି। ଏହା ଦ୍ୱାରା ଦୁଇ ପ୍ରକାର କ୍ଷତି ଘଟୁଛି। ବିନା ଲାଞ୍ଚରେ କାର୍ଯ୍ୟ ଆରମ୍ଭ ହୋଇପାରିବ ନାହିଁ ବୋଲି ବାତାବରଣ ସୃଷ୍ଟି କରାଯାଉଥିବାରୁ ବ୍ୟବସାୟିକ କ୍ଷେତ୍ରକୁ ପଦାର୍ପଣ କରୁଥିବା ନୂଆ ଉଦ୍ୟୋଗୀ କଲବଲ ହୋଇଯାଉଛନ୍ତି। ଦ୍ୱିତୀୟରେ ଏହି ଧାରା ଜାରି ରହିଲେ ସ୍ୱଚ୍ଛତା ସ୍ୱପ୍ନରେ ରହିଯିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | 6 | | 7 | 9 | | |
| | | 7 | 8 | | | | | |
| | 9 | | | 4 | | 7 | | |
| | | | | 8 | | 1 | | 2 |
| | 6 | 9 | | | | 3 | | |
| | | | 1 | | 3 | | 6 | |
| | | | 2 | | | | 3 | |
| | | 1 | 9 | | | | | |
| 2 | | | 4 | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 9 | 2 | 6 | 1 | 4 | 5 | 3 |
| 3 | 6 | 2 | 4 | 5 | 8 | 7 | 1 | 9 |
| 1 | 4 | 5 | 3 | 7 | 9 | 2 | 8 | 6 |
| 6 | 1 | 3 | 7 | 8 | 5 | 9 | 2 | 4 |
| 5 | 2 | 7 | 9 | 4 | 6 | 8 | 3 | 1 |
| 9 | 8 | 4 | 1 | 3 | 2 | 6 | 7 | 5 |
| 4 | 9 | 8 | 5 | 1 | 7 | 3 | 6 | 2 |
| 7 | 3 | 1 | 6 | 2 | 4 | 5 | 9 | 8 |
| 2 | 5 | 6 | 8 | 9 | 3 | 1 | 4 | 7 |

ଗତକାଲିର ଉତ୍ତର

# ମାନବ ଅଧିକାରର ଆହ୍ୱାନ



କିଶୋର ଚନ୍ଦ୍ର ବେହେରା

ମନୁଷ୍ୟ ନିଜ ଅଧିକାର ବ୍ୟତୀତ ସମାଜରେ ବଞ୍ଚିପାରିବ ନାହିଁ। ମନୁଷ୍ୟ ମଧ୍ୟରେ ଲୁକ୍କାୟିତ ଅବସ୍ଥାରେ ଥିବା ବ୍ୟକ୍ତିତ୍ୱର ବିକାଶ ଅଧିକାର ଦ୍ୱାରା ହୋଇଥାଏ। ବିଶିଷ୍ଟ ରାଜନୀତିଜ୍ଞ ଅଧ୍ୟାପକ ଲାସ୍କି କୁହନ୍ତି ''ସାମାଜିକ ଜୀବନର ଯେଉଁ ସର୍ତ୍ତଗୁଡ଼ିକ ବିନା ମନୁଷ୍ୟ ତା'ର ବ୍ୟକ୍ତିତ୍ୱର ସଂପୂର୍ଣ୍ଣ ପରିପ୍ରକାଶ କରିପାରେ ନାହିଁ, ସେହି ସର୍ତ୍ତ ସମୂହକୁ ଅଧିକାର କୁହାଯାଏ''। ପ୍ରତିଦିନ ଆମ ଜୀବନରେ ମାନବ ଅଧିକାରର ପ୍ରାସଙ୍ଗିକତା ରହିଛି। ଆମେ ଚିନ୍ତା କରୁଥିବା ମାନବିକତାର ମୂଲ୍ୟ ସାର୍ବଜନୀନ ସ୍ତରରେ ରହିଛି। ମାନବ ଅଧିକାର ସମାନତା, ନ୍ୟାୟ ଓ ସ୍ୱାଧୀନତା ପ୍ରତିଷ୍ଠା କରେ। ଏହା ହିଂସା ଦୂରକରି ଶାନ୍ତି ପ୍ରତିଷ୍ଠା ଦିଗରେ ସଦାସର୍ବଦା ଅଗ୍ରଣୀ ଭୂମିକା ନେଇଥାଏ। ଯେଉଁଠି ଓ ଯେତେବେଳେ ମାନବିକତାର ମୂଲ୍ୟକୁ ଅଣଦେଖା କରାଯାଏ ସେତେବେଳେ ସମସ୍ତେ ବିପଦକୁ ଠେଲି ହୋଇଯା'ନ୍ତି। ବିଶ୍ୱର ବିଭିନ୍ନ ସ୍ଥାନରେ ମାନବାଧିକାର ଉଲ୍ଲଂଘନକୁ ନେଇ ଭିନ୍ନ ଭିନ୍ନ ସମୟରେ ପ୍ରତିବାଦର ସ୍ୱର ଉଠୁଛି। ଏହି ପରିପ୍ରେକ୍ଷୀରେ ମାନବାଧିକାରର ବୈଶ୍ୱିକ ଘୋଷଣା ଆମକୁ ସଶକ୍ତ କରିପାରିଛି। ମାନବାଧିକାର ଲାଗି ସମସ୍ତେ ଠିଆହେବା ପାଇଁ ଜାତିସଂଘ ଆହ୍ୱାନ ଦେଇଆସିଛି। ମାନବାଧିକାରକୁ ଗୁରୁତ୍ୱ ଦେଇ ସାମଗ୍ରିକ ବିକାଶ ତଥା ସଚେତନତା ଆଣିବା ଲାଗି ଯୁବପିଢ଼ିଙ୍କ ଉପରେ ଆସ୍ଥା ସ୍ଥାପନ କରିଛି। 'ୟୁଥ ଷ୍ଟାଣ୍ଡିଂ ଅପ୍ ଫର୍ ହ୍ୟୁମାନ ରାଇଟ୍‌ସ' ସମୂହ ଧ୍ୱନି ବି ଦେଇଛି। ଯୁବପିଢ଼ିଙ୍କ ନିଷ୍ପତ୍ତି ପରୋକ୍ଷରେ ହେଉ କିମ୍ବା ପ୍ରତ୍ୟକ୍ଷରେ ସମାଜର ରାଜନୈତିକ, ଅର୍ଥନୈତିକ ତଥା ସାମାଜିକ କ୍ଷେତ୍ରରେ ତୃଣମୂଳ ସ୍ତରରେ ସକାରାମକ୍ତ ପରିବର୍ତ୍ତନ ଆଣିବାରେ ସକ୍ରିୟ ଭାବେ କାର୍ଯ୍ୟ କରିଥାଏ। ଯୁବ ସମାଜ ମାନବାଧିକାରକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବାକୁ ପ୍ରସ୍ତୁତ ହୋଇ ରହିଛନ୍ତି। ସେମାନଙ୍କୁ ଆମେ ଆଗକୁ ଯିବାକୁ ପ୍ରେରଣା ଦେବା ଓ ଆମେ ବି ତାଙ୍କ ସହ ଠିଆ ହେବା ସାମ୍ପ୍ରତିକ ସମୟର ଏକ ବଡ଼ ଆହ୍ୱାନ ବୋଲି ଗ୍ରହଣ କରିବା ଆବଶ୍ୟକ। ଯୁବପିଢ଼ି ବାସ୍ତବରେ ଶକ୍ତିଶାଳୀ। ସେମାନଙ୍କ ନେତୃତ୍ୱ ଗ୍ରହଣ କରିବା ଦରକାର। କେବେ ବି ଭାବନି ଯେ ଯୁବଶକ୍ତି ବିଶ୍ୱ ସ୍ତରୀୟ ଆନ୍ଦୋଳନର ନେତୃତ୍ୱ ନେଇପାରିବନି ?

ମାନବ ଅଧିକାରଗୁଡ଼ିକ ସାର୍ବଜନୀନ। ଜାତି, ଧର୍ମ, ଶ୍ରେଣୀ, ବର୍ଣ୍ଣ, ଲିଙ୍ଗ, ଭାଷା, ଗୋଷ୍ଠୀ, ଜାତୀୟତା, ସମ୍ପତ୍ତି, ସାମାଜିକ ସ୍ଥିତି, ରାଜନୀତିକ ସିଦ୍ଧାନ୍ତ ଆଦି ଭିତ୍ତିରେ ପାର୍ଥକ୍ୟ ନିରୂପଣ କରିବା ଏଥିରେ ନ ଥାଏ। ଆଦର୍ଶଗତ ବିରୋଧାଭାସର ଊର୍ଦ୍ଧ୍ୱରେ ଉଦାରବାଦୀ, ସମାଜବାଦୀ, ପାଶ୍ଚାତ୍ୟ, ପୂର୍ବ, ଉନ୍ନତ, ଅନୁନ୍ନତ ବା ଅତି ଉନ୍ନତ, ସଂପ୍ରଦାୟ



ମଧ୍ୟରେ ଖ୍ରୀଷ୍ଟିଆନ, ଇସଲାମ, ବୌଦ୍ଧ ଧର୍ମାବଲମ୍ବୀ ସମସ୍ତେ ସାମିଲ। ମାନବ ଅଧିକାରଗୁଡ଼ିକ ନ୍ୟାୟସଙ୍ଗତ, ବିବେକାନୁମୋଦିତ ଓ ନିୟନ୍ତ୍ରଣ ପରିସରଭୁକ୍ତ। ଜାତୀୟ ସୁରକ୍ଷା, ସର୍ବସାଧାରଣଙ୍କ ଶୃଙ୍ଖଳା, ସ୍ୱାସ୍ଥ୍ୟଗତ କାରଣ ଓ ଅନ୍ୟମାନଙ୍କ ଅଧିକାର ପ୍ରତି ସୁରକ୍ଷା ପ୍ରଦାନ କରିଥାଏ। ଆମେ ଯେପରି ଦେଖିଛୁ, ଅଧିକାର ହେଉଛି ଦାବି ସମୂହ, ଯାହା କି ଜଣେ ବ୍ୟକ୍ତି ବଞ୍ଚିବା ଓ ଉନ୍ନତି କରିବା ପାଇଁ ନିହାତି ଦରକାର କରେ। ସେହି ଅର୍ଥରେ ଅଧିକାରର ଏକ ଲମ୍ବା ତାଲିକା ରହିଛି। ଏହି ସମସ୍ତ ଅଧିକାର ସମାଜ ଦ୍ୱାରା ସ୍ୱୀକୃତ, କିନ୍ତୁ କେତେକ ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ଅଧିକାର ରାଷ୍ଟ୍ର ଦ୍ୱାରା ସ୍ୱୀକୃତ ଓ ସମ୍ବିଧାନରେ ଲିପିବଦ୍ଧ ହୋଇଛି। ଏହି ଅଧିକାରଗୁଡ଼ିକୁ ମୌଳିକ ଅଧିକାର କୁହାଯାଏ। ଏହି ସବୁ ଅଧିକାର ଦୁଇଟି କାରଣ ପାଇଁ ମୌଳିକ ବୋଲି କୁହାଯାଏ। ପ୍ରଥମତଃ ଏଗୁଡ଼ିକ ସମ୍ବିଧାନରେ ଲିପିବଦ୍ଧ ହୋଇଛି, ଯିଏ କି ସେମାନଙ୍କୁ ଏହି ଅଧିକାରର ପ୍ରତିଶ୍ରୁତି ଦେଉଛି। ଦ୍ୱିତୀୟତଃ ଏଗୁଡ଼ିକ ଆଇନସିଦ୍ଧ ଅର୍ଥାତ୍ ନ୍ୟାୟାଳୟ ଦ୍ୱାରା ବାଧ୍ୟତାମୂଳକ। ନ୍ୟାୟ ପାଇବାର ଯୋଗ୍ୟର ଅର୍ଥ ହେଉଛି, ଯଦି କୌଣସି ସ୍ଥଳରେ ଏହାର ବିଚ୍ୟୁତି ଘଟେ, ଜଣେ ବ୍ୟକ୍ତି ତା'ର ସୁରକ୍ଷା ପାଇଁ ନ୍ୟାୟାଳୟର ଆଶ୍ରୟ ନେଇପାରିବ। ଯଦି ସରକାର ଆଇନ ପ୍ରଣୟନ କରି ଏଥିରୁ କୌଣସି ଅଧିକାରକୁ ସଙ୍କୁଚିତ କରିଦିଅନ୍ତି, ଏହା ନ୍ୟାୟାଳୟ ଦ୍ୱାରା ଅଯୋଗ୍ୟ ଘୋଷଣା କରାଯାଏ।

୧୯୪୮ରେ ଜାତିସଂଘର ସାଧାରଣ ସଭାରେ ଡିସେମ୍ବର ୧୦ ତାରିଖକୁ ମାନବ ଅଧିକାର ଦିବସ ଭାବେ ପାଳନ କରାଯିବ ବୋଲି ଘୋଷଣା କରାଯାଇଥିଲା। ୪୮ଟି ଦେଶ ଏକାଠି ହୋଇ ସଂଯୁକ୍ତ ରାଷ୍ଟ୍ରର ସାଧାରଣ ସଭାରେ ଏହି ଦିନକୁ ପାଳନ କରିଥିଲେ। ସେହିପରି ୧୯୯୩ରେ ମାନବ ଅଧିକାର ସଂଜ୍ଞା ସହ ମାନବ ଅଧିକାର ସୁରକ୍ଷା ଆଇନ ଭାରତ ସଂସଦରେ ପ୍ରଣୀତ ହୋଇଥିଲା। ସେହି ବର୍ଷ ଜାତୀୟ ସ୍ତରରେ ମାନବ ଅଧିକାର ଆୟୋଗ ଗଠନ କରାଯାଇଥିଲା।

ବର୍ତ୍ତମାନ ସମୟରେ ଶିକ୍ଷାଗତ ଅଧିକାର, ସୂଚନା ଅଧିକାର ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାର ଅଧିକାର ଆଦି ପ୍ରକାଶ କରୁଥିବା ଶବ୍ଦଗୁଡ଼ିକ ବାରମ୍ବାର ବ୍ୟବହାର କରାଯାଉଥିବା ଦେଖାଯାଉଛି। ଦୁନିଆରେ ସବୁ ଲୋକଙ୍କର ସମାନ ଅଧିକାର ରହିଥାଏ। ଜାତି, ଧର୍ମ, ବର୍ଣ୍ଣ ଓ ନିର୍ବିଶେଷରେ ସମସ୍ତେ ସମାନ। କୌଣସି କ୍ଷେତ୍ରରେ ଭେଦଭାବ କରାଯାଇପାରିବ ନାହିଁ, ଏଥିପାଇଁ ଅଧିକାରର ନିର୍ମାଣ କରାଯାଇଛି। ଯେକୌଣସି ପରିସ୍ଥିତିରେ ମଧ୍ୟ କାହା ଅଧିକାରରୁ ଛଡ଼ାଇ ନିଆଯାଇପାରିବ ନାହିଁ। ଏହାସହ କୌଣସି ସରକାର କିମ୍ବା ସଂସ୍ଥା କାହା ସହ ଭେଦଭାବ କରିପାରିବେ ନାହିଁ। ମାନବ ଅଧିକାରର ଅର୍ଥ ହେଉଛି ସମସ୍ତଙ୍କୁ ସବୁ ଅଧିକାର ଦେବା, ଯାହା ବ୍ୟକ୍ତିର ଜୀବନ, ସ୍ୱତନ୍ତ୍ରତା, ସମ୍ମାନ ଓ ପ୍ରତିଷ୍ଠା ସହ ଜଡ଼ିତ। ଏହି ସମସ୍ତ ଅଧିକାର ଭାରତୀୟ ସମ୍ବିଧାନର ତୃତୀୟ ଭାଗରେ ମୌଳିକ ଅଧିକାର ନାଁରେ ରହିଛି ଏବଂ ଏହି ଅଧିକାରର ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କୁ କୋର୍ଟ ଦ୍ୱାରା ଦଣ୍ଡ ଦିଆଯାଇଥାଏ।

୧୬୮୯ରେ 'ବିଲ୍ ଅଫ୍ ରାଇଟସ' ନାମରେ ବ୍ରିଟିଶ ସମ୍ବିଧାନରେ ନାଗରିକଙ୍କ ମୌଳିକ ଅଧିକାରକୁ ସାମିଲ କରାଯାଇଥିଲା। ଯୁକ୍ତରାଷ୍ଟ୍ର ଆମେରିକାର ୧୭୯୧ ମସିହା ଡିସେମ୍ବର ୧୫ରେ ଦଶମ ସମ୍ବିଧାନ ସଂଶୋଧନରେ ଆମେରିକାବାସୀଙ୍କ ମୌଳିକ ଅଧିକାରକୁ 'ବିଲ୍ ଅଫ୍ ରାଇଟ୍‌ସ'ରେ ଘୋଷଣା କରାଯାଇଥିଲା। ଚାଇନା ସମ୍ବିଧାନର ୧୯୮୨ରେ ଦ୍ୱିତୀୟ ପରିଚ୍ଛେଦରେ ମୌଳିକ ଅଧିକାରକୁ ନାଗରିକଙ୍କ ସୁରକ୍ଷା ନିମନ୍ତେ ସଂଯୋଗ କରାଯାଇଥିଲା। ସେହିଭଳି ସୁଇଜରଲାଣ୍ଡ ସମ୍ବିଧାନର ଧାରା ୪୧ ଦ୍ୱିତୀୟ ପରିଚ୍ଛେଦରେ ନିଜ ଅଧିବାସୀଙ୍କ ପାଇଁ 'ସୁଇସ୍ ବିଲ୍ ଅଫ୍ ରାଇଟସ' ନାମରେ ସର୍ବସାଧାରଣଙ୍କ ଲାଗି ସାର୍ବଜନୀନ କରାଯାଇଛି। ଏଠି ମାନବ ଅଧିକାର ନାଁରେ ମାନବିକତାର ହତ୍ୟା ହେବାରେ ଲାଗିଛି। ପୁରାଣ ବର୍ଣ୍ଣିତ ରାମାୟଣ ଓ ମହାଭାରତ କଳଙ୍କିତ ଚରିତ୍ରଠାରୁ ଆରମ୍ଭ କରି ରାଜା ମହାରାଜା କିମ୍ବା ମୋଗଲ ସମ୍ରାଟଙ୍କ ନିର୍ଯାତନାର ସମସ୍ତ ରେଖାକୁ ଟପି ଯାଇଥିଲେ। ଏବେ ମଧ୍ୟ ଜଗତୀକରଣ ଯୁଗରେ ଭାରତର ନାରୀ ନିର୍ଯାତନା, ଶିଶୁ ନିର୍ଯାତନା, ସାମାଜିକ ନିର୍ଯାତନା ଓ ଅଣରାଷ୍ଟ୍ର ବ୍ୟକ୍ତି ଦ୍ୱାରା ନିର୍ଯାତନା ସମୟାନୁକ୍ରମେ ବଢ଼ିବାରେ ଲାଗିଛି। ସମାଜରେ ଚତୁର ବଡ଼ପଣ୍ଡାମାନେ ମାନବ ଅଧିକାରର ଗୁରୁତ୍ୱ ସମ୍ପର୍କରେ ଗଳା ଫଟାଇ ଚିତ୍କାର କରୁଥିଲା ବେଳେ ପାଖ ଚା' ଦୋକାନରେ ୧୪ ବର୍ଷରୁ କମ୍ ବୟସର ଶିଶୁକୁ କୁହନ୍ତି 'ଏ ଛୋଟୁ ଟିକେ ଚା ଆଣେ ତ'; ନାରୀମାନଙ୍କ ଭୂମିକାକୁ ପ୍ରଶଂସା କରୁଥିଲା ବେଳେ ବିଳମ୍ବିତ ରାତିରେ ମଦ୍ୟପାନ କରି ମହିଳାମାନଙ୍କୁ ଅସଦାଚରଣ କରିବାକୁ ପଛାଇ ନ ଥା'ନ୍ତି। ମୋ ସ୍ୱପ୍ନର ଭାରତ ସମ୍ପର୍କରେ ଭାଷଣ ଦେଉଥିବା ବ୍ୟକ୍ତିର ବୃଦ୍ଧ ମାତାପିତା ଜରାଶ୍ରମରେ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, କୋରାପୁଟ**
**ମୋ: ୯୪୩୭୯୫୫୫୬୮**

# ପ୍ରୋଟୋକଲ୍ ଓ ସୁରକ୍ଷା ବ୍ୟବସ୍ଥା



ଡ. ମୌସୁମୀ ପରିଡ଼ା

ପ୍ରୋଟୋକଲ୍ ନିୟମଭିତ୍ତିକ ଗୋଟେ ପ୍ରକାରର ଆଚାରସଂହିତା ବା ସୁରକ୍ଷା-ସମ୍ପର୍କିତ ସତର୍କତା। ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ପ୍ରମୁଖଙ୍କ ସୁରକ୍ଷା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନଙ୍କ ଯାତାୟାତ ପୂର୍ବରୁ ପ୍ରୋଟୋକଲ୍ ଅନୁଯାୟୀ କାର୍ଯ୍ୟ ସମ୍ପନ୍ନ ହୁଏ ଓ ସେ ସମ୍ପର୍କିତ ଦସ୍ତାବିଜକୁ ବିଶେଷ ଭାବେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। କୌଣସି ସ୍ଥାନକୁ ପରିଦର୍ଶନରେ ଯିବା ପୂର୍ବରୁ ସୁରକ୍ଷାଭିତ୍ତିକ ଚିଠାମାନ ପ୍ରସ୍ତୁତ କରି ବ୍ୟବସ୍ଥାନୁସାରେ କାର୍ଯ୍ୟ ନିର୍ବାହ ପାଇଁ ଗୃହବିଭାଗରୁ ନିର୍ଦ୍ଦେଶ ରହିଥାଏ।

କେଉଁମାନେ ସେମାନଙ୍କ ସହିତ ଯିବେ ଓ ରହିବେ, କେଉଁ ପ୍ରକାରର ଜିନିଷମାନ ସେମାନଙ୍କ ସହ ଯିବ ସେସବୁର ତାଲିକା ସହିତ କେଉଁଠାରେ କେତେସମୟ ରହଣି, କିପ୍ରକାରର ଖାଦ୍ୟପେୟ ଗ୍ରହଣ, କେଉଁମାନଙ୍କ ସହିତ ସାକ୍ଷାତ ଆଲୋଚନା ସବୁଗୁଡ଼ିକର ଟିକିନିଖି ବିବରଣୀ ନିର୍ଦ୍ଦିଷ୍ଟ ବିଭାଗର ଅଫିସରମାନେ ପୂର୍ବରୁ ସ୍ଥିର କରିସାରିଥାନ୍ତି। ଗନ୍ତବ୍ୟ ସ୍ଥଳୀରୁ ଆରମ୍ଭ କରି ନିର୍ଦ୍ଦିଷ୍ଟ କାର୍ଯ୍ୟସ୍ଥଳୀ ପର୍ଯ୍ୟନ୍ତ ବୃତାନ୍ତ ପର୍ଯ୍ୟାୟର ରୂପରେଖ ଅନୁଯାୟୀ ଆବଶ୍ୟକୀୟ ତାଲିମ୍ ପ୍ରଦାନ କରାଯାଇଥାଏ। କେଉଁ ସମୟରେ କେଉଁ ଅଫିସରମାନେ ରହିବେ, କେତେ ଦୂରତାରେ ରହିବେ, କେଉଁମାନେ ବ୍ୟବସ୍ଥାଗୁଡ଼ିକୁ ଯାଞ୍ଚ କରି ଅନୁମତି ଦେବେ ଆଦି ବହୁବିଧିୟ, ବହୁଆକୀୟ ସୁରକ୍ଷା ବ୍ୟବସ୍ଥାକୁ ଧାରାବାହିକ ଭାବେ ଯଥାଯଥ ପାଳନ କରିବାକୁ ନିର୍ଦ୍ଦେଶ ରହିଥାଏ। ଯିବାଠାରୁ ଆସିବାପର୍ଯ୍ୟନ୍ତ କଡ଼ା ବ୍ୟବସ୍ଥା। ସେ ସମୟରେ ଅତୀତରେ ନିର୍ଦ୍ଦିଷ୍ଟ ରାସ୍ତାରେ ଯିବାବେଳେ ଜନସାଧାରଣଙ୍କୁ ଅଟକ ରଖାଯାଉଥିଲା, ଏବେ ଅତୀତର ଚିତ୍ରପଟରେ ସାମାନ୍ୟ ପରିବର୍ତ୍ତନ ଆସିଛି। ତେବେ ବି କିଛି ପ୍ରକ୍ରିୟା ଏବେ ବି ମନରେ ପ୍ରଶ୍ନ ସୃଷ୍ଟି କରୁଛି।

ତାସକେଣ୍ଟଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ରହସ୍ୟାବୃତ ମୃତ୍ୟୁ ଏଭଳି ସୁରକ୍ଷା ବ୍ୟବସ୍ଥାର କଡ଼ାକଡ଼ି ପାଳନକୁ ସମର୍ଥନ କରେ। ଦେଶର ମୁଖ୍ୟମାନଙ୍କ ସୁରକ୍ଷା ନିମନ୍ତେ ଏସବୁ ବିଧିବିଧାନ ପ୍ରସଂଗ। କିନ୍ତୁ ଏହି ଆଳରେ କିଛି ସମ୍ବେଦନଶୀଳ ଘଟଣା ଘଟିଆସୁଛି, ଯାହା ଭିନ୍ନ ମାନସିକତାର ପରିତୁଷ୍ଟି ନିମନ୍ତେ ନା ଭାରତୀୟ ଆଦର୍ଶର ପରିପନ୍ଥୀ, ତର୍କର ବିଷୟବସ୍ତୁ।

ପଶୁପକ୍ଷୀମାନଙ୍କୁ ହତ୍ୟା କରୁଥିବା ମଣିଷଟି ଦଣ୍ଡିତ ହେବା ଉଚିତ କିନ୍ତୁ କୌଣସି ଅପରାଧରେ ଜଡ଼ିତ ନ ଥିବା ମଣିଷଟିର ସୁରକ୍ଷା ପାଇଁ ଆଇନ ଥାଏ କି, ଏ ଏକ ପ୍ରଶ୍ନ ସେହି ବ୍ୟବସ୍ଥାକୁ ଯାହାପାଇଁ ସ୍ଥାନ କାଳ ପାତ୍ର ଓ ଦଣ୍ଡବିଧାନର ନିୟମ ଆଖିପିଛୁଳାକେ ବଦଳୁଥାଏ। ଯେକୌଣସି ଆର୍ଥିକ କ୍ଷତିପୂରଣ କ'ଣ ନିର୍ଦ୍ଦିଷ୍ଟ ମଣିଷ ବା ସମ୍ପର୍କର ପରିପୂରକ? ଆତଙ୍କବାଦୀ ସପକ୍ଷରେ ଆମ କୋର୍ଟରେ ତର୍କ ହୁଏ, ହତ୍ୟାକାରୀକୁ ଦଣ୍ଡବିଧାନରୁ ରକ୍ଷା କରିବାର କୌଶଳମାନ ରଚାଯାଏ କାରଣ ପ୍ରତ୍ୟେକ ମଣିଷର ବଞ୍ଚିବାର ସମାନ ଅଧିକାର ରହିଛି। ସେଥିପାଇଁ ବ୍ୟବସ୍ଥା ଭିତରେ କିଛି ସମ୍ବେଦନଶୀଳ ଘଟଣା ବାରମ୍ବାର ଘଟିଆସୁଥିଲେ ମଧ୍ୟ



କୌଣସି ବିକଳ୍ପ ବିଷୟରେ ଆମ ଅଫିସରମାନେ ଚିନ୍ତା କରିନାହାନ୍ତି, ଆଶ୍ଚର୍ଯ୍ୟର ବିଷୟ!

ଗସ୍ତ ସମୟରେ ଜନସାଧାରଣଙ୍କୁ ଆପାତକାଳୀନ ସେବା ଯୋଗାଇଦେବାକୁ ସଂପୃକ୍ତ ବିଭାଗମାନ ଛକାଛକିରେ ରହନ୍ତି। ଦେଶମୁଖ୍ୟଙ୍କ ଗସ୍ତ ବାହାନାରେ ଅନେକ ବିଭାଗ ହାତବାନ୍ଧି ବସିରହନ୍ତି। ଉତ୍ତର କ'ଣ ନା- ଅଧିକାରୀ ଅମୁକ ମିଟିଂରେ, ସମୁକ ଗସ୍ତସ୍ଥଳୀ ଭିଜିଟ୍‌ରେ। ଗସ୍ତ ସରୁ ଦେଖାଯିବ। ଏସବୁ ସରୁ ସରୁ ସପ୍ତାହେ ଚାଲିଯାଏ। କାହାର ପାଟି ଖୋଲିବାର ଜୁ ନାହିଁ! ସପ୍ତାହବ୍ୟାପୀ ବିଭିନ୍ନ ଅଫିସରଙ୍କ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ବାରମ୍ବାର ଗସ୍ତ, ଏକାଧିକବାର ମିଟିଙ୍ଗ, ଆଲୋଚନା, ପର୍ଯ୍ୟାଲୋଚନା ଯୋଗୁ ଜନସାଧାରଣଙ୍କ ସମସ୍ୟାଗୁଡ଼ିକ ଫାଇଲ୍ ତଳେ ଗଦା ହୁଏ। ଅନେକ ସମୟରେ ଆମ୍ବୁଲାନ୍ସରେ ଯାଉଥିବା ଡାକ୍ତର, ନର୍ସ, ଫାର୍ମାସିଷ୍ଟଙ୍କ ସଂଖ୍ୟା ସେହିଦିନର ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥାନଠାରୁ ଅଧିକ ଥାଏ। ସେହିପରି ଥାନା ଓ ସେକ୍ରେଟାରିଏଟ୍‌ର ଅବସ୍ଥା।

ସବୁ ବିଧିବିଧାନ ନିୟମକାନୁନ୍‌କୁ କଡ଼ାକଡ଼ି ପାଳୁଥିବା ଅଧିକାରୀମାନେ ଖାଦ୍ୟର ମାନ ଓ ଶୁଦ୍ଧତା ପରଖିବାକୁ ଲୋକଙ୍କୁ ନିୟୋଜିତ କରିଥାନ୍ତି। ଏଭଳି ସମ୍ବେଦନଶୀଳ ଦାୟିତ୍ୱରେ ଥାଆନ୍ତି ଡାକ୍ତର। ଖାଦ୍ୟ ସୁରକ୍ଷା ଯାଞ୍ଚ କରୁଥିବା ଅଧିକାରୀ ଖାଦ୍ୟର ମାନ ପରୀକ୍ଷଣ ପାଇଁ ଲାବରେଟୋରିର ସାହାଯ୍ୟ ନେଉଥିବାବେଳେ ଡାକ୍ତରଙ୍କୁ ସିଧାସଳଖ ସେହିଠାରେ ଖାଦ୍ୟ ଚାଖି ରିପୋର୍ଟ ଦେବାକୁ ବାଧ୍ୟ କରାଯାଏ। ଅବଶ୍ୟ ଏହା ନିରାପତ୍ତାର ବିଷୟ। କିନ୍ତୁ ଅତ୍ୟାଧୁନିକ ଲାବରେଟୋରି ସହାୟତାରେ ଅବିଳମ୍ବେ ଏହି କାର୍ଯ୍ୟଟି ସୁଚାରୁ ରୂପେ ସଂପାଦିତ ହୋଇପାରନ୍ତା।

ଏକ ଖବର ଅନୁଯାୟୀ ନାଗପୁରଠାରେ ସମାନ ଘଟଣାରେ ନିୟୋଜିତ ହୋଇଥିବା ଡାକ୍ତରମାନେ ଏହାକୁ ଉପନିବେଶୀୟ ଚିନ୍ତାଧାରା କହି ଏହା କେତେଦୂର ଯୁକ୍ତିସଂଗତ ବୋଲି ପ୍ରଶ୍ନ କରିଥିଲେ! ଇଂରେଜ ଅମଳରୁ ପ୍ରଚଳିତ ଖାଦ୍ୟରେ ବିଷ ଦେବା ପରି କୁତ୍ସିତ ପ୍ରଥା ଓ ମାନସିକତା ଆଜିଯାଏଁ ଆମଦେଶରେ କାହିଁକି ଚାଲିଆସୁଛି ବୋଲି ଜନୈକ ପ୍ରଫେସର ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ- ଯେଉଁ କାର୍ଯ୍ୟକୁ ଅତ୍ୟାଧୁନିକ ପରୀକ୍ଷଣ ମାଧ୍ୟମରେ ସହଜରେ ସଂପାଦନ କରାଯାଇପାରନ୍ତା ସେଥିପାଇଁ ଖାଦ୍ୟ ନିରୀକ୍ଷକଙ୍କୁ ଛାଡ଼ି ଡାକ୍ତରଙ୍କୁ କାହିଁକି ସାମିଲ୍ କରାଯାଇଆସୁଛି ବୋଲି ବ୍ୟବସ୍ଥାକୁ ପ୍ରଶ୍ନ କରିଥିଲେ! ଡାକ୍ତରମାନଙ୍କ ସାମାଜିକ ମୂଲ୍ୟ ବା ଜୀବନ କ'ଣ ପଶୁମାନଙ୍କଠାରୁ ବି ହୀନ? ସତରେ ଯଦି ଡାକ୍ତରଜଣକ ବିଷାକ୍ତ ଖାଦ୍ୟ ଖାଇ ମୃତ୍ୟୁମୁଖରେ ପଡନ୍ତି, ତେବେ ଉତ୍ତରଦାୟୀ କିଏ ରହିବେ?

ପ୍ରକାଶ ଥାଉ କି ଭାରତୀୟ ପିଙ୍ଗଳ କୋଡ୍ ଧାରା ୪୨୮ ଓ ୪୨୯ ଅନୁଯାୟୀ କୌଣସି ପଶୁଙ୍କୁ ହତ୍ୟା କରିବା, ବିଷ ଦେବା କିମ୍ବା ସେମାନଙ୍କ ଶାରୀରିକ କ୍ଷତି କରିବା ଆଇନତଃ ଦଣ୍ଡନୀୟ ଅପରାଧ। ଏଥିପାଇଁ ଜରିମାନା, ଜେଲଦଣ୍ଡ କିମ୍ବା ଉଭୟ ହୋଇପାରେ। ଅଥଚ ଇଂରେଜମାନଙ୍କ ସମୟରୁ ପ୍ରୋଟୋକଲ୍ ନାଁରେ ସମ୍ବେଦନହୀନ ଘଟଣାର ପୁନରାବୃତ୍ତି ହୋଇଆସୁଛି ଅଥଚ ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଅନେକ ପ୍ରତିବାଦ କରିବାର ସାହସ ଜୁଟାଇ ପାରୁନାହାନ୍ତି! ଏହା କ'ଣ ଉପନିବେଶୀୟ ଚିନ୍ତାଧାରା? ନିକଟ ଅତୀତରେ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ଉଦାହରଣ ସୃଷ୍ଟି କରିଥିବା ଆମ ସରକାର ଯଥାର୍ଥ ବିକଳ୍ପ ସହିତ ଏଭଳି ଅଣପାରମ୍ପରିକ ଓ ଅଣଭାରତୀୟ ମାନସିକତାକୁ ଉଚ୍ଛେଦ କରିବାକୁ ଆଶା ରଖିବା।

ମୋ:୯୪୩୭୩୧୭୦୨୬

## ଏଇ ଭାରତରେ

୫୦୦ ବର୍ଗଫୁଟର ଅଗଣାରେ ପରିବା ଚାଷ କରି ମାସକୁ ୫,୦୦୦ ଟଙ୍କା ସଞ୍ଚୟ କରିପାରୁଛନ୍ତି କେରଳର ପଦ୍ମା ସୁରେଶ । ସେ ଏହି ଚାଷରେ ପରିବାରର ଆବଶ୍ୟକତା ପୂରଣ କରିବା ସହ ବଳକା ପରିବା ବଜାରରେ ବିକ୍ରି କରୁଛନ୍ତି । ପଦ୍ମାଙ୍କ ବୟସ ଏବେ ୪୮। ସେ ସ୍କୁଲରେ ପଢ଼ିବା ସମୟରେ ତାଙ୍କ ପିତାଙ୍କ ସହ ବହୁ ସମୟ କୃଷିକାର୍ଯ୍ୟରେ କଟାଉଥିଲେ। କୃଷି ପ୍ରତି ପଦ୍ମାଙ୍କ ଆଗ୍ରହ ସେହି ସମୟରୁ ସୃଷ୍ଟି ହୋଇଥିଲା ଓ ବିବାହ ପରେ ସେ ଅଗଣାରେ ଗ୍ରୋ-ବ୍ୟାଗରେ ଚାଷ କରୁଛନ୍ତି। ୨୦୦ ଗ୍ରୋ-ବ୍ୟାଗରେ ସେ ଲଙ୍କା, ଚେରି ଟମାଟୋ, ବିନ୍ସ, କାକୁଡ଼ି, ବାଇଗଣ, ଭେଣ୍ଡି ଓ ଶୀତଦିନେ କୋବି ଆଦି ୨୦ ପ୍ରକାର ପରିବା ଚାଷ କରୁଛନ୍ତି। ଏହି ଚାଷ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ହେଉଛି। ପଦ୍ମା ପରିବାର ପାଇଁ କେବଳ ଆଳୁ , ରସୁଣ, ପିଆଜ , ହଳଦୀ କିଣୁଛନ୍ତି। ସେ ପ୍ରତି ରବିବାର ପରିବା ବିକ୍ରି କରି ପାଖାପାଖି ୧୦୦୦ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି। ଏହି ଚାଷ ପାଇଁ ଜୈବିକ ଖତ ଓ କୀଟନାଶକ କରାଯାଉଛି ଓ ଏସବୁକୁ ପଦ୍ମା ନିଜେ ପ୍ରସ୍ତୁତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଡିସେମ୍ବର ୧୯୭୫

- ଓଡ଼ିଶା ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଭିତ୍ତିରେ ଗୋଦାବରୀ ଜଳବିବାଦ ସମସ୍ୟାର ଏକ ସନ୍ତୋଷଜନକ ସମାଧାନ ହୋଇଛି।
- ଭାରତ ସରକାର ସମ୍ବାଦପତ୍ରଗୁଡ଼ିକରେ ଆପତ୍ତିଜନକ ସମ୍ବାଦ ପ୍ରକାଶକୁ ଦୃଢ଼ ଭାବେ ବନ୍ଦ କରିବା, ପାର୍ଲାମେଣ୍ଟ ବିବରଣୀ ଆଇନ ପ୍ରତ୍ୟାହାର କରିନେବା ଏବଂ ପ୍ରେସ କାଉନସିଲ ଆଇନକୁ ଉଠାଇଦେବା ତଥା ପ୍ରେସ କାଉନ୍‌ସିଲକୁ ଭାଙ୍ଗିଦିଆଯିବା ସଂକ୍ରାନ୍ତରେ ୩ଟି ନୂଆ ଅର୍ଡିନାନ୍ସ ଜାରୀ କରିଛନ୍ତି।

## ଚିରନ୍ତନୀ

କର ପରକାଶ ଜୀବନେ ତୋର
ସହଜ ଆଶା
ଶଇଶବ କାଳୁଁ ଶିଖିଚୁ ଯେଉଁ
ସହଜ ଭାଷା।
-(ପ୍ରାଚୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସମସ୍ୟାର ଅନ୍ୟ ନାମ 'ଆଳୁ'

ମହାଶୟ,

ଆଳୁ ରପ୍ତାନି ଉପରେ ପଶ୍ଚିମବଙ୍ଗରେ ପୁଣି ଅଙ୍କୁଶ ଶୀଷକ ଏବଂ ସୀମାନ୍ତରୁ ଫେରିଲା ଶତାଧିକ ଟ୍ରକ୍ ଉପଶୀର୍ଷକରେ ଧରିତ୍ରୀରେ ସ୍ଥାନିତ ରିପୋର୍ଟ ପଢ଼ି ମର୍ମାହତ ହେଲି। ଓଡ଼ିଶା ଖାଉଟିଙ୍କ ପାଇଁ ବଜାରକୁ ଆବଶ୍ୟକ ପରିମାଣର ଆଳୁ ଯୋଗାଣ ନୂତନ କ୍ଷମତାସୀନ ଭାଜପା ସରକାର ପାଇଁ ଯେପରି ମୁଣ୍ଡବ୍ୟଥାର କାରଣ ସାଜିଛି। ଏହି ଆଳୁ ଅଭାବର ସମାଧାନରେ ସରକାରୀ ନିଷ୍ପତ୍ତି କାହିଁକି ଅସମର୍ଥ ହେଉଛି ତାହା ବୁଝିହେଉନାହିଁ। ନଦୀପଠାରେ ଆଳୁଚାଷ, ୟୁପିରୁ ଆଳୁ ଯୋଗାଣ,ମମତାଙ୍କ ସହ ଆଲୋଚନା ଓ ପ୍ରେସ୍‌ବାଲାଙ୍କ ପଶ୍ଚିମବଙ୍ଗ ମନ୍ତ୍ରୀଙ୍କ ସହ କଥୋପକଥନର ଫଳାଫଳ ଏକ ବିଗ୍ ଜିରୋ ବା ବୃହତ୍ ଆଳୁ ସଦୃଶ ନୁହେଁ କି ?

-ଡି.ପି. ତ୍ରିପାଠୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଗଞ୍ଜାମ ଜିଲାର ଗୋପାଳପୁରରୁ ସାତପଡ଼ାକୁ ଚିଲିକା ହ୍ରଦ ଉପର ଦେଇ ୨ ଥାକିଆ ରାଜପଥ (ଏନ୍ଏଚ୍-୫୧୬ଏ) ନିର୍ମାଣ ହେବ। ଏନେଇ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ)ର ଆଲଚ୍‌ମେଣ୍ଟ ଆପ୍ରୁଭାଲ କମିଟି (ଏଏସି) ଅନୁମତି ଦେଇଛି। ଏଥିପାଇଁ ପରିବେଶ ମଞ୍ଜୁରୀ ଜରୁରୀ ଥିବାବେଳେ ଆବଶ୍ୟକ ସର୍ଭେ ନିମନ୍ତେ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ ଉତ୍ତରପ୍ରଦେଶ ଗାଜିଆବାଦର ଚୈତନ୍ୟ ପ୍ରୋଜେକ୍ଟସ୍ କନ୍‌ସଲ୍‌ଟାନ୍ସିକୁ ଚିଠି ଲେଖିଛନ୍ତି। ଚିଲିକା ଉପରେ କୌଣସି ନିର୍ମାଣ ଜୈବ ବିବିଧତା ପ୍ରତି ଗୁରୁତର ସଙ୍କଟ ସୃଷ୍ଟି କରିବ ବୋଲି ପରିବେଶପ୍ରେମୀ ମତଦେଇ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରାୟ ଦୁଇ ଦଶନ୍ଧି ହେଲା ଓଡ଼ିଶା ଜଳବାୟୁ ପରିବର୍ତ୍ତନଜନିତ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିଆସୁଛି। ଏଭଳି ସ୍ଥଳେ ଉପରୋକ୍ତ ରାଜପଥ ନିର୍ମାଣ କେବଳ ଚିଲିକା ଇକୋସିଷ୍ଟମକୁ ଧ୍ୱଂସ କରିବ ନାହିଁ, ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ସମେତ ରାଜ୍ୟର ପରିବେଶଗତ ସନ୍ତୁଳନକୁ ବିଗାଡ଼ି ଦେବ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

– ରିପୋର୍ଟ: ବନ୍ଦନା ସେଠୀ



# ଚିଲିକା ଉପରେ ରାଜପଥ ନିର୍ମାଣ
# ବିପତ୍ତିକୁ ଆମନ୍ତ୍ରଣ



ଚିଲିକା କେବଳ ଏକ ହ୍ରଦ ନୁହେଁ, ଏହା ଭାରତର ପ୍ରଥମ ରାମ୍‌ସାର୍ ସାଇଟ୍। ଜଳଜ ପକ୍ଷୀଙ୍କ ଅନୁକୂଳ ଆବାସ ନିମନ୍ତେ ଚିହ୍ନଟ ଆର୍ଦ୍ରଭୂମିକୁ ରାମ୍‌ସାର୍ ସାଇଟ୍ ମାନ୍ୟତା ମିଳିଥାଏ। ୧୯୮୧ରେ ଚିଲିକାକୁ ଏହି ମାନ୍ୟତା ମିଳିଥିଲା। ତେଣୁ ଜୈବ ବିବିଧତା କ୍ଷେତ୍ରରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଓଡ଼ିଶା ଜଳବାୟୁ ପରିବର୍ତ୍ତନ ଜନିତ ବିପଦ ଦେଇ ଗତି କରୁଥିବାବେଳେ, ଚିଲିକାର ଜୈବ ବିବିଧତାକୁ ବଳି ପକାଇ ସାମୁଦ୍ରିକ ପରିସଂସ୍ଥା ଉପରେ ଚାପ ସୃଷ୍ଟି କରିବା ଭବିଷ୍ୟତ ପାଇଁ ଅତ୍ୟନ୍ତ ଭୟାବହ ହେବ। ଏହି ହାଇୱେ କେବଳ ଲାଗୁନ୍ ଇକୋସିଷ୍ଟମ୍‌କୁ ବିଗାଡ଼ିବ ନାହିଁ, ବରଂ ଚିଲିକା ଉପରେ ନିର୍ଭର କରୁଥିବା ସ୍ଥାନୀୟ ଲୋକ, ଇରାୱାଡି ଡଲ୍‌ଫିନ୍, ବିଦେଶୀ ପକ୍ଷୀ ଆଦି ସମସ୍ତଙ୍କ ପାଇଁ କ୍ଷତିକାରକ ହେବ। ବ୍ରିଜ୍ ହେବାପରେ ଯେତିକି ଶବ୍ଦ, ବାୟୁ, ଆଲୋକ ପ୍ରଦୂଷଣ ସହ ଚାପ ସୃଷ୍ଟି ହେବ, ତାହା ଚିଲିକାର ସନ୍ତୁଳନକୁ ବିଗାଡ଼ିଦେବ। ଏନ୍ଏଚ୍ କିଛି ଲୋକଙ୍କ ପାଇଁ ସହାୟକ ହୋଇପାରେ। ମାତ୍ର ଏହା ଚିଲିକା, ଓଡ଼ିଶା ତଥା ଆମ ଦେଶ ପାଇଁ ବିରାଟ କ୍ଷତି ସୃଷ୍ଟି କରିବ। ସାମୁଦ୍ରିକ ସନ୍ତୁଳନ ରକ୍ଷା କରିବାରେ ଚିଲିକା ହ୍ରଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଚିଲିକାର ସନ୍ତୁଳନ ରକ୍ଷା ହୋଇ ନ ପାରିଲେ ସବୁ ଜଳମଗ୍ନ ହୋଇଯିବ।

– **ସୌମ୍ୟରଞ୍ଜନ ବିଶ୍ୱାଳ, ପ୍ରତିଷ୍ଠାତା, ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ**



ଏବେ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଥିବାବେଳେ, ଲାଗୁନ୍ ଇକୋସିଷ୍ଟମ୍ ଉଭୟ ଜଳ ଓ ସ୍ଥଳଭାଗରୁ ଚାପର ସମ୍ମୁଖୀନ ହେଉଛି। ବିଭିନ୍ନ ଭାବରେ ମାନବୀୟ କାର୍ଯ୍ୟକଳାପର ଚାପ ଚିଲିକା ପରିସଂସ୍ଥା ଉପରେ ବୃଦ୍ଧିପାଉଛି। ଚିଲିକା ଉପରେ ସ୍ଥାନୀୟ ଲୋକଙ୍କର ନିର୍ଭରଶୀଳତା ବିଶେଷକରି ମତ୍ସ୍ୟ ସମ୍ପଦ ଉପରେ ଦିନକୁ ଦିନ ବଢ଼ି ଚାଲିଛି। ଅନିୟନ୍ତ୍ରିତ ଭାବେ ସେଠାରେ ଡଙ୍ଗା ଚାଲୁଛି। ଏଥିସହ ସ୍ଥଳଭାଗରୁ ବହୁ ପରିମାଣର ପଟୁ ମାଟି ଚିଲିକା ହ୍ରଦରେ ପ୍ରବେଶ କରୁଛି। ଏସବୁ ମିଶି ଚିଲିକାର ସମସ୍ୟା ବଢ଼ାଉଥିବାବେଳେ, ଏହା ମଧ୍ୟଦେଇ ହାଇୱେ ଗଲେ ଚାପ ବୃଦ୍ଧି ପାଇବ। ହାଇୱେରେ ଗାଡ଼ି ଚାଲିବା ଦ୍ୱାରା ଶବ୍ଦ ଏବଂ ବାୟୁ ପ୍ରଦୂଷଣ ହେବ, ଯାହାକି ବିଶେଷଭାବେ ମତ୍ସ୍ୟ ସମ୍ପଦ ଓ ଶୀତଋତୁରେ ଆସୁଥିବା ବିଦେଶୀ ପକ୍ଷୀମାନଙ୍କୁ ପ୍ରଭାବିତ କରିବ। ସେହିପରି ଯେକୌଣସି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପୂର୍ବରୁ ପରିବେଶ ପ୍ରଭାବ ଆକଳନ କରାଯିବା ଦରକାର। ଏହାଦ୍ୱାରା ହ୍ରଦର ପ୍ରାକୃତିକ ପରିସଂସ୍ଥା ଉପରେ ତଥା ଏହାର ଜୈବ ବିବିଧତା ଉପରେ କ'ଣ ନକାରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି ତାହା ଜଣାପଡ଼ିବ। ମାତ୍ର ଏହି ହାଇୱେ ନିର୍ମାଣ ପାଇଁ କୌଣସି ଅନୁମୋଦନ ମିଳିନାହିଁ। ତେଣୁ ବିନା ଅନୁମୋଦନରେ ଏତେବଡ଼ ପ୍ରକଳ୍ପ କରିବା ଭବିଷ୍ୟତ ପାଇଁ ବିପଦ ସୃଷ୍ଟି କରିବ।

– **ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍**



ଚିଲିକାର ବର୍ତ୍ତମାନର ସ୍ଥିତି ଦେଖିଲେ ଦୁଃଖ ଲାଗୁଛି। ଯଦି ଏଠାରେ ଏନ୍ଏଚ୍ ନିର୍ମାଣ ହେବ, ତେବେ ସ୍ଥିତି ଆହୁରି ବିକଟ ହୋଇପଡ଼ିବ। ଚିଲିକାରେ ଥିବା ଇରାୱାଡି ଡଲ୍‌ଫିନ୍‌ଙ୍କଠାରୁ ଆରମ୍ଭ କରି ଏଠାକୁ ଆସୁଥିବା ବିଦେଶୀ ପକ୍ଷୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ଏହାର ଖରାପ ପ୍ରଭାବ ପଡ଼ିବ। ଗାଡ଼ିମୋଟର ଶବ୍ଦରେ ଚିଲିକାରେ ଥିବା ଜୀବମାନେ ଆତଙ୍କିତ ହେବେ। ସେହିପରି ଚିଲିକାର ଇକୋସିଷ୍ଟମ୍ ପୂରା ବିଗିଡ଼ିଯିବ। ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ମଧ୍ୟ ପ୍ରଭାବିତ ହେବ। ତେଣୁ ବିକାଶ ନାମରେ ବିନାଶ ନ କରି ସରକାର ଏହି ପ୍ରୋଜେକ୍ଟରୁ ନିଶ୍ଚିତ ପକ୍ଷେ ଓହରିବା ଦରକାର। ସେହିପରି ଏହି ପ୍ରୋଜେକ୍ଟ ହେବା ପୂର୍ବରୁ ପ୍ରଥମେ ଜନଶୁଣାଣି କରି ଲୋକଙ୍କ ମତାମତ ନିଆଯିବା ଆବଶ୍ୟକ। ଏନ୍ଏଚ୍ କଲେ ଗମନାଗମନର ସୁବିଧା ହେବ। ଏହାଦ୍ୱାରା କିଛିଲୋକ, କେତେକ ଅଞ୍ଚଳ ପାଇଁ ସୁବିଧା ହେବ। ମାତ୍ର ଜୈବବିବିଧତା ଆମ ସମସ୍ତଙ୍କର ତଥା ପୃଥିବୀ ପାଇଁ ଆବଶ୍ୟକ। ତେଣୁ ସମଗ୍ର ପୃଥିବୀର ସୁରକ୍ଷା ଆମର ପ୍ରାଥମିକତା ହେବା ଦରକାର। ଏ ସମସ୍ତ ଦିଗକୁ ଧ୍ୟାନରେ ରଖି ସରକାର ଏହି ପ୍ରୋଜେକ୍ଟକୁ ରଦ୍ଦ କରିବା ଆବଶ୍ୟକ।

– **ସାଗର କୁମାର ପାତ୍ର, ସଭାପତି, ଆଞ୍ଚଳିକ ବିକାଶ ପରିଷଦ**



ଚିଲିକା ଏକ ୟୁନିକ୍ ସୋସିଆଲ୍ ଇକୋଲୋଜିକାଲ୍ ସିଷ୍ଟମ। ଏଠାରେ ୨୬୦ ପ୍ରଜାତିର ମାଛଙ୍କ ସମେତ ୨୩୦ ପ୍ରଜାତିର ପକ୍ଷୀ, ଲୁପ୍ତପ୍ରାୟ ଇରାୱାଡି ଡଲ୍‌ଫିନ୍ ସହିତ ଜୈବ ବିବିଧତାରେ ଏହା ସମୃଦ୍ଧ। ଏହା ଜଳୀୟ ଜୀବମାନଙ୍କର ପ୍ରଜନନସ୍ଥଳ ଅଟେ। ଏଥିସହିତ ଚିଲିକା ଏବଂ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୧୩୨ଟି ଗାଁର ଲୋକମାନେ ଏଠାରୁ ମାଛଧରି ଜୀବିକା ତୁଲାଉଥିବାବେଳେ, ପ୍ରାୟ ୨୭୩ଟି ଗ୍ରାମର ଲୋକେ ସାମାଜିକ ଓ ଆର୍ଥିକସ୍ତରରେ ଏହା ଉପରେ ନିର୍ଭରଶୀଳ। ତେଣୁ ଗୋପାଳପୁରରୁ ସାତପଡ଼ା ମଧ୍ୟରେ ରାଜପଥ ପାଇଁ ଚିଲିକା ମଧ୍ୟରେ ବ୍ରିଜ୍ ନିର୍ମାଣ ହେବାଦ୍ୱାରା ତାହାର ପ୍ରଭାବ ଏ ସମସ୍ତଙ୍କ ଉପରେ ପଡ଼ିବ। ଲୋକମାନେ ଜୀବିକା ହରାଇବାର ଆଶଙ୍କା ରହିଛି। ତେଣୁ ସରକାର ଏନ୍ଏଚ୍ ନିର୍ମାଣ କରିବା ପୂର୍ବରୁ ଏ ସମସ୍ତ ଦିଗ ଉପରେ ଧ୍ୟାନ ଦେବା ସହିତ ଚିଲିକାର ଜୈବ ବିବିଧତା ଉପରେ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ବିଶେଷକରି ସ୍ଥାନୀୟଲୋକ ଯଥା ମାଛଧରାଳୀ, ଟୁର୍ ଅପରେଟର, ବୋଟ୍ ଚାଳକମାନଙ୍କ ସହିତ ମଧ୍ୟ ଆଲୋଚନା କରାଯିବା ଆବଶ୍ୟକ।

– **ଶିଶିର ପ୍ରଧାନ, ଗ୍ଲୋବାଲ କ୍ଲାଇମେଟ୍ ଚେଞ୍ଜ ଆଡ୍‌ଭାଇଜର୍, ଟର୍ନିଂ ଟାଇଡ୍**



ପରିବେଶର ସୁରକ୍ଷା ସହିତ ଆମକୁ ବିକାଶ ଆବଶ୍ୟକ। ତେଣୁ ପରିବେଶ ସୁରକ୍ଷା ଏବଂ ବିକାଶ ମଧ୍ୟରେ ସନ୍ତୁଳନ ରକ୍ଷା କରି ଚାଲିବାକୁ ପଡ଼ିବ। ଗୋପାଳପୁରରୁ ଜହ୍ନିକୁଦା ହୋଇ ସାତପଡ଼ାକୁ ଏନ୍ଏଚ୍ ଯିବ ଏବଂ ଚିଲିକା ମଧ୍ୟରେ ବ୍ରିଜ୍ ତିଆରି ହେବ। ଏହାଦ୍ୱାରା ସ୍ଥାନୀୟ ଅଧିବାସୀଙ୍କ ଜୀବିକାକୁ ନିହାତି ଭାବେ ପ୍ରଭାବିତ କରିବ। ସେହିପରି ବ୍ରିଜ୍ ନିର୍ମାଣ ସମୟରେ ସେଠାକାର ଜୀବମାନେ କିଛି ମାତ୍ରାରେ ପ୍ରଭାବିତ ହେଲେ ହେଁ ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ଏହା ଉପାଦେୟ ହେବ। ଏହାଦ୍ୱାରା ଚିଲିକାର ଜୈବ ବିବିଧତା ଉପରେ କୌଣସି ପ୍ରଭାବ ପଡ଼ିବ ବୋଲି ଲାଗୁନାହିଁ। ମୋଟର ବୋଟ୍ ଚାଲିବା ଦ୍ୱାରା ଏହାର ଶବ୍ଦରେ ଚିଲିକାର ଜୀବଜନ୍ତୁଙ୍କ ସହିତ ବିଶେଷଭାବେ ଇରାୱାଡି ଡଲ୍‌ଫିନ୍‌ଙ୍କ ଉପରେ ପ୍ରଭାବ ପଡୁଛି। ତେଣୁ ଏନ୍ଏଚ୍ ନିର୍ମାଣ ପରେ ଲୋକମାନେ ବିପଦପୂର୍ଣ୍ଣ ଭାବେ ମୋଟର ବୋଟ୍‌ରେ ଯିବେ ନାହିଁ। ଏଥିରେ ବ୍ୟବହୃତ ହେଉଥିବା ତୈଳ ଜନିତ ପ୍ରଦୂଷଣ କମିବ। ରାସ୍ତା ହିଁ ବିକାଶର ମାପଦଣ୍ଡ। ତେଣୁ ବ୍ରିଜ୍ ହେଲେ ଲୋକଙ୍କର ଅର୍ଥନୈତିକ, ସାମାଜିକ କ୍ଷେତ୍ରରେ ବିକାଶ ହେବ। ଏଥିସହ ଚିଲିକାରେ ବ୍ରିଜ୍ ନିର୍ମାଣ ହେବା ପୂର୍ବରୁ ଏବଂ ପରେ ଏହାର ଇକୋ ସିଷ୍ଟମ୍‌ରେ କ'ଣ ପରିବର୍ତ୍ତନ ହୋଇଛି, ଚିଲିକା ଜଳର ଗୁଣବତ୍ତା, ଜୈବ ବିବିଧତା ଏବଂ ଲୋକଙ୍କ ଜୀବନଧାରଣର ମାନରେ କ'ଣ ପରିବର୍ତ୍ତନ ହୋଇଛି ଏହା ଉପରେ ଏକ ବିଶେଷ ଅନୁଶୀଳନ କରି ବିଧିବଦ୍ଧ ଭାବେ ସରକାର ଏବଂ ପରିବେଶବିତ୍‌ଙ୍କ ପାଖରେ ଉପସ୍ଥାପନ କରିବା ଦରକାର।

– ଡ. ଦେବାଶିଷ ମହାପାତ୍ର, ସାମୁଦ୍ରିକ ଜୀବ ବିଜ୍ଞାନୀ



ଚିଲିକା ମଧ୍ୟରେ ବ୍ରିଜ୍ ନିର୍ମାଣ ହେବାଦ୍ୱାରା ସେଠାରେ ଶବ୍ଦ ପ୍ରଦୂଷଣ ହେବା ସହିତ ବାୟୁ, ଆଲୋକ ପ୍ରଦୂଷଣ ହେବ; ଯାହାକି ସେଠାକୁ ଆସୁଥିବା ପକ୍ଷୀ ଏବଂ ଜୀବଜଗତ ଉପରେ କୁପ୍ରଭାବ ପଡ଼ିବ। ଏନ୍ଏଚ୍ ହେବା ପରେ ଆଉ ବିଦେଶୀ ପକ୍ଷୀ ଆସିବେ ନାହିଁ। ଏଥିସହ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହେବ। ବ୍ରିଜ୍ ଉପରେ ଠିଆହୋଇ ଲୋକମାନେ ଡଲ୍‌ଫିନ୍ ଦେଖିପାରିବେ, ତେଣୁ ବୋଟ୍ ନେବାକୁ ପସନ୍ଦ କରିବେ ନାହିଁ। ଫଳରେ ବୋଟିଂ ଉପରେ ନିର୍ଭର କରୁଥିବା ଲୋକମାନେ ଜୀବିକା ହରାଇବେ। ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରିବ। ତେଣୁ ଏଭଳି ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରୀ ମିଳିବା ଉଚିତ୍ ନୁହେଁ। ଅପରପକ୍ଷେ ସ୍ଥାନୀୟ ଅଧିବାସୀମାନେ ଏତେ ସଚେତନ ନୁହେଁ। ସେମାନେ ଏହାଦ୍ୱାରା ଭବିଷ୍ୟତରେ ହେବାକୁ ଥିବା ଭୟାବହତାକୁ ଜାଣିପାରିବେ ନାହିଁ। ତେଣୁ ପରିବେଶ ଉପରେ କାମ କରୁଥିବା ବିଶେଷଜ୍ଞମାନଙ୍କୁ ନେଇ ଶୁଣାଣି କରାଯିବା ଆବଶ୍ୟକ। ଏହାପରେ କୌଣସି ପଦକ୍ଷେପ ନିଆଯାଉ।

– **ଆକାଶ ରଞ୍ଜନ ରଥ, ପୂର୍ବତନ ଅନରାରୀ ୱାଇଲ୍ଡଲାଇଫ୍ ୱାର୍ଡେନ, ପୁରୀ**




# ଧାନକିଣାରେ ଅବ୍ୟବସ୍ଥା, ରାସ୍ତାରେ ଚାଷୀ

## ମିଲରଙ୍କୁ ଧକ୍କାମାରି ତଡ଼ିଦେଲେ, ଅଧିକାରୀଙ୍କୁ ୪ ଘଣ୍ଟା ଖରାରେ ବସାଇ ୩ କି.ମି. ଚଲାଇଲେ

ନୂଆପଡ଼ା,୯।୧୨ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ଧାନକିଣାରେ ଅବ୍ୟବସ୍ଥାକୁ ନେଇ ସୋମବାର ପୃଥକ୍ ୩ ସ୍ଥାନରେ ଚାଷୀ ରାସ୍ତାକୁ ଓହ୍ଲାଇଥିଲେ। ନୂଆପଡ଼ା ସଦର ବ୍ଲକ୍‌ର ସୁନସୁନିଆ, ଦର୍ଲିମୁଣ୍ଡା ଓ ଗୋଡ଼ଫୁଲା ଛକଠାରେ ବିଜୁ ଏକ୍ସପ୍ରେସ୍ ୱେକୁ ଚାଷୀମାନେ ଅବରୋଧ କରିଥିଲେ। ସେହିପରି ଖରିଆର ରୋଡ୍ ଅଞ୍ଚଳର ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉକରି ଧାରଣାରେ ବସିଥିଲେ। ଗୋଡ଼ଫୁଲାଠାରେ ଚାଲିଥିବା ଆନ୍ଦୋଳନ ସମାଧାନ କରିବାକୁ ଯାଇଥିବା ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇଙ୍କୁ ଧାରଣାକାରୀ ୪ ଘଣ୍ଟା ଖରାରେ ବସାଇବା ସହ ୩ କି.ମି. ଚଲାଇ ନୂଆପଡ଼ା ପର୍ଯ୍ୟନ୍ତ ଆଣିଥିଲେ। ଏଠାରେ ରାସ୍ତା ଅବରୋଧ ସମୟରେ ଖରିଆର ରୋଡ୍ ମିଲ୍‌ର ୨ ଜଣେ ମିଲର ସମାଧାନ କରିବା ପାଇଁ ଆସିଥିବାବେଳେ ଚାଷୀମାନେ ତାଙ୍କୁ ଧକ୍କାମାରି ତଡ଼ିଦେଇଥିଲେ। ୪ଘଣ୍ଟା ଧାରଣାରେ ବସିବା ପରେ ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ ଓ ଡିଆର୍‌ସିଏସ୍ ଶିବପ୍ରସାଦ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନାକରି ୨୪ ଘଣ୍ଟା ଭିତରେ ସମସ୍ତ ଚାଷୀଙ୍କ ଧାନ କ୍ରୟ କରାଯିବ। କୌଣସି ଚାଷୀଙ୍କ ଟୋକନ୍ ଲାପ୍ସ ହେବା ପାଇଁ ଦିଆଯିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନାକ୍ରମେ ପୂର୍ବରୁ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ଖରିଫରେ ଜିଲାରେ ୭୭ ମଣ୍ଡି ଖୋଲାଯିବ। ପ୍ୟାକ୍ସ, ଆର୍‌ଏମ୍‌ସି, ଏଆର୍‌ସିଏସ୍ ଓ ଜିଲା ଯୋଗାଣ ବିଭାଗ ଧାନ କ୍ରୟ କରିବ। ଏଥିରେ କୌଣସି ଅବ୍ୟବସ୍ଥା ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖୋଦ ଜିଲାପାଳ କହିଥିଲେ। ହେଲେ ଗତ ୨୨ତାରିଖରେ ମଣ୍ଡି ଖୋଲି ଆଜକୁ ୧୮ ଦିନ ବିତିଯାଇଥିଲେ ମଧ୍ୟ ଜିଲାରେ ୫୬ ମଣ୍ଡି ଖୋଲିନାହିଁ। ୪୬ ହଜାର ୩୪୬ ଚାଷୀଙ୍କଠାରୁ ୧୭ ଲକ୍ଷ ୮୭ ହଜାର ୬୯୧ କୁଇଣ୍ଟାଲ ଧାନ କିଣିବା ଲକ୍ଷ୍ୟ ଥିବାବେଳେ ମାତ୍ର ୬୩୧ ଚାଷୀଙ୍କ ୨୩ ହଜାର ୬୮୫ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ନୂଆପଡ଼ା ବ୍ଲକ୍‌ରେ ବସ୍ତାଟିଏ ଧାନ କିଣାଯାଇ ନାହିଁ। ଫଳସ୍ୱରୂପ ଏହାର ପ୍ରତିଫଳନ ଦେଖିବାକୁ ମିଳିଥିଲା। ପ୍ରଶାସନଠାରୁ ପ୍ରତିଶ୍ରୁତି ପାଇ ଚାଷୀ ଧାରଣାରୁ ଓହରିଯାଇଥିଲେ ମଧ୍ୟ ୨୪ ଘଣ୍ଟା ମଧ୍ୟରେ ଧାନ କିଣା ନ ଗଲେ ଆନ୍ଦୋଳନ ଭୟାବହ ହେବ ବୋଲି ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ସରୋଜ କୁମାର ସାହୁ, ଭାନୁପ୍ରତାପ ସିଂ ମାଝି, ଭରତଲାଲ ରାଉତ, ପ୍ରସନ୍ନ କୁମାର ପାଢ଼ୀ, ଦିଲୀପ ସାହୁ, ଦିଲୀପ ନିର୍ମଳକର, ପବନ ସାହୁ, ହୋମ ସିଂ ମାଝି, କମଲେଶ ଠାକୁର, ଦେବୀ ପ୍ରସାଦ ମିଶ୍ର, ଚକଲୁ ପଣ୍ଡା, ହେମ କୁମାର ସାହୁ, ବିମଳ ସାହୁଙ୍କ ସମେତ ଶତାଧିକ ଚାଷୀ ସାମିଲ ଥିଲେ।



ଅଧିକାରୀଙ୍କୁ ଚଲାଇ ଆଣୁଛନ୍ତି ଚାଷୀ।

# ସହରାଞ୍ଚଳରେ ସ୍ୱାସ୍ଥ୍ୟ ନିରାପତ୍ତାକୁ ଗୁରୁତ୍ୱ

ଭୁବନେଶ୍ୱର, ୯।୧୨ (ବନ୍ଦନା ସେଠୀ)

ଆଇଇସି/ବିସିସି ଗତିଶୀଳତା ନେଇ ଅର୍ବାନ ମେଟ୍ରୋପଲିଟାନ ସର୍ଭିଲାନ୍ସ ୟୁନିଟ୍ କନ୍‌ଫରେନ୍ସ ହଲ୍‌ରେ ସୋମବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସହରାଞ୍ଚଳରେ ସହରାଞ୍ଚଳରେ ସ୍ୱାସ୍ଥ୍ୟ ନିରପତ୍ତାକୁ ଗୁରୁତ୍ୱ ଦିଆଯାଇ ବିଶେଷକରି ଜଳବାହିତ ରୋଗ, ବାହାକଜନିତ ରୋଗ, ସୁରକ୍ଷିତ ଖାଦ୍ୟ ଓ ସୁସ୍ଥ ଜୀବନଶୈଳୀ ଉପରେ ଆଲୋଚନା କରାଯାଇଥିଲା। ନିଜେ ସୁସ୍ଥ ରହିବା ସହ ଆଖପାଖ ପରିବେଶକୁ ସ୍ୱଚ୍ଛ ରଖିବା, ବାହାରେ ଖୋଲା ରହିଥିବା ଖାଦ୍ୟ ନ ଖାଇବା, ଠିକ୍ ସମୟରେ ଖାଦ୍ୟ ଖାଇବା ଭଳି ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ତଥା ୟୁଏମ୍‌ଏସ୍‌ୟୁ ନୋଡାଲ ଅଫିସର, କନ୍‌ସଲଣ୍ଟାଣ୍ଟ ଏନ୍‌ୟୁଏଚ୍‌ଏମ୍, ଡିପିଏଚ୍‌ଓ, ଏଡିପିଏଚ୍‌ଓ ଡିସି ଖୋର୍ଦ୍ଧା, ଏଡିୟୁଏଚ୍, ଏଡି ଏମ୍‌ଏଚ୍, ଜେଡି ଆଇଡିଏସ୍‌ପି, ସିନିୟର କନ୍‌ସଲଣ୍ଟାଣ୍ଟ ଏନ୍‌ୟୁଏଚ୍‌ଏମ୍, ନୋଡାଲ ଅଫିସର ସ୍ନେକ ବାଇଟ୍ ଆଣ୍ଡ ଏନ୍‌ଆର୍‌ସିପି, ଅତିରିକ୍ତ ନିର୍ଦ୍ଦେଶକ ଏନ୍‌ସିଡି, ସିପିଏମ୍ ଭୁବନେଶ୍ୱର, ମେଣ୍ଟାଲ ହେଲ୍‌ଥ କନ୍‌ସଲଣ୍ଟାଣ୍ଟ ପ୍ରମୁଖ ଅଧିକାରୀ ଯୋଗଦେଇଥିଲେ।




ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସହ ଅନ୍ୟମାନେ।

# ଜନଶୁଣାଣି ପୂର୍ବରୁ ଡଗରା ପୋଲିସ ଛାଉଣି

ବାଲିଆପାଳ, ୯।୧୨ (ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ଚଉମୁଖଠାରେ ସୁବର୍ଣ୍ଣରେଖା ବନ୍ଦର ପାଇଁ ଟାଟା କମ୍ପାନୀ ଦୁଇଥର ଜନଶୁଣାଣି କରିବାରେ ବିଫଳ ହେବା ପରେ ତୃତୀୟଥର ଆସନ୍ତା ଡିସେମ୍ବର ୧୭ତାରିଖରେ ପୁଣି ଜନଶୁଣାଣି ହେବାର ସ୍ଥିର ହୋଇଛି। ଏହି ଜନଶୁଣାଣି ପାଇଁ ସୋମବାରଠାରୁ ଡଗରା ବଡ଼ଗୁମୁଟି ଛକ ନିକଟରେ ପୋଲିସ ଛାଉଣୀ ହୋଇଥିବା ଜଣାଯାଇଛି।

ଚଉମୁଖଠାରେ ବନ୍ଦର ହେବାକୁ ନେଇ ଦକ୍ଷିଣ ବାଲିଆପାଳର ଚଉମୁଖ, ଡଗରା, ବେତଗଡ଼ିଆ, ଅଳାଡିହା, ନୂଆଗାଁ ଓ ଜମ୍ବୀରାଇ ଆଦି ସମୁଦ୍ରକୂଳିଆ ପଞ୍ଚାୟତର ହଜାର ହଜାର ଗ୍ରାମବାସୀ ଭିଟାମାଟି ସୁରକ୍ଷା କମିଟିର ଆହ୍ୱାନକ୍ରମେ ଆନ୍ଦୋଳନରେ ଦୀର୍ଘ ୧୪ବର୍ଷ ଧରି ଆନ୍ଦୋଳନ ଜାରି ରଖିବା ଫଳରେ ଟାଟା କମ୍ପାନୀ ଓ ସରକାର ଯେତେ ଚେଷ୍ଟା କରି ମଧ୍ୟ କାର୍ଯ୍ୟ ଆଗେଇ ପାରିନାହିଁ। ଦୁଇ ମାସ ଭିତରେ ଦୁଇ ଥର ଜନଶୁଣାଣି ତାରିଖ ଘୋଷଣା ହୋଇ ବିଫଳ ହେବା ପରେ ପୁଣି ଆସନ୍ତା ୧୭ତାରିଖରେ ଜନଶୁଣାଣି ପାଇଁ ସିଦ୍ଧାନ୍ତ ହୋଇଛି। ଜନଶୁଣାଣିକୁ ଆଉ ୮ ଦିନ ବାକି ଥିବା ପୂର୍ବରୁ ଡଗରାରେ ପୋଲିସ୍ ଛାଉଣୀ ହୋଇଛି। ଏହାକୁ ନେଇ ଲୋକଙ୍କ ମନ ଭିତରେ ବିଭିନ୍ନ ଶଙ୍କା ଦେଖାଦେଇଛି।

# ଅଦିନିଆ ବର୍ଷା ଚାଷୀଙ୍କ କାଳ

ଭବାନୀପାଟଣା,୯।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ରବିବାର ରାତିରେ ଅଦିନିଆ ବର୍ଷା ହୋଇଛି। ବିଶେଷ କରି ଜିଲାର ଧର୍ମଗଡ଼ ଉପଖଣ୍ଡରେ ଥିବା ଧର୍ମଗଡ଼, ଜୁନାଗଡ଼, କୋକସରା, ଗୋଲାମୁଣ୍ଡା, ଜୟପାଟଣା ବ୍ଲକ ଅଞ୍ଚଳରେ ଜୋରରେ ବର୍ଷା ହୋଇଥିଲା। ଏହା ସ୍ଥାନୀୟ ଚାଷୀଙ୍କ ପାଇଁ ଏବେ କାଳ ହୋଇଛି।

ବର୍ତ୍ତମାନ ଖରିଫ ଧାନ ଅମଳ ସମୟ। ଚାଷୀମାନେ ଧାନ କାଟି ନିଜ ଖଳାରେ ଗଦା କରି ରଖିଥିବା ବେଳେ ବର୍ଷା ପାଣିରେ ଧାନ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଏହା ସହ ବହୁ ଚାଷୀ ଧାନ କାଟି ବିଲରେ ରଖିଛନ୍ତି। ବିଲରେ ମଧ୍ୟ ପାଣି ଜମିରହି ଧାନ ନଷ୍ଟ ହେବାରେ ଲାଗିଛି। ଚାଷୀମାନେ ନିଜ ବିଲରେ ପାଣିକୁ ଡ୍ରେନେଜ କରିବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ତାହା ମୁସ୍କିଲ ହୋଇପଡୁଛି। ଫଳରେ ଚାଷୀ ମୁଣ୍ଡ ରେ ଏବେ ଚଡକ ପଡ଼ିଛି। ପୂର୍ବରୁ ଧାନ କାଟିବା ପାଇଁ ଚାଷୀମାନେ ଜମିରୁ ପାଣି କାଟି ଶୁଖା କରିଥିବା ବେଳେ ବର୍ତ୍ତମାନ ଏହି ବର୍ଷା ଯୋଗୁ ପାଣି ଜମିବା ସହ ଧାନଗଛ ତଳେ ପଡିଯାଇଛି। ଏପରି କି ପାଣି ନ କମିଲେ ଧାନ କାଟିବା କଷ୍ଟକର ହେବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। କଳାହାଣ୍ଡି ଜିଲାରେ ଗତ ନଭେମ୍ବର ୨୯ରେ ଖରିଫ ମଣ୍ଡି ଖୋଲିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଫଳରେ ଧାନ ବିକ୍ରି ପାଇଁ ମଣ୍ଡିକୁ ଯାଇପାରୁ ନାହାନ୍ତି ଚାଷୀ। ଧାନକୁ ଖଳାରେ ଗଦାଇ ଶୀତକାକରରେ ଜଗିରହୁଛନ୍ତି। ଏପରି ସମୟରେ ଅଦିନିଆ ବର୍ଷା ଚାଷୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରି ଦେଇଛି। ବର୍ତ୍ତମାନ ସୁଦ୍ଧା ୬୨ ଜଣ ଚାଷୀଙ୍କ ୩୨ ଶହ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ଏବେ ମଣ୍ଡିକୁ ଧାନ ଧୀରେ ଧୀରେ ଆସୁଛି। ଚାଷୀ ମାନଙ୍କ ମଧ୍ୟରେ ଏଫ୍ଏକ୍ୟୁ ଧାନକୁ ନେଇ କିଛିଟା ଦ୍ୱନ୍ଦ୍ୱ ରହିଛି। ଏପରିସ୍ଥଳେ ବର୍ଷା ଯୋଗୁ ମଧ୍ୟ ମଣ୍ଡି କାର୍ଯ୍ୟ ପ୍ରଭାବିତ ହେଉଛି। ଖୁବ୍‌ଶୀଘ୍ର ମଣ୍ଡିଗୁଡିକ କାର୍ଯ୍ୟକ୍ଷମ ହେବ ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ ପ୍ରକାଶ କରିଛନ୍ତି।


ବର୍ଷା ଯୋଗୁ ଖଳାରେ ଥିବା ଧାନ ଭିଜିଯାଇଛି।

**୬୨ ଚାଷୀଙ୍କ ୩୨ ଶହ କୁଇଣ୍ଟାଲ ଧାନ ଉଠିଛି**

## ସଂକ୍ଷେପରେ

### ଗୋଲାମୁଣ୍ଡାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ଗୋଲାମୁଣ୍ଡା, ୯।୧୨(ବଟକୃଷ୍ଣ ପଣ୍ଡା):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସଭାଗୃହରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୯୯ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୧୫ଗୋଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିବା ଗୋଲାମୁଣ୍ଡା ବିଡିଓ ଶ୍ରୀଧର ପଣ୍ଡା ସୂଚନା ଦେଇଛନ୍ତି। ଶିବିରରେ କଳାହାଣ୍ଡି ଜିଲାପାଳ ସଚିନ ପାୱାର, ସିଡିଓ ଦୟାମୟ ପାଢ଼ୀ, ଧର୍ମଗଡ଼ ଉପଜିଲାପାଳ ଧିମାନ ଚକମା, ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ତହସିଲଦାର ଚନ୍ଦନ ନାୟକଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ।

### ଖଡ଼ିଆଳ ସାମ୍ବାଦିକ ପରିଷଦ ଗଠନ

**ଖଡ଼ିଆଳ,୯।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳଠାରେ ସାମ୍ବାଦିକ ପରିଷଦ ଗଠନ କରାଯାଇଛି। ପରେ ଖବରଦାତା ତପନ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ୍‌ରେ କାର୍ଯ୍ୟରତ ସମସ୍ତ ଖବରଦାତା କିପରି ସୁବିଧା ସୁଯୋଗ ପାଇପାରିବେ ସେ ନେଇ ଆଲୋଚନା ହୋଇଥିଲା। ଏଥିରେ ଖବରଦାତା ମୋତିଲାଲ ବାଗ, ବିମଲ ସିଂ ଦଳପତି, ପରମେଶ୍ୱର ବାରିକ, ଦେବାନନ୍ଦ ତାଣ୍ଡି, ଯୁଗଳ କିଶୋର ମହାନନ୍ଦ ମଞ୍ଚାସୀନ ଥିବାବେଳେ ଖବରଦାତା ରୁଦ୍ରରାଜ ବାଗ ମଞ୍ଚ ପରିଚାଳନା କରିଥିଲେ। ବୈଠକରେ ବ୍ଲକର ୨୫ ଜଣ ଖବରଦାତା ଯୋଗଦେଇ ନିଜର ମତ ରଖିଥିଲେ।

### ଦନ୍ତ ଚିକିତ୍ସା ଶିବିର



**ଭବାନୀପାଟଣା,୯।୧୨(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କେନ୍ଦୁପଡା ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟରେ ରବିବାର ଦନ୍ତ ଚିକିତ୍ସା ଶିବିର ଆୟୋଜିତ ହେଇଯାଇଛି। ଏସ୍‌ବିଆଇ ଫାଉଣ୍ଡେଶନ, ରାମ୍‌କୀ ଫାଉଣ୍ଡେଶନ ଓ କେନ୍ଦୁପଡା ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟର ମିଳିତ ସହଯୋଗରେ ଏହା ହୋଇଥିଲା। ବିଦ୍ୟାଳୟ ଅଧକ୍ଷା ଅର୍ଚ୍ଚନା ଅଗ୍ରୱାଲଙ୍କ ଅଧକ୍ଷତାରେ ତଥା କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦନ୍ତ ବିଶେଷଜ୍ଞ ଆଶିଷ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୩୦୦ ଆବାସିକ ଛାତ୍ରୀଛାତ୍ରଙ୍କ ଦନ୍ତ ପରୀକ୍ଷା କରାଯାଇ ସଚେତନ କରାଯାଇଥିଲା। ଶିବିରରେ ରାମକି ସଂସ୍ଥାର କଳାହାଣ୍ଡି ପିସି ଭେଷଜ ବିତରକ ଜ୍ୟୋତ୍ସ୍ନା ରାଣୀ ବେହେରା, ନର୍ସିଂ ଅଫିସର ପଙ୍କଜିନି ରଣା, ଏଲ୍‌ଟି, ନିତୁ ନାୟକ, ପାଇଲଟ ନିରଞ୍ଜନ ହାତୀ, ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟର ମୁଖ୍ୟ ସୁଶାନ୍ତ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ଖଡ଼ିଆଳ,୯।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପ୍ରଜ୍ଞାନ ମିଶନ କଟକ ଆନୁକୂଲ୍ୟରେ ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ଜୟକୃଷ୍ଣ ପଣ୍ଡାଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ସଭାପତିତ୍ୱ କରିଥିଲେ। ପ୍ରମୋଦ ରାଉତ, ଜୟଦେବ ବେହେରା, ରାମଚନ୍ଦ୍ର ଦାସ ବିଚାରକ ଥିଲେ। ୫ ବ୍ଲକରୁ ପ୍ରାୟ ୫୦ ଜଣ ପ୍ରତିଯୋଗୀ ୪ ଗ୍ରୁପ୍‌ରେ ଅଂଶ ଗ୍ରହଣ କରିଥିଲେ। ଗ୍ରୁପ୍ ଏ'ରେ ଶୁଭେନ୍ଦୁ ଶେଖର ମେହେର ପ୍ରଥମ, ଅର୍ଣ୍ଣବ ନନ୍ଦନ ଦର୍ଜୀ ଦ୍ୱିତୀୟ, ଶ୍ରୀନିକା ପଣ୍ଡା ତୃତୀୟ, ଗ୍ରୁପ୍ ବି'ରେ ରୋଶ୍ନି ପ୍ରିୟା ଦାସ ପ୍ରଥମ, ଆର୍ଯ୍ୟନ ମିଶ୍ର ଦ୍ୱିତୀୟ, ପ୍ରୀତିନନ୍ଦା ପଧାନ ଓ ଇଚ୍ଛାମୟ ମିଶ୍ର ତୃତୀୟ, ଗ୍ରୁପ୍ ସି'ରେ ଚିନ୍ମୟୀ ମେହେର ପ୍ରଥମ, ଶ୍ରୀୟାସ୍ମିତା ସାହୁ ଦ୍ୱିତୀୟ, ଶୁଭମ କାଣ୍ଡ ତୃତୀୟ, ଗ୍ରୁପ ଡି'ରେ ପ୍ରଜ୍ଞା ପାରମିତା ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏମାନେ ଆସନ୍ତା ୨୬ ଓ ୨୭ରେ ପୁରୀଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଯୁବ ଉତ୍ସବ



ଯୁବ ଉତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ଭବାନୀପାଟଣା,୯।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସଭାଗୃହଠାରେ ଜିଲାସ୍ତରୀୟ ଯୁବ ଉତ୍ସବ ପାଳିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଥିବା କଳାହାଣ୍ଡି ନେହେରୁ ଯୁବକେନ୍ଦ୍ର ଓ ମାଇଁ ଭାରତ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଜିଲା ଯୁବ ସଂଯୋଜକ ପ୍ରସନ୍ନ ମେହେରଙ୍କ ଅଧକ୍ଷତାରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ବିଶିଷ୍ଟ ଅତିଥି, ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ପୀତାମ୍ବର ଭୋଇ ସମ୍ମାନିତ ଅତିଥି ଓ ମେଜର ଡ. ଜୟଦେବ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ୭-ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୩ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ୫ଶହରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ସମାବେଶରେ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସିଆର୍‌ପିଏଫ୍ ୬୪ ବାଟାଲିୟନ କଳାହାଣ୍ଡି ସେକେଣ୍ଡ କମାଣ୍ଡାଣ୍ଟ ପି.କେ. ମିଶ୍ର ଯୋଗଦେଇ ସାଂସ୍କୃତିକ ଦଳକୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡେପୁଟି କମାଣ୍ଡାଣ୍ଟ ସଚିତା ନନ୍ଦ ପାତ୍ର, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢୀ ପ୍ରମୁଖ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ଆର୍ଥିକ ପୁରସ୍କାର ସହ ପ୍ରମାଣପତ୍ର ଦିଆଯାଇଥିଲା। ବିନୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ନେହେରୁ ଯୁବକେନ୍ଦ୍ରର ଲେଖାପାଳ ଦୁତିଆ ବନଛୋର ଧନ୍ୟବାଦ ଦେଇଥିଲେ।

## ଖୁଣ୍ଟିଆରେ ମହିଳା ସଚେତନତା ସଭା

କୋକସରା,୯।୧୨
(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ମହିଳା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମାତା ସାବିତ୍ରୀ ବାଈ ମହିଳା ସଂଗଠନ କଳାହାଣ୍ଡି ପକ୍ଷରୁ ଅନୁଷ୍ଠିତ ସଭାରେ ଜିଲା ସଂଯୋଜିକା ରମଣୀ ଦୁରିଆ ମାତା ସାବିତ୍ରୀ ବାଈ ଫୁଲେଙ୍କ ଉଦ୍ୟମରେ ବର୍ତ୍ତମାନ ସମସ୍ତ ମହିଳା ଶିକ୍ଷା ଅଧିକାର ପାଇଥିବା କହିଥିଲେ। ଏହାସହ ଆସନ୍ତା ଜାନୁଆରୀ ୩ରେ ଜୁନାଗଡ଼ ବ୍ଲକରେ ହେବାକୁ ଥିବା ଜିଲାସ୍ତରୀୟ ମାତା ସାବିତ୍ରୀ ବାଈ ଫୁଲେଙ୍କ ଜୟନ୍ତୀକୁ ମହାସମାରୋହରେ ପାଳନ କରିବା ସହ ସମସ୍ତ ମହିଳା ସାମିଲ ହେବାକୁ ଅନୁରୋଧ କରିଥିଲେ। ପରେ ମହିଳାମାନଙ୍କ ଉପରେ ହେଉଥିବା ଘରୋଇ ହିଂସା, ଲିଙ୍ଗଭିତ୍ତିକ ଭେଦଭାବ, ମହିଳା ନିର୍ଯାତନା ଓ ତା'ର ନିରାକରଣ ଉପରେ ଜିଲା ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ମହିଳା ସହାୟତା କେନ୍ଦ୍ରର ଆଇନ ପରାମର୍ଶଦାତା କର୍ମୀ ଏସ୍ ସୁଜାତା ସଚେତନ କରିଥିଲେ।



ସଭାରେ ଯୋଗଦେଇଥିବା ମହିଳାମାନେ।

## ଜିଲା ବଧିର ସଂଘର କର୍ମକର୍ତ୍ତା ଚୟନ

**ଭବାନୀପାଟଣା,୯।୧୨ (ଉତ୍ତମ କୁମାର ଦାଶ)** କଳାହାଣ୍ଡି ଜିଲା ବଧିର ସଂଘର ବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ନିର୍ବାଚନ ରବିବାର ଭବାନୀପାଟଣା ଅମରଜ୍ୟୋତି କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ଆସନ୍ତା ୪ବର୍ଷ ଲାଗି (୨୦୨୪-୨୦୨୮) ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ଚୟନ ହୋଇଥିଲା। ନୂତନ ସଭାପତି ଭାବେ ଶୋଭନ କୁମାର ରଥ ନିର୍ବାଚିତ ହୋଇଥିଲେ। ସେହିପରି ଉପସଭାପତି ରାଜେଶ ଅଗ୍ରୱାଲ, ମୁରଲୀ ମୋହନ ବାଗ, ସାଧାରଣ ସମ୍ପାଦକ ଲିପେଶ ବାଗ, କୋଷାଧ୍ୟକ୍ଷ ବଳରାମ ଡାକୁଆ, ସହ ସମ୍ପାଦକ (ସମାଜ) ମନମୋହନ ସାହୁ, ଛବିଲ ଖରସେଲ (କ୍ରୀଡ଼ା) ଓ ରାକ୍ଷୀ ତ୍ରିପାଠୀ (ମହିଳା ସମାଜ) ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ପ୍ରେମଚାନ୍ଦ ନାୟକ (ଜୟପାଟଣା), ହିମାଂଶୁ ବାଗ (ଜୁନାଗଡ଼), ଚକ୍ରଧର ବାଗ (କେସିଙ୍ଗା), ମାରକାନ୍ତ ସାହୁ (ନର୍ଲା), ମାଧବୀ ସାହୁ (ଲାଞ୍ଜିଗଡ଼), ସୁମନ ସାହୁ (ନୂଆପଡ଼ା), ଆଶିଷ ରାଉତ (ଭବାନୀପାଟଣା), ରାକେଶ ସାହୁ (ଧର୍ମଗଡ଼ ଓ କୋକସରା) ଓ ଡେଜି ପ୍ରଧାନ (ଭବାନୀପାଟଣା) ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଅସିତ ମିଶ୍ର ଦାୟିତ୍ୱ ତୁଲାଇଥିଲେ।

## ବାଲି ବୋଝେଇ ହାଇୱା, ପୋକଲିନ ଜବତ

**ନର୍ଲା,୯।୧୨(ସନ୍ତୋଷ ପାତ୍ର):** ନର୍ଲା ବ୍ଲକ ଘୋଡବନ୍ଧ ପଞ୍ଚାୟତର ଧଅରାମାଲ ଗ୍ରାମ ସାନ୍ଦୁଳ ନଦୀରୁ ବେଆଇନ ବାଲି ଉଠାଣ ସମୟରେ ସୋମବାର ପ୍ରତ୍ୟୁଷରେ ଗ୍ରାମବାସୀ ଗୋଟିଏ ହାଇୱା ଓ ପୋକଲିନ ଅଟକ ରଖି ପୋଲିସ ଓ ତହସିଲଦାରଙ୍କୁ ଖବର ଦେଇଥିଲେ। ତହସିଲଦାର ବଳଦେବ ବେହେରା ଓ ନର୍ଲା ଥାନା ଅଧିକାରୀ ମମତା ପାଣିଗ୍ରାହୀ ପହଞ୍ଚି ବାଲି ବୋଝେଇ ହାଇୱା (ଓଡ଼ି୦୮କ୍ୟୁ-୪୫୭୩) ଓ ପୋକଲିନ ଜବତ କରିଥିଲେ। ଚୋରା ବାଲି ବୋଝେଇ ହୋଇଥିବା ହାଇୱାକୁ ନର୍ଲା ତହସିଲଦାର ତଥା ମାଜିଷ୍ଟ୍ରେଟ ବେହେରାଙ୍କ ଉପସ୍ଥିତିରେ ୪୦ ହଜାର ଟଙ୍କା ଜରିମାନା କରାଯାଇଥିବା ତହସିଲ ଅଫିସ ପକ୍ଷରୁ ସୂଚନା ମିଳିଛି।

## ବିନା ସୂଚନା ଫଳକରେ ଚାଲିଛି ଓଏଭି ଛାତ୍ରାବାସ କୋଠା


ନିର୍ମାଣାଧୀନ ଛାତ୍ରାବାସ କୋଠା।

ଥୁଆମୂଳ ରାମପୁର,୯।୧୨ (ଦୁର୍ଗା କୀର୍ତ୍ତି)

**ନିମ୍ନମାନର ସାମଗ୍ରୀ ବ୍ୟବହାର ଅଭିଯୋଗ**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍‌ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଛାତ୍ରାବାସ କୋଠା ନିର୍ମାଣ ଚାଲିଛି। ବିନା ସୂଚନା ଫଳକରେ ଏହି ପ୍ରକଳ୍ପ କାମ ଚାଲିଥିବାବେଳେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିବା ଅଭିଯୋଗ ହୋଇଛି। ଆର୍ ଆଣ୍ଡ ବି ବିଭାଗ ପକ୍ଷରୁ ଶହେ ଶଯ୍ୟା ବିଶିଷ୍ଟ ୩ମହଲା କୋଠା ପାଇଁ ୫କୋଟି ୨୩ଲକ୍ଷ ୫୨ ହଜାର ଟଙ୍କାର ବ୍ୟୟବରାଦ ହୋଇଛି। ଆର୍‌ବିଏସ୍ ନାମକ କମ୍ପାନୀ ଟେଣ୍ଡର ପାଇଥିବାବେଳେ ପେଟି ଠିକାସଂସ୍ଥା ନିର୍ମାଣ କାର୍ଯ୍ୟ କରୁଛି। ହେଲେ ପ୍ରକଳ୍ପ ନିର୍ମାଣ ପୂର୍ବରୁ ସୂଚନା ଫଳକ ଲଗାଇବା ନିୟମ ଥିବାବେଳେ ଏଠାର ଉଲ୍ଲଂଘନ କରାଯାଇଛି। ଫଳରେ ଲୋକେ ପ୍ରକଳ୍ପ ସମ୍ପର୍କରେ ସୂଚନା ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ନିମ୍ନମାନର ସିମେଣ୍ଟ, ରଡ୍ ବ୍ୟବହାର ହେଉଥିବାରୁ କୋଠାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ପିଡବ୍ଲୁଡି ଯନ୍ତ୍ରୀ ମୀନାକେତନ କାର୍ଜିଙ୍କୁ ପଚାରିବାରୁ ଯେଉଁ ସିମେଣ୍ଟ, ରଡ୍ ବ୍ୟବହାର କରିବା କଥା ତାହା କରୁଛୁ। ସୂଚନା ଫଳକ ଲଗାଇବାକୁ ଏଷ୍ଟିମେଟ ଥାଏ, ହେଲେ ଫଣ୍ଡ ନ ଥିବାରୁ ଲଗାଇ ନାହୁଁ, ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା କରିବୁ ବୋଲି କହିଥିଲେ।

## ମଣ୍ଡଳ ମାର୍ବଲ ଏକାଦଶ ଚାମ୍ପିୟନ


ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

କଲମପୁର,୯।୧୨(ଗଣେଶରାମ ବାଗ)

**ଟିଚର୍ସ ପ୍ରିମିୟର ଲିଗ୍ କ୍ରିକେଟ୍ ଉଦ୍‌ଯାପିତ**

କଳାହାଣ୍ଡି ଜିଲା କଲମପୁର ବ୍ଲକ ପ୍ରାଇମେରି ଟିଚର୍ସ ଆସୋସିଏଶନ ଆନୁକୂଲ୍ୟରେ ଟିଚର୍ସ ପ୍ରିମିୟର ଲିଗ୍ କ୍ରିକେଟ୍ ସିଜନ ୧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲମପୁର ମିନି ଷ୍ଟାଡିୟମଠାରେ ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ୬ଟି କ୍ଲଷ୍ଟର ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଫାଇନାଲ ମ୍ୟାଚ୍ ମଣ୍ଡଳ ମାର୍ବଲ ଏକାଦଶ ଓ ବରଗାଁ ହଣ୍ଟର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ମଣ୍ଡଳ ମାର୍ବଲ ଏକାଦଶ ବିଜୟୀ ହୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଉଦ୍‌ଯାପନୀ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ନାଏକ ମୁଖ୍ୟ ଅତିଥି, ତହସିଲଦାର ସ୍ମରଣିକା ତୁଲ ମୁଖ୍ୟବକ୍ତା ଓ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବୀରେନ୍ଦ୍ର ବାଗ, ଏଏସ୍‌ଆଇ ଶେଖର ଜେନା, ଥୁଆମୂଳ ରାମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅଜିତ କୁମାର ନାଏକ, ପ୍ରାଥମିକ ଶିକ୍ଷକ ସଂଘ କୋର୍ କମିଟି ସଭ୍ୟ ତପନ କୁମାର ବେହେରା, ବ୍ଲକ ସଭାପତି ସନାତନ ଭଞ୍ଜ, ସମ୍ପାଦକ ଶୁଭେନ୍ଦୁ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଫାଇନାଲ ଖେଳକୁ ରିଙ୍କୁ ବେହେରା ଓ ସୁଶୀଲ ପଟ୍ଟନାୟକ ପରିଚାଳନା କରିଥିଲେ।

## ପଙ୍ଖାରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

ଖଡ଼ିଆଳ,୯।୧୨(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ତୁକଲା ଗ୍ରାମର ଫୁଣ୍ଡାପଡ଼ାରେ ଘରେ କେହି ନ ଥିବାବେଳେ ଜଣେ ଯୁବକ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗଣେଶ ରଣା (୩୫)। ଏ ନେଇ ଯୁବକଙ୍କ ବଡମା' ନେପୁର ରଣା ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହ ପ୍ରକାଶ କରିଛନ୍ତି।

## ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ


ଅଗ୍ନିଶମ କର୍ମଚାରୀ ମକ୍‌ଡ୍ରିଲ ପ୍ରଦର୍ଶନ କରୁଛନ୍ତି।

କୋକସରା,୯।୧୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଗ୍ନିଶମ ବିଭାଗ ପକ୍ଷରୁ ସୋମବାର ମୋଟେରସ୍ଥିତ ଇଏଲ୍ ମେସି ପବ୍ଲିକ ସ୍କୁଲରେ ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଇଛି। କୋକସରା ଅଗ୍ନିଶମ ବିଭାଗ ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ ବିପର୍ଯ୍ୟୟ ପରିଚାଳନା ମୁକାବିଲା ସମୟରେ କିଭଳି ବିପଦରେ ପଡିଥିବା ଲୋକଙ୍କୁ ଉଦ୍ଧାର କରାଯାଏ, ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଲେ କେମିତି ଆୟତ୍ତ କରାହୁଏ ତାହା ଡେମୋ ଜରିଆରେ ପ୍ରଦର୍ଶନ କରିଥିଲେ। କର୍ମଚାରୀ ମନୋଜ କୁମାର ବିଶ୍ୱାଳ, ରାଧେଶ୍ୟାମ ପ୍ରଧାନୀ, ବାସୁଦେବ ଭୋଇ, ଲଳିତ ପୁଟେଲ ପ୍ରମୁଖ ଡେମୋ ପ୍ରଦର୍ଶନ କରିଥିଲେ। ସ୍କୁଲର ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ପାଚିକା ସହାୟିକା ସଂଘର ବିକ୍ଷୋଭ

**ଜିଲାପାଳଙ୍କୁ ୯ ଦଫା ଦାବିପତ୍ର**

ଭବାନୀପାଟଣା,୯।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ପାଚିକା ସହାୟିକା ମଜଦୁର ସଂଘ ପକ୍ଷରୁ ୯ଦଫା ଦାବି ନେଇ ସୋମବାର ଭବାନୀପାଟଣା ସହରରେ ବିକ୍ଷୋଭ ସମାବେଶ କରାଯାଇଛି। ଏହି ଅବସରରେ ସହରର ଷ୍ଟେଟ୍‌ବୁ ଛକ ନିକଟରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା କରାଯାଇଥିଲା। ପରେ ୯ ଦଫା ଦାବି ନେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏଥିରେ ପାଚିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ମାସିକ ବେତନ ୨୮ହଜାର ଟଙ୍କା ପ୍ରଦାନ, ଅବସର ପରେ ମାସିକ ଭତ୍ତା ୫ହଜାର, ରୋଷେଇ କାର୍ଯ୍ୟରେ ରନ୍ଧନ ଗ୍ୟାସ ଯୋଗାଣ, ପାଚିକାଙ୍କ ଡ୍ରେସ କୋଡ ଲାଗୁ ଆଦି ଦାବି କରାଯାଇଥିଲା। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ସଭାପତି ତପସ୍ୱିନୀ ମହାରଣା ଓ ରାଜ୍ୟ ସଂଘର ପ୍ରଭାରୀ ମୁକ୍ତିକାନ୍ତ ସାହୁଙ୍କ ନେତୃତ୍ୱରେ ହୋଇଥିବା ସମାବେଶରେ ଜିଲାର ୧୩ ବ୍ଲକର ଶତାଧିକ ପାଚିକା ଓ ସହାୟିକା ଯୋଗଦେଇଥିଲେ।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ପାଚିକା ସହାୟିକା ସଂଘର ବିକ୍ଷୋଭ

# ହଟୁନି ଜବରଦଖଲ, ବଢ଼ୁଛି ଟ୍ରାଫିକ୍ ସମସ୍ୟା

■ ଉଚ୍ଚ ନ୍ୟାୟାଳୟର ରାୟ ସତ୍ତ୍ୱେ ହେଉନି ଉଚ୍ଛେଦ
■ ଭାରିଯାନ ପ୍ରବେଶ ପ୍ରତି ଆଖି ବୁଜିଛି ପୋଲିସ
■ ଜନ ପ୍ରତିନିଧିଙ୍କ ନୀରବତାକୁ ନେଇ ଅସନ୍ତୋଷ

ବରଗଡ଼,୯।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରରେ ଟ୍ରାଫିକ୍ ଅବ୍ୟବସ୍ଥା ଦୀର୍ଘବର୍ଷ ଧରି ପ୍ରମୁଖ ସମସ୍ୟା ପାଲଟିଛି। ସହରରେ ରାସ୍ତାପାର୍ଶ୍ୱ ଜବରଦଖଲ ଏହାର ପ୍ରମୁଖ କାରଣ ପାଲଟିଛି। ସେହିପରି ସହର ଭିତରକୁ ଅବାଧରେ ଭାରିଯାନ ଚଳାଚଳ ଏହି ସମସ୍ୟାକୁ ବହୁଗୁଣିତ କରିଛି। ଜବରଦଖଲ ଉଚ୍ଛେଦ ପ୍ରତି ପ୍ରଶାସନ ଆଖିବୁଜି ଦେଇଛି। ଥାନା ତଥା ଏସ୍‌ପି ଅଫିସ ଆଗରେ ଭାରିଯାନ ଚଳାଚଳ କରୁଥିଲେ ମଧ୍ୟ ପୋଲିସ ନୀରବଦର୍ଶକ ସାଜିଛି। ଟ୍ରାଫିକ ସମସ୍ୟା ଯୋଗୁ ସହରରେ ଗୋଟିଏ ପଟେ ଲୋକେ ହଟହଟା ହେଉଥିବାବେଳେ ଅନ୍ୟପଟେ ସେଥିପ୍ରତି ପୋଲିସ ପ୍ରଶାସନର ନୀରବତା ସଭିଁଙ୍କୁ ଚକିତ କରିଛି। ଏଥିପାଇଁ ଜନସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ବରଗଡ଼ ସହରରେ ଟ୍ରାଫିକ୍ ସମସ୍ୟା ନୂଆ ନୁହେଁ। ଏହି ସମସ୍ୟାର ସମାଧାନ ପାଇଁ ଦୀର୍ଘଦିନରୁ ସହରବାସୀ ଦାବି କରିଆସୁଛନ୍ତି। ମାତ୍ର ପୋଲିସ, ପ୍ରଶାସନ ଲୋକ ଦେଖାଣିଆ ଭାବେ ବେଳେବେଳେ ଏଥିପାଇଁ ତତ୍ପର ହେଉଛି। ଟ୍ରାଫିକ୍ ସମସ୍ୟା ଏଡ଼ାଇବା ଆଳରେ


ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜିରା ବ୍ରିଜ୍ ରାସ୍ତା ଦେଇ ଭାରିଯାନ ଯାଉଛି।

ରାସ୍ତାପାର୍ଶ୍ୱ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଉଛି। କିନ୍ତୁ ରାସ୍ତା ଜବରଦଖଲରେ ରହିଥିବା ବଡ଼ବଡ଼ିଆଙ୍କ ଦୋକାନ ଓ ଘରକୁ ହାତ ମାରିବାକୁ ପ୍ରଶାସନ ସାହାସ ଜୁଟାଇ ପାରୁନାହିଁ। ଏପରିକି ସହରବାସୀଙ୍କ ଏଭଳି ଏକ ବଡ଼ ସମସ୍ୟା ପ୍ରତି ସ୍ଥାନୀୟ ଜନ ପ୍ରତିନିଧିମାନେ ମଧ୍ୟ କେଉଁ ସ୍ୱାର୍ଥରେ ନୀରବଦ୍ରଷ୍ଟା ସାଜିଛନ୍ତି, ତାକୁ ନେଇ ସାଧାରଣରେ ନାନା ସନ୍ଦେହ ଉପୁଜିଛି। ସହରର ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜିରା ବ୍ରିଜ୍ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ ଏହାର ଦୃଷ୍ଟାନ୍ତ।

ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜିରା ବ୍ରିଜ ପର୍ଯ୍ୟନ୍ତ ଉଚ୍ଛେଦ ସହରବାସୀଙ୍କ ଦୀର୍ଘବର୍ଷର ଦାବି ଅଟେ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଦାବି ଜୋର୍ ଧରିଥିଲା। ସହରବାସୀଙ୍କ ଦୃଢ଼ ଦାବି ପରେ ସେତେବେଳେ ପ୍ରଶାସନ ଉଚ୍ଛେଦ ଅଭିଯାନରେ ବାହାରିଥିଲା। ମାତ୍ର ଉଚ୍ଛେଦ ମାମଲା ଉଚ୍ଚ ନ୍ୟାୟାଳୟକୁ ଯିବା ପରେ ଏହି ଅଭିଯାନ ଅଧାରେ ଅଟକି ରହିଥିଲା। କିନ୍ତୁ ଉଚ୍ଚ ନ୍ୟାୟାଳୟ ଜବରଦଖଲ ଉଚ୍ଛେଦ ସପକ୍ଷରେ ବାରମ୍ବାର ରାୟ ଦେବା ସତ୍ତ୍ୱେ ଉଚ୍ଛେଦ ଅଭିଯାନ ଆଗେଇନାହିଁ। ଅନ୍ୟପଟେ ସାଧାରଣ ନିର୍ବାଚନ ପୂର୍ବରୁ ଉଚ୍ଛେଦ ଦାବି ଯେଭଳି ଜୋର୍ ଧରିଥିଲା, ନିର୍ବାଚନ ସରିବା ପରେ ତାହା ଧିମେଇ ଯାଇଛି। ନୂଆ ସରକାର ଆସିବା ପରେ ଦୀର୍ଘବର୍ଷର ଏହି ଦାବି ପୂରଣ ହେବ ବୋଲି ସହରବାସୀ ଆଶା ବାନ୍ଧିଥିଲେ। କିନ୍ତୁ ନୂଆ ସରକାର ଆସିବା ପରେ ମଧ୍ୟ ସହରରେ ଜବରଦଖଲ ଉଚ୍ଛେଦ କରାଯାଉନାହିଁ। ଏପରିକି ଉଚ୍ଛେଦ ସପକ୍ଷରେ ଉଚ୍ଚ ନ୍ୟାୟାଳୟ ରାୟ ଦେବା ପରେ ମଧ୍ୟ ପ୍ରଶାସନ ହାତ ବାନ୍ଧି ବସିଥିବା ଏବଂ ଏଥିପ୍ରତି ସ୍ଥାନୀୟ ଜନ ପ୍ରତିନିଧି ଆଖି ବୁଜିଦେବା ସେମାନଙ୍କ ପାରିବା ପଣିଆଁକୁ ପଦାରେ ପକାଇ ଦେଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଅପରପକ୍ଷେ ଦିନକୁ ଦିନ ବରଗଡ଼ ସହରରେ ଟ୍ରାଫିକ୍ ସମସ୍ୟା ଆହୁରି ବଢ଼ି ଚାଲିଛି। ଦୀର୍ଘ ସମୟ ଧରି ଟ୍ରାଫିକ୍ ପୋଷ୍ଟ ଖାଲି ପଡ଼ିଥିବାବେଳେ ସହର ଭିତରକୁ ଅବାଧରେ ଭାରିଯାନ ପ୍ରବେଶ କରୁଛି। ସେଥିପାଇଁ ଉପୁଜୁଥିବା ଟ୍ରାଫିକ୍ ସମସ୍ୟା ଯୋଗୁ ଲୋକଙ୍କୁ ଦୀର୍ଘ ସମୟ ରାସ୍ତାରେ ଅଟକି ରହି ହଟହଟା ହେବାକୁ ପଡୁଛି। ସୋମବାର ଦିନ ପ୍ରାୟ ୧୧ଟାରେ ସହରର ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜିରା ବ୍ରିଜ ରାସ୍ତାରେ ଏଭଳି ସମସ୍ୟା ପରିଲକ୍ଷିତ ହୋଇଥିଲା। ଏକ ଟ୍ରେଲର ଗାନ୍ଧୀଛକଠାରୁ ଏସ୍‌ପି ଅଫିସ, ଟାଉନ ଥାନା ଅତିକ୍ରମ କରି ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜିରା ବ୍ରିଜ୍ ରାସ୍ତା ଦେଇ ଯାଇଥିଲା। ସେତେବେଳେ ଲୋକଙ୍କୁ ହଟହଟା ହେବାକୁ ପଡ଼ିଥିଲା। ଦିନବେଳା ସହର ଭିତରକୁ ଭାରିଯାନ ପ୍ରବେଶ ନିଷେଧ ଥିବାବେଳେ କିଭଳି ସେହି ଭାରିଯାନ ଏସ୍‌ପି ଅଫିସ ଏବଂ ଟାଉନ ଥାନା ଅତିକ୍ରମ କରି ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜିରା ବ୍ରିଜ୍ ରାସ୍ତାରେ ପହଞ୍ଚିଲା ବୋଲି ଆଲୋଚନା ହେଉଛି। ଏପରିକି ସେଥିପ୍ରତି ପୋଲିସର ଦୃଷ୍ଟି ମଧ୍ୟ ନ ପଡ଼ିବା ସମସ୍ତଙ୍କୁ ଚକିତ କରିଥିଲା। ତେବେ ଏହା ନୂଆ ନୁହେଁ, ସହରରେ ନିୟମିତ ଏଭଳି ଟ୍ରାଫିକ୍ ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି। କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ରାୟ ସତ୍ତ୍ୱେ ରାସ୍ତାରୁ ଜବରଦଖଲ ଉଚ୍ଛେଦ କାହିଁକି କରାଯାଉନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଦ୍ୱିତୀୟ ପର୍ଯ୍ୟାୟ ସଂକଳ୍ପ ଶିବିର ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼,୯।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ହାଇସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଦ୍ୱିତୀୟ ପର୍ଯ୍ୟାୟ ସଂକଳ୍ପ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ଅଧ୍ୟକ୍ଷତା ଓ ସମଗ୍ର ଶିକ୍ଷାର ପୁଷ୍ପାଞ୍ଜଳି ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବରଗଡ଼ ବ୍ଲକ ଶିକ୍ଷାଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ, ସାଧନ କର୍ମୀ ପ୍ରଧାନ ଶିକ୍ଷକ ବିରେନ୍ଦ୍ର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନେତୃତ୍ୱ ଓ ଦକ୍ଷତା ବିକାଶ କିପରି ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ସାଧନ କର୍ମୀ ଭୀଷ୍ମ ସାହୁ, ସଞ୍ଜୟ ଖମାରୀ, ଜିତେନ୍ଦ୍ର ଦେବତା ପ୍ରମୁଖ ନୂତନ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ ସ୍କୁଲରେ ଚାଲିଥିବା ବିଭିନ୍ନ ଯୋଜନା ପରିଚାଳନା ସହିତ ଦକ୍ଷତା ବୃଦ୍ଧି ନେତୃତ୍ୱ ବିକାଶ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମଗ୍ର ଶିକ୍ଷା ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ଘର ଉପରକୁ ଚଢ଼ିଗଲା କଣ୍ଟେନର, ମହିଳା ମୃତ

ବରଗଡ଼,୯।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ଥାନା ଅନ୍ତର୍ଗତ ତୁରୁଙ୍ଗା ଶ୍ରୀହରିନଗର ଛକରେ ରବିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ କଣ୍ଟେନର (ନଂ.ଏମଏଚ୍‌୦୪କେୟୁ/୧୫୫୨) ଏହି ଛକର ରାସ୍ତାପାର୍ଶ୍ୱରେ ଥିବା ଏକ ଘର ଉପରକୁ ଚଢ଼ିଯିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ଖଡ ତାଣ୍ଡି। ଏଥିରେ ଅନ୍ୟ ୨ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କଣ୍ଟେନର ଡ୍ରାଇଭରଙ୍କୁ ମାଡପିଟ୍ କରିବାରୁ ସେ ମଧ୍ୟ ଆହତ ହୋଇଥିବା ଅଭିଯୋଗ ହୋଇଛି। ଆହତ ଡ୍ରାଇଭର ବରଗଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ବରଗଡ଼ ସଦର ଥାନା ପୋଲିସ ଏକ ମାମଲା (ନଂ.୪୫୧/୨୪) ରୁଜୁ କରିଛି।

## ବିଞ୍ଝାଲ ସମାଜର ତ୍ରୟୋଦଶ ମହାସଭା

ପାଇକମାଳ,୯।୧୨(ବଡ଼ ଶତପଥୀ)

ପଶ୍ଚିମ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନୃସିଂହନାଥସ୍ଥିତ ମାଁ ବିନ୍ଧ୍ୟବାସିନୀ ଦେବୀ ମନ୍ଦିରରେ ସର୍ବଭାରତୀୟ ସ୍ୱଲାଖ ବିନ୍ଧ୍ୟଗିରିବାସୀ ବିଞ୍ଝାଲ ସମାଜ ପକ୍ଷରୁ ତ୍ରୟୋଦଶ ମହାସଭା ଦୁଇ ଦିନଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଲାଟ ସଭାପତି ହୃଷୀକେଶ ବରିହା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ଭୋଜରାଜ ସିଂ ବରିହା ମୁଖ୍ୟ ଅତିଥି, ଉପଲାଟ ସଭାପତି ଚନ୍ଦ୍ରଶେଖର ବାଗ, ସମ୍ପାଦକ ଆଶାରାମ ବରିହା, ଜେହେରୁ ବରିହା, ପ୍ରମୋଦ ଝାଙ୍କର, ମନୋରଞ୍ଜନ ବରିହା, ବଲାଙ୍ଗୀର ଜିଲା ଉପସଭାପତି ଅର୍ଜୁନ ବରିହା, ସମ୍ପାଦକ ଗନ୍ଧର୍ବ ବରିହା, ରାମଚନ୍ଦ୍ର ବରିହା, ହିମାଦ୍ରି ବରିହା, ସମ୍ପଦ ବରିହା, ନରୋତ୍ତମ ବରିହା, ବଲାଙ୍ଗୀର ବ୍ଲକ ସଭାପତି କୁଶ ବରିହା, ସମ୍ପାଦକ ଯୁଗଳ କିଶୋର ବରିହା, ଖପ୍ରାଖୋଲ ବ୍ଲକ ସଭାପତି ଚନ୍ଦ୍ରଶେଖର ବରିହା, କରୁଣା ବରିହା, ବିପିନ ବରିହା, କିଶୋର ଚନ୍ଦ୍ର ବରିହା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି, କଳାକାର, କବି, ଲେଖକ, ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଦ୍ୱିତୀୟ ଦିବସରେ ବିଞ୍ଝାଲ ସମାଜ ପକ୍ଷରୁ ଏକ ସ୍ମରଣିକା ଓ କରମସାନୀ କଥାନୀ କାବ୍ୟ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସମାଜର ଏକତା ଅଖଣ୍ଡତା ବଜାୟ ସାଙ୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ, ସମାଜର ନିୟମାବଳୀ, ସର୍ବଭାରତୀୟ ସ୍ତରରେ କମିଟି ଗଠନ, ନିଶା ବନ୍ଦ କରିବାକୁ ଅତିଥିମାନେ ମତପୋଷଣ କରିଥିଲେ। ଏଥିରେ ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ସମ୍ବଲପୁର, ସୋନପୁର, କଳାହାଣ୍ଡି ସମେତ ପଡୋଶୀ ଛତିଶଗଡ଼, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଆଦି ରାଜ୍ୟରୁ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଶଙ୍କର ପ୍ରସାଦ ମାଝୀ ସଭା ପରିଚାଳନା କରିଥିଲେ। ତୁଳସୀ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ସ୍ୱାସ୍ଥ୍ୟ ଶିବିରରେ ମାନସିକ ରୋଗୀଙ୍କ ଚିକିତ୍ସା

ବରଗଡ଼,୯।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଉଦେପାଲି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ମାନସିକ ସ୍ୱାସ୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଏବଂ ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ସହଯୋଗ ତଥା ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଣବ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ହୋଇଥିଲା। ଉଦେପାଲି ସେକ୍ଟର ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ମାନସିକ ରୋଗ ଲକ୍ଷଣ ରହିଥିବା ତଥା ପୂର୍ବରୁ ଔଷଧ ସେବନ କରୁଥିବା ରୋଗୀ ଶିବିରକୁ ଆସିଥିଲେ। ଶିବିରରେ କଳାହାଣ୍ଡି ଏସ୍‌ଆରଏମ୍ ମେଡ଼ିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡା. ପ୍ରବୀଣ କୁମାର ସାହୁ ଯୋଗଦେଇ ରୋଗୀମାନଙ୍କୁ ଚିକିତ୍ସା କରିବା ସହିତ ଆବଶ୍ୟକ ପରାମର୍ଶ ଦେଇଥିଲେ। ମାନସିକ ରୋଗ ଥିବା ଲୋକଙ୍କୁ ଔଷଧ ବିତରଣ କରାଯାଇଥିଲା। ଉଦେପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସଞ୍ଜୀବ ଦାଶ, ଡା. ସଙ୍ଗିତ ମିଶ୍ର, ଜିଲା ମାନସିକ ସ୍ୱାସ୍ଥ୍ୟ ବିଭାଗର ବବୁନ କୁମାର ସାହୁ, ଫକୀର ମୋହନ ବାଗ, ଯଶୋବନ୍ତ ରଣବୀର, ଭଟଲି ଗୋଷ୍ଠୀ କାର୍ଯ୍ୟକ୍ରମ ପ୍ରବନ୍ଧକ ଜୟପ୍ରକାଶ ପ୍ରଧାନ, ଫାର୍ମାସିଷ୍ଟ ରବି ନାରାୟଣ ଶତପଥୀ, ଆନନ୍ଦ ମେହେର, ପ୍ରଭାସିନୀ ପିଙ୍ଗ, ସୁପରଭାଇଜର ଫଣୀନ୍ଦ୍ର ମାଝୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରୀତା ସାହୁ ପ୍ରମୁଖ ସହଯୋଗ କରିଥିଲେ।


ଶିବିରରେ ଉପସ୍ଥିତ ଚିକିତ୍ସକ ଏବଂ ସହଯୋଗୀବୃନ୍ଦ।

## ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ବରଗଡ଼,୯।୧୨(ପ୍ରେମାନନ୍ଦ ଖମାରୀ)




ବରଗଡ଼ ଜିଲା ବିଜେପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପି.ଏସ୍ ମୀନା ପ୍ରମୁଖ ଯୋଗ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ପଦ୍ମପୁର ଉପଜିଲାପାଳ ସୁଶ୍ରୀ ଅରୁଗୁଲା ସ୍ନେହା, ପଦ୍ମପୁର ଅତିରିକ୍ତ ଜିଲାପାଳ କୃଣାଳ ମୋତିରାମ ଚୌହାନ, ଏସ୍‌ଡ଼ିପିଓ ବିଭୂତି ଭୂଷଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟଜଳ ଯୋଗାଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ୯୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୮୨ ବ୍ୟକ୍ତିଗତ, ୧୪ ସାମୂହିକ ଏବଂ ଗୋଟିଏ ରେଡ୍‌କ୍ରସ ସମ୍ପର୍କିତ ଅଭିଯୋଗ ରହିଥିଲା। ଉକ୍ତ ସମସ୍ୟାର ତ୍ୱରିତ ସମାଧାନ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟମିତ ଆଦେଶ ପତ୍ର ବଣ୍ଟନ



ସରଣ୍ଡା,୯।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅତାବିରା ତରଫରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ୨୦୧୮ ବ୍ୟାଚ୍‌ରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟମିତ ଆଦେଶପତ୍ର ବଣ୍ଟନ କରାଯାଇଛି। ଅତାବିରା ବିଇଓ ସୁଶ୍ରୀ ମିଶ୍ରାଣୀ କୁମ୍ଭାର, ଏବିଇଓ କାର୍ତ୍ତିକ ବାଗ ଓ ତପନ କୁମାର ଦାସ ଏବଂ ସ୍ଥାନୀୟ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ମଞ୍ଚାସୀନ ଥିଲେ। ସଭା ପରିଚାଳନା କରିଥିଲେ ବୁଢାବୁଢା ସିଆରସିସି ନନ୍ଦିଘୋଷ ଭୁଏ। ଗୋଷ୍ଠୀ ଶିକ୍ଷାଧିକାରୀ ଆଦର୍ଶ ଶିକ୍ଷୟିତ୍ରୀ ଶିକ୍ଷକ ଭାବେ ନିଜ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ଅତାବିରା ବ୍ଲକ ଅଧୀନରେ କାର୍ଯ୍ୟରତ ୨୮ ଜଣ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟମିତ ଆଦେଶପତ୍ର ବଣ୍ଟନ କରାଯାଇଥିଲା। ଶିକ୍ଷୟିତ୍ରୀ ଅରୁଣା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସଙ୍ଗଠନ ସୁଦୃଢ଼ କରିବାକୁ ଗୁରୁତ୍ୱ

ବରଗଡ଼,୯।୧୨(ପ୍ରେମାନନ୍ଦ ଖମାରୀ)

**ନ୍ୟୁଜ୍ ପେପର ହକର ୟୁନିୟନର ବନ୍ଧୁମିଳନ**

ବରଗଡ଼ ବ୍ଲକ ଅନ୍ତର୍ଗତ ତୁରୁଙ୍ଗା ବୈଷ୍ଣୋଦେବୀ ମନ୍ଦିର ନିକଟରେ ରବିବାର ସ୍ଥାନୀୟ ନ୍ୟୁଜ୍ ପେପର ହକର ୟୁନିୟନ, ବରଗଡ଼ର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୟୁନିୟନ ସଭାପତି ଗୋବିନ୍ଦ ଦୁରଦସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ନ୍ୟୁଜ୍ ପେପର ହକର ୟୁନିୟନକୁ ଆହୁର କ୍ରିୟାଶୀଳ ଓ ସଙ୍ଗଠିତ କରିବା ଉପରେ ଆଲୋଚନା ହୋଇଥିଲା। ସେହିପରି ସଙ୍ଗଠନକୁ ସୁଦୃଢ଼ କରି ଆଗକୁ ୟୁନିୟନ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସଭାରେ ନିଷ୍ପତ୍ତି ହୋଇଥିଲା। ବନ୍ଧୁମିଳନ କାର୍ଯ୍ୟକ୍ରମରେ ୟୁନିୟନର କୋଷାଧକ୍ଷ ବିଶ୍ୱନାଥ ତାଣ୍ଡି ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବନାରାୟଣ ଦାଶ, ନିବାସ ବାଗ, ନୀଳାଞ୍ଚଳ ଘିବେଲା, ଅଜୟ ଛତର, ଦେବାନନ୍ଦ ସୁନା, ଗଣେଶ ପଟେଲ, ବିଶେଶ୍ୱର ଭାଇନା, ମୋହନ କଲେତ, ସୁନିଲ ଷଣ୍ଢ, ସୁନିଲ ନାଗ, ସମୀର କୁମ୍ଭାର, ପ୍ରଶାନ୍ତ ଗୋଛାୟତ, ରିତୁ ଦୁରଦସ୍, ସୂର୍ଯ୍ୟକାନ୍ତ ମଲ୍ଲିକ, ଚନ୍ଦନ ଭୁଏ, ଅଂଶୁମାନ ମାଝି, ମାନସ ବିଭାରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସମ୍ପାଦକ ଶିବାଜୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ନିଉଜ୍ ପେପର୍ ହକର୍ ୟୁନିୟନର ସଦସ୍ୟବୃନ୍ଦ।

## ପୋଷ୍ୟ ସନ୍ତାନ ଗ୍ରହଣ, ପ୍ରତିପାଳନ ଯତ୍ନ କର୍ମଶାଳା

ବରଗଡ଼,୯।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ ସଭାଗୃହରେ ଜିଲା ଶିଶୁ ସୁରକ୍ଷା ୟୁନିଟ ବରଗଡ଼ ଆନୁକୂଲ୍ୟରେ ଏକଦିବସୀୟ ଜିଲାସ୍ତରୀୟ ପୋଷ୍ୟ ସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନ-୨୦୨୪ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ସ୍ନେହ ଶ୍ରଦ୍ଧା ବଳରେ ଯେକୌଣସି ଶିଶୁକୁ ପରିବାରରେ ଅତୁଟ ବନ୍ଧନରେ ବାନ୍ଧି ହୁଏ। ତେଣୁ ଅବହେଳିତ ଓ ଅସହାୟ ଶିଶୁମାନଙ୍କୁ ପୋଷ୍ୟ ସନ୍ତାନ କିମ୍ବା ପ୍ରତିପାଳନ ଯତ୍ନ ଭାବେ ପରିବାରରେ ଅବସ୍ଥାପିତ କରାଇପାରିଲେ ଶିଶୁର ସାମଗ୍ରିକ ବିକାଶ ହେବା ସହିତ ତାର ଅଧିକାରକୁ ମଧ୍ୟ ସାବ୍ୟସ୍ତ କରିପାରିବ ବୋଲି ସେ ମନ୍ତବ୍ୟ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା ଅତିଥି ପରିଚୟ ପ୍ରଦାନ କରିବା ସହିତ ପୋଷ୍ୟ ସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ଦିନେଶ ଅଗ୍ରୱାଲ ଶିଶୁ ସୁରକ୍ଷାର ପ୍ରତ୍ୟେକ ଦିଗ ଉପରେ ଅବତାରଣା କରିବା ସହିତ ଆଶ୍ରମରେ ଥିବା ଶିଶୁମାନଙ୍କୁ ପ୍ରତିପାଳନ ଯତ୍ନ ଭାବେ ନେବା ପାଇଁ ସହୃଦୟ ବ୍ୟକ୍ତିଙ୍କୁ ଆହ୍ୱାନ ଦେଇଥିଲେ। ଶିଶୁ ମଙ୍ଗଳ ସମିତି ସଭ୍ୟା ରାଧା ଅଗ୍ରୱାଲା ଶିଶୁ ସମାଜ ଗଠନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି କହିଥିଲେ। ଶିଶୁ ମଙ୍ଗଳ ସମିତିର ଅନ୍ୟତମ ସଭ୍ୟା ମମତା ମେହେର ଶିଶୁ ଯତ୍ନ ଓ ସୁରକ୍ଷାରେ ଶିଶୁ ମଙ୍ଗଳ ସମିତିର ଭୂମିକା ତଥା ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। ପରେ ଆନୁଷ୍ଠାନିକ ଯତ୍ନ ଓ ସୁରକ୍ଷା ଅଧିକାରୀ ତପନ କୁମାର ପାତ୍ର ଆଇନଗତ ପୋଷ୍ୟସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନର ନିୟମାବଳୀ ଉପରେ ତଥ୍ୟ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ଅଧିକାରିଣୀ ନିମିସା ପ୍ରଧାନ ଓ ମାଙ୍ଗଳିକା ଦାଶ, ଜୁଭେନାଇଲ ଜଷ୍ଟିସ ବୋର୍ଡ ସଭ୍ୟା ନିର୍ଜନା ମାହାର ଏବଂ ସଭ୍ୟ ପ୍ରୟାସ ଦାଶ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ସୁରେନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁରକ୍ଷା ଅଧିକାରିଣୀ ଜୟନ୍ତୀ ହିଆଲ, ପ୍ରଭାତ କୁମାର ଚାଲାଣ, ଏଲ୍‌ପିଓ ବିକାଶ କୁମାର ପ୍ରଧାନ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାର ପରିଚାଳକ ସରୋଜ କୁମାର ପ୍ରଧାନ ଓ ପରାମର୍ଶଦାତ୍ରୀ ସୁଚରିତା ପଣ୍ଡା ସହଯୋଗ କରିଥିଲେ। ପୋଲିସ, ବିଭିନ୍ନ ବ୍ଲକର ସିଡ଼ିପିଓ, ସୁପରଭାଇଜର ଓ ଅଙ୍ଗନୱାଡ଼ି କର୍ମୀ, ବିଭିନ୍ନ ଏନ୍‌ଜିଓ କର୍ମୀ ତଥା ନର୍ସିଂହୋମର କର୍ମକର୍ତ୍ତା ଯୋଗ ଦେଇଥିଲେ।


ଜିଲାସ୍ତରୀୟ କର୍ମଶାଳାର ଶୁଭାରମ୍ଭ କରାଯାଉଛି।

# ଗୁରୁତ୍ୱ ହରାଉଛି ଆର୍‌ଡିଏ

ରାଉରକେଲା,୯।୧୨(ସଙ୍ଗୀତା ଜେନା)


ଛେଣ୍ଡ ରିଙ୍ଗ ନିକଟରେ ନିର୍ମାଣାଧୀନ ବାସଗୃହ ପ୍ରକଳ୍ପ।

■ ୨୦୧୯ ପରେ ଅଧ୍ୟକ୍ଷ ପଦବୀ ଖାଲି
■ ଅନିଶ୍ଚିତତାରେ ନୂତନ ବାସଗୃହ ପ୍ରକଳ୍ପ
■ ଆର୍‌ଏମ୍‌ଏସିରେ ମିଶ୍ରଣ ଦାବି

ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଟାଉନ୍‌ଶିପ୍ ନିର୍ମାଣ ହେବା ପରେ ସହରର ଉନ୍ନତି ଏବଂ ସହରବାସୀଙ୍କୁ ବାସଗୃହ ଯୋଗାଇବା ପାଇଁ ବ୍ୟବସ୍ଥା କରାଗଲା। ଏହି କ୍ରମରେ ସିଭିଲଟାଉନଶିପ୍, ଜଗଦା, ରାଉରକେଲା ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ, ରାଜଗାଙ୍ଗପୁର, ବିରମିତ୍ରପୁର ଏବଂ ସୁନ୍ଦରଗଡ଼ର କିଛି ଅଞ୍ଚଳର ବିକାଶ ପାଇଁ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍‌ଡିଏ) ଗଠିତ ହୋଇଥିଲା ଏବଂ ୧୯୯୫ରେ ଉଦିତନଗରଠାରେ ଏହାର କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା। ଆର୍‌ଡିଏ ସହରକୁ ଦେଶର ଅଗ୍ରଣୀ ସହର ଭାବେ ପରିଚିତ କରିବାକୁ ଉଦ୍ଦେଶ୍ୟ ରଖିଥିଲା। ଏହି କାର୍ଯ୍ୟଧାରାରେ ହାଉସିଂ କଲୋନୀ ନିର୍ମାଣ, ଶପିଂ କମ୍ପ୍ଲେକ୍ସ, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ନିର୍ମାଣ ଏବଂ କ୍ଲିୟରାନ୍ସ ତଥା ପୁନର୍ବିକାଶ କାର୍ଯ୍ୟକ୍ରମ ଲୋକଙ୍କୁ ଯୋଗାଇବା ଲକ୍ଷ୍ୟ ରହିଥିବା ବେଳେ ସେଗୁଡିକ ପୂରଣ ହୋଇପାରୁନାହିଁ। ଏହାଦ୍ୱାରା ଆର୍‌ଡିଏ ଗୁରୁତ୍ୱ ହରାଉଥିବା ଅଭିଯୋଗ ହେଉଛି। ଏହାକୁ ଆର୍‌ଏମ୍‌ସି ସହ ମିଶ୍ରଣ କରାଗଲେ ରାଜ୍ୟ ସରକାରଙ୍କ ଖର୍ଚ୍ଚ କମ୍ ହୁଅନ୍ତା ବୋଲି ମତପ୍ରକାଶ ପାଇଛି।

ଦୀର୍ଘଦିନରୁ ଆର୍‌ଡିଏରେ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ପଦବୀ ଖାଲିପଡିଛି। ୯୦ ଦଶକରେ ଛେଣ୍ଡ କଲୋନି ପ୍ରକଳ୍ପ ପରେ ସହରରେ ଆଉ ନୂତନ ବାସଗୃହ ଯୋଜନା ହୋଇନାହିଁ। ବର୍ତ୍ତମାନ ମାର୍କେଟ କମ୍ପ୍ଲେକ୍ସଗୁଡ଼ିକର ରକ୍ଷଣାବେକ୍ଷଣ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପ୍ଲାନିଂ ବିଭାଗ ଅଧୀନରେ ଚାଲିଛି। ସେହିପରି ପୂର୍ବରୁ ସହରରେ ହୋଇଥିବା ବାସଗୃହ ପ୍ରକଳ୍ପରେ ଆଇନକାନୁନ ବ୍ୟବସ୍ଥା ଦେଖିବା ପାଇଁ ଆର୍‌ଡିଏରେ ଆଇନ ବିଭାଗ ଅଧିକାରୀ ନାହାନ୍ତି। କନିଷ୍ଠ ଯନ୍ତ୍ରୀ, ସହାୟକ ଯନ୍ତ୍ରୀଙ୍କ ଅଭାବ ରହିଛି। ଫଳରେ ଆର୍‌ଡିଏ ଗୁରୁତ୍ୱ ହରାଇଛି। ଏହି କ୍ଷେତ୍ରରେ ଆର୍‌ଡିଏକୁ ସମ୍ପୂର୍ଣ୍ଣ ବନ୍ଦ ଅବା ଆର୍‌ଏମ୍‌ସି ସହ ମିଶ୍ରଣ କରିବାକୁ ଦାବି ହେଉଛି। ଉକ୍ତ କାର୍ଯ୍ୟାଳୟ ସହରବାସୀଙ୍କ କାମରେ ଆସୁ ନ ଥିବାବେଳେ ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କ ଖର୍ଚ୍ଚକୁ ସରକାର ବହନ କରୁଛନ୍ତି। ଆର୍‌ଡିଏର ଅଧ୍ୟକ୍ଷ ପଦବୀରେ ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ଅବସ୍ଥାପିତ କରାଯାଉଥିବା ବେଳେ ତାଙ୍କ ଭୂମିକା କେବଳ ବୈଠକରେ ଅଧ୍ୟକ୍ଷତା କରିବାରେ ସୀମିତ ରହିଯାଉଛି। ଆର୍‌ଡିଏରେ ପୂର୍ଣ୍ଣକାଳୀନ ପଦବୀ ରହୁ ନ ଥିବା ଯୋଗୁ ସହର ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଉଛି।

ବରିଷ୍ଠ ବିଜେଡ଼ି ନେତା ବିରେନ ସେନାପତିଙ୍କ କହିବା ଅନୁସାରେ, ଆର୍‌ଡିଏ ଦ୍ୱାରା ପ୍ଲଟିଂ, ନିଲାମ, ଆଇନ ଖିଲାକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥାଏ। ବାସଗୃହ ପ୍ରକଳ୍ପ ନ ଥିବାରୁ ଏସବୁ ମଧ୍ୟ ହୋଇପାରୁନାହିଁ। ବର୍ତ୍ତମାନ ସହରର ମାର୍କେଟ କମ୍ପ୍ଲେକ୍ସ ଅବା ବାସଗୃହ ବିବାଦ ପାଇଁ ଲୋକେ ହାଇକୋର୍ଟ, ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେଉଛନ୍ତି। ବାସଗୃହ ସମସ୍ୟା ସମାଧାନରେ ଆର୍‌ଡିଏ ବିଫଳ ହୋଇଛି। ତେଣୁ ଏହାର ଆଉ ଆବଶ୍ୟକତା ଥିବା ଭଳି ମନେ ହେଉନି। ଏହାକୁ ଆର୍‌ଏମ୍‌ସି ସହ ମିଶ୍ରଣ କରାଗଲେ ଆର୍ଥିକ ଚାପ କମ୍ ହୁଅନ୍ତା। ସେହିପରି ଇଆର୍‌ଡବ୍ଲ୍ୟୁ ପ୍ରକଳ୍ପ ପରେ ସହରରେ ଲୋକଙ୍କ ପାଇଁ ଆଉ କୌଣସି ଯୋଜନା ନାହିଁ। ସେହିପରି ନୂତନ ସରକାର ଗଠନର ୬ ମାସ ବିତିଯାଇଥିଲେ ମଧ୍ୟ ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଛି। ଯାହା ଦୁର୍ଭାଗ୍ୟଜନକ ବୋଲି ସେନାପତି କହିଥିଲେ। ଏ ସମ୍ପର୍କରେ ଭାଜପା ରାଜ୍ୟ ପ୍ରବକ୍ତା ଧୀରେନ ସେନାପତିଙ୍କୁ ପଚରାଯିବାରୁ ସେ କହିଲେ, ସମୟ ଆସିଲେ ସରକାର ନିଷ୍ପତ୍ତି ନେବେ। ତେବେ ରାଉରକେଲା ସ୍ମାର୍ଟସିଟି ହେବା ପରେ ଆର୍‌ଡିଏର ଭୂମିକା ଗୌଣ ହୋଇଯାଇଛି ବୋଲି ସେନାପତି କହିଥିଲେ। ଏ ନେଇ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ସଚିବ ତଥା ଅର୍ଥ ଓ ହିସାବ ସଦସ୍ୟ ପଲ୍ଲବୀ ନାୟକଙ୍କୁ ପଚରାଯିବାରୁ ସେ କହିଲେ, ଆର୍‌ଡିଏକୁ ମିଶ୍ରଣ କରିବା ରାଜ୍ୟ ସରକାରଙ୍କ ଅଧିକାର। ହେଲେ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅର୍ଥନୈତିକ ଦୁର୍ବଳବର୍ଗମାନଙ୍କ ପାଇଁ ହୋଇଥିବା ଆବାସିକ ଯୋଜନା ବହୁତ ଶୀଘ୍ର ଲୋକାର୍ପିତ ହେବାକୁ ଯାଉଛି। ଏହାସହ ରାଉରକେଲା ଓ ଆଖପାଖରେ କିଛି ଜାଗାକୁ ବାସଗୃହ ପ୍ରକଳ୍ପ ପାଇଁ ଚିହ୍ନଟ କରାଯାଇଛି। ସେହିପରି କିଛି ସ୍ଥାନରେ ଆବାସ ଯୋଜନା ପାଇଁ ପ୍ରସ୍ତାବ ଦିଆଯାଇଛି ବୋଲି ନାୟକ କହିଥିଲେ।

## ବିଜ୍ଞାନ ମେଳାରେ ୧୦୧ ପ୍ରକଳ୍ପ ପ୍ରଦର୍ଶିତ


ମେଳାରେ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ରାଉରକେଲା,୯।୧୨(ସଙ୍ଗୀତା ଜେନା)

ଇଣ୍ଡୋ ଇଂଲିଶ ସ୍କୁଲର ବାର୍ଷିକ ବିଜ୍ଞାନ ମେଳା କଳ୍ପନା ଚାୱଲା ସାଇନ୍ସ କ୍ଲବ ପକ୍ଷରୁ ଡିସ୍‌କଭରି-୨୦୨୪ ଅନୁଷ୍ଠିତ ହୋଇଯାଇଛି। ରବିବାର ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଉରକେଲା ବନ ବିଭାଗ (କେନ୍ଦୁପତ୍ର ବିଭାଗ) ମୁଖ୍ୟ ଅଧିକାରୀ ନିବେଦିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଠିନ ପରିଶ୍ରମ ଦ୍ୱାରା ବୈଜ୍ଞାନିକ ସ୍ୱଭାବ ଏବଂ ସୃଜନଶୀଳତାର ବିକାଶ ସହ ଦକ୍ଷତା ବିକାଶ ଦିଗରେ ସହାୟକ ହେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସ୍କୁଲର ଅଧ୍ୟକ୍ଷା ମଞ୍ଜୁ ମୁଖାର୍ଜୀ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ମହାନ୍ତି, ଏକାଡେମିକ୍ ମୁଖ୍ୟ ଡ. କେ. କେ. ବିଶ୍ୱନାଥ, ସ୍କୁଲ ପରିଚାଳନା କମିଟି ସଚିବ କାଞ୍ଚନ ମିଶ୍ର ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ କ୍ଲବ ଦାୟିତ୍ୱରେ ଥିବା ରତ୍ନା ବାନାର୍ଜୀ ଓ ବିଜ୍ଞାନ ଶିକ୍ଷକ ସ୍ମୃତିରଞ୍ଜନ ସାହୁଙ୍କ ନେତୃତ୍ୱରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ବାୟୋ ଟେକ୍‌ନୋଲୋଜି, ଗଣିତ, ପରିବେଶ ଅଧ୍ୟୟନ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଅର୍ଥନୀତି ଓ ବାଣିଜ୍ୟ ଏବଂ ସୂକ୍ଷ୍ମକଳା ଆଦି ବିଷୟର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ବର୍ଗରେ ୧୦୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ରାଉରକେଲା ସରକାରୀ କଲେଜର ସହାୟକ ପ୍ରଫେସର ଡ. ସ୍ମୃତିସ୍ନିଗ୍ଧା ମିଶ୍ର, ଫିଜିକ୍ସର ସହାୟକ ପ୍ରଫେସର ଶୁଭଜ୍ୟୋତି ମହାପାତ୍ର ପ୍ରମୁଖ ପ୍ରକଳ୍ପର ମୂଲ୍ୟାୟନ କରିଥଫଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ୨୫ରୁ ସ୍ୱଦେଶୀ ମେଳା

ରାଉରକେଲା,୯।୧୨(ଦିନେଶ ମିଶ୍ର)

ସେକ୍ଟର-୫ ସ୍ଥିତ ପାନ୍ଥନିବାସରେ ସ୍ୱଦେଶୀ ମେଳା ଆୟୋଜନ ନେଇ ସ୍ୱଦେଶୀ ଜାଗରଣ ମଞ୍ଚ ରାଉରକେଲା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେକ୍ଟର-୧୩ ସ୍ଥିତ ମେଳଣ ପଡିଆରେ ଆସନ୍ତା ୨୫ ତାରିଖରୁ ସ୍ୱଦେଶୀ ମେଳା ଆୟୋଜନ ହେବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ଏହି ମେଳା ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଭିନ୍ନ ରାଜ୍ୟର ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଷ୍ଟଲ ପ୍ରଦର୍ଶନ କରାଯିବ। ମେଳାରେ ଲଘୁ, ମଧ୍ୟମ, କୁଟୀର ଶିଳ୍ପ, ହସ୍ତଶିଳ୍ପ ତଥା ବୃହତ ସ୍ୱଦେଶୀ କମ୍ପାନୀ ମଧ୍ୟ ଅଂଶଗ୍ରହଣ କରିବେ। ଦିନବେଳେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ରଙ୍ଗୋଲି, ବିତର୍କ, ମେହେନ୍ଦୀ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ପାରମ୍ପରିକ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ହେବ। ଏଥିରେ ଆୟୋଜନ ସମିତି ମୁଖ୍ୟ ସଂରକ୍ଷକ ଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟ, ଡ. ସନାତନ ପ୍ରଧାନ, ବ୍ରିଜମୋହନ ଅଗ୍ରୱାଲ, ଗୃହସ୍ଥୀ ମସଲାର ଅଧ୍ୟକ୍ଷ ଗଣେଶ ବାଗେଡିଆ ରହିବେ। ସମାଜସେବୀ ରାଜେଶ ମହାପାତ୍ର, ସହ ସଂଯୋଜକ ଭାବେ ମନୋଜ କୁମାର ନାଏକ, ଦେବବ୍ରତ ସ୍ୱାଇଁଙ୍କୁ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଛି। ଖବରଦାତା ସମ୍ମିଳନୀରେ ସମାଜସେବୀ ବିମଳ ବିଶି, ଉମାକାନ୍ତ ପାତ୍ର, ଦେବବ୍ରତ ସ୍ୱାଇଁ, ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ନାଟକ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।


ପରିବେଷିତ ନାଟକର ଏକ ଦୃଶ୍ୟ।

## ନାଟକ 'ଗିରଫ'ରେ ଚାଷୀ ସଂଘର୍ଷର କଥା

ରାଉରକେଲା,୯।୧୨(ସଙ୍ଗୀତା ଜେନା)

**ଇସ୍ପାତ ନାଟ୍ୟ ମହୋତ୍ସବର ଅଷ୍ଟମ ସନ୍ଧ୍ୟା**

ଏକତ୍ର ରାଉରକେଲା ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ଅଷ୍ଟମ ସନ୍ଧ୍ୟାରେ ନାଟ୍ୟ ଅନୁଷ୍ଠାନ ପ୍ରୟାସର ନାଟକ 'ଗିରଫ' ମଞ୍ଚସ୍ଥ ହୋଇଛି। ପ୍ରବୀର ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ପ୍ରାକ୍ତନ ବିଧାୟକ ସୁବ୍ରତ ତରାଇ ଯୋଗ ଦେଇଥିବା ବେଳେ ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ବର ଅଫ୍ କମର୍ସର ପ୍ରାକ୍ତନ ସଭାପତି ବ୍ରିଜ ମୋହନ ଅଗ୍ରୱାଲ, ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଡା. ଉତ୍ତମ କୁମାର ଜେନା, ଆନନ୍ଦ ଚନ୍ଦ୍ର ମହାନ୍ତି, ବିଜୟଲକ୍ଷ୍ମୀ ପଟ୍ଟନାୟକ, ପାରେଶ୍ୱର ବିଶ୍ୱାଳ, ନୟନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏକତ୍ର ପକ୍ଷରୁ କାର୍ଯ୍ୟକାରୀ ସଭାପତି ଆଲୋକ ବୋଷ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରସନ୍ନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସାମାଜିକ ଗଣମାଧ୍ୟମ ଯୋଗୁ ମଞ୍ଚ ନାଟକ ପ୍ରଭାବିତ ହେଉଛି। ଯୁବକମାନଙ୍କୁ ଏଥିପ୍ରତି ଆକୃଷ୍ଟ କରିବା ପାଇଁ ବିଦ୍ୟାଳୟସ୍ତରରୁ ସରକାରୀ ପୃଷ୍ଠପୋଷକତାରେ ଉଦ୍ୟମ ହେବା ଆବଶ୍ୟକ। ସମାଜରେ ନାଟକର ପ୍ରମୁଖ ପ୍ରଭାବ ରହିଛି। ଯାହା ଏକଦା ଗାନ୍ଧିଜୀଙ୍କ ଜୀବନକୁ ପ୍ରଭାବିତ କରିଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ନାଟ୍ୟକାର ଡ଼ ନିବେଦିତା ଜେନାଙ୍କ ରଚିତ ଓ ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶିତ ଏହି ନାଟକର ବିଷୟବସ୍ତୁ ହେଉଛି ଚାଷୀ ବିଶ୍ୱର ସ୍ତ୍ରୀ ଧରା, ପୁଅ କାହ୍ନା, ଝିଅ ବାୟାଣୀ ଓ କୁନି ତଥା ବାପାମା'ଙ୍କୁ ନେଇ ସଂସାର। ବଢ଼ି, ମରୁଡି, କୀଟପତଙ୍ଗ ଆକ୍ରମଣରେ ଚାଷ କ୍ଷତିଗ୍ରସ୍ତ ହେଲେ ବି ବିଶ୍ୱ ଭାଙ୍ଗିପଡ଼ିନାହିଁ । ନୂଆ ସ୍ୱପ୍ନରେ ସେ ଥିଲା ବିଭୋର। କିନ୍ତୁ ତାର ଏହି ସ୍ୱପ୍ନ ଟିକକ ପାଇଁ ଏତେ ବଡ ଦୁନିଆରେ ସ୍ଥାନ ନ ଥିଲା। ବିଶ୍ୱର ସବୁ ସ୍ୱପ୍ନ ଭାଙ୍ଗି ଚୂରମାର ହୋଇଗଲା। ପ୍ରତିକ୍ରିୟାରେ ବିଶ୍ୱ ଚାହିଁଲା ସମଗ୍ର ଦୁନିଆକୁ ଜାଳିପୋଡି ଧ୍ୱଂସ କରିଦେବାକୁ। ପରିଣାମରେ ଜଣେ ସରଳ କୃଷକ ପାଲଟିଯାଏ ନିଷ୍ଠୁର, ବିସ୍ଫୋରକ ଆତ୍ମଘାତୀ। ପୋଲିସ ତାକୁ ଗିରଫ କରିବା ପୂର୍ବରୁ ସେ ପୋଲିସ୍‌କୁ ବଢାଇଦିଏ ବହୁ ଆପରାଧିକ ଗତିବିଧି ସହ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ତାଲିକା। ସତରେ କ'ଣ ସେମାନଙ୍କୁ ପୋଲିସ ଗିରଫ କରିପାରିଲା ନା ସେମାନେ ସରଳ ଚାଷୀମାନଙ୍କୁ ଅପରାଧୀ କରିବା ପ୍ରକ୍ରିୟାରେ ଆଗେଇ ଚାଲିଲେ। ଏଭଳି କାହାଣୀକୁ ନେଇ ନାଟକଟି ଗତିଶୀଳ ହୋଇଛି।

ନାଟକରେ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ଗଙ୍ଗାଧର ରାଉତ, ରାଜେଶ ରାୟ, ଦିନେଶ ନନ୍ଦ, ସୌମ୍ୟରଞ୍ଜନ ବାରିକ, ନିବେଦିତା ଜେନା, ସନ୍ତୋଷିନୀ ବାରିକ, ଆୟୁଶ୍ରୀ ସାମଲ, ସନ୍ଧ୍ୟାରାଣୀ ରାଉତ, ଦିବ୍ୟାଂଶା ପଟ୍ଟନାୟକ, ପ୍ରିୟାଂଶୀ ସରଭଙ୍ଗ, ଆଶ୍ରିତା ପ୍ରଧାନ, ଶୁଭସ୍ମିତା ବାରିକ, ରାଜଶ୍ରୀ ଦ୍ୱିବେଦୀ ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତରେ ଗୁଲାବ ଓ ପ୍ରମୋଦ, ମଞ୍ଚସଜ୍ଜାରେ ରମେଶ ସାହୁ, ଆଲୋକରେ ରାଜେଶ କୁମାର, ମଞ୍ଚ ପରିଚାଳନାରେ ସୁଶାନ୍ତ କୁମାର ଦଳାଇ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ନାୟକ, ଅକ୍ଷୟ ଧଳ, ଡ. ସମର ମୁଦାଲି, ରମେଶ ମହାନ୍ତି, ଡା. କୃପାସିନ୍ଧୁ ନାୟକ, ଆଲୋକ ବୋଷ, ସଭାପତି ରାଜୀବ ପାଣିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆନ୍ତଃ ଆୟୁଷ କଲେଜସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ

ରାଉରକେଲା,୯।୧୨(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ହୋମିଓପ୍ୟାଥି କଲେଜ ଓ ହସ୍ପିଟାଲରେ ରାଜ୍ୟ ଆନ୍ତଃ ଆୟୁଷ ମହାବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା-୨୦୨୪ ସୋମବାର ଆରମ୍ଭ ହୋଇଛି। ଏହି କ୍ରୀଡ଼ା ପ୍ରତିଯୋଗିତା ୭ଦିନ ବ୍ୟାପୀ ଚାଲିବ। ଉଦ୍‌ଘାଟନୀ ସମାରୋହରେ କଲେଜ ଅଧ୍ୟକ୍ଷ ଡକ୍ଟର ସୁବାଶିଷ ସେଠୀ ଅଧ୍ୟକ୍ଷତା କରିଥିଲେ। ଏସ୍‌ଡବ୍ଲ୍ୟୁସି ପରାମର୍ଶଦାତା ଅଧ୍ୟାପକ ଡା. ଅନିଲ ମିଶ୍ର, ଡା. ଡି. ସତ୍ୟନାରାୟଣ, ଡା. ଶୋଭନ କୁମାର ସେଠୀ, ଡା. ଦିବାକର ଦଳାଇ ଉପସ୍ଥିତ ଥିଲେ। ରାଉରକେଲା ହୋମିଓପ୍ୟାଥି କଲେଜ ଓ ବ୍ରହ୍ମପୁର ବିଜୁ ପଟ୍ଟନାୟକ ହୋମିଓପ୍ୟାଥି କଲେଜ ମଧ୍ୟରେ ଉଦ୍‌ଘାଟନୀ କ୍ରିକେଟ୍ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ରେ ରାଉରକେଲା ହୋମିଓପାଥି ଦଳ ବ୍ରହ୍ମପୁର ଦଳକୁ ୨୭ରନରେ ପରାସ୍ତ କରି ବିଜୟୀ ହୋଇଥିଲା। ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ମଶାଲ ସ୍ଥାପନ କରି କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରାଯାଉଛି।

## ଅପହଞ୍ଚ ଗ୍ରାମରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଆରମ୍ଭ

ରାଉରକେଲା,୯।୧୨(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ବଲାଣୀ ଲୌହ ଖଣି ସିଏସ୍‌ଆର ପଦକ୍ଷେପ ସ୍ୱରୂପ କେନ୍ଦୁଝର ଜିଲାର ବଲାଣୀ ଏବଂ ଏହାର ଆଖପାଖରେ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟସେବା ସୁବିଧାରେ ଉନ୍ନତି ଲକ୍ଷ୍ୟରେ ଏକ ନିଃଶୁଳ୍କ ଭ୍ରାମ୍ୟମାଣ ଚିକିତ୍ସା ସେବା ଭ୍ୟାନ୍‌ର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟଅତିଥି, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବରସୁଆଁ ଆଇରନ ମାଇନ୍ସର ସିଜିଏମ୍ ଜୟଦେବ ଚଟୋପାଧ୍ୟାୟ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଡା. ଆର. ଆର ମହାନ୍ତି, ବିଓଏମ୍‌ର ଜିଏମ୍ ବିଜୟ କେତନ ଘୋଷ, ଏଚ୍‌ଆର ବିଭାଗର ଜିଏମ୍ ସୋମଜିତ ବଡପଣ୍ଡା, ବଲାଣି ହସ୍ପିଟାଲର ଇନ୍‌ଚାର୍ଜ ଡା. ଟି. ସୋରେନ, ବିଓଏମ୍ ଜିଏମ୍ ଉମେଶ କୁମାର ଭାସ୍କର, ଏଜିଏମ୍ ସଞ୍ଜୀବ କୁମାର, ଡା. ସୁନୀଲ କୁମାର, ଡା. ମଧୁସ୍ମିତା ଏବଂ ଡା. ମାୟା ମାଝୀଙ୍କ ସମେତ ବଲାଣୀ ହସ୍ପିଟାଲର ଷ୍ଟାଫମାନେ ଉପସ୍ଥିତ ଥିଲେ। ଆର୍‌ଏସ୍‌ପି ଓ ପିରାମଲ ସ୍ୱାସ୍ଥ୍ୟ ପରିଚାଳନା ଏବଂ ଅନୁସନ୍ଧାନ ପ୍ରତିଷ୍ଠାନ ମଧ୍ୟରେ ଅକ୍ଟୋବର ୨୬ତାରିଖରେ ସ୍ୱାକ୍ଷରିତ ଚୁକ୍ତିନାମାନୁଯାୟୀ ମୋବାଇଲ ମେଡିକାଲ ଭ୍ୟାନ୍‌କୁ ସେବାରେ ନିୟୋଜିତ କରାଯାଇଥିଲା। ଏହି ଚୁକ୍ତିନାମା ଅନୁଯାୟୀ ସମ୍ପୂର୍ଣ୍ଣ ମାଗଣାରେ ଗ୍ରାମବାସୀଙ୍କ ଦ୍ୱାରରେ ପ୍ରତିଷେଧକ, ଆରୋଗ୍ୟକାରୀ ଏବଂ ରେଫରାଲ ଚିକିତ୍ସା ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟରେ ପିଏମ୍‌ଏସ୍‌ଆରଆଇର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ ଗ୍ରାମୀଣ ସ୍ୱାସ୍ଥ୍ୟ ସେବାର ଶୁଭାରମ୍ଭ କରାଯାଇଥିଲା। ଉକ୍ତ ୟୁନିଟରେ ଜଣେ ଡାକ୍ତର ଓ ସେବା ପ୍ରଦାନକାରୀ ଷ୍ଟାଫଙ୍କ ସମେତ ଡାଇଗ୍ନୋଷ୍ଟିକ ଉପକରଣ, ଆଇଟି ଗ୍ୟାଜେଟ, ଔଷଧ ଓ ଉପଯୋଗୀ ସାମଗ୍ରୀ ଉପଲବ୍ଧ ରହିଛି। ବାର୍ଷିକ ୫୪.୪୦ ଲକ୍ଷ ଟଙ୍କା ମୂଲ୍ୟର ଏହି ଚୁକ୍ତିନାମା ୩ବର୍ଷ ଅବଧି ପାଇଁ କାର୍ଯ୍ୟକାରୀ କରାଯିବ। ଏହି ସମୟ ମଧ୍ୟରେ ବଲାଣି ଗ୍ରାମପଞ୍ଚାୟତର ୭ଟି ଗ୍ରାମ ଏବଂ ପାଲଗୋଡା ଗ୍ରାମପଞ୍ଚାୟତର ୧୧ଟି ଗ୍ରାମରେ ମାସିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ଏବଂ ମାଗଣାରେ ଔଷଧ ବିତରଣ କରାଯିବାକୁ ଧାର୍ଯ୍ୟ କରାଯାଇଛି।


ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ ଆର୍‌ଏସ୍‌ପି ଅଧିକାରୀ।

## ନୂଆ ସରକାରଙ୍କ ପଦକ୍ଷେପକୁ ଅପେକ୍ଷା

ରାଉରକେଲା,୯।୧୨(ବିପ୍ଲବ ରଞ୍ଜନ ଦାଶ)


ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ।

**ରାଉରକେଲା ମହାନଗର ନିଗମ ନିର୍ବାଚନ ପ୍ରସଙ୍ଗ**

ରାଉରକେଲା ମହାନଗର ନିଗମ ମାନ୍ୟତାର ୧୧ବର୍ଷ ପରେ ମଧ୍ୟ ରାଉରକେଲା ମହାନଗର ନିଗମ ପରିଷଦ ନିର୍ବାଚନ ଏଯାଏ ହୋଇପାରିନାହିଁ। ଫଳରେ ରାଉରକେଲା ସହରାଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟରେ ଜନପ୍ରତିନିଧିଙ୍କ ଭାଗୀଦାରି ରହୁନାହିଁ। ଏଥିଯୋଗୁ ବିଭିନ୍ନ ସମୟରେ ସହରର ବିକାଶ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଗତ ସାଧାରଣ ନିର୍ବାଚନ ସମୟରେ ଭାଜପା ଆର୍‌ଏମ୍‌ସି ନିର୍ବାଚନକୁ ପ୍ରସଙ୍ଗ କରିଥିଲା। ବର୍ତ୍ତମାନ ରାଜ୍ୟରେ ଭାଜପା ସରକାର ଥିବାରୁ ଏହି ନିର୍ବାଚନ ନେଇ କି ପଦକ୍ଷେପ ନେଉଛନ୍ତି ତାକୁ ସହରବାସୀ ଅପେକ୍ଷା କରିଛନ୍ତି।

ସୂଚନା ଅନୁସାରେ, ୨୦୧୩ ନଭେମ୍ବରରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରକାଶିତ ବିଜ୍ଞପ୍ତିରେ ରାଉରକେଲା ପୌରପାଳିକାକୁ ମହାନଗର ନିଗମ ଘୋଷିତ କରାଗଲା। ଏହି ମହାନଗର ନିଗମରେ ରାଉରକେଲା ପୌରପାଳିକା ସମେତ ୬ଟି ପଞ୍ଚାୟତକୁ ନୂତନ ଭାବେ ସାମିଲ କରାଯିବା ନେଇ ସୂଚନା ଦିଆଗଲା। ତେବେ ଏ ନେଇ ବ୍ୟାପକ ଆନ୍ଦୋଳନ ହେବାରୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୁନର୍ବାର ବିଜ୍ଞପ୍ତି ପ୍ରକାଶ ପାଇଲା। ଏହି ବିଜ୍ଞପ୍ତିରେ ୬ଟିରୁ ୪ଟି ଗ୍ରାମପଞ୍ଚାୟତକୁ ମହାନଗର ନିଗମରୁ ବାଦ୍ ଦିଆଯାଇ ଝାଡତରଙ୍ଗ ଓ ଜଗଦା ପଞ୍ଚାୟତକୁ ମହାନଗର ନିଗମରେ ସାମିଲ କରାଗଲା। ଏହି ୨ଟି ପଞ୍ଚାୟତବାସୀ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ ହାଇକୋର୍ଟରେ ଏ ନେଇ ଏକ ମାମଲା ଦାୟର ହେଲା। ହାଇକୋର୍ଟ ମାମଲାର ଶୁଣାଣି କରି ୨୦୧୫ ମାର୍ଚ୍ଚ ୨୭ରେ ରାଉରକେଲା ମହାନଗର ନିଗମ ନିର୍ବାଚନ ପ୍ରକ୍ରିୟା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କଲେ। ତେବେ ଅନ୍ତରୀଣ ସ୍ଥଗିତାଦେଶ ଜାରି ହେବାର ଆଜିକୁ ୯ବର୍ଷ ପରେ ମଧ୍ୟ ମହାନଗର ନିଗମ ନିର୍ବାଚନ ହୋଇପାରିନାହିଁ। ଅନ୍ୟପକ୍ଷେ ଗତ ସାଧାରଣ ନିର୍ବାଚନ ବେଳେ ସରକାରକୁ ଆସିଲେ ୬ମାସରେ ଆର୍‌ଏମ୍‌ସି ନିର୍ବାଚନ କରାଇବ ବୋଲି ଭାଜପା ପ୍ରତିଶ୍ରୁତି ଦେଇଥିବାବେଳେ ନିର୍ବାଚନ ନ ହେଲେ ଆନ୍ଦୋଳନ ହେବ ବୋଲି କଂଗ୍ରେସ କହିଥିଲା। ମାତ୍ର ବିଜେଡି ଏ ନେଇ କୌଣସି ପ୍ରତିକ୍ରିୟା ଦେଇନଥିଲା। ବର୍ତ୍ତମାନ ରାଜ୍ୟରେ ଭାଜପା ସରକାର ଥିବାରୁ ରାଉରକେଲା ମହାନଗର ନିର୍ବାଚନ ନେଇ ଭାଜପା ଉପରେ ସହରବାସୀଙ୍କ ଦୃଷ୍ଟି କେନ୍ଦ୍ରୀଭୂତ ହୋଇଛି।

ପ୍ରକାଶଥାଉକି, ରାଉରକେଲା ମହାନଗର ନିଗମ ଅଧୀନରେ ୪୧ଟି ଥିବାବେଳେ ପ୍ରାୟ ୭ଲକ୍ଷ ଲୋକ ବସବାସ କରୁଛନ୍ତି। ନିର୍ବାଚିତ ପରିଷଦ ନ ଥିବାରୁ ଆରଏମ୍‌ସିର ସାନିଟାଇଜରୁ ଆରମ୍ଭ କରି ରାସ୍ତା, ପାଣି, ଗମନାଗମନ, ଦୋକାନ ବଜାର, ଭେଣ୍ଡିଂ ଜୋନ୍ ସହିତ ସମସ୍ତ କାର୍ଯ୍ୟ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ କରୁଛନ୍ତି। ଆରଏମ୍‌ସି ମାନ୍ୟତା ପାଇବା ଦିନଠାରୁ ଗଣତାନ୍ତ୍ରିକ ଶାସନ ପରିବର୍ତ୍ତେ ଅମଲାତନ୍ତ୍ର ଶାସନ ଚାଲଇଛି। ଏଥିସହ ୪୧ଟି ୱାର୍ଡର କାଉନସିଲର ହେବାକୁ ଇଚ୍ଛୁକ ପ୍ରାର୍ଥୀମାନେ ସ୍ୱପ୍ନ ଦେଖୁଥିବା ବେଳେ ବର୍ଷ ବର୍ଷ ଧରି ନିର୍ବାଚନ ନ ହେବାରୁ ନିରାଶ ହେଉଛନ୍ତି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଏମ୍‌ସିର ପରିଷଦ ନିର୍ବାଚନ ମାମଲା ଉଚ୍ଚ ନ୍ୟାୟାଳୟଙ୍କ ପାଖରେ ବିଚାରାଧୀନ ରହିଛି। ରାଜ୍ୟ ସରକାର ଚାହିଁଲେ ଖୁବ୍‌ଶୀଘ୍ର ନିର୍ବାଚନ ହୋଇପାରିବ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଭାଜପା ରାଜ୍ୟ ମୁଖପାତ୍ର ଧୀରେନ ସେନାପତି କୁହନ୍ତି, ଗତ ସାଧାରଣ ନିର୍ବାଚନରେ ଆରଏମ୍‌ସି ନିର୍ବାଚନ ହେବା ଆମର ମୁଖ୍ୟ ପ୍ରସଙ୍ଗ ଥିଲା। ଏ ନେଇ ଆମେ ଲୋକଙ୍କୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲୁ। ସାମାନ୍ୟ ବିଳମ୍ବ ହୋଇପାରେ, ମାତ୍ର ନିଶ୍ଚିତ ଭାବେ ଆର୍‌ଏମ୍‌ସି ନିର୍ବାଚନ ହେବ ବୋଲି ସେ ପ୍ରକାଶ କରିଥିଲେ।

## ୨୪୦ ବୋତଲ କଫସିରପ ଜବତ, ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୯।୧୨(ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ଚାରଭାଟି ଛକରୁ ଅବକାରୀ ଜିଲା ମୋବାଇଲ ୟୁନିଟ ଚାଲାଣ ହେଉଥିବା ୨୪୦ ବୋତଲ କଫସିରପ ଜବତ କରିଛି। ସ୍କୁଟିରେ ଉକ୍ତ କଫସିରପ ନେଉଥିବା ସୁରୁ ଓରାମଙ୍କୁ ଗିରଫ କରାଯାଇଛି। ଚୋରା କାରବାରରେ ବ୍ୟବହୃତ ସ୍କୁଟିକୁ ଜବତ କରାଯାଇଛି। ଏନେଇ ଜିଲା ଅବକାରୀ ଉପ ଅଧିକ୍ଷକ ଅସିତ ମଲ୍ଲିକ ଭୂତାପଡା ଅବକାରୀ କାର୍ଯ୍ୟାଳୟରେ ସୂଚନା ଦେଇଛନ୍ତି। ଆଗକୁ ଏହିଭଳି ଚଢାଉ ଜାରି ରହିବ ବୋଲି ଅବକାରୀ ଉପ ଅଧୀକ୍ଷକ ମଲ୍ଲିକ କହିଛନ୍ତି।

**ସଂକ୍ଷେପରେ**

## କଲେଜ ଛାତ୍ରଙ୍କ ବିୟୋଗରେ ଶୋକ

**କୁଚିଣ୍ଡା, ୯।୧୨(ବିରଞ୍ଚି ଦର୍ଵା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁତୁରାଚୁଆଁ କଲେଜର ଛାତ୍ର ସୁଜିତ ପ୍ରଧାନଙ୍କ ଅକାଳ ବିୟୋଗରେ ସୋମବାର କଲେଜରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବ୍ଲକ ଚନ୍ଦନିମାଲ ପଞ୍ଚାୟତର ଲସା ଗ୍ରାମର ବାସିନ୍ଦା ସୁଜିତ ଯୁକ୍ତ ୨ ଦ୍ୱିତୀୟ



ବର୍ଷ ଛାତ୍ର ଥିଲେ। କଲେଜ ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ, ଅଧ୍ୟାପିକା ଭାବନା ପାଣ୍ଡେ, ଅଧ୍ୟାପକ ସତ୍ୟନାରାୟଣ ପଟେଲ, ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ, ଡିଇଓ ସମିନ ରଞ୍ଜନ ନାଏକ, ଜୟଦେବ ରାଉତ, ଅସିମ କୁମାର ପରୁଆଙ୍କ ସମେତ କଲେଜର ଉଭୟ ବର୍ଷର ଛାତ୍ରୀଛାତ୍ରମାନେ ଦିବଙ୍ଗତ ଛାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ପରେ ସ୍ୱର୍ଗତ ପ୍ରଧାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଅଧ୍ୟାପକ ସୁଧିର କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ମୃତ ଛାତ୍ର ଯୁକ୍ତ ୨ ପରୀକ୍ଷା ପାଇଁ ଫର୍ମପୂରଣ କରିଥିଲେ।

## ଆୟୁଷ୍ମାନ୍ ଆରୋଗ୍ୟ ଶିବିର

**କୁଚିଣ୍ଡା, ୯।୧୨(ବିରଞ୍ଚି ଦର୍ଵା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତ ଅନ୍ତର୍ଗତ କଟୁପାଲି ଗ୍ରାମରେ ସୋମବାର ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋପାଲପାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଦ୍ୱାରା ପରିଚାଳିତ ଶିବିରରେ ବାଙ୍କେ ସରପଞ୍ଚ ପିଙ୍କି ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ଜାହ୍ନବୀ ନାଏକ, ସିଏଚଓ ରାଜେଶ୍ୱରୀ ପାତ୍ର, ଅଙ୍ଗନୱାଡି କର୍ମୀ କସ୍ତୁରୀ ବେସନ, ଆଶାକର୍ମୀ ଅଞ୍ଜୁ ଧରୁଆ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମର ଶତାଧିକ ମହିଳାପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**କୁଚିଣ୍ଡା, ୯।୧୨(ବିରଞ୍ଚି ଦର୍ଵା)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବକ୍ସମାଠାରେ ସୋମବାର ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବକ୍ସମା ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା ଏହି ଶିବିରକୁ ବରିଷ୍ଠ ଚିକିତ୍ସକ ଡା.ସୂର୍ଯ୍ୟ କୁମାର ପାଢ଼ୀ ଉଦ୍‌ଘାଟନ କରିଥିଲେ। କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ସଭାପତି ଧିରେନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରରେ ଡା. ପାଢୀଙ୍କ ସହ କୁଚିଣ୍ଡା ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡା.ସୁବୋଧ କୁମାର ନାୟକ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ବକ୍ସମା ସରପଞ୍ଚ ସରସ୍ୱତୀ ଠାକୁର, ପିଇଓ ବର୍ଷାରାଣୀ ବିଶ୍ୱାଳ, ଏଡିଇଓ ସରୋଜ ଆଚାର୍ଯ୍ୟ ଓ ଟେକନିସିଆନ ସୌରଭ କର ଶିବିର ପରିଚାଳନାରେ ସହାୟତା କରିଥିଲେ। ୬୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

# ବ୍ୟବସ୍ଥିତ ଢଙ୍ଗରେ ଧାନକ୍ରୟକୁ ପ୍ରାଥମିକତା

**ବିଭିନ୍ନ ଧାନମଣ୍ଡି ପରିଦର୍ଶନ ବେଳେ କହିଲେ ମନ୍ତ୍ରୀ**

**କୁଚିଣ୍ଡା, ୯।୧୨(ବିରଞ୍ଚି ଦର୍ଵା)**

ଚାଷୀ ତାର କଷ୍ଟୋପାର୍ଜିତ ଧାନର ମୂଲ୍ୟ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ପାଇବ ଏବଂ ଧାନକ୍ରୟ କିଭଳି ବ୍ୟବସ୍ଥିତ ଢଙ୍ଗରେ ହୋଇପାରିବ ସରକାର ତାହା ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ସୋମବାର ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ଧାନମଣ୍ଡି ପରିଦର୍ଶନ ଅବସରରେ ଏହା କହିଛନ୍ତି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ। ଏଥିସହ ମଣ୍ଡି ଅବ୍ୟବସ୍ଥାର ସୁଧାର ଆଣିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

ମନ୍ତ୍ରୀ ନାଏକ ବାମରା ବ୍ଲକର ଗଡପୋଷ, ଉଛକାପାଟ, କୁଟାରିମାଲ, ମହୁଲପାଲି କୁଚିଣ୍ଡା ବ୍ଲକର ପାରୁଆଭାଡି, କୁନ୍ତରା, କୁସୁମୀ ଏବଂ ଜମନକିରା ବ୍ଲକର ଡିମିରିମୁଣ୍ଡା ଓ ଭୋଜପୁର ମଣ୍ଡି ପରିଦର୍ଶନ କରିଥିଲେ। ମଣ୍ଡି ପରିଦର୍ଶନ ସମୟରେ ସେ ଚାଷୀ ଓ କ୍ରୟକାରୀ ସଂସ୍ଥାଙ୍କ ସହ ଆଲୋଚନା କରିଥିଲେ। ଏହାଛଡା ବାମରା ବ୍ଲକର ଉଛକାପାଟ, କୁଚିଣ୍ଡା



ପାରୁଆଭାଡ଼ି ମଣ୍ଡିରେ ମନ୍ତ୍ରୀ ରବି ନାରାୟଣ ନାଏକ ଧାନକ୍ରୟ ସଂସ୍ଥା ଓ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

ବ୍ଲକର କୁସୁମୀ ଏବଂ ଜମନକିରା ବ୍ଲକର ଡିମିରିମୁଣ୍ଡା ଓ ଭୋଜପୁର ଧାନକ୍ରୟ ପାଲି ନଥିଲେ ମଧ ସେ ଉକ୍ତ ମଣ୍ଡି ଭିତ୍ତିଭୂମି ପରଖିଥିଲେ। କୁଚିଣ୍ଡା ଉପଖଣ୍ଡରେ ନଭେମ୍ବର ୨୭ରୁ ଧାନକ୍ରୟ ଆରମ୍ଭ ହୋଇଛି। ହେଲେ ମଣ୍ଡି ମାନଙ୍କରେ କଟ୍‌ନି ଛଟନି କରିବା, ମଣ୍ଡିରେ ଧାନ ଓହ୍ଲା ନ ଯାଇ ବିନା ଯାଞ୍ଚରେ ସିଧାସଳଖ ମିଲ୍ ପଏଣ୍ଟକୁ ଯାଉଛି। ତେଣୁ ମଣ୍ଡି ଅବ୍ୟବସ୍ଥା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ମଣ୍ଡି ଅବ୍ୟବସ୍ଥା ସମ୍ପର୍କରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ଯେ, ମଣ୍ଡି ମାନଙ୍କରେ ଆବଶ୍ୟକ ଭିତ୍ତିଭୂମି ନଥିବା, କଟ୍‌ନ ଛଟ୍‌ନି ଭଳି ସେ ଚାଷୀଙ୍କଠାରୁ ଅଭିଯୋଗ ପାଇଛନ୍ତି। ଏଥିରେ ସୁଧାର ଆଣିବା ସହ ସମସ୍ତ ଚାଷୀ କିଭଳି କୁଇଣ୍ଟାଲ ପ୍ରତି ୩୧ ଶହଟଙ୍କା ପାଇବେ ପଦକ୍ଷେପ ନେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା କହିଥିଲେ। ମନ୍ତ୍ରୀଙ୍କ ଧାନମଣ୍ଡି ପରିଦର୍ଶନ ସମୟରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ, କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ଉପଖଣ୍ଡ ଯୋଗାଣ ଅଧିକାରୀ ରାଜକିଶୋର ସ୍ୱାଇଁ, ଆରଏମ୍‌ସି ସମ୍ପାଦକ କିଶୋର କୁମାର ନାଏକ, ବାମରା ବିଡିଓ ପୁଷ୍ପକ ପ୍ରଧାନ, ତହସିଲଦାର ଦିଲୀପ ପ୍ରଧାନ, କୁଚିଣ୍ଡା ବିଡିଓ ଜୟନ୍ତ ସାହୁ, ତହସିଲଦାର ମିତାଲି ମଧୁମିତା ଦଳେଇ, ଅତିରିକ୍ତ ତହସିଲଦାର ଅନିମା ସୋରେଙ୍ଗ, ଆସିଷ୍ଟାଣ୍ଟ କଲେକ୍ଟର ଭାସ୍କର ଚନ୍ଦ୍ର ବେହେରା, କୁଚିଣ୍ଡା ବ୍ଲକ ଯୋଗାଣ ଅଧିକାରୀ ପ୍ରସନ୍ନ ଦେହୁରୀ, ନୋଡାଲ ଅଫିସର ତଥା ପାରୁଆଭାଡି ପଞ୍ଚାୟତ ପିଇଓ ଆଶା ପ୍ରଧାନଙ୍କ ସମେତ ଜିଲା ଓ ଉପଖଣ୍ଡର ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମାସୁଦ ଆଲାମ ମହାବିଦ୍ୟାଳୟ ପାଇଁ ଆଦର୍ଶ



ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ମାସୁଦ ଆଲାମଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ଭାବେ ପୁରସ୍କୃତ ହୋଇଥିଲେ**

**ସମ୍ବଲପୁର, ୯।୧୨(ଭବାନୀ ଶଙ୍କର ଭୋଇ)**

ଅନ୍ତର୍ଜାତୀୟ ସ୍ୱୟଂସେବକ ଦିବସରେ ସମ୍ବଲପୁରର ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ସ୍ନାତକୋତ୍ତର ପ୍ରଥମବର୍ଷ ଛାତ୍ର ମାସୁଦ ଆଲାମଙ୍କୁ ଭୁବନେଶ୍ୱର ସିଓଆଇଏସଡ଼ିଠାରେ ସର୍ବୋତ୍ତମ ରାଷ୍ଟ୍ରୀୟ ସେବା ଯୋଜନା ସ୍ୱେଚ୍ଛାସେବୀଭାବେ ସମ୍ମାନୀତ କରାଯାଇଥିଲା। ଏହି ସଫଳତା ପାଇଁ ସୋମବାର ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ପିକେ ହରପାଲ ଏହି ଅବସରରେ ବକ୍ତବ୍ୟ ରଖି ମାସୁଦ ମହାବିଦ୍ୟାଳୟ ପାଇଁ ଉଦାହରଣ ବୋଲି କହିଥିଲେ। ଗଣିତ ବିଭାଗ ମୁଖ୍ୟ ଡ. ପି.କେ. ପଣ୍ଡା, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ସତ୍ୟପ୍ରକାଶ ଟୁଡୁ, ଅର୍ଥନୀତି ବିଭାଗ ସହକାରୀ ଅଧ୍ୟାପିକା ପ୍ରିୟଦର୍ଶିନୀ ବେଉରା, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱଜିତ ମହାନ୍ତି ଆଲାମଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଜାତୀୟ ସେବା ଯୋଜନାର ଆଲାମ ଜଣେ ଆଗଧାଡିର ସ୍ୱେଚ୍ଛାସେବୀଭାବେ ବୃକ୍ଷରୋପଣ କରି ପ୍ରକୃତିର ସଂରକ୍ଷଣରେ ଉଦ୍ୟମ କରୁଛନ୍ତି। ରକ୍ତଦାନ ଶିବିର, ପାଣି ସଂରକ୍ଷଣ ଉପରେ ଜାଗୃକ୍ତା ଅଭିଯାନ, ତମାଖୁ ନିଷେଧ, ସ୍ୱଚ୍ଛ ଭାରତ ଅଭିଯାନ ଏବଂ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କୀୟ ଅଭିଯାନ ପ୍ରସାରଣରେ ଅଗ୍ରଣୀ ଭୂମିକା ନେଇଛନ୍ତି।

# ଜିଲା ପ୍ରଶାସନର ଜନଶୁଣାଣି ଶିବିର





ଅଧିକାରୀମାନେ ଶିବିରରେ ଅଭିଯୋଗର ଶୁଣାଣି କରୁଛନ୍ତି।

**ରେଢ଼ାଖୋଲ, ୯।୧୨ (ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ରାଜୀବ ଗାନ୍ଧୀ ଭବନଠାରେ ଜିଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଜନଶୁଣାଣୀ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛ। ଶିବିରରେ ୪୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୧୩ଟି ସାମୂହିକ ଥିଲା। ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳଙ୍କ ଅନୁପସ୍ଥିତରେ ଯୋଗଦେଇଥିବା ଅତିରିକ୍ତ ଜିଲାପାଳ ସୂଚାରୁ କୁମାର ବଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ପୋର୍ଟାଲରେ ରହିଥିବା ବିଭିନ୍ନ ଅଭିଯୋଗଗୁଡିକ ଉପରେ ତ୍ୱରିତ ପଦକ୍ଷେପ ନେବାପାଇଁ କହିଥିଲେ। ଅଭିଯୋଗ ଶୁଣାଣି ପୂର୍ବରୁ ଅତିରିକ୍ତ ଜିଲାପାଳ ହିତାଧିକାରୀଙ୍କୁ ଟ୍ରାଇସାଇକେଲ, ଭତ୍ତା ଏବଂ ଆଶାବାଡ଼ି ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଅଜୟ ମିଶ୍ର, ରେଢ଼ାଖୋଲ ଉପଜିଲାପାଳ ରଶ୍ମି ରଞ୍ଜନ ମହାନ୍ତ, ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ବିଡିଓ ମନୋଜ କୁମାର ମେହେର, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା, ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ।

## ବୁର୍ଲାରେ ଜବରଦଖଲ ଉଚ୍ଛେଦ

**ସମ୍ବଲପୁର, ୯।୧୨ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସୋମବାର ବୁର୍ଲା ସହରରେ କିର୍ବା ଛକରୁ ପିଜି ଛକ ପର୍ଯ୍ୟନ୍ତ ହୋଇଥିବା ଜବରଦଖଲ ହଟା ଯାଇଥିଲା। ଏହି ରାସ୍ତା ବୁର୍ଲା ସହରକୁ ଯିବାକୁ ପ୍ରମୁଖ ପ୍ରବେଶ ପଥ। ଏହି ପଥରେ ବେଆଇନ ଭାବେ ଜବରଦଖଲ କରି ଦୋକାନ ନିର୍ମାଣ ହୋଇଥିଲା। ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଜବରଦଖଲ ହଟାଇବାକୁ ପଦକ୍ଷେପ ନିଆଯାଇ ଥିଲା। ଏଥିରେ ସମ୍ବଲପୁର ତହସିଲଦାର, ବୁର୍ଲା ଏସ୍‌ଡିପିଓ, ବୁର୍ଲା ଥାନ ଅଧିକାରୀ, ମହାନଗର ନିଗମ କାର୍ଯ୍ୟାଳୟର ପ୍ରବର୍ତ୍ତନ ବିଭାଗ କର୍ମଚାରୀମାନେ ସାମିଲ ରହିଥିଲେ।

## ଡଙ୍ଗରପଡ଼ା ପଞ୍ଚାୟତରେ ହାତୀ ଉପଦ୍ରବ

**ସମ୍ବଲପୁର, ୯।୧୨ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ ଡଙ୍ଗରପଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଦେଖାଦେଇଛି। ସୋମବାର ଡଙ୍ଗରପଡା ପଞ୍ଚାୟତ ସରପଞ୍ଚ ଅୟସକାନ୍ତ ବଡ଼ପଣ୍ଡା ପଡିଆବାହାଲ ବନାଞ୍ଚଳ ଅଧିକାରୀଙ୍କୁ ଭେଟି ଏ ନେଇ ଅବଗତ କରିଛନ୍ତି। ସରପଞ୍ଚଙ୍କ ସୂଚନା ଅନୁସାରେ ରବିବାର ରାତିରେ ହାତୀ ଡଙ୍ଗରପଡା ଗ୍ରାମର ନିରାକାର ବଡ଼ପଣ୍ଡା, କୁଦୋପଡାର ପ୍ରକାଶ ମିର୍ଦ୍ଧା, ବିଜୟ ପ୍ରଧାନ, ଭଣ୍ଡାରିମାଲ ବନ୍ଧପଡାର ତୀର୍ଥ ମିର୍ଦ୍ଧାଙ୍କ ଖରିରେ ଥିବା ୧୦ ଏକର ଜମିର ଧାନକୁ ଖାଇବା ସହ ଦଳିଚକଟି ପକାଇଛନ୍ତି। ଚଳିତ ଥର କେବଳ ନୁହେଁ, ଗତ କିଛି ବର୍ଷ ହେବ ହାତୀ ଉପଦ୍ରବରେ ଡଙ୍ଗରପଡା ପଞ୍ଚାୟତର



ଡଙ୍ଗରପଡା ପଞ୍ଚାୟତରେ ଉପଦ୍ରବ କରୁଥିବା ହାତୀ।

ବାସିନ୍ଦା ଅତିଷ୍ଠ ହୋଇପଡ଼ିଥିବାରୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ସେ ଦାବି କରିଛନ୍ତି। ପଡିଆବାହାଲ ବନାଞ୍ଚଳ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ ଜିଲାପାଳ ଏବଂ ବନଖଣ୍ଡ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସରପଞ୍ଚ ବଡପଣ୍ଡା ଓ ଗ୍ରାମବାସୀ ସୂଚନା ଦେଇଛନ୍ତି।

## ଅବସରପ୍ରାପ୍ତ ପିଇଟିଙ୍କ ପରଲୋକ

**ସମ୍ବଲପୁର, ୯।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ର ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ପ୍ରଶିକ୍ଷକ(ପିଇଟି) ସତୀଶ ଚନ୍ଦ୍ର ପଟ୍ଟନାୟକଙ୍କ ଏଠାରେ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ସେ ବୁଢାରଜା ଜଗନ୍ନାଥ କଲୋନୀସ୍ଥିତ ନିଜ ବାସଭବନରେ ରହୁଥିଲେ। କୋଭିଡ୍ ସମୟରୁ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ସେ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଗଗନ ମହାନ୍ତି, ୨ ପୁଅ ପ୍ରତ୍ୟୁଷ ରଞ୍ଜନ, ସୌମ୍ୟରଞ୍ଜନ, ଝିଅ ପୂଜାରିଣୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ମନ୍ଦଲିଆସ୍ଥିତ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସୋନପୁର ସହର ଗଡଭିତରପଡ଼ାର ମୂଳବାସିନ୍ଦା ସ୍ୱର୍ଗତ ପଟ୍ଟନାୟକ ୧୯୭୮ ମସିହାରୁ ଚାକିରୀ ଜୀବନ ଆରମ୍ଭ କରି ୨୦୦୬ ମସିହାରେ ଅବସର ଯାଏ ଗଙ୍ଗାଧର ମେହେର କଲେଜରେ ପିଇଟି ରହିଥିଲେ। ଏହାସହିତ ସେ ଜିଲା କ୍ରୀଡ଼ା ସଂଘ, ମାଷ୍ଟର୍ସ ଆଥଲେଟିକ ଆସୋସିଏଶନ, ମେହେର ଆସୋସିଏଶନ ଅନ୍ୟ କ୍ରୀଡ଼ା ଅନୁଷ୍ଠାନ ସହ ଜଡିତ ଥିଲେ।

# ସମ୍ବଲପୁରୀ ଧନୁଯାତ୍ରା ପାଇଁ ଶ୍ରୀକୃଷ୍ଣ, ବଳରାମ ବରଣ

**ସମ୍ବଲପୁର, ୯।୧୨(ପ୍ରମୋଦ ବହିଦାର)**

ସମ୍ବଲପୁରରେ ୨୦୨୫ ଜାନୁଆରୀ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ସମ୍ବଲପୁରୀ ଧନୁଯାତ୍ରା ପାଇଁ ସୋମବାର ଶ୍ରୀକୃଷ୍ଣ ଓ ବଳରାମ ବରଣ ନୀତି ସମ୍ପନ୍ନ ହୋଇଯାଇଛି। ମାନେଶ୍ୱର ବ୍ଲକ ଛତାବରର ଦୁଷ୍ମନ୍ତ ପଣ୍ଡା ଓ ପୁଷ୍ପାଞ୍ଜଳି ପଣ୍ଡାଙ୍କ ପୁତ୍ର ଓମ ସାଇରାମ ପଣ୍ଡାଙ୍କୁ ଶ୍ରୀକୃଷ୍ଣ ଭୂମିକାରେ ଓ ଟିହିକିପାଲି ଗ୍ରାମର ଅଶୋକ ଡନସନା ଓ ଅହଲ୍ୟା ଡନସନାଙ୍କ ପୁତ୍ର ସତ୍ୟବ୍ରତଙ୍କୁ ବଳରାମ ଅଭିନେତାଭାବେ ବରଣ କରାଯାଇଛି। ଶ୍ରୀକୃଷ୍ଣଙ୍କୁ ବରଣ ନୀତି କାର୍ଯ୍ୟରେ କମିଟି ସଭାପତି ସଞ୍ଜୟ ବାବୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେହିପରି ବଳରାମଙ୍କୁ ବରଣ ନୀତିରେ କମିଟି କାର୍ଯ୍ୟକାରୀ ସଭାପତି କମଲ ଲୋଚନ ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଉଭୟ କାର୍ଯ୍ୟକ୍ରମରେ କମିଟି ସମ୍ପାଦକ ଗୁଣରଞ୍ଜନ ସାଲିମା,



ଶ୍ରୀକୃଷ୍ଣ ବରଣ କାର୍ଯ୍ୟକ୍ରମରେ କମିଟି ସଦସ୍ୟମାନେ।

କୋଷଧକ୍ଷ ନିଶିକାନ୍ତ ବିଶ୍ୱାଳ, ନିର୍ଦ୍ଦେଶକ ବାବଲୁ ବାଗ, ସାଂସ୍କୃତିକ ସମ୍ପାଦକ କୃଷ୍ଣଚନ୍ଦ୍ର ବାଗଙ୍କ ସମେତ ଚୈତନ୍ୟ ନାୟକ, ଯୋଗେଶ ନନ୍ଦ, ଲଳିତ ବେବର୍ତ୍ତା, ଜୟକୃଷ୍ଣ ବେହେରା, ଲିଳିମା ମଲ୍ଲିକ ପ୍ରମୁଖ କମିଟ ସଦସ୍ୟ ଉପସ୍ଥିତ ଥିଲେ।

## ସଜାଗ ରେଳବାଇ ନିରାପତ୍ତା କର୍ମଚାରୀ ପୁରସ୍କୃତ



ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକଙ୍କ ଦ୍ୱାରା ପୁରସ୍କୃତ ରେଳବାଇ କର୍ମଚାରୀ।

**ସମ୍ବଲପୁର, ୯।୧୨(ପ୍ରମୋଦ ବହିଦାର)**

ସର୍ବଦା ସଜାଗ ତଥା ନିରାପତ୍ତା ଉପରେ ଗଭୀର ଜ୍ଞାନ ରହିଥିବା ୩ ଜଣ ରେଳବାଇ କର୍ମଚାରୀଙ୍କୁ ସେମାନଙ୍କ କର୍ତ୍ତବ୍ୟନିଷ୍ଠା ଓ ସମର୍ପିତ ଭାବ ପାଇଁ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ପୁରସ୍କୃତ କରାଯାଇଛି। ସେମାନେ ହେଲେ ସମ୍ବଲପୁରର ବରିଷ୍ଠ ସେକ୍ସନ ଇଞ୍ଜିନୟର ସିଆଣ୍ଡଡବ୍ଲ୍ୟୁ ନିୟନ୍ତ୍ରଣ ଅମୂଲ୍ୟଜ୍ୟୋତି ରାଉତରାୟ, ନୂଆପଡ଼ା ରୋଡ଼ ଷ୍ଟେଶନମାଷ୍ଟର ସଦାଶିବ ପ୍ରଧାନ ଓ ନୂଆପଡ଼ା ପଏଣ୍ଟସ ମ୍ୟାନ୍-ଖ ରଣିଜିତ କୁମାର। ସମ୍ବଲପୁର ରେଳ ମଣ୍ଡଳରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ଉକ୍ତ କର୍ମଚାରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରି ସମ୍ମାନିତ କରିବା ସହ ପୁରସ୍କାର ସ୍ୱରୂପ ନଗଦ ରାଶି ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ, ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଅଖିଳେଶ ତ୍ରିପାଠୀ, ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଯନ୍ତ୍ରୀ ଦୀପକ ପରସରାମପୁରିଆ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ପିତ ସୌରଭ ନାୟକଙ୍କ ସମେତ ବରିଷ୍ଠ ଶାଖା ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭୀମ ଭୋଇ କଲେଜ ପରିଦର୍ଶନ କଲେ ନାକ୍ ଟିମ୍

**ରେଢାଖୋଲ, ୯।୧୨ (ଅଚ୍ୟୁତାନନ୍ଦ ପୁରୋହିତ)**

ରାଷ୍ଟ୍ରୀୟ ମୂଲ୍ୟାୟନ ଓ ପ୍ରତ୍ୟାୟନ ପରିଷଦ(ନାକ୍)ର ପ୍ରତିନିଧି ଦଳ ସୋମବାର ସମ୍ବଲପୁର ଜିଲା ରେଢାଖୋଲ ଭୀମ ଭୋଇ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ଆଲଗାପ୍ପା ବିଶ୍ୱବିଦ୍ୟାଳୟ ତାମିଲନାଡୁର ପୂର୍ବତନ କୁଳପତି ପ୍ରଫେସର ସୁବିହା ଶୋକିଆହୁଙ୍କ ଅଧକ୍ଷତାରେ ସର୍ଦ୍ଦାର ପଟେଲ ବିଶ୍ୱବିଦ୍ୟାଳୟ ଗୁଜୁରାଟର ପଦାର୍ଥ ବିଜ୍ଞାନ ବିଭାଗ ପ୍ରଫେସର ଅରୁଣ ଆନନ୍ଦ, ସଂଯୋଜକ ସଦସ୍ୟ ପ୍ରଫେସର ମିଳିନ୍ଦ ଜେ. ଉମେକର, ମହାରାଷ୍ଟ୍ର କାମ୍ପଟେର ଭୟୟାର କଲେଜ ଅଫ ଫର୍ମାସି ଅଧକ୍ଷ କିଶୋରୀ ତାଇ ଆସିଛନ୍ତି। ପରିଦର୍ଶନର ପ୍ରଥମ ଦିବସରେ ସେମାନେ କଲେଜର ବିଭିନ୍ନ ବିଭାଗ ସହ ଗ୍ରନ୍ଥାଗାର, ବିଜ୍ଞାନ ବିଭାଗର ବିଭିନ୍ନ ପରୀକ୍ଷାଗାର, କ୍ରୀଡା ଭିତ୍ତିଭୂମି ପରିଦର୍ଶନ କରିଛନ୍ତି। ଅପରାହ୍ନରେ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ସହିତ ପୃଥକ ବୈଠକରେ ଆଲୋଚନା କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଅନ୍ୟମାନଙ୍କ ସହ ନାକ୍ କମିଟି ସଦସ୍ୟ।

# କବାଡ଼ିଖାନାରୁ ଗଞ୍ଜେଇ ଜବତ, ୨ ଗିରଫ

**ସମ୍ବଲପୁର, ୯।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ଧନୁପାଲି ଥାନା ପୋଲିସ କୁଲୁଥକାନୀରେ ଥିବା ଏକ କବାଡ଼ିଖାନାରେ ଗଚ୍ଛିତ ବ୍ୟାପକ ପରିମାଣର ଗଞ୍ଜେଇ ଜବତ କରିଛି। ଏହାସହ ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଅନ୍ତର୍ଗତ ଦାଦୁମ୍ ଗ୍ରାମର ସମୀର ମହାନନ୍ଦ(୨୮) ଓ ସମ୍ବଲପୁର ଅଇଁଠାପାଲି ଥାନା କରମଟୋଲିର ସୋମନାଥ ଦାସ(୩୫)। ସୋମବାର ଧନୁପାଲି ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ସଦର ଏସ୍‌ଡିପିଓ ତୋଫାନ ବାଗ।

ଏସ୍‌ଡିପିଓ ବାଗଙ୍କ ଲସୂଚନା ଅନୁସାରେ କୁଲଥକାନୀର ଉକ୍ତ କବାଡ଼ିଖାନାରେ ଗଚ୍ଛିତ ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

ସମ୍ପର୍କରେ ଧନୁପାଲି ଥାନା ପୋଲିସକୁ ଖବର ମିଳିଥିଲା। ଉକ୍ତ ତଥ୍ୟ ଆଧାରରେ ପୋଲିସ ସଦଳବଳ ସେଠାରେ ଚଢ଼ାଉ କରି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେଠାରେ ଗଚ୍ଛିତ ଥିବା ୧୨୨.୧୦ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ଗଞ୍ଜେଇ ଚାଲାଣରେ ବ୍ୟବହୃତ ହେବାକୁ ଥିବା ଦୁଇଟି ମିନିଟ୍ରକ୍(ଓଆର୍-୧୫-ଟି-୨୮୧୮ ଓ ଓଡି-୧୫-ୟୁ-୭୯୬୦), ଗୋଟିଏ ଟାଟା ଏସ୍‌ଇ(ଓଆର୍-୧୫-ଏସ୍-୧୭୪୭), ନଗଦ ୩୯୦ ଟଙ୍କା ଜବତ କରିଛି ପୋଲିସ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ସେ କହିଛନ୍ତି।

**ବରଗଡରୁ ପରିବା ସହ ଗଞ୍ଜେଇ ଚାଲାଣ ଯୋଜନା ଥିଲା**

ସେ କହିଛନ୍ତି ଯେ, ଗୋଟିସ ମିନିଟ୍ରକ ଓ ଟାଟା ଏସ୍‌ଇ ଗାଡ଼ିରେ ଜବତ ଗଞ୍ଜେଇ ଫୁଲବାଣୀରୁ ସମ୍ବଲପୁର ଆସିଥିଲା। ଏଠାରୁ ଉକ୍ତ ଗଞ୍ଜେଇ ବରଗଡ଼ ଯାଇ ସେଠାରୁ ଏହା ସହିତ ପରିବା ବେଝେଇ କରି ରାୟପୁର ନେବାର ଯୋଜନା ରହିଥିଲା ବୋଲି ଜେରା ବେଳେ ଅଭିଯୁକ୍ତଦ୍ୱୟ ସ୍ୱୀକାର କରିଛନ୍ତି। ଏହାକୁ ନେଇ ଧନୁପାଲି ଥାନାରେ ଏକ ମାମଲା(୫୦୮/୨୪)ରୁଜୁ କରି ୨ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ବାଗ କହିଛନ୍ତି।

# ଜମି କିଣିବାରୁ ହେଲେ ଅଯୋଗ୍ୟ

**ଜନଗଣଙ୍କ ମଙ୍ଗଳ ପାଇଁ ସରକାର ନିୟମ ତିଆରି କରନ୍ତି। ଉକ୍ତ ନିୟମ ଠିକ୍ କାର୍ଯ୍ୟକାରୀକରି ଜନସାଧାରଣଙ୍କୁ ଯୋଜନାର ସୁଫଳ ପହଞ୍ଚାଇବା ସରକାରୀ ଅଧିକାରୀଙ୍କ କାର୍ଯ୍ୟ ହେବା ଉଚିତ। ତେବେ ଠିକଣା ସମୟରେ ମାର୍ଗଦର୍ଶନ ନ କରି ନିୟମର ଭୁଲ୍ ବ୍ୟାଖ୍ୟା କଲେ ପରିସ୍ଥିତି କିଭଳି ଗମ୍ଭୀର ହୋଇଯାଏ ଏବଂ ଯୋଜନା କିଭଳି ଜନବିରୋଧୀ ହୋଇପାରେ ଏହା ଲୋୟର ସୁକ୍ତେଲ ପ୍ରକଳ୍ପ ପ୍ରଭାବିତ ଭୂମିହୀନଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି।**

## ଲୋୟର ସୁକ୍ତେଲ ପ୍ରକଳ୍ପ ଭୂମିହୀନ ବିସ୍ଥାପିତଙ୍କ ଦୁର୍ଦ୍ଦଶା



ଲୋଇସିଂହା ତହସିଲର କୁସମେଲ ଅସ୍ଥାୟୀ କଲୋନିରେ ରହୁଥିବା ଭୂମିହୀନ ବିସ୍ଥାପିତମାନେ।

ବଲାଙ୍ଗୀର,୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ଭୂମି ଅଧିଗ୍ରହଣ ଆଇନ ୨୦୧୩ରେ ପ୍ରକଳ୍ପ ପ୍ରଭାବିତ ଭୂମିହୀନ ପରିବାରଙ୍କୁ ଯେଉଁଭଳି ସହାୟତା ଯୋଗାଇବା ବ୍ୟବସ୍ଥା ରହିଛି ତା'ଠୁ ଢେର ଅଧିକ ସହାୟତା ଲୋୟର ସୁକ୍ତେଲ ପ୍ରକଳ୍ପ ବିସ୍ଥାପିତ ଭୂମିହୀନମାନଙ୍କୁ ଦିଆଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଥିଲେ। ଏପରିକି ରାଜ୍ୟରେ କେବଳ ଲୋୟର ସୁକ୍ତେଲ ପ୍ରକଳ୍ପର ଭୂମିହୀନ ବିସ୍ଥାପିତଙ୍କୁ ସ୍ୱତନ୍ତ୍ର ସହାୟତା ରାଶି ପରିବାର ପିଛା ୩ ଲକ୍ଷ ୫୪ ହଜାର ଟଙ୍କା ପ୍ରଦାନ କରାଯାଇଥିବା କୁହାଯାଇଥିଲା। ସେମାନଙ୍କୁ ଘରଡିହ ଏବଂ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ଏଭଳି ଘୋଷଣାରେ ଭୂମିହୀନ ବିସ୍ଥାପିତମାନେ କିଛି ମାତ୍ରାରେ ଆଶ୍ୱସ୍ତି ପ୍ରକାଶ କରିଥିଲେ। ଗାଁରୁ ବିସ୍ଥାପିତ ହେଲେ ବି ଠିକଣା ସ୍ଥାନରେ ମୁଣ୍ଡ ଗୁଞ୍ଜିବାକୁ ଘର ପାଇବେ ବୋଲି ଆଶା କରିଥିଲେ। ଏବେ ସେହି ଆଶା ମଉଳିବାରେ ଲାଗିଲାଣି। ଖାଲି ସେତିକି ନୁହେଁ, ସରକାରୀ ଅଧିକାରୀଙ୍କ ଅଜବ ନୀତି ଏବଂ ଯୋଜନାର ଭୁଲ୍ ବ୍ୟାଖ୍ୟା ସେମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ବିଭାଗୀୟ ସୂଚନା ମୁତାବକ, ଲୋୟର ସୁକ୍ତେଲ ପ୍ରକଳ୍ପରେ ୨୬୮ ଜଣ ଭୂମିହୀନ ପରିବାର ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ପରିବାରଙ୍କୁ ଘୋଷିତ ସ୍ୱତନ୍ତ୍ର ସହାୟତା ରାଶି ପ୍ରଦାନ କରାଯାଇଥିବା କୁହାଯାଉଛି। ମାତ୍ର ସେମାନଙ୍କ ମଧ୍ୟରୁ ପ୍ରାୟ ୧୦-୧୫ ପରିବାରଙ୍କୁ ଛାଡ଼ିଦେଲେ ଆଉ କୌଣସି ଭୂମିହୀନଙ୍କୁ ଏଯାବତ୍ ଘରଡିହ କିମ୍ବା ଆବାସଘର ଯୋଗାଇ ଦିଆଯାଇନାହିଁ। ସୁକ୍ତେଲ ପ୍ରକଳ୍ପ ପ୍ରଭାବିତ ବିଭିନ୍ନ ଗାଁର ବିସ୍ଥାପିତ ଲୋକଙ୍କ ପାଇଁ ବଲାଙ୍ଗୀର ଓ ଲୋଇସିଂହା ତହସିଲର କିଛି ସ୍ଥାନରେ ପୁନର୍ବାସ କଲୋନି କରାଯାଇଛି। ସେଠାରେ ଅନ୍ୟ ବିସ୍ଥାପିତଙ୍କୁ ଘରଡିହ ପ୍ରଦାନ କରାଯାଇଥିଲେ ମଧ୍ୟ ସେହି ଗାଁର ଭୂମିହୀନଙ୍କୁ ଘରଡିହ କି ଘର ଯୋଗାଇ ଦିଆଯାଇନାହିଁ। ଫଳରେ ଭୂମିହୀନମାନେ ଏଣେତେଣେ ରହୁଛନ୍ତି। କେତେଜଣ ଅସ୍ଥାୟୀ କଲୋନିରେ ରହୁଛନ୍ତି। ଭୂମିହୀନ ପରିବାରଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ ଏବଂ ଆବାସ ଯୋଜନାରେ ଘରଡିହ ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ଘରଡିହ ଏବଂ ଆବାସଘର ପ୍ରତିଶ୍ରୁତି ପାଇବା ପରେ କେତେଜଣ ଭୂମିହୀନ ସରକାରଙ୍କଠାରୁ ପାଇଥିବା ସ୍ୱତନ୍ତ୍ର ସହାୟତା ରାଶିରେ ଅଳ୍ପ ପରିମାଣର ଜମି କିଣିଦେଇଥିଲେ। ଏବେ ଏହି ଜମି କିଣା ସେମାନଙ୍କ ପାଇଁ କାଳ ହେଲାଣି। ସେମାନେ ଜମି କିଣିଦେବାରୁ ବସୁନ୍ଧରା ଯୋଜନାରୁ ଅଯୋଗ୍ୟ ହୋଇଗଲେ ବୋଲି ଏବେ ଅଧିକାରୀମାନେ କହିଲେଣି। ସେମାନଙ୍କୁ ଆଉ ବସୁନ୍ଧରା ଯୋଜନାରେ ଘରଡିହ ମିଳିବ ନାହିଁ ବୋଲି କୁହାଗଲାଣି। ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ କିଛିଦିନ ତଳେ ଲୋୟର ସୁକ୍ତେଲ ପ୍ରକଳ୍ପ ବିସ୍ଥାପିତଙ୍କ ସମୀକ୍ଷା ବୈଠକ ଡାକିଥିଲେ। ଉକ୍ତ ବୈଠକରେ ବିସ୍ଥାପିତମାନେ ଘରଡିହ କଥା ଉଠାଇଥିଲେ। ସେହି ବୈଠକରେ ଲୋଇସିଂହା ତହସିଲଦାର କହିଥିଲେ, ଜମି କିଣିଦେବାରୁ ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଘରଡିହ ଦେବା ସମସ୍ୟା ହେଉଛି। ଚିହ୍ନଟ ହୋଇଥିବା ୧୨୦ ଭୂମିହୀନ ପରିବାରରୁ ମାତ୍ର ୬ ଜଣ ଯୋଗ୍ୟ ହେଉଛନ୍ତି। ସେଠାରେ ଥିବା ଉପଜିଲାପାଳ ଓ ଏଡିଏମ୍ ମଧ୍ୟ ଜମି ଥିଲେ ବସୁନ୍ଧରା ପୋର୍ଟାଲରେ ଆବେଦନ ସମ୍ଭବ ନୁହେଁ ବୋଲି କହିଥିଲେ। ତେବେ ଭୂମିହୀନମାନେ ବସୁନ୍ଧରା ହିତାଧିକାରୀ ନ ଥିଲେ। ସେମାନେ ଲୋୟର ସୁକ୍ତେଲ ପ୍ରକଳ୍ପ ବିସ୍ଥାପିତ। ସେମାନଙ୍କୁ ଯେକୌଣସି ଯୋଜନାରେ ଘରଡିହ ଆବଶ୍ୟକ। ଏକଥା ଅଧିକାରୀମାନେ ଆଲୋଚନାକରି ନ ଥିଲେ। ଅଧିକାରୀଙ୍କ ଭୁଲ୍ ବ୍ୟାଖ୍ୟା ଏବେ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସେମାନେ ଭୂମିହୀନଙ୍କ ସମସ୍ୟା ସମାଧାନ ଛାଡ଼ି ବସୁନ୍ଧରା ଯୋଜନା ଗାଇଡଲାଇନ୍‌ରେ ମାତିଛନ୍ତି। ଏ ସଂକ୍ରାନ୍ତରେ ଲୋୟର ସୁକ୍ତେଲ ଜଳସେଚନ (ପୁନର୍ବାସ ଏବଂ ଥଇଥାନ) ପ୍ରକଳ୍ପ ଅଧିକାରୀ ନୂତନ ସେଠ୍‌ଙ୍କୁ ପଚାରିବାରୁ ପୂର୍ବରୁ ବସୁନ୍ଧରା ଯୋଜନାରେ ଭୂମିହୀନ ପରିବାରଙ୍କୁ ଘରଡିହ ଦିଆଯିବ ବୋଲି କୁହାଯାଇଥିଲା। ଭୂମିହୀନ ପରିବାରଗୁଡ଼ିକ ପାଇଁ ବାଡ଼ିଆ-ଲକାବାହାଲ ପୁନର୍ବାସ କଲୋନି ପାଇଁ ଉଦ୍ଦିଷ୍ଟ ସ୍ଥାନରେ ପ୍ଲଟ୍ ରିଜର୍ଭ ରଖାଯାଇଛି। ସେମାନେ ଚାହିଁଲେ ସେଠାରେ ଯୋଗାଇ ଦିଆଯିବ। ମାତ୍ର ରୋଜଗାର କଥା ଉଠାଇ ବିସ୍ଥାପିତମାନେ ସେଠାକୁ ଯିବାକୁ ଚାହୁଁନାହାନ୍ତି ବୋଲି କହୁଥିବା ଜଣାଇଛନ୍ତି।

# ଅଭିଯୋଗ ଶୁଣାଣି ଶିବିର



ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

ଖପ୍ରାଖୋଲ,୯।୧୨(ଅଭୟ ତ୍ରିପାଠୀ)

ସୋମବାର ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସ୍ଥାନୀୟ ସରପଞ୍ଚ ରୀନା ଜାଲ ଅଧ୍ୟକ୍ଷତା କରିଥିଲେ। ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍ଠ ବିଭାର, ଏପିଓ ପ୍ରଶାନ୍ତ କୁମାର ସାହୁ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମୀଣ ଆବାସ ସମ୍ପର୍କିତ ୨୧୫, ରେଶନ କାର୍ଡ ୭୬, ପାନୀୟଜଳ ଯୋଗାଣ ୨, ଭତ୍ତା ୧୧, ସ୍ୱାସ୍ଥ୍ୟ ସମ୍ପର୍କିତ ୪୦ ଓ ଅନ୍ୟାନ୍ୟ ୧୦ଟି ଅଭିଯୋଗ ହୋଇଥିବା ଜଣାଯାଇଛି। ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିବା ବେଳେ ଡିଲେଶ୍ୱର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଖାଲି ପଡ଼ିଥିବା ପଦବୀ ପୂରଣ ଦାବିରେ ଛାତ୍ର କଂଗ୍ରେସର ବିକ୍ଷୋଭ




ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବଲାଙ୍ଗୀର,୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

**ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ**

ସୋମବାର ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକଠାରେ ବିଶ୍ୱବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଭାବେ ଅପଗ୍ରେଡ କରାଯିବାର ୪ ବର୍ଷରୁ ଅଧିକ ଦିନ ବିତି ଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ବହୁ ବିଭାଗରେ ସ୍ଥାୟୀ ପ୍ରଫେସର ନାହାନ୍ତି। ଫଳରେ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ବିଶ୍ୱବିଦ୍ୟାଳୟରେ ଅଣଶିକ୍ଷକ ପଦବୀ ବହୁ ମାତ୍ରାରେ ଖାଲି ପଡିଛି । ଯଦ୍ୱାରା ଅଫିସ ପରିଚାଳନାରେ ଘୋର ଅସୁବିଧା ହେଉଛି। ଏସବୁ ସମସ୍ୟାକୁ ନେଇ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ର କଂଗ୍ରେସ କ୍ୟାମ୍ପସ ସଭାପତି ଚିନ୍ମୟ ବେହେରାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଯଥାଶୀଘ୍ର ସମସ୍ତ ଖାଲି ପଦବୀ ପୂରଣ କରିବାକୁ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ଅଙ୍କିତ ସାହୁ, ରାଜେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାପତି ଶ୍ରୀତମ ରାଜ ମିଶ୍ର, ରବି ମେହେତୋ, ପ୍ରତୀକ ଷଡ଼ଙ୍ଗୀ, ପଞ୍ଚାନନ ଷାଣ୍ଢ, ଆୟୁଷ୍ମାନ ସ୍ୱାଇଁ, ରମଣ କୁମ୍ଭାର, ମହମ୍ମଦ ଜାକିର ହୁସେନ, ଶୁଭମ ସିଂଦେଓ, ଶୁଭ୍ରାଂଶୁ ଶେଖର ମିଶ୍ର, ତନ୍ମୟ ପାଣିଗ୍ରାହୀ, ଫକୀର ମେହେର, ସୌମ୍ୟ ରଞ୍ଜନ ସାହୁ, ମାନସ ମିର୍ଦ୍ଧା, ଶୁଭ୍ରାନନ୍ଦ ପ୍ରଧାନ, ପ୍ରୀତମ ସୁନା, ଆର୍ଯ୍ୟନ ନାୟକ, ରିତେଶ ବେଦବାକ, ଆକାଶ ବାଗ, କ୍ରିଷ୍ଣା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଚେନ୍ନାଇରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ପାଟଣାଗଡ,୯।୧୨(ସଚ୍ଚିଦାନନ୍ଦ ମହାକୁର)

**ମୃତଦେହ ଗାଁକୁ ଆଣିବାର ବ୍ୟବସ୍ଥା କରିବାକୁ ନିବେଦନ**

ପାଟଣାଗଡ ବ୍ଲକ ଲରମ୍ବା ଥାନା ତମିଆଁ ଗାଁର ଦାଦନ ଶ୍ରମିକ ପୁରନ କୁମରିଆ (୩୫)ଙ୍କ ରବିବାର ଚେନ୍ନାଇର ଏକ ହସ୍ପିଟାଲରେ ମୃତ୍ୟୁ ଘଟିଛି । ପୁରନଙ୍କୁ ମହାରାଷ୍ଟ୍ରକୁ କାମ କରାଇବାକୁ ନେଇଥିବା ଦଲାଲ ଜଣକ ଠିକ ସମୟରେ ଉପଯୁକ୍ତ ଚିକିତ୍ସା ନ କରାଇବାରୁ ତାଙ୍କର ମୃତ୍ୟୁ ଘଟିଥିବା ମୃତକଙ୍କ ସାନଭାଇ ମନୋଜ କୁମରିଆ ଅଭିଯୋଗ କରିଛନ୍ତି ।

ଅଭିଯୋଗ ଅନୁସାରେ, ଗତ ୧ ତାରିଖ ଦିନ ଦ୍ରୋଣ କୁମରିଆ ପରିବାର ସହ ମହାରାଷ୍ଟ୍ର ରାଜ୍ୟର ହାତୀପେଟକୁ ଇଟା ଗଢିବା ପାଇଁ ଯାଇଥିଲେ । ସ୍ଥାନୀୟ ଅଞ୍ଚଳର ଜଣେ ଦଲାଲ ଏମାନଙ୍କୁ କଣ୍ଟାବାଞ୍ଜିର ଅନ୍ୟ ଜଣେ ଦାଦନ ଦଲାଲଙ୍କ ଘରକୁ ନେଇକି ଯାଇଥିଲେ । କଣ୍ଟାବାଞ୍ଜିର ଦଲାଲ ସେମାନଙ୍କୁ ମୁଣ୍ଡପିଛା ୩୫ ହଜାର ଟଙ୍କା ଲେଖାଏ ବଇନା ଦେଇ ରାତି ସମୟରେ ଘର ପଛପଟେ ଥିବା ଏକ କୋଠରୀରେ ଶୋଇବାକୁ ଜାଗା ଦେଇଥିଲେ। ଶୋଇଥିବା ଅବସ୍ଥାରେ ଦ୍ରୋଣଙ୍କ ପୁଅ ପୁରନଙ୍କ ଡାହାଣ ହାତକୁ କୌଣସି ବିଷାକ୍ତ କୀଟ ବା ସାପ କାମୁଡି ଦେଇଥିଲା । ସେ ଏହା ଜଣାଇଥିଲେ ମଧ ତାଙ୍କୁ କଣ୍ଟାବାଞ୍ଜିରେ ଚିକିତ୍ସା କରାଇବା ପରିବର୍ତ୍ତେ ଦଲାଲ ଜଣକ ତାଙ୍କ ସହ ପରିବାରବର୍ଗଙ୍କୁ ଟ୍ରେନ ଯୋଗେ ମହାରାଷ୍ଟ୍ରକୁ ନେଇଥିଲେ । ସେଠାରେ ପହଞ୍ଚିବା ପରେ ପୁରନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଇଟାଭାଟି ମାଲିକଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମେ ହାତୀପେଟ ଡାକ୍ତରଖାନା ନିଆଯାଇଥିଲା । ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ପରେ ତାଙ୍କୁ ଚେନ୍ନାଇର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ମୃତ ଶ୍ରମିକଙ୍କ ଭାଇ ମନୋଜଙ୍କ ଠାରୁ ଜଣାପଡିଛି। ତେବେ ଭାଟି ମାଲିକ ମୃତଦେହ ଗାଁକୁ ପଠାଇବା ପରିବର୍ତ୍ତେ ସେଠାରେ ଅନ୍ତିମସଂସ୍କାର କରାଇବାକୁ ପରିବାରବର୍ଗଙ୍କୁ ଚାପ ପକାଉଥିବା ଅଭିଯୋଗ ହେଉଛି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ପୁରନଙ୍କ ମୃତଦେହ ଗାଁକୁ ଆଣିବାର ବ୍ୟବସ୍ଥା କରାଇବା ସହ ସମ୍ପୃକ୍ତ ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକେ ନିବେଦନ କରିଛନ୍ତି ।

# ବ୍ଲକସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ

ଖପ୍ରାଖୋଲ,୯।୧୨(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହାରଲାଲ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ଓଷ୍ଟା ତରଫରୁ ୪୧ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ , କବିତା ରଚନା , ଏକକ ଅଭିନୟ , ଏକକ ନୃତ୍ୟ , ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାତ୍ର ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ସରପଞ୍ଚ ବୈଦ୍ୟନାଥ ମିଶ୍ର, ମୁଖ୍ୟବକ୍ତା ଭାବେ ଲୁହାସିଂହା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆର. ସୁଆର, ସମ୍ମାନିତ ଅତିଥି ରୂପେ ଜିଲା କମିଟି ସଦସ୍ୟ ତଥା ମହରାପଦର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନବ କିଶୋର ନନ୍ଦ, ଓଷ୍ଟା ବ୍ଲକ ସଭାପତି ଗୋପାଳ ଚନ୍ଦ୍ର ବେହେରା , ସମ୍ପାଦକ ଅଜୟ ଭୋଇ ପ୍ରମୁଖ ଯୋଗ ଦେଇ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ଶେଷରେ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବୋଦୟ ଡିଗ୍ରୀ କଲେଜରେ ୱାଇସିଏଟି କାର୍ଣ୍ଣିଭାଲ୍

ବଲାଙ୍ଗୀର,୯।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସକ୍‌ମାସ୍ଥିତ ଯୁବୋଦୟ କଲେଜ ଅଫ ଆଡଭାନ୍ସଡ୍ ଟେକ୍ନୋଲଜି କ୍ୟାମ୍ପସରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଯୁବୋଦୟ ଡିଗ୍ରୀ କଲେଜ ଦ୍ୱାରା ୱାଇସିଏଟି କାର୍ଣ୍ଣିଭାଲ୍ ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଚିତ୍ରକଳା, ଇନଡୋର ଏବଂ ଆଉଟଡୋର କ୍ରୀଡା, ଆଥଲେଟିକ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନ ଆରଏନ୍ ସିଂଦେଓ କ୍ରୀଡା କମ୍ପ୍ଲେକ୍ସରେ ବାସ୍କେଟ ବଲ୍ ଏବଂ ଟେବଲ୍ ଟେନିସ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜିଲା କ୍ରୀଡା ଅଧିକାରୀ ପରାଶର ବାଗ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନ ସକମାସ୍ଥିତ ୱାଇସିଏଟିର ପଡ଼ିଆରେ କ୍ରୀଡା ଦିବସ ଆୟୋଜିତ ହୋଇଥିଲା। ଏଥିରେ ୧୪ଟିରୁ ଅଧିକ କ୍ରୀଡା ଏବଂ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କ୍ରିକେଟ, ଭଲିବଲ୍, ଥ୍ରୋବଲ୍, କବଡି, ବ୍ୟାଡମିଣ୍ଟନ୍, ଟଗ୍ ଅଫ୍ ୱାର୍ ଓ ଆଥଲେଟିକ୍ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଡ଼ ଜଗମୋହନ ପାଢୀ ଏବଂ କଲେଜର କ୍ରୀଡା ଶିକ୍ଷକଙ୍କ ନିର୍ଦ୍ଦେଶନାରେ ଏହା ହୋଇଥିଲା। ତୃତୀୟ ଦିନ ୱାଇସିଏଟି କାର୍ଣ୍ଣିଭାଲ୍ ସାଂସ୍କୃତିକ ଉତ୍ସବ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଦିନ ୧୦ରୁ ଅଧିକ ପ୍ରତିଯୋଗିତା ସମ୍ପନ୍ନ ହୋଇଥିଲା। ନୃତ୍ୟ, ସଙ୍ଗୀତ ଆଦି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।



ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଯୁବୋଦୟ ଛାତ୍ରୀମାନେ ବାସ୍କେଟ ବଲ୍ ଖେଳୁଛନ୍ତି।

# ଯୁବକଙ୍କୁ ଆକ୍ରମଣ ଘଟଣାରେ ୩ ଗିରଫ

ଗୁଡଭେଲା,୯।୧୨
(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ସହର ଗୋଦାମପଡାର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ସୋମବାର ପୋଲିସ ୩ ଜଣଙ୍କୁ ଗିରଫ କରି ତୁଷୁରା କୋର୍ଟଚାଲାଣ କରିଛି। ତୁଷୁରା ସହରସ୍ଥିତ ପତିତପାବନପଡା ରୋହିତ କୁମ୍ଭାର ଓରଫ ମଣ୍ଟି, ଉପେନ୍ଦ୍ର ଛତ୍ରିଆ ଓରଫ ଗଜୁ ଓ ରିଶୁ ସିଂ ମହାନନ୍ଦଙ୍କୁ ଗିରଫ କରାଯାଇଛି।

ପ୍ରକାଶ ଯେ, ନିକଟରେ ଗୋଦାମପଡାସ୍ଥିତ ଏକ ଦୋକାନକୁ ପତିତପାବନପଡାର କେତେଜଣ ଯୁବକ ଯାଇ ଦୁର୍ବ୍ୟବହାର କରିଥିବା ନେଇ କେଶବ ସରଭଙ୍ଗିଆ ତୁଷୁରା ଥାନାରେ ଅଭିଯୋଗ କରିଥିଲେ। ଏହାକୁ କେନ୍ଦ୍ର କରି ରବିବାର ପତିତପାବନପଡାର କେତେଜଣ ଯୁବକ ତୁଷୁରା ବସଷ୍ଟାଣ୍ଡରେ ଗୋଦାମପଡାର ଯୁବରାଜ ହରପାଳଙ୍କୁ ଦେଖି ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହାକୁ ନେଇ ପୋଲିସ ଜନତା ମୁହାଁମୁହିଁ ହୋଇଥିବା ବେଳେ ପୋଲିସ ଲାଠିମାଡରେ ୫ ଜଣ ଆହତ ହୋଇଥିଲେ ।

# କମ୍ ଦରରେ ଦଲାଲଙ୍କୁ ଧାନ ବିକ୍ରି

ସଇଁତଲା,୯।୧୨(ରାଖାଲ ପ୍ରସାଦ ଶତପଥୀ)

ମିଲର୍ସ ଓ ପ୍ରଶାସନ ମଧ୍ୟରେ ବୁଝାମଣା ହୋଇ ସଇଁତଲା ବ୍ଲକରେ ରବିବାର ଠାରୁ ଧାନ ମଣ୍ଡି ଖୋଲାଯାଇଛି । ତେବେ ଚଳିତବର୍ଷ ବିଳମ୍ବରେ ମଣ୍ଡି ଖୋଲିଥିବା ବେଳେ ଅଦ୍ୟାବଧି ହାତ ଗଣତି କେତେଜଣ ଚାଷୀ ଧାନ ମଣ୍ଡିକୁ ନେଇ ବିକ୍ରି କରିଥିବା ଜଣାଯାଇଛି ।

ଅପରପକ୍ଷରେ ମଣ୍ଡିରେ ଚାଷୀଙ୍କ ପାଇଁ ବିଶ୍ରାମସ୍ଥଳ, ପାନୀୟ ଜଳ, ଧାନ ଶୁଖାଇବା ପାଇଁ ଖଳା ଭଳି ସମସ୍ୟା ଲାଗି ରହିଛି । ଯଦ୍ୱାରା ଚାଷୀ ନିଜ କଷ୍ଟ ଉପାର୍ଜିତ ଧାନକୁ ମଣ୍ଡିକୁ ନ ନେଇ ନିଜ ବିଲରେ ଅମଳ ଧାନକୁ ପକାଇ ରଖିଛି । ଫଳରେ ଅନେକ ଚାଷୀ ବାଧ ହୋଇ ଶୀତ କାକରକୁ ଖାତିର ନ କରି ଧାନକୁ ଜଗି ରହିବା ଦେଖିବାକୁ ମିଳୁଛି । ଏହାର ସୁଯୋଗ ନେଇ ବର୍ତ୍ତମାନ ଗାଁ ଗାଁରେ ଦଲାଲ ଓ ମିଲର୍ସଙ୍କ ଆପୋଷ ବୁଝାମଣାରେ କମ ଦରରେ ଧାନ କିଣା ହୋଇ ସିଧା ମିଲକୁ ଯାଉଛି । ଅନ୍ୟ କେତେକ ସ୍ଥାନରେ ରାତିଅଧିଆ ଟ୍ରାକ୍ଟର, ପିକ୍‌ଅପ୍ ଓ ଟ୍ରକରେ ଧାନ ବୋଝେଇ ଗାଡ଼ି ସଇଁତଲା ତଥା ବାହାର ବ୍ଲକ ଓ ଜିଲ୍ଲାକୁ ଚାଲାଣ ହେଉଥିବା ଜଣାଯାଇଛି । ଏହାକୁ ନେଇ ବର୍ତ୍ତମାନ ପ୍ରଶାସନ ଓ ପ୍ରଶାସନିକ ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରରେ ରହିଛି।

# ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥର ଶୁଭାରମ୍ଭ

ବଲାଙ୍ଗୀର, ୯।୧୨
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାରେ ଆଇନ ସମ୍ମତ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥକୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରୁ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ଗୌରବ ଶିୱାଜୀ ଇସଲୱାର ଓ ଆରକ୍ଷୀ ଅଧୀକ୍ଷକ ରିଷିକେଶ ଖିଲାରି ସୋମବାର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆଇନ ସମ୍ମତ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କରେ ଏହି ରଥ ବ୍ୟାପକ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲାର ସମସ୍ତ ୧୪ଟି ବ୍ଲକ ତଥା ୫ଟି ସହରାଞ୍ଚଳରେ ପରିକ୍ରମା କରିବା ସହ ପ୍ରଚାର ପତ୍ର ବଣ୍ଟନ କରିବ। ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯିବା ସହ ବିଭିନ୍ନ ସ୍ଥାନରେ ସଚେତନତା ସଭା ଆୟୋଜନ କରାଯିବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମ ବେଳେ ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମହିଳା ଡିଗ୍ରୀ ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟକ୍ଷ ଓ ଅନ୍ୟମାନେ।

କଣ୍ଟାବାଞ୍ଜି,୯।୧୨(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତ ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ଜୀବନ ବୀମା ଉନ୍ନୟନ ଅଧିକାରୀ ଜଗନ୍ନାଥ ମିଶ୍ର ଏକ୍ସପର୍ଟ ଭାବେ ଯୋଗ ଦେଇଥିଲେ । ଅଧ୍ୟକ୍ଷ ପୁରୋହିତ ତାଙ୍କ ବକ୍ତବ୍ୟରେ ଜଣେ ବ୍ୟକ୍ତି ପଢ଼ିବା ସଙ୍ଗେ ସଙ୍ଗେ କିପରି ଅର୍ଥ ଉପାର୍ଜନ କରିପାରିବ ଓ ବିନା ପୁଞ୍ଜି ନିବେଶ କରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ କହିଥିଲେ । ଜୀବନ ବୀମା ଉନ୍ନୟନ ଅଧିକାରୀ ମିଶ୍ର ଭାରତୀୟ ଜୀବନ ବୀମାରେ ଜଣେ ବୀମା ଏଜେଣ୍ଟ ରୂପରେ କାର୍ଯ୍ୟ କଲେ କିପରି ସରକାରୀ ଚାକିରିଆମାନଙ୍କ ପରି ସୁବିଧା ସୁଯୋଗ ପାଇବା ସହ ଆର୍ଥିକ ସ୍ୱାଧୀନତା ମିଳିଥାଏ ବୁଝାଇଥିଲେ।

# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

**ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି**

ଲାଠୋର,୯।୧୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମର ଲଳିତ କୁମାର ଜୈନଙ୍କ ଗୋଡ଼ ହାତ ଫୁଲି ଯାଇଥିବାରୁ ଶଯ୍ୟାଶାୟୀ ହୋଇ ପଡି ରହିଛନ୍ତି । ପରିବାରବର୍ଗ ବିଭିନ୍ନ ହସ୍ପିଟାଲ ନେଇ ଚିକିତ୍ସା କରିଥିଲେ ହେଁ ସେ ଆରୋଗ୍ୟ ଲାଭ କରି ନାହାନ୍ତି । ଘରେ ବିଧବା ବୃଦ୍ଧା ମା' ସାବିତ୍ରୀ, ସ୍ତ୍ରୀ ନେହା ଏବଂ ଦୁଇ ବର୍ଷର ଝିଅ ଟ୍ୱିଙ୍କଲ ରହିଛନ୍ତି । ବାସଗୃହ ଛାଡି ଦେଲେ ତାଙ୍କର କିଛି ସମ୍ପତ୍ତି ନାହିଁ। ଏକ ଛୋଟ ଦୋକାନ କରି ଚାରି ପ୍ରାଣୀ କୁଟୁମ୍ବକୁ ସେ ପ୍ରତିପୋଷଣ କରୁଥିଲେ । ସରକାରୀ ସାହାଯ୍ୟ କହିଲେ କେବଳ ବୃଦ୍ଧା ମା'ଙ୍କ ନାମରେ ମାସକୁ ୫ କେଜି ଚାଉଳ ଏବଂ ବିଧବା ଭତ୍ତା ୧ ହଜାର ଟଙ୍କା ମିଳୁଛି। ଗତ



ଶଯ୍ୟାଶାୟୀ ଅବସ୍ଥାରେ ଲଳିତ।

୪ ମାସ ତଳେ ଲଳିତଙ୍କ ଡାହାଣ ଗୋଡ଼ ପାଦକୁ କୌଣସି ସାପ କିମ୍ବା କୀଟ କାମୁଡି ଦେବାରୁ ଧୀରେ ଧୀରେ ପାଦ ଫୁଲିବାକୁ ଲାଗିଲା। ବହୁତ ଯନ୍ତ୍ରଣା ହେବାରୁ ଯାହା ଅର୍ଥ ସାଇତି ରଖିଥିଲେ ସେଥିରେ ବିଭିନ୍ନ ହସ୍ପିଟାଲ ଯାଇ ଚିକିତ୍ସିତ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏବେ ଚିକିତ୍ସା ହେବା ପାଇଁ ଅର୍ଥ ବାଧକ ସାଜିଛି । ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଏସକେୱାଇ ସ୍ୱାସ୍ଥ୍ୟ କାର୍ଡ ମଧ ତାଙ୍କୁ ମିଳିନାହିଁ। ଏପରି ସ୍ଥିତିରେ ପରିବାର ଲୋକେ କେମିତି ଉଚ୍ଚତର ଚିକିତ୍ସା କରିବେ ସେନେଇ ଚିନ୍ତାରେ ରହିଛନ୍ତି । ଏନେଇ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲଙ୍କୁ ପଚାରିବାରେ ପଞ୍ଚାୟତ ତରଫରୁ ସାହାଯ୍ୟ କରାଯିବା ସହ ବିଡ଼ିଓଙ୍କ ସହ ଆଲୋଚନା କରିଛି । ବିଡିଓ ଯଥାଶୀଘ୍ର ସରକାରୀ ସାହାଯ୍ୟ ଯୋଗାଇବା ବ୍ୟବସ୍ଥା କରିବେ ବୋଲି ଆଶା ରଖିଛୁ । ଖପ୍ରାଖୋଲ ବ୍ଲକ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଲଳିତଙ୍କୁ ସହଯୋଗର ହାତ ବଢ଼ାଇବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଗଞ୍ଜେଇ ଚୋରା ଚାଲାଣ, ଜଣେ ଗିରଫ

ଅମରପାଲି, ୯।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ରକ୍ସା ଛକ ନିକଟରେ ରବିବାର ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଗଞ୍ଜେଇ ଜବତ ସହିତ ଜଣେ ଯୁବକଙ୍କୁ



ଗିରଫ କରିଛି। ତଲାସୀ ସମୟରେ ତାଙ୍କଠାରୁ ୬ କେଜି ୨୨୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା କଣ୍ଟାମାଳ ଥାନା କମଘାଟ ଗ୍ରାମର ଜିତୁ ସାହୁ (୧୮)। ଏହା ସହିତ ଏକ ବାଇକ ନଂ.ଓଡ଼ି ୩୧ -୨୫୫୪ ଓ ମୋବାଇଲ ଜବତ ହୋଇଛି। ପଚରାଉଚରା ସମୟରେ ଗଞ୍ଜେଇ ସମ୍ପର୍କିତ କାଗଜପତ୍ର ଜିତୁ ଦେଖାଇ ପାରି ନ ଥିଲେ। ସୋମବାର ତାଙ୍କୁ ପୋଲିସ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ବୀରମହାରାଜପୁର ଥାନାରେ ଏକ ମାମଲା (ନଂ. ୩୫୫/୨୪) ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଆଇଆଇସି ଶୋଭାକର ସେଠ କହିଛନ୍ତି।

### ବିନିକାରେ ହାତୀ ପଲ, ରାସ୍ତା ଶୂନ୍‌ଶାନ୍

ବିନିକା, ୯।୧୨(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳରେ ଉଲୁଣ୍ଡା ରେଞ୍ଜ ପାତ୍ରପାଲି ପଟୁ ରବିବାର ରାତି ୭ଟାରେ ମହାନଦୀ ପାର ହୋଇ ୱାର୍ଡ ନଂ. ୧୧ ରହିଲା ଓ ୱାର୍ଡ ନଂ. ୧୦ ଉର୍ଲେ ମୌଜାରେ ୫ଟି ହାତୀ ପଲ ରହିଛନ୍ତି। ରାତି ୯ ଟା ୩୦ ମିନିଟ ପର୍ଯ୍ୟନ୍ତ ରହି ଚୌକିଜୋର ପାର ହୋଇ ଫୁଲମୁଠି ମୌଜାକୁ ଯାଇଥିଲେ। ହାତୀପଲକୁ ପିଛା କରି ବିନିକା ବନ ବିଭାଗ କର୍ମଚାରୀମାନେ ବାହାରକୁ ନ ଯିବା ପାଇଁ ଲୋକଙ୍କୁ ସଚେତନ କରିଥିଲେ। ହାତୀ ଭୟରେ ଓ ପ୍ରଶାସନର କଟକଣା ଯୋଗୁଁ ସୋନପୁର ବିନିକା ରାସ୍ତା ଶୂନଶାନ ହୋଇଯାଇଥିଲା।

# ସୁବର୍ଣ୍ଣପୁରରେ ଆଜିଠୁ ଧାନକିଣା

ସୋନପୁର,୯।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ମଙ୍ଗଳବାରଠାରୁ ଖରିଫ୍‌ଧାନସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ବିଧାନସଭା ଚାଲିଥିବାରୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଡୁଙ୍ଗୁରିପାଲି ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି) ଅଧିନ ବିନିକା ମାର୍କେଟ୍ ୟାର୍ଡ(ମଣ୍ଡି)ରେ ପୂର୍ବାହ୍ନ ୧୦ଟାରେ ଭର୍ଚୁଆଲ ମୋଡ୍‌ରେ ଏହାର ଶୁଭାରମ୍ଭ କରିବେ। ଉକ୍ତ କାର୍ଯ୍ୟକ୍ରମରେ ବଲାଙ୍ଗୀର ଏମ୍‌ପି ଓ ଜିଲାର ଦୁଇ ବିଧାୟକଙ୍କୁ ଉପସ୍ଥିତ ରହିବାକୁ ନିମନ୍ତ୍ରଣ କରାଯାଇଛି। ବିନିକା ମଣ୍ଡିରେ ଧାନ ସଂଗ୍ରହ ଶୁଭାରମ୍ଭ ପରେ

**ବର୍ଷାରେ ଭିଜିଲା ଧାନ**

ଡୁଙ୍ଗୁରିପାଲି ମାର୍କେଟ୍ ୟାର୍ଡ, ସିଲାଟି ମାର୍କେଟ୍ ୟାର୍ଡ ଓ କିଛି ପାକ୍ସରେ ଧାନ ସଂଗ୍ରହ ଆରମ୍ଭ କରାଯିବା ବୋଲି ସୂଚନା ମିଳିଛି। ତେବେ ଧାନ ସଂଗ୍ରହ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ଅର୍ଥାତ ସୋମବାର ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ଧାନ ସଂଗ୍ରହ ପାଇଁ ମଣ୍ଡି ବ୍ୟବସ୍ଥା ତଦାରଖ କରିଥିଲେ। ଏହା ସହିତ ଧାନ କିଣାବିକାରେ ଚାଷୀମାନେ ଯେଭଳି କୌଣସି ସମସ୍ୟାର ସମ୍ମୁଖିନ ନ ହେବେ, ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ତେବେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ରବିବାର ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବ ସୁବର୍ଣ୍ଣପୁର ଜିଲାରେ ଅନୁଭୂତ ହେଉଛି। ସୋମବାର ରାତି ୭ଟା ୩୦ରେ ବର୍ଷା ଆରମ୍ଭ ହୋଇଛି। ଏହା ସାମାନ୍ୟ ହୋଇଥିଲେ ମଧ କୋହଲା ପାଗ ଲାଗିରହିଛି। ଫଳରେ ଅମଳ ଧାନ କ୍ଷତି ହେବା ନେଇ ଚାଷୀମାନେ ଆଶଙ୍କାରେ ରହିଛନ୍ତି। ଜିଲାର ୭୧ ପାକ୍ସ ଓ ୨୦ ଡବ୍ଲ୍ୟୁଏସ୍‌ଏଚ୍‌ଜି ଜରିଆରେ ଯୋଗାଣ ନିଗମ ଚଳିତ ଥର ପଞ୍ଜୀକୃତ ଚାଷୀଙ୍କ ନିକଟରୁ ବଳକା ଧାନ କିଣିବ। ଏଥିପାଇଁ ଜିଲାର ମିଲର୍ସମାନେ ଯୋଗାଣ ନିଗମ ସହିତ ଚୁକ୍ତିନାମା କରିଛନ୍ତି। ଚାଷୀକୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା ପ୍ରଦାନ କରାଯିବ। ଏମ୍‌ଏସ୍‌ପି ୨୩୦୦ଟଙ୍କା ଓ ରାଜ୍ୟ ସରକାର ଇନ୍‌ପୁଟ୍ ସବ୍‌ସିଡି ଆକାରରେ କୁଇଣ୍ଟାଲ ପ୍ରତି ୮୦୦ଟଙ୍କା ପ୍ରଦାନ କରିବେ। ଜିଲାର ୬୮ ହଜାର ୮୨୪ ଜଣ ଚାଷୀ ଖରିଫ୍ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ବହଲପଦରରେ ଜନ ଶୁଣାଣି ଶିବିରରେ ଅଧିକାରୀ।

ଅମରପାଲି,୯।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ପଞ୍ଚାୟତ ପରିସରରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ନିରୁପମା ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ବିଡ଼ିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ଏବିଡ଼ିଓ ପୁରୁଷୋତ୍ତମ ଧରୁଆ, ସହକାରୀ ଯନ୍ତ୍ରୀ ସନ୍ତୋଷ ପାଲ, ପିଇଓ ସୌମ୍ୟରଞ୍ଜନ ପଣ୍ଡା, ହରିହର ଯୋର ଫାଣ୍ଡି ଅଧିକାରୀ ବିଭୂଭୂଷଣ ବରାଳ, ଏପିଓ ସମିତ ମହାକୁର, ସମିତିସଭ୍ୟା ସୁଗନ୍ଧା ଘିବିଲା, ବ୍ଲକ କୃଷି ଅଧିକାରୀ ଯଶୋବନ୍ତ ପ୍ରଧାନ,ଉଦ୍ୟାନ ବିଭାଗ, ଶିକ୍ଷା ବିଭାଗ, ଯୋଗାଣ ବିଭାଗର ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଶିବିରରେ ଗ୍ରାମ ରୋଜଗାର ସେବକ ପପୁନ ପଧାନ, ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, ସମିତିସଭ୍ୟ ପ୍ରତିନିଧି ନୀଳାମ୍ବର ଘିବିଲା, ୱାର୍ଡ ସଭ୍ୟ ସଦାନନ୍ଦ ସେଠୀ, ଗୃହରକ୍ଷୀ ଦୀନବନ୍ଧୁ ସାହୁ, କୃଷ୍ଣଚନ୍ଦ୍ର ଖେଡି ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ଜନଶୁଣାଣି ଶିବିରରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀ ଅନୁପସ୍ଥିତ ଥିଲେ। ଏ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ପୂର୍ବରୁ କୌଣସି ସୂଚନା ଦିଆ ଯାଇ ନ ଥିଲା। ପୂର୍ବରୁ ମଧ ଚମ୍ପାମାଳ ପଞ୍ଚାୟତର ଅଭିଯୋଗ ଶୁଣାଣି ଶିବିରକୁ ଗଣମାଧମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇ ନ ଥିଲା। ଏନେଇ ବୀରମହାରାଜପୁର ବିଡ଼ିଓ ପ୍ରିୟଦର୍ଶନୀ ମିର୍ଦ୍ଧାଙ୍କୁ ପଚାରିବାରୁ ନୂତନ ଭାବେ କାର୍ଯ୍ୟକ୍ରମ ହେଲେ ଗଣମାଧମ ପ୍ରତିନିଧିଙ୍କୁ ସୂଚନା ଦିଆଯିବ ବୋଲି ପ୍ରକାଶ କରିଥିଲେ।

## ଅଢ଼େଇ ବର୍ଷ ପରେ ଅଙ୍ଗନୱାଡ଼ି କେନ୍ଦ୍ରରୁ ଖୋଲିଲା ତାଲା



ରାମ୍ପିପାଲିରେ ଆଲୋଚନା କରୁଛନ୍ତି ଅଧିକାରୀ ଓ ଗ୍ରାମବାସୀ।

ଅମରପାଲି,୯।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନା ଅନ୍ତର୍ଗତ ଖଣ୍ଡହତା ଗ୍ରାମ ପଞ୍ଚାୟତର ରାମ୍ପିପାଲି ଅଙ୍ଗନୱାଡି କେନ୍ଦ୍ରରେ ଗତ ୨ବର୍ଷ ୬ ମାସରୁ ଉର୍ଦ୍ଧ୍ୱ ହେବ ଗ୍ରାମର କେତେଜଣ ବ୍ୟକ୍ତି ତାଲା ପକେଇ ଦେଇଥିଲେ। ଫଳରେ ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନରତ କୋମଳମତି ଶିଶୁମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଥିଲେ। ବୀରମହାରାଜପୁର ପ୍ରଶାସନ ଓ ସୁବଳୟା ପୋଲିସ ଉପସ୍ଥିତିରେ ଗ୍ରାମବାସୀଙ୍କ ସହିତ ଆଲୋଚନା ପରେ ଅଙ୍ଗନୱାଡି କେନ୍ଦ୍ରକୁ ସ୍ୱାଭାବିକ ଭାବେ ଖୋଲିବାକୁ ଅଙ୍ଗନୱାଡି କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୀରମହାରାଜପୁର ତହସିଲଦାର ପୁନମ ମହାପାତ୍ର, ସିଡ଼ିପିଓ ମଞ୍ଜୁଲତା ସ୍ୱାଇଁ, ଡେପୁଟି କଲେକ୍ଟର ଅଜିତ ମିର୍ଦ୍ଧା, ରାଜସ୍ୱ ସୁପରଭାଇଜର ପ୍ରେମାଞ୍ଜଳି ଦଣ୍ଡସେନା, ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପଧାନ ଏବଂ ଥାନା କର୍ମଚାରୀଙ୍କ ଉପସ୍ଥିତିରେ ଦୀର୍ଘ ୩୦ ମାସ ପରେ ଅଙ୍ଗନୱାଡି କେନ୍ଦ୍ରରୁ ତାଲା ଖୋଲାଯାଇଥିଲା। ମଙ୍ଗଳବାରଠାରୁ ନିୟମିତ କେନ୍ଦ୍ରରେ ପାଠପଢା ହେବ ବୋଲି ସୂଚନା ଦେଇଥିଲେ। ସୂଚନାଥାଉ କି ଏହି କେନ୍ଦ୍ରରେ ଅବସ୍ଥାପିତ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କ ନିଯୁକ୍ତିକୁ ନେଇ ଲାଗିଥିବା ବିବାଦ ଯୋଗୁଁ କେନ୍ଦ୍ର ବନ୍ଦ ରହିଥିଲା। ଏହି କେନ୍ଦ୍ରର କର୍ମୀ ନିଯୁକ୍ତି ନେଇ ଉଚ୍ଚତମ ନ୍ୟାୟାଳୟ ମାମଲାରେ ଅଙ୍ଗନୱାଡ଼ି କର୍ମୀ ବିଜୟୀ ହେବା ପରେ ମଧ ଅନେକ ଦିନ ବନ୍ଦ ରହିବା ପରେ ପ୍ରଶାସନ ଉପସ୍ଥିତିରେ କେନ୍ଦ୍ର ତାଲା ଖୋଲା ଯାଇଛି।

## ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ପ୍ରସ୍ତାବ

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟରତ କର୍ମଚାରୀଙ୍କ ବୈଠକ**

ଅମରପାଲି,୯।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟରତ ସଂଯୋଜକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀଙ୍କ ବୈଠକ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟର ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟ କରୁଥିବା ଜିପିଟିଏ ଏବଂ ଜିଆର୍‌ଏସ୍‌ଙ୍କର ଚାକିରୀ ସ୍ଥାୟୀ କରାଯାଇଥିବାବେଳେ ଦୀର୍ଘ ୧୩ ବର୍ଷ କାର୍ଯ୍ୟ କରିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜକ ଏବଂ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀଙ୍କ ଚାକିରୀକୁ ଏପର୍ଯ୍ୟନ୍ତ ସ୍ଥାୟୀ କରାଯାଇ ନ ଥିବା, ସରକାରଙ୍କ ଟାଳଟୁଳ ନୀତି ବିରୋଧରେ ସରକାରଙ୍କୁ ଅବଗତ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଯଦି ଆଗାମୀ ଦିନରେ ଏମାନଙ୍କୁ ସ୍ଥାୟୀ କରା ନ ଯାଏ, ତା'ହେଲେ ଦାବି ପୂରଣ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ପାଠ ସହ କ୍ରୀଡ଼ାକୁ ଗୁରୁତ୍ୱ ଦିଆଯାଉ

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା**





କୃତି ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ସୋନପୁର,୯।୧୨(ମୃତ୍ୟୁଞ୍ଜୟ ଶତପଥୀ)

ବିଦ୍ୟାଳୟସ୍ତରରେ ଗୁଣାତ୍ମକ ଶିକ୍ଷା ସହ କ୍ରୀଡାକୁ ଗୁରୁତ୍ୱ ଦିଆଯାଉ। ଅଭିଭାବକମାନେ ଭଲ ପାଠପଢା ସହ କ୍ରୀଡାକୁ ଗୁରୁତ୍ୱ ଦିଅନ୍ତୁ। କ୍ରୀଡାବିତ୍‌ଙ୍କ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ସେମାନଙ୍କ ପାଇଁ ଭଲ ଭବିଷ୍ୟତ ରହିଛି ବୋଲି ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ୨୮ ତମ ବାର୍ଷିକ କ୍ରୀଡାରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ସୁବର୍ଣ୍ଣପୁର ସହର ରମେଶ୍ୱର ଷ୍ଟାଡିୟମରେ ଆୟୋଜିତ ଦୁଇ ଦିନିଆ କ୍ରୀଡା ପ୍ରତିଯୋଗିତାର ସୋମବାର ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଖବରଦାତା ମୃତ୍ୟୁଞ୍ଜୟ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପାଇଁ ଖେଳକୁଦର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବରିଷ୍ଠ ଓ କନିଷ୍ଠ ବର୍ଗର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବର୍ଗରୁ ଭାଗ୍ୟଜ୍ୟୋତି ପୂଜାହାରୀ, ଅନିରୁଦ୍ଧ ବେହେରା, ଶକ୍ତିରାଜ ସାହୁ, ପ୍ରଜ୍ଞା ପ୍ରିୟଦର୍ଶନୀ ନାୟକ, ଆଦର୍ଶ ମିଶ୍ର ଓ ଅଙ୍କିତା ସାହୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଜ୍ୟାଭେଲିନ୍ ଥ୍ରୋ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୮୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେହିପରି ଅଭିଭାବିକା, ଅଭିଭାବକ, ଗୁରୁମା ଓ ଗୁରୁଜୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମାରୋପ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୋଷାଧକ୍ଷ ବନମାଳୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ରବିବାର ଉଦ୍‌ଘାଟନୀ ସମାରୋହରେ ପୋଲିସ ଡିଏସ୍‌ପି ରେଣୁକା ସୁନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ଯଦୁମଣି ବିଶ୍ୱାଳ ଯୋଗଦାନ କରିଥିଲେ। ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ଘନଶ୍ୟାମ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ହେମନ୍ତ କୁମାର ବାଘ ଓ ସୁବ୍ରତ କୁମାର ବିଶିଙ୍କ ସଂଯୋଜନା ଏବଂ ମାତୃଭାରତୀର ସମସ୍ତ ସଦସ୍ୟା, ଗୁରୁମା ଗୁରୁଜୀ ତଥା ସେବିକା ସେବକଙ୍କ ସହଯୋଗରେ ବାର୍ଷିକ କ୍ରୀଡା ସୂଚାରୁ ରୂପେ ସଞ୍ଚାଳିତ ହୋଇଥିଲା।

## ହିନ୍ଦୁ ସୁରକ୍ଷା ସମିତି ପକ୍ଷରୁ ଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

ବୌଦ୍ଧ, ୯।୧୨(ଅଜିତ କୁମାର ବାରିକ)

ପଡୋଶୀ ବାଂଲାଦେଶରେ ହିନ୍ଦୁ ଓ ସଂଖ୍ୟା ଲଘୁଙ୍କ ଉପରେ ଅତ୍ୟାଚାରକୁ ବିରୋଧ କରି ସୋମବାର ଦିନ ବୌଦ୍ଧରେ ହିନ୍ଦୁ ସୁରକ୍ଷା ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଛି। ହିନ୍ଦୁ ସୁରକ୍ଷା ସମିତିପକ୍ଷରୁ ସହରର ରଘୁନାଥ ମନ୍ଦିରଠାରୁ ବିକ୍ଷୋଭ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଧାରଣା ଦିଆଯାଇଥିଲା। ଧାରଣାକାରୀମାନେ ଦେଶର ସୁରକ୍ଷାକୁ ମଜଭୁତ କରିବାକୁ ଦାବି କରିଥିଲେ। ସମିତିର ସଂଯୋଜକ ଶମ୍ଭୁ ପ୍ରସାଦ

**ହିନ୍ଦୁ ଓ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାରକୁ ବିରୋଧ**

ମିଶ୍ରଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ବିଦ୍ୟାର୍ଥୀ ପରିଷଦ, ଗାୟତ୍ରୀ ପରିବାର, ତପସ୍ୱନୀ ପରିବାର, ଶ୍ରମିକ ସଂଘ, କିଷାନ ସଂଘ. ବୁଦ୍ଧିଜୀବୀ, ସାଧୁସନ୍ଥ, ଭାଜପା ମଣ୍ଡଳ ସଦସ୍ୟ ସାମିଲ ହୋଇଥିଲେ। ଏହି ଅବସରରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା ।

## କୃଷକ ଓ କୃଷିଜୀବୀ ମହିଳା ତାଲିମ ଶିବିର

ବୌଦ୍ଧ,୯।୧୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ମଥୁରା ଗ୍ରାମ ପଞ୍ଚାୟତର ଦନ୍ତାପାଲିଠାରେ ଥିବା ଗୋଶାଳା ଓ ଜରା ଆଶ୍ରମରେ ସୋମବାର ଦିନ କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ କୃଷକ ଓ କୃଷିଜୀବୀ ମହିଳା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସ୍ୱଦେଶ ବୈଦ୍ୟଶାଳାର ଅଧକ୍ଷ ଡା. ନିରାକାର ବେହେରା , ସମ୍ମାନିତ ଅତିଥି ଭାବେ ମଥୁରା ସରପଞ୍ଚ ପ୍ରଦୀପ କୁମାର କହଁର, ଯୁବ ମହାସଂଘ ସଂପାଦକ ଶରତ ପ୍ରଧାନ, କେଳାକଟା ଦୁଗ୍ଧ ସମବାୟ ସମିତି ସଂପାଦକ ବିକ୍ରମ ପ୍ରଧାନ, ସାମାଜିକ କର୍ମୀ ଜ୍ୟୋତିରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ । ଗୋଶାଳାର ଅଧକ୍ଷ ନିର୍ଗୁଣ ମହାକୁଡ ଅଧକ୍ଷତା କରିଥିବା ବେଳେ ସଂପାଦକ କୃତିବାସ ପଲିଆ ପରିଚାଳନା କରିଥିଲେ । ମୁଖ୍ୟ ପ୍ରଶିକ୍ଷକ ଭାବେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ସଂଯୋଜକ ଡ. ତପନ କୁମାର ଦାସ, ଡ. ସସ୍ମିତା ପାଳ, ଡ. ସମାପିକା ଦଲାଇ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ଜୈବିକ କୃଷି, ପନିପରିବା ଚାଷ, ଛତୁ ଚାଷ, ମହୁ ଚାଷ, ଗୋପାଳନ, କୁକୁଡା, ବତକ ଓ ମାଛ ଚାଷ ଉପରେ ତାଲିମ ପ୍ରଦାନ କରାଯାଇଥିଲା । ଆସନ୍ତା ଦୋଳ ପୂର୍ଣ୍ଣିମାରେ ଦୋଳ ମହୋତ୍ସବ ଆୟୋଜନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ଗୋଶାଳାର ସଦସ୍ୟ ନନ୍ଦନ ଚୌଧୁରୀ, ଗଙ୍ଗାଧର ପ୍ରଧାନ, ଦେବାଶିଷ ପ୍ରଧାନ, ଯାଦବ ପୁଟେଲ, ନରେନ୍ଦ୍ର ନାଏକ, ଭାଗ୍ୟଧର ମହାକୁଡ ଓ କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀ ସହଯୋଗ କରିଥିଲେ ।





ତାଲିମ ଶିବିରରେ ଅତିଥି ଓ ତାଲିମଦାତା।

## ରାମଧୂନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି

ସୋନପୁର,୯।୧୨(ମୃତ୍ୟୁଞ୍ଜୟ ଶତପଥୀ)

ରାମଧୂନ କ୍ଲବ ପକ୍ଷରୁ ଆୟୋଜିତ ହେବାକୁ ଥିବା ୧୬ତମ ସର୍ବ ଭାରତୀୟ ରାମଧୂନ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ସହର ମଝିପଡା ସ୍ଥିତ କାଳୀପୂଜା ମଣ୍ଡପଠାରେ ଏହି ବୈଠକ ହୋଇଥିଲା। କ୍ଲବର ସମ୍ପାଦକ ପିୟୁଷ କୁମାର ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ଗତବର୍ଷ ଟୁର୍ନାମେଣ୍ଟର ସଫଳତା ଉପରେ ଆଲୋଚନା କରାଯାଇଥିଲା। ସେହିପରି ଚଳିତବର୍ଷ ଟୁର୍ନାମେଣ୍ଟକୁ କିପରି ଅଧିକ ଆକର୍ଷଣୀୟ କରାଯିବ, ବାହାର ରାଜ୍ୟରୁ ଅଧିକ ଫୁଟବଲ ଦଳ କିଭଳି ଅଂଶଗ୍ରହଣ କରିବେ ସେ ନେଇ ସଦସ୍ୟମାନେ ମତାମତ ପ୍ରଦାନ କରିଥିଲେ। ଆସନ୍ତା ଫେବୃଆରୀ ୧୫ ରୁ ୨୩ ତାରିଖ ମଧ୍ୟରେ ଗାନ୍ଧୀ ଷ୍ଟାଡିୟମରେ ଟୁର୍ନାମେଣ୍ଟ ଆୟୋଜନ ନେଇ ନିଷ୍ପତ୍ତି ହୋଇଥିଲା। ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ବିକାଶ ପଣ୍ଡା ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିବା ବେଳେ ଜିଲା ଫୁଟବଲ ସମ୍ପାଦକ ରାଜୀବ ସାହୁ, କୋଚ କଲିମ ମହମ୍ମଦ, ମନୋରଞ୍ଜନ ତ୍ରିପାଠୀ, ସୁବାସ ବିଶ୍ୱାଳ, ବିଦ୍ୟାଧର ମିଶ୍ର, ଲଡ୍ଡୁ କିଶୋର ମଲ୍ଲିକ, କମଳାକାନ୍ତ ସାହୁ, ସୁରଜ ସାହୁ, ଦସ୍ତଗିର ଖାନ, ଚନ୍ଦନ ବେହେରା, ରବି ଗୁରୁ, ରବି ଦେହୁରୀ, ବଣ୍ଟି ମିଶ୍ର, ରାଇନୁ ଅଲ୍ଲୀ, ହୃଷିକେଶ ପଣ୍ଡା, ଅନିଲ ସାହୁ, ପୁରେନ ନାଏକ, ରେହେମଦ ମହମ୍ମଦ, ମୁସ୍ତଫା ମହମ୍ମଦ, ଦିଲ୍ଲୀପ ସାହୁ, ଅନୂପ ସାହୁ, ଗୁରୁ ଦଳେଇ, ହରି ପଟ୍ଟନାୟକ, ବାଲଗୋପାଳ ମିଶ୍ର, ଆଜରୁ ମହମ୍ମଦ, ଆରବି ମହମ୍ମଦ, ସିପୁନ ନାଏକ, ଅନିଲ ମହାରଣାଙ୍କ ସମେତ ରାମଧୂନ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ଭେଟେରାନ ଫୁଟବଲ ଖେଳାଳି ତଥା ସମ୍ବଲପୁର ଜିଏମ୍ କଲେଜର ପିଇଟି ସତୀଶ କୁମାର ପଟ୍ଟନାୟକଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରା ଯାଇଥିଲା।



ପ୍ରସ୍ତୁତି ବୈଠକରେ କ୍ଲବର ସଭ୍ୟମାନେ।

## ୬୧ ପଞ୍ଜୀକୃତ ଅଭିଯୋଗରୁ ୨୨ ସାମୂହିକ

**ଉଲୁଣ୍ଡାରେ ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି**

ସୋନପୁର,୯।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧୀକ୍ଷକ ରାମ ପ୍ରସାଦ ସାହୁ ଶିବିରରେ ଯୋଗଦାନ କରି ୬୧ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୩୯ଟି ବ୍ୟକ୍ତିଗତ ଓ ୨୨ଟି ସାମୂହିକ ଥିଲା। ୨ଟି ଦରଖାସ୍ତର ତୁରନ୍ତ ସମାଧାନ ହୋଇଥିବା ବେଳେ ଅନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଓ କରିଷ୍ମା ବେସ୍ରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ଉଲୁଣ୍ଡା ତହସିଲଦାର ପ୍ରଶାନ୍ତ ମହାରଣା, ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦାମୋଦର କୈବର୍ତ୍ତ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ତପନ ପ୍ରଧାନ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝି, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ଶ୍ରମ ଅଧିକାରୀ ସବିତା କୁମାରୀ ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ।





ଜିଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧୀକ୍ଷକ ରାମପ୍ରସାଦ ସାହୁ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ଶିବିରରେ ୪ ଅଭିଯୋଗ ସମାଧାନ

ବାଲିଶଙ୍କରା,୯।୧୨( ହୃଦାନନ୍ଦ ବାରିକ): ବାଲିଶଙ୍କରା ବ୍ଲକ ରାମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ସରପଞ୍ଚ ମୀନା ଦିଶିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତିର୍ମୟୀ ପ୍ରଧାନ ଯୋଗଦେଇ ପଞ୍ଚାୟତର ବିଭିନ୍ନ ଅଞ୍ଚଳରୁ ନିଜ ନିଜ ଅଭିଯୋଗ ନେଇ ଆସିଥିବା ଅଞ୍ଚଳବାସୀଙ୍କ ସମସ୍ୟା ବୁଝିଥିଲେ। ଦରଖାସ୍ତ ମଧ୍ୟରେ ଭତ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ଗୁହାଳ, ରାଶନ କାର୍ଡ, ଶିଶୁ ବିଭାଗ, ରାସ୍ତା, ବିଦ୍ୟୁତ, ନଳକୂପ, କୂଅ ଓ ଅନ୍ୟାନ୍ୟ ଉପରେ ୬୭ଟି ଦରଖାସ୍ତର ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରେ ୪ଟି ଅଭିଯୋଗର ସମାଧାନ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ପଞ୍ଚାୟତ ନିର୍ବାହୀ ଅଧିକାରୀ ବେଦମତି ସୁନ୍ୟାନିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ପଞ୍ଚାୟତର ଏଡିଇଓ ଯୁଗଳ ବିଶାଳ, ସମିତି ମେମ୍ବର ପ୍ରମୋଦ ମିଞ୍ଜ, ଯୋଗାଣ ସହାୟକ ଭବାନୀ ଶଙ୍କର ମାଝୀ, ୱାର୍ଡ ସଭ୍ୟାସଭ୍ୟ ତଥା କର୍ମଚାରୀମାନେ ସହଯୋଗ କରିଥିଲେ।

# ନିର୍ଦ୍ଧାରିତ ସମୟରେ କାମ ସାରିବାକୁ ନିର୍ଦ୍ଦେଶ

ସୁନ୍ଦରଗଡ଼,୯।୧୨(ଜୟ ନାରାୟଣ ମେଣ୍ଡୁଲି)


ଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ଜିଲାପାଳଙ୍କ କୁତ୍ରା ବ୍ଲକ ଗସ୍ତ, ବିଭିନ୍ନ ପ୍ରକଳ୍ପ ପରିଦର୍ଶନ**

ସୁନ୍ଦରଗଡ଼ ଜିଲାପାଳ ମନୋଜ ମହାଜନ ସୋମବାର କୁତ୍ରା ବ୍ଲକ ଗସ୍ତ କରିଥିଲେ। ଏହି ସମୟରେ ସେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ପରିଦର୍ଶନ କରି ସମୀକ୍ଷା କରିଥିଲେ। ଏଥିସହିତ ପ୍ରକଳ୍ପ ଗୁଡ଼ିକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ମହାଜନ କୁତ୍ରା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଜିଲା ସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପ୍ରଦର୍ଶନୀରେ ପ୍ରତ୍ୟେକ ବ୍ଲକର ବିଭିନ୍ନ ବିଦ୍ୟାଳୟ ଗୁଡିକରୁ ୭ଟି ଲେଖାଏଁ ପ୍ରକଳ୍ପ ସ୍ଥାନିତ ହୋଇଯାଇଛି। ପରେ ଲାଇଂ ଠାରେ ହେଉଥିବା ମେଗା ପାଇପ ଜଳ ଯୋଗାଣ କାର୍ଯ୍ୟକ୍ରମର ଜଳ ବିଶୋଧନ ପ୍ଲାଣ୍ଟର ପରିଦର୍ଶନ କରିଥିଲେ। ଏହି ମେଗା ପାଇପ ଜଳ ଯୋଗାଣ କାର୍ଯ୍ୟକ୍ରମ ଅନ୍ତର୍ଗତ ୩ଟି ବ୍ଲକ ଯଥା – କୁତ୍ରା, ବଡ଼ଗାଁ ଓ ରାଜଗାଙ୍ଗପୁରର ୮୦ଟି ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ କରାଯିବାର ଯୋଜନା ରହିଛି। ବର୍ତ୍ତମାନ ସୁଦ୍ଧା ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୧୪ଟି ଗ୍ରାମକୁ ପାନୀୟ ଯୋଗାଣ ହେଉଛି। ଏହି ପ୍ରକଳ୍ପକୁ ଆସନ୍ତା ଫେବୃୟାରୀ ମାସ ସୁଦ୍ଧା ସଂପୂର୍ଣ୍ଣ କରିବାକୁ ଜିଲାପାଳ ମହାଜନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆମଗୋଭା ଗ୍ରାମ ପଞ୍ଚାୟତର ଏଲଗା ଗ୍ରାମ ଗସ୍ତ କରି ସେଠାକାର ଜଳନିଧି –୨ ଯୋଜନା ଅନ୍ତର୍ଗତ ହେଉଥିବା ସୋଲାର ଉଠା ଜଳ ସେଚନ ପ୍ରକଳ୍ପର ପରିଦର୍ଶନ କରିଥିଲେ। ଜୁଆରମୁଣ୍ଡା ଠାରେ ଜିଲା ଖଣିଜ ପ୍ରତିଷ୍ଠାନ ଏବଂ ଓମ୍ୱାଡସି ସହାୟତା ଦ୍ୱାରା ହେଉଥିବା ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ରର ପରିଦର୍ଶନ କରିଥିଲେ। ଏହାର ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦହିଜିରାଠାରେ ଏନଆରଇଜିଏସ ଅନ୍ତର୍ଗତ ପୋଖରୀ ଉନ୍ନତିକରଣ କାର୍ଯ୍ୟର ତଦାରଖ କରିଥିଲେ ଏବଂ ଗ୍ରାମରେ ଥିବା ପୋଖରୀ ଏବଂ ନାଳ ଗୁଡ଼ିକର ଏନଆରଇଜିଏସ ମାଧ୍ୟମରେ ଉନ୍ନତିକରଣ କରିବା ନେଇ ଆଲୋଚନା କରିଥିଲେ। ସେହିପରି କନ୍ଦେଇମୁଣ୍ଡା ଗ୍ରାମକୁ ଯାଇ ଓଡ଼ିଶା ଜୀବିକା ମିଶନ ଏବଂ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ହୋଇଥିବା କୁକୁଡ଼ା ଫାର୍ମ ଏବଂ ମିଲେଟ ଟିଫିନ କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ଉପଯୁକ୍ତ ବଜାର ସୁବିଧା କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ ବିଶାଳ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶିବିରରେ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ




ଟେନ୍‌ସା,୯।୧୨(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା ରାଉରକେଲା ପୋଲିସ ଜିଲାର କୋଇଡା ପୋଲିସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୋମବାର କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଆରକ୍ଷୀ ଅଧୀକ୍ଷକ ଦିନେଶ ୱାଧୱାନୀଙ୍କ ନିର୍ଦ୍ଦେଶନା କ୍ରମେ କୋଇଡା ଥାନା ଅଧିକାରୀ ଅଶୋକ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୋଟ ୧୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବହୁ ଜନସାଧାରଣ, ମହିଳା, ଚାଳକ ମହାସଂଘ, ମେଡିକାଲ କର୍ମୀ, ସମାଜସେବୀ ସଦସ୍ୟ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ମାଓବାଦୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ଚିକିତ୍ସା ସୁବିଧା ନ ଥିବାରୁ ଆଭ୍ୟନ୍ତରୀଣ ଗ୍ରାମର ବୃଦ୍ଧାବୃଦ୍ଧ ସମେତ ଜନସାଧାରଣଙ୍କ ପାଇଁ ସର୍ବଭାରତୀୟ ଜୁନିୟର ଡ. ଆସୋସିଏଶନ ସହଯୋଗ ଓ ରାଉରକେଲା ହାଇଟେକ ମେଡିକାଲ କଲେଜରୁ ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରୀ ଟିମ ଯୋଗ ଦେଇଥିଲେ। ଏହି ଶିବିରରେ ମୋଟ ୬୨୦ ଜଣ ରୋଗୀ ନିଜ ନିଜର ସ୍ୱାସ୍ଥ୍ୟ ଚିକିତ୍ସା ସହ ସମସ୍ତ ପ୍ରକାରର ପରୀକ୍ଷା କରି ମାଗଣାରେ ଔଷଧ, ଚଷମା ପୋଲିସ ପକ୍ଷରୁ ପ୍ରଦାନ କରାଯାଇଥିଲା। ଉପସ୍ଥିତ ସ୍ଥାନୀୟ ଜନପ୍ରତିନିଧି, ସରପଞ୍ଚ ସମୂହଙ୍କ ସମେତ ଥାନା ଅଧିକାରୀ ଅଶୋକ କୁମାର ବେହେରା, ସୁନ୍ଦରଗଡ ବ୍ଲଡ୍ ବ୍ୟାଙ୍କ ମୁଖ୍ୟ ଡ. ଶରତ ଚନ୍ଦ୍ର ନାୟକ, ରତ୍ନ ପ୍ରଭା ନାୟକ, ଯୁଧିଷ୍ଠିର ଭୋଇ ପ୍ରମୁଖ ସମସ୍ତ ରକ୍ତଦାତାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। କେ.ବଲାଙ୍ଗ ଥାନାର ସମସ୍ତ ଅଧିକାରୀ, କର୍ମୀ ସମେତ ଆଇଆର୍‌ବି ବଳ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ମାଓ ଦୁର୍ଗମ ଅଞ୍ଚଳରେ ପୋଲିସ ପକ୍ଷରୁ ଜନମଙ୍ଗଳ କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଥିଲା।

## ୬୬୨ ଅଧ୍ୟାପକ, କର୍ମଚାରୀ ସଂଘର ବୈଠକ

ସୁନ୍ଦରଗଡ,୯।୧୨(ଜୟ ନାରାୟଣ ମେଣ୍ଡୁଲି)

**୧୭ରେ ଭୁବନେଶ୍ୱରରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି**

ସୁନ୍ଦରଗଡ ଜିଲାର ୬୬୨ ଅଧ୍ୟାପକ ଓ କର୍ମଚାରୀ ସଂଘର ଆଭାସୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ। ଯୁକ୍ତ ୨ ସମ୍ପାଦକ ବସନ୍ତ ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ସଂଘର ଉପସଭାପତି ଅଶୋକ କୁମାର ଦାଶ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଏକଜୁଟ ହୋଇ ଆସନ୍ତା ୧୭ରେ ଭୁବନେଶ୍ୱରଠାରେ ହେବାକୁଥିବା ଆନ୍ଦୋଳନକୁ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ। ବଡ଼ଗାଁ ଯୁକ୍ତ ୩ ଡିଗ୍ରୀ କଲେଜର ଅଧ୍ୟକ୍ଷା ବନଜା ଷଡ଼ଙ୍ଗୀ ପେନସନ ପାଇଁ ଆପ୍ରାଣ ଚେଷ୍ଟା କରିବାକୁ ମତ ରଖିଥିଲେ। ନିଖିଳ ଓଡ଼ିଶା ୬୬୨ ଯୁକ୍ତ ୨ ଓ ଯୁକ୍ତ ୩ ଅଧ୍ୟାପକ ଓ କର୍ମଚାରୀ ସଂଘର ରାଜ୍ୟ ସଭାପତି ଗୋଲକ ନାୟକ ଏହି ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କ ନୀତି ଓ ଆଗାମୀ ଆନ୍ଦୋଳନର ଅଭିପ୍ରାୟ ଓ କାର୍ଯ୍ୟପନ୍ଥା ସମ୍ପର୍କରେ ନିଜର ମତବ୍ୟକ୍ତ କରିଥିଲେ। ସୁନ୍ଦରଗଡ଼ ଜିଲାର ରାଜ୍ୟ ଉପଦେଷ୍ଟା ଯଦୁମଣୀ ଦାଶ ଆଗାମୀ ୧୭ ତାରିଖରେ ସମସ୍ତ ୬୬୨ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀଙ୍କୁ ଭୁବନେଶରରେ ଉପସ୍ଥିତ ରହି ଅପରାହ୍ନ ୧୨ଟା ୩୦ରେ ମାଷ୍ଟରକ୍ୟାଣ୍ଟିନ ଠାରୁ ଆରମ୍ଭ ହେବାକୁ ଥିବା ରାଲି ଓ ଆନ୍ଦୋଳନରେ ଯୋଗ ଦେବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ବଣେଇ, ରାଉରକେଲା ଓ ସୁନ୍ଦରଗଡ଼ ସବଡିଭିଜନର ବିଭିନ୍ନ ୬୬୨ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ଏବଂ ଅଧ୍ୟକ୍ଷ ଯୋଗଦେଇ ଆନ୍ଦୋଳନକୁ ସଫଳ କରିବାକୁ ନିଷ୍ପତ୍ତି ନେଇଥିଲେ। ପେନସନ ନ ପାଇ ଅବସର ନେଇଥିବା ଅନେକ ଅଧ୍ୟାପକ ଓ କର୍ମଚାରୀ ଏହି ଆନ୍ଦୋଳନରେ ଯୋଗଦେବାକୁ ସମ୍ମତି ଦେଇଥିଲେ। କୋଷାଧ୍ୟକ୍ଷ ମନୋରଞ୍ଜନ ମିଶ୍ର ଜିଲା ସଂଘର ଆକାଉଣ୍ଟକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିବେଦନ କରିଥିଲେ ଓ ସମସ୍ତେ ଏହିପରି ସଂଘର ଡାକରାରେ ସାମିଲ ହୋଇ ସଭାକୁ ସଫଳ କରିବା ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜିଲାସ୍ତରୀୟ ଏକାଦଶ କୃଷି ଗଣନା ସମ୍ବନ୍ଧୀୟ ତାଲିମ


ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ସୁନ୍ଦରଗଡ଼,୯।୧୨(ଜୟ ନାରାୟଣ ମେଣ୍ଡୁଲି)

ଜିଲା ସ୍ତରୀୟ ଏକାଦଶ କୃଷି ଗଣନାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ସର୍ଭେ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ସୁନ୍ଦରଗଡ଼ ସ୍ଥିତ ସଦଭାବନା ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ୨୦୧୧–୨୨କୁ ସୂଚକ ବର୍ଷ ନେଇ ଏହାର ପ୍ରଥମ ପର୍ଯ୍ୟାୟ ଗଣନା ଜିଲାର ସମସ୍ତ ୧୭ ତହସିଲର ୧୭୯୧ ନମୁନା ଗ୍ରାମରେ ସର୍ଭେ ସରିଛି। ଦ୍ୱିତୀୟ ପର୍ଯ୍ୟାୟ ସର୍ଭେରେ ସମସ୍ତ ତହସିଲ ଅନ୍ତର୍ଗତ ୩୪୬ ନମୁନା ଗ୍ରାମ ଯାହାକି ପ୍ରଥମ ପର୍ଯ୍ୟାୟରେ ୨୦ ପ୍ରତିଶତ ଗ୍ରାମରେ ଚାଷଜୋତ ସମ୍ପର୍କିତ ପ୍ରଜାସ୍ୱତ୍ତ୍ୱ, ଭୂମି ବିନିଯୋଗ, ଜଳସେଚନ ସ୍ଥିତି, କୃଷି ଯନ୍ତ୍ର ଓ କୃଷି ଢାଞ୍ଚା ବିକ୍ଷିପ୍ତ ଭାବେ ଚାଷ ହେଉଥିବା ବିଭିନ୍ନ ଆକାରର ଚାଷଜୋତ ଓ ଚାଷୀଙ୍କ ସାମାଜିକ ଗୋଷ୍ଠୀ ସମ୍ବଳିତ ତଥ୍ୟ ଯାହାକି ମୋବାଇଲ ଆପରେ ଗଣନାକାରୀଙ୍କ ଦ୍ୱାରା ଚଳିତ ଡିସେମ୍ବର ୨୦୨୪ ରେ ସଂଗ୍ରହ ହେବ। ତୃତୀୟ ପର୍ଯ୍ୟାୟରେ ସମସ୍ତ ତହସିଲ ଅନ୍ତର୍ଗତ ୧୨୬ ନମୁନା ଗ୍ରାମ ଯାହାକି ପ୍ରାଣୀସମ୍ପଦ, କୃଷି ଯନ୍ତ୍ରପାତି, ସାର ବ୍ୟବହାର ଚାଷୀ ଦ୍ୱାରା ବ୍ୟବହୃତ କୃଷି ଋଣ ଆଦି ସମ୍ବଳିତ ତଥ୍ୟ ନିର୍ଦ୍ଦିଷ୍ଟ ଫର୍ମରେ ଗଣନାକାରୀଙ୍କ ଦ୍ୱାରା ୨୦୨୫ ମାର୍ଚ୍ଚ ସୁଦ୍ଧା ସଂଗ୍ରହ ହେବ। ଡିସେମ୍ବର ୯ ତାରିଖରେ ସମସ୍ତ ତହସିଲର ଗଣନାକାରୀ ଓ ସୁପରଭାଇଜରଙ୍କୁ ନେଇ ୧୧୮ ଜଣଙ୍କୁ ତାଲିମ ଦିଆଯାଇଛି। ତାଲିମ କାର୍ଯ୍ୟରେ ଜିଲାର ସମସ୍ତ ତହସିଲର ନିର୍ଦ୍ଦିଷ୍ଟ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ ଓ ଭିଏଡବ୍ଲ୍ୟୁ, ପରିସଂଖ୍ୟାନ ଅଧିକାରୀ, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ, ନିରୀକ୍ଷକ ଯୋଗ ଦେଇଥିଲେ। ଭାରତରେ ଏହି କୃଷି ଗଣନା ୧୯୭୦ – ୭୧ ମସିହାରୁ ପ୍ରତି ପାଞ୍ଚ ବର୍ଷ ବ୍ୟବଧାନରେ ହୋଇଆସୁଛି ଓ ଏହା ଏକାଦଶତମ କୃଷି ଗଣନା। ତାଲିମ କାର୍ଯ୍ୟରେ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟରୁ ଯୁଗ୍ମ ନିର୍ଦ୍ଦେଶକ ଡ. ବିଜ୍ଞାନାନନ୍ଦ ମହାନ୍ତି , ଓଏସଡି ପ୍ରମୋଦ କୁମାର ମହାନ୍ତି ଯୋଗଦେଇ ତାଲିମ କାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ଅତିରିକ୍ତ ଜିଲାପାଳ (ସାଧାରଣ) ରବିନ୍ଦ୍ର ନାରାୟଣ ସାହୁ , ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, ଭାରପ୍ରାପ୍ତ ଉପ ନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ପ୍ରଦୀପ କୁମାର ତିର୍କୀ ଓ ପରିସଂଖ୍ୟାନ ଅଧିକାରୀ ଯୋଗଦେଇ ସମସ୍ତ ତାଲିମ ଗ୍ରହଣ କାରୀଙ୍କୁ ଏହି ତାଲିମ ନେଇ ନିଜ ଫିଲଡରେ ମାର୍ଗଦର୍ଶିକା ଅନୁଯାୟୀ କ୍ଷେତ୍ରରୁ ସଠିକ ତଥ୍ୟ ସଂଗ୍ରହ କରିବାକୁ ପରାମର୍ଶ ଦେଇଥିଲେ। ଯୋଜନା ଓ ସଂଯୋଜନ ବିଭାଗ,ଓଡ଼ିଶା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ତତ୍ତ୍ୱାବଧାନରେ ଓ ସୁନ୍ଦରଗଡ଼ ଜିଲା ପ୍ରଶାସନ ଓ ସୁନ୍ଦରଗଡ଼ସ୍ଥ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ହେଇଥିବା ଏହି ତାଲିମ କାର୍ଯ୍ୟକ୍ରମକୁ ମାଷ୍ଟର ଟ୍ରେନର ଭାବେ ପରିସଂଖ୍ୟାନ ଅଧିକାରୀ ବିଜେତା କିଷାନ ଓ ଅଜିତ କୁମାର ସେଠୀ ପରିଚାଳନା କରିଥିଲେ।

## କୁତ୍ରାରେ ଜିଲାପାଳଙ୍କ ଜନଶୁଣାଣି

କୁତ୍ରା,୯।୧୨(ଦେବାଶିଷ ସାହୁ)

କୁତ୍ରା ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଜନସାଧାରଣଙ୍କ ପକ୍ଷରୁ ଆସିଥିବା ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଜିଲା ପ୍ରକଳ୍ପ ଅଧିକାରୀ ସୁରଞ୍ଜନ କୁମାର ସାହୁ, ଉପଜିଲାପାଳ ଦାଶରଥି ସରାବୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶାଳ, ତହସିଲଦାର ପ୍ରମୋଦ କୁମାର ବାସ୍‌କେ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଜିଲା ତଥା ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଦ୍ୱାରା ଦିଆଯାଇଥିବା ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ଜନସାଧାରଣ ଏବଂ ପଞ୍ଚାୟତ ଜନ ପ୍ରତିନିଧିଙ୍କ ପକ୍ଷରୁ ବିଭିନ୍ନ ଅଭିଯୋଗ ସହ ବ୍ଲକର ଅନେକ ଅଞ୍ଚଳରେ ଆବଶ୍ୟକ ରାସ୍ତା ଘାଟ ନିର୍ମାଣ ତଥା ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ପରେ ଏଲଗା, କନ୍ଦେଇମୁଣ୍ଡା, ଡାହିଜିରା ଓ ଜଉରାମୁଣ୍ଡାରେ ଚାଲୁଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରିଥିଲେ। ମୋଟ ୬୨ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୭ ବ୍ୟକ୍ତିଗତ, ୨୫ ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡିକ ମଧ୍ୟରୁ ୨୦ଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୩ଟି ଆବେଦନ ରହିଥିଲା।


ଶିଠବିରରେ ଜିଲାପାଳ ଏବଂ ଅନ୍ୟମାନେ ଅଭିଯୋଗ ଶୁଣୁଛନ୍ତି।

## ଛେଳି ଚୋରି ଅଭିଯୋଗରେ ୫ ଗିରଫ

ଲହୁଣୀପଡା,୯।୧୨(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ୫ ଜଣ ଛେଳି ଚୋରଙ୍କୁ ଗିରଫ କରିବା ସହିତ ୯ଟି ଛେଳି ଉଦ୍ଧାର କରିଛି ପୋଲିସ। ଅଭିଯୁକ୍ତମାନେ ହେଲେ ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ ନୂଆପଡା ଗ୍ରାମର କାର୍ତ୍ତିକ କିଷାନ (୨୭), କୁରଡ଼ା ପଞ୍ଚାୟତ ବ୍ରାହ୍ମଣ ଗାଁ ଗ୍ରାମର କୁଶ ମାହାନ୍ତ (୩୮),ରାଜାମୁଣ୍ଡା ଗ୍ରାମର ସଞ୍ଜୟ କିଷାନ, ଲହୁଣୀପଡା ମୁଖ୍ୟ ବଜାରର କିତାବ ହୋସେନ (୩୦) ଏବଂ ଲହୁଣୀପଡାର ଅରବିନ୍ଦ ରାୟ (୪୫)। ଏଥିସହ ପୋଲିସ ଗୋଟିଏ ପିକଅପ ଭ୍ୟାନ ଓ ବାଇକ ମଧ୍ୟ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ,କାର୍ତ୍ତିକ, କୁଶ,ସଞ୍ଜୟ,କିତାବ କିଛିଦିନ ତଳେ ସମ୍ବଲପୁର ଜିଲା ମହୁଲପାଲି ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ପ୍ରାୟ ୧୨ଟି ଛେଳି ଚୋରି କରି ଅରବିନ୍ଦଙ୍କ ପିକଅପ ଭ୍ୟାନ ଯୋଗେ ଲହୁଣୀପଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ବିକ୍ରି କରିଥିଲେ। ଛେଳି ଚୋରି ହେବା ଘଟଣାକୁ ନେଇ ମହୁଲପାଲି ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଛେଳି ଚୋରି କରି ନେଇଥିବା ଚୋରମାନେ ଲହୁଣୀପଡା ଅଞ୍ଚଳର ବୋଲି କୌଣସି ସୂତ୍ରରୁ ଖବର ପାଇଥିଲା। ଲହୁଣୀପଡା ପୋଲିସ ସହିତ ଯୋଗାଯୋଗ କରିଥିଲା। ମହୁଲପାଲି ପୋଲିସ ଓ ଲହୁଣୀପଡା ପୋଲିସ ମିଳିତ ଭାବେ ଚଢ଼ାଉ କରି ଉକ୍ତ ୫ ଜଣଙ୍କୁ ଗିରଫ କରିବା ସହିତ ବିଭିନ୍ନ ସ୍ଥାନରୁ ୯ଟି ଛେଳିକୁ ଉଦ୍ଧାର କରିଥିଲା।

## ଶର୍ଟସର୍କିଟ: ଜଳିଗଲା ୫ବାଇକ୍

ସୁନ୍ଦରଗଡ,୯।୧୨(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ ସରକାରୀ କଲେଜ ରୋଡରେ ରବିବାର ରାତିରେ ଶର୍ଟସର୍କିଟ ଯୋଗୁ ଏକ ଘରେ ଅଗ୍ନିକାଣ୍ଡ ଘଟି ୫ ବାଇକ ଓ ଗୋଟିଏ ସାଇକେଲ ପୋଡି ନଷ୍ଟ ହୋଇଯାଇଛି। ଏକ ବ୍ୟାଟେରୀ ଚାଳିତ ବାଇକ ଚାର୍ଜରେ ବସିଥିବା ବେଳେ ଶର୍ଟସର୍କିଟ ହୋଇ ଏହି ଆଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଘର ମାଲିକ ମିତ୍ରଭାନୁ ପଟେଲଙ୍କ କହିବା ଅନୁସାରେ, ରବିବାର ରାତି ପ୍ରାୟ ସାଢ଼େ୯ଟା ବେଳେ ସ୍କୁଟିକୁ ଘର ସମ୍ମୁଖରେ ଚାର୍ଜରେ ବସାଇଥିଲେ। ଶର୍ଟସର୍କିଟ ଯୋଗୁ ସ୍କୁଟିରେ ନିଆଁ ଲାଗିବା ସହ ପାଖରେ ଥିବା ଅନ୍ୟ ୪ଟି ଗାଡି ଓ ଗୋଟିଏ ସାଇକେଲ ପୋଡି ଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ ଦଳ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଘର ଭିତରେ ଥିବା ୫ଟି ବାଇକ ଓ ଗୋଟିଏ ସାଇକେଲ ପୋଡି ନଷ୍ଟ ହୋଇଯାଇଛି।

## ସ୍ୱାସ୍ଥ୍ୟ ଶିବିରରେ ମାନସିକ ରୋଗୀଙ୍କ ଚିକିତ୍ସା

ବରଗଡ଼,୯।୧୨(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଭଟଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଉଦେପାଲି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ମାନସିକ ସ୍ୱାସ୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଏବଂ ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ସହଯୋଗ ତଥା ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଣବ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ହୋଇଥିଲା।

## ଜିଲା ସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ

କୁତ୍ରା,୯।୧୨(ଦେବାଶିଷ ସାହୁ)

କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ସୋମବାର ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇଥିଲେ। ଆଧୁନିକ ଯୁଗରେ ପ୍ରତିଦିନ ନୂତନ ଟେକ୍ନୋଲୋଜିର ଉଦ୍ଭାବନ ହେଉଛି, ତେଣୁ ସମୟର ତାଳେ ତାଳେ ନିଜକୁ ସାମିଲ କରିବା ପାଇଁ ସେ ଉପଦେଶ ଦେଇଥିଲେ। ପରେ ବିଜ୍ଞାନର ଏକ ଫଳକ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ କୁତ୍ରା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକଡା, ଜେଏସ୍‌ଡବ୍ଲ୍ୟୁ ଶିବାସିମେଣ୍ଟ ତରଫରୁ ଅନିଲ ସିଂ, ବିଶ୍ରା ବିଇଓ ସଦାନନ୍ଦ ପ୍ରଧାନ, ରାଜଗାଙ୍ଗପୁର ବିଇଓ ସରୀତା ସରୋନିଆ, ବଡଗାଁ ବିଇଓ ଶାନ୍ତିମୁନୀ ସୁରେଖା ହରୋ, କୁତ୍ରା ବିଇଓ ଅଶୋକ ଲାକଡା, ଜିଲା ବିଜ୍ଞାନ ନିରୀକ୍ଷକ ଚନ୍ଦ୍ର ଶେଖର ସା, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ପ୍ରମୁଖ ମଞ୍ଚାସୀନ ରହି ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ସନ୍ଧ୍ୟା ସମୟରେ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ ନିର୍ଦ୍ଦେଶକ ଇଞ୍ଜିନିୟର ଶୁଭେନ୍ଦୁ ପଟ୍ଟନାୟକ ଯୋଗଦେଇ ବିଜ୍ଞାନ ଉପରେ ଗୋଟିଏ ଘଣ୍ଟା ବକ୍ତବ୍ୟ ରଖିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ସେମିନାରରେ ୧୭ ଜଣ ଓ ୧୪୪ ଜଣ କୁନି ବୈଜ୍ଞାନିକ ଭାଗନେଇଥିବା ବେଳେ ୧୪୪ ଜଣ ମାର୍ଗଦର୍ଶକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ ପରିଚାଳନା କରିଥିଲେ। ଏହି ଅବସରରେ ସମସ୍ତ ଅତିଥିଙ୍କୁ ମା’ ପାଇଁ ଗଛଟିଏ ଉଦ୍ଦେଶ୍ୟରେ ଗୋଟିଏ ଗୋଟିଏ ଗଛ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଏବିଇଓ ଲକ୍ଷ୍ମଣ ଜାମୁଣ୍ଡା, ମିନା କୁମାରୀ ଜେନା, ନିରଞ୍ଜନ ରାଉଳ, ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ, ବ୍ରିଧିଚନ୍ଦ୍ର ବିଲୁଙ୍ଗ, ନିତ୍ୟାନନ୍ଦ ବେହେରା, ଅମରେଶ ସାହୁ, ସୁନିତା ସରୋନିଆ, ବିଜୟ ବାରା, ଅନ୍ନପୂର୍ଣ୍ଣା ସା, ସଞ୍ଜିତା କୁଜୁର, ରବୀନ୍ଦ୍ର ପଣ୍ଡା, ମହେନ୍ଦ୍ର ସି, ଦୀପିକା କେର୍କେଟା, ଅବିନାଶ କର, ଧୃତିସୁନ୍ଦର ସାହୁ, ରୋହିତ ଜୟପୁରିଆ, ଯସ୍ମିନ ମିଞ୍ଜ ପ୍ରମୁଖଙ୍କ ସମେତ ସମସ୍ତ ସିଆରସିସି ଓ ବ୍ଲକର ବହୁ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


ଅତିଥିମାନେ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

# କୁମ୍ଭାର ସମାଜ ପକ୍ଷରୁ ସୁରସେନ ଚକ୍ର ପୂଜା, ମହାସଭା

ବଡ଼ଗାଁ,୯।୧୨( ଅଶୋକ ଷଡ଼ଙ୍ଗୀ)


ଅତିଥିମାନଙ୍କୁ ସ୍ୱାଗତ ଜଣାଉଛନ୍ତି ସ୍ଥାନୀୟ ମହିଳା।

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ପଞ୍ଚରା ଗ୍ରାମରେ ଗତ ୫ ତାରିଖଠାରୁ ଆରମ୍ଭ ହୋଇଥିବା ସୁରସେନ ଚକ୍ର ପୂଜା ରବିବାର ସନ୍ଧ୍ୟାରେ ଶେଷ ହୋଇଛି। ବଡ଼ଗାଁ ଓ କୁତ୍ରା ବ୍ଲକର ୧୮ଟି ଗ୍ରାମରେ ବସବାସ କରୁଥିବା ୨୦୦ ପରିବାରକୁ ନେଇ ଆଞ୍ଚଳିକ କୁରାଳ ସମାଜ ପାମରା ଗାଦି ଗଠନ କରାଯାଇଛି। ଏହି ଗାଦି ଆନୁକୂଲ୍ୟରେ ପଞ୍ଚରା ଗ୍ରାମରେ ୪ଦିନ କୁମ୍ଭାର ସମାଜର ଇଷ୍ଟ ଦେବତା ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କ ସମେତ ପ୍ରଭୁ ବିଷ୍ଣୁଙ୍କ ପ୍ରଦତ୍ତ ସୁରସେନ ଚକ୍ରକୁ ପୂଜା ମଣ୍ଡପରେ ଅବସ୍ଥାପିତ କରି ପୂଜା କରାଯାଇଥିଲା। ଏହାସହିତ ପୂଜା ମଣ୍ଡପରେ ଲକ୍ଷ୍ମୀନାରାୟଣ, ବ୍ରହ୍ମା, ସାବିତ୍ରୀ, ଶିବ, ପାର୍ବତୀ, ଗଣେଶ, କାର୍ତ୍ତିକ ଓ ସରସ୍ୱତୀଙ୍କ ମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା। ଚଳିତବର୍ଷ ଚକ୍ରପୂଜାରେ ପଞ୍ଚରା ଗ୍ରାମର ପ୍ରତିମୋହନ ରଣା ଓ ତାଙ୍କ ସ୍ତ୍ରୀ ଚନ୍ଦ୍ରକାନ୍ତି ରଣା ମୁଖ୍ୟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଗତ ୫ ତାରିଖ ସନ୍ଧ୍ୟାରେ ଚକ୍ରପୂଜା ପାଇଁ କଳସ ଅଧିବାସ କରାଯାଇଥିଲା। ୬ ତାରିଖ ଦିନ ପୂଜା, ହୋମଯଜ୍ଞ, ପୁରାଣପାଠ କରାଯାଇଥିଲା। ସେହିଦିନ ରାତିରେ କୁନି ପିଲାଙ୍କୁ ନେଇ ନାଚଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୭ ତାରିଖ ଦିନ ପୂଜା, ହୋମଯଜ୍ଞ ପରେ ୧୮ ଖଣ୍ଡ ଗ୍ରାମର କୁମ୍ଭାର ଭାଇ ଭଉଣୀମାନଙ୍କୁ ନେଇ ଆଞ୍ଚଳିକ ସ୍ତରରେ ଏକ ମହାସଭା ହୋଇଥିଲା। ଉକ୍ତ ସଭାରେ ସୁନ୍ଦରଗଡ ଜିଲା କୁରାଳ ସମାଜ ପରିଚାଳନା କମିଟିର ଜିଲା ସଭାପତି ରାଜୀବ ଲୋଚନ ବେହେରା, ଜିଲା ସମ୍ପାଦକ ଘନଶ୍ୟାମ ରଣା, ପାମରା ଗାଦି କମିଟିର ସଭାପତି ହଳଧର ରଣା ଅତିଥିଭାବେ ଯୋଗଦେଇ କୁରାଳ ପୁରାଣରେ ବର୍ଣ୍ଣିତ କୁମ୍ଭାର କୁଳର ଜନ୍ମ ବୃତ୍ତାନ୍ତ, ସମାଜରେ ବର୍ତ୍ତମାନର ସ୍ଥିତି ଓ ସାମାଜିକ ସଂଗଠନ ଉପରେ ଆଲୋଚନା କରିଥିଲେ। ପାମରା ଗାଦି କମିଟିର ସମ୍ପାଦକ ସୁରେନ୍ଦ୍ର ଦାନି ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ। ସହ ସଂପାଦକ କିଶୋର ରଣା ସଭା ପରିଚାଳନାରେ ସହଯୋଗ କରିଥିଲେ। ପଞ୍ଚରା ଗ୍ରାମର ଚକ୍ର ପୂଜା କମିଟିର ସମସ୍ତ ସଭ୍ୟା ସଭ୍ୟଙ୍କ ଉଦ୍ୟମ ଏବଂ ସହଯୋଗରେ ୨୦୨୨ ମସିହା ରୁ ୨୦୨୪ ପର୍ଯ୍ୟନ୍ତ ଗାଦି ସ୍ତରୀୟ ଚକ୍ର ପୂଜାକୁ ସୁଚାରୁରୂପେ ସମ୍ପାଦନ କରିଥିବାରୁ ଉଭୟ ଗାଦି ଏବଂ ଜିଲା କମିଟି ତରଫରୁ ପ୍ରଶଂସା କରାଯାଇଥିଲା। ଗତ ୩ ବର୍ଷ ହେଲା ଚକ୍ର ପୂଜାକୁ ସାଫଲ୍ୟ ମଣ୍ଡିତ କରିଥିବାରୁ ସ୍ଥାନୀୟ ପୂଜା କମିଟିର ସଭାପତି କାର୍ତ୍ତିକ ରଣା, ସମ୍ପାଦକ ଦିଲ୍ଲୀପ ରଣା, ସ୍ୱେଚ୍ଛାସେବୀ ରବିରତନ ରଣା, ବିକାଶ ରଣା, କୁନୁ ରଣା, ଅଜୟ ରଣା, ବରୁଣ ରଣା, ଯୁଗେଶ୍ୱର ରଣା ଓ ଅକ୍ଷୟ ରଣାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କୁମ୍ଭାର ସମାଜର ସମସ୍ତଙ୍କ ଠାରୁ ବୟସ୍କା ମହିଳା ପଞ୍ଚରା ଗ୍ରାମର ଚାନ୍ଦ ରଣାଙ୍କୁ ନୂତନ ବସ୍ତ୍ର ପ୍ରଦାନ କରି ତାଙ୍କଠାରୁ ଆଶୀର୍ବାଦ ନେବା ସହିତ ତାଙ୍କର ଦୀର୍ଘାୟୁ କାମନା କରାଯାଇଥିଲା। ଦ୍ୱିତୀୟ ଦିବସରେ ବାଦପାଲା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୨୫ରେ ଗାଦି ସ୍ତରୀୟ ଚକ୍ର ପୂଜା ରୁନଗା କୁମ୍ଭାର ପଡାଠାରେ କରାଯିବା ପାଇଁ ଘୋଷଣା କରାଯାଇଥିଲା।

## ସଂକ୍ଷେପରେ

### ରାଧାମାଧବ ସଂଘର ନୂତନ କର୍ମକର୍ତ୍ତା ଚୟନ

ଝାରସୁଗୁଡ଼ା,୯।୧୨
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହର ବେହେରାମାଲସ୍ଥିତ ରାଧାମାଧବ ମନ୍ଦିର ପ୍ରାଙ୍ଗଣରେ ରାଧାମାଧବ ସଂଘର ନୂତନ କର୍ମକର୍ତ୍ତା ଚୟନ ଏବଂ ବୈଠକ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ଓମ ପ୍ରକାଶ ତ୍ରିପାଠୀ ସଭାପତି, ମୋହନ କର୍ତ୍ତା ଓ ଦେବରାଜ ମହାରଣା ଉପସଭାପତି, ସୁନୀଲ ବାରିକ କୋଷାଧ୍ୟକ୍ଷ, ରମେଶ ରାଉତ ସମ୍ପାଦକ, ସୁରେଶ ବିଶି, ଚନ୍ଦ୍ରକାନ୍ତ ମହାରଣା, ମୀନକେତନ ରାଉତ ଯୁଗ୍ମ ସମ୍ପାଦକ, ଉପଦେଷ୍ଟା ଭାବେ ପ୍ରମୋଦ ମିଶ୍ର, ତ୍ରିନାଥ ଚନ୍ଦ୍ର ଦାଶ, ଶୈଳେନ୍ଦ୍ର ନାୟକ, କ୍ଷୀରୋଦ ପଟେଲ, ପ୍ରଦୀପ ମହାପାତ୍ର, ସୁଧାଂଶୁ ମହାପାତ୍ର, ତପନ ରାଉତ, ହିରଣ ମେହେର, କେଶବ ଭଇଂସା, ଅଶ୍ୱିନୀ କୁମାର ସାହୁଙ୍କୁ ଚୟନ କରାଯାଇଥିଲା। ବୈଠକରେ ଆଗାମୀ ଦିନରେ ମନ୍ଦିର ପୂଜାରୀଙ୍କ ପାଇଁ ଏକ ଘର, ଭୋଜନାଳୟ, ଶିବ ଓ ଲକ୍ଷ୍ମୀଙ୍କ ପାଇଁ ମନ୍ଦିର ତିଆରି ପାଇଁ ପ୍ରସ୍ତାବ ନିଆଯାଇଥିଲା।

### ମା’ ମଙ୍ଗଳା ମନ୍ଦିରରେ ବାର୍ଷିକ ଉତ୍ସବ ପାଳିତ

ଝାରସୁଗୁଡ଼ା,୯।୧୨
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସହରସ୍ଥିତ ବଇମୁଣ୍ଡା ପୁରୁଣା ତହସିଲ ଅଫିସ ନିକଟସ୍ଥ ମା’ ମଙ୍ଗଳା ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସକାଳ ୭ଟା ସମୟରେ ମହିଳା ଭକ୍ତମାନେ କଳସ ଯାତ୍ରା କରିଥିଲେ। ଏହାପରେ କର୍ତ୍ତା ପ୍ରମୋଦ ତ୍ରିପାଠୀ ଓ ବସୁଧା ତ୍ରିପାଠୀଙ୍କ ଉପସ୍ଥିତିରେ ପଣ୍ଡିତ ବୈକୁଣ୍ଠ ବାବୁ, ରଘୁନନ୍ଦନ ବିରତିଆ ପୂଜା ଆରମ୍ଭ କରି ମା’ ମଙ୍ଗଳାଙ୍କୁ ଗଙ୍ଗାଜଳ, କ୍ଷୀର, ପଞ୍ଚାମୃତରେ ସ୍ନାନ କରାଇ ଷୋଳ ଉପଚାର ପୂଜା, ହୋମ, ସହ ମଙ୍ଗଳ ଆଳତୀ କରି ପୂଜା ସମାପନ କରିଥିଲେ। ଉତ୍ସବରେ ରବୀନ୍ଦ୍ର ଦୀକ୍ଷିତ, ଶଙ୍କର୍ଷଣ ନାଥଙ୍କ ସହିତ ସମସ୍ତ ସଭ୍ୟ, ସଭ୍ୟା ସହଯୋଗ କରିଥିଲେ। ପୂର୍ଣ୍ଣାହୁତି ପରେ ସମସ୍ତ ଭକ୍ତମାନଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ହୋଇଥିଲା।

### ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ କମ୍ବଳ ବଣ୍ଟନ

ଦେବଗଡ଼,୯।୧୨
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ ଛେପିଲିପାଲି ପଞ୍ଚାୟତ ଅନ୍ତର୍ଗତ ଶୁଳିଆ ବନଖଣ୍ଡର ସାତପାଲି ଓ ଶିବପାଲି ଗ୍ରାମରେ ଜନଜାତି ପରିବାରମାନଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା। ଜିଲା ବନବାସୀ କଲ୍ୟାଣ ଆଶ୍ରମ ସଙ୍ଗଠନର ଅଭିଭାବକ ସାମାଜିକ କର୍ମୀ କୃଷକନେତା ତଥା ବରିଷ୍ଠ ଆଇନଜୀବୀ ପ୍ରଭାସ ଚନ୍ଦ୍ର ମିଶ୍ର ୪୦ଜଣ ଜନଜାତି ପରିବାରଙ୍କୁ କମ୍ବଳ ପ୍ରଦାନ କରିଥିଲେ। ଉକ୍ତ ବଣ୍ଟନ କାର୍ଯ୍ୟରେ ଜିଲା ମହିଳା ପ୍ରମୁଖ କୁମାରୀ ବାସନ୍ତୀ ଘୁଟା ପ୍ରାନ୍ତ ସହ ସଙ୍ଗଠନ ମନ୍ତ୍ରୀ ରାମପଦ ପେଡା ଓ ପୁରୁଷୋତ୍ତମ ସାହୁ ସହଯୋଗ କରିଥିଲେ। ରମେଶ ଚନ୍ଦ୍ର ମେମୋରିଆଲ ସୌଜନ୍ୟରୁ ଉକ୍ତ କମ୍ବଳର ବ୍ୟବସ୍ଥା କରାଯାଇଥିଲା। ହାତୀ ଉପଦ୍ରୁତ ଜନଯାତିମାନେ କମ୍ବଳର ବିତରଣ ଯୋଗୁ ଖୁସିବ୍ୟକ୍ତ କରିଥିଲେ।

# କୃଷକ ସଶକ୍ତ ହେଲେ ଦେଶ ସଶକ୍ତ ହେବ


ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ଝାରସୁଗୁଡ଼ା,୯।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ମନମୋହନ ସ୍କୁଲ ଖେଳ ପଡ଼ିଆଠାରେ ସୋମବାର ପୂର୍ବାହ୍ନ ୧୧ଟା ୩୦ରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କୃଷିଯନ୍ତ୍ର ପାତିର ରିହାତି ମୂଲ୍ୟରେ ବିକ୍ରି ବ୍ୟବସ୍ଥା ସଚେତନତା କାର୍ଯ୍ୟକ୍ରମ ହେଉଛି ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ କୃଷି ଯନ୍ତ୍ରପାତିର ପ୍ରଦର୍ଶନ କରାଯିବା ସହିତ ନୂତନ ଜ୍ଞାନ କୌଶଳ ବିଷୟରେ କୃଷକମାନଙ୍କୁ ଅବଗତ କରାଯାଇଥିଲା। ଏହି ମେଳାରେ ଜିଲା କୃଷି ଅଧିକାରୀ ଜେନାମଣି ବିଭୁତି ଭୂଷଣ ରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃଷକମାନେ କିପରି ଅତୀତରେ କିପରି ହଳ ଲଙ୍ଗଳରେ ଚାଷ କରୁଥିଲେ ଏବଂ ଆଜିର ଦିନରେ ନୂତନ କୃଷିଯନ୍ତ୍ରପାତି ଦ୍ୱାରା କୃଷକ ତାର ଆର୍ଥିକ ସ୍ଥିତି ସହିତ କମ ପରିଶ୍ରମରେ ବେଶୀ ରୋଜଗାର କରୁଛି ତାହା ବୁଝାଇଥିଲେ। ସଭାରେ ଉପସ୍ଥିତ ଥିବା କୃଷକ ଭାଇମାନଙ୍କୁ ମେଳାକୁ ଆସିଥିବା ନୂତନ ଯନ୍ତ୍ରପାତିର ବ୍ୟବହାର କୌଶଳ, ମୂଲ୍ୟ ଏବଂ ଉପାଦେୟତା ବୁଝିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ଯୋଗଦେଇ କୃଷକ ସଶକ୍ତ ହେଲେ ଦେଶ ସଶକ୍ତ ହେବ ଏବଂ ସରକାର କୃଷକମାନଙ୍କୁ ମଜଭୁତ କରିବା ପାଇଁ ସବୁପ୍ରକାର ସାହାଯ୍ୟ କରୁଛନ୍ତି ଓ କରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରମୋଦ ସେନାପତି, ଏମ୍‌ପି ପ୍ରତିନିଧି କ୍ଷେତ୍ରମଣୀ ସାହୁ, ବିଧାୟକ ପ୍ରତିନିଧି ନେତାଜୀ ପଟ୍ଟନାୟକ, ଜିଲା ଉଦ୍ୟାନ କୃଷି ଅଧିକାରୀ ମନୋରଞ୍ଜନ ନନ୍ଦଙ୍କ ସହିତ ଜିଲା ଅନ୍ତର୍ଗତ ବ୍ଲକସ୍ତରୀୟ କୃଷି ଅଧିକାରୀ, ପଞ୍ଚାୟତ କୃଷି ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠି ଏବଂ ଜିଲାର ଶତାଧିକ କୃଷକ ଯୋଗଦେଇଥିଲେ। ଏହି ମେଳାରେ ବିଭିନ୍ନ ବ୍ଲକର ଶ୍ରେଷ୍ଠ କୃଷକମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ମହିଳା ଓ ଘରୋଇ ହିଂସା ନିରାକରଣ ସଚେତନତା ପକ୍ଷ ପାଳନ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଏଏନ୍‌ଏମ୍‌ମାନେ।

ଦେବଗଡ଼,୯।୧୨
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହଠାରେ ମହିଳା ଓ ଘରୋଇ ହିଂସା ନିରାକରଣ ସଚେତନତା ପକ୍ଷ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ବିଶ୍ୱମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ମହିଳାଙ୍କ ପ୍ରତି ହେଉଥିବା ହିଂସା ନିରାକରଣ ସଚେତନତା ପକ୍ଷ ପାଳନ ଉପରେ ଆଲୋଚନା ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର ଓ ସମ୍ମାନିତ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଡିଏଲ୍‌ଏସ୍‌ଏର ରିମାଣ୍ଡ ଆଡଭୋକେଟ ରାଜକିଶୋର ପ୍ରଧାନ, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ବାରକୋଟ ଅଧୀକ୍ଷକ ଡ଼ା ବାବୁ ସିଂ ପ୍ରମୁଖ ଯୋଗ ଦେଇଥିଲେ। ମହିଳାଙ୍କ ପ୍ରତି ହେଉଥିବା ହିଂସା ଓ ଉତ୍ପୀଡନ ମୁକ୍ତ ସମାଜରେ ସମ୍ମାନର ସହ ବଞ୍ଚିବା ସମସ୍ତ ମହିଳା ଓ ଝିଅମାନଙ୍କ ମୌଳିକ ଅଧିକାର ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂର୍ବରୁ ଏଏନ୍‌ଏମ୍ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ଲୋଗାନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ପ୍ରଥମ ଶିଖା ମହାନ୍ତି, ଦ୍ୱିତୀୟ ପଲ୍ଲବୀ ମହାପାତ୍ର, ତୃତୀୟ ଇପସିତା ସାହୁଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବୈଠକରେ ଏଏନ୍‌ଏମ୍ ଟିସିର ଛାତ୍ରୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ସଖୀ କେନ୍ଦ୍ରରୁ ଆସିଥିବା କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ଭାରପ୍ରାପ୍ତ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ପରିଚାଳନା କରିଥିଲେ।

# ତ୍ରୁଟିଶୂନ୍ୟ ଭୋଟର ତାଲିକା ସଂଶୋଧନ ଉପରେ ଗୁରୁତ୍ୱ



ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକ।

### ଉତ୍ତରାଞ୍ଚଳ ରାଜସ୍ୱ କମିଶନଙ୍କ ଦେବଗଡ଼ ଗସ୍ତ

ଦେବଗଡ଼,୯।୧୨
(ଶଶାଙ୍କ ଶେଖର ଝାଙ୍କର)

ଉତ୍ତରାଞ୍ଚଳ ରାଜସ୍ୱ କମିଶନ ସଚିନ ରାମଚନ୍ଦ୍ର ଯାଦବ ସୋମବାର ଦେବଗଡ଼ ଗସ୍ତ କରିଛନ୍ତି। ସେ ଜିଲାର ନିର୍ବାଚନ କାର୍ଯ୍ୟର ତଦାରଖ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇ ଦେବଗଡ଼ ଗସ୍ତରେ ଆସି ଭୋଟର ତାଲିକା ସଂଶୋଧନ ଉପରେ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଯୋଗଦେଇଥିଲେ। ଜିଲାରେ ଭୋଟର ଲିଷ୍ଟ ସଂଶୋଧନ ଦାୟିତ୍ୱରେ ଥିବା ବ୍ଲକ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ରାଜନୈତିକ ଦଳ ସହ ଆଲୋଚନା କରିଥିଲେ। ତ୍ରୁଟିଶୂନ୍ୟ ଭୋଟର ତାଲିକା ସଂଶୋଧନ ଉପରେ ଗୁରୁତ୍ୱ ଦେଇ ନୂଆ ଭୋଟର ପଞ୍ଜୀକରଣ ଓ ୧୭ବର୍ଷରୁ ଉପର ଯୁବକ ଯୁବତୀମାନଙ୍କୁ ଭୋଟର ତାଲିକାରେ ସଂଯୋଗୀକରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପ ଜିଲାପାଳ ପରକ୍ଷିତ ସାହୁ, ବାରକୋଟ ବିଡିଓ ସ୍ମୃତି ରଞ୍ଜନ ସାହୁ, ରିଆମାଳ ବିଡିଓ ଉଗ୍ରସେନ ଓରାମ, ତିଲେଇବଣି ବିଡିଓ ସୂର୍ଯ୍ୟକାନ୍ତ ବରିହା, ଡେପୁଟି କଲେକ୍ଟର ଇଲେକ୍ସନ ମମତାଜ ମହାରଣା, ତହସିଲଦାର କର୍ଣ୍ଣ ମଲ୍ଲିକ, ଜିଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମ, ବିଜୁ ଜନତା ଦଳର ପ୍ରତିନିଧି ସୁଜାତା ପ୍ରଧାନ, ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାସ, ଆମ୍ ଆଦମୀ ପାର୍ଟୀର ସଦସ୍ୟ ଜ୍ଞାନ ସାମଲ, ଜିଲାସ୍ତରୀୟ ଅଧିକାରୀ ଓ ବରିଷ୍ଠ ରାଜସ୍ୱ ସହାୟକ ସମିତ୍ରୀ ପ୍ରସାଦ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କ ସହିତ ଅନୈତିକ ସମ୍ପର୍କ ରଖି ବନ୍ଧାହେଲା ଏମ୍‌ସିଏଲ୍ କର୍ମଚାରୀ

ବ୍ରଜରାଜନଗର,୯।୧୨(ବିଜୟ ବରାଡ଼)

ମହିଳାଙ୍କ ସହିତ ଅନୈତିକ ସମ୍ପର୍କ ରଖି ବନ୍ଧାହେଲା ଜଣେ ଏମ୍‌ସିଏଲ୍ କର୍ମଚାରୀ। ଘଟଣା ଘଟିଛି ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ଅଞ୍ଚଳରେ। ପୋଲିସ ଏମ୍‌ସିଏଲ୍ ପଦାଧିକାରୀ ଅମର କୁମାର ପାଉଲ (୩୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଓରିଏଣ୍ଟ ଥାନା ଅନ୍ତର୍ଗତ କୋଣାର୍କ ଲାଇନ୍‌ରେ ରହୁଥିବା ଏମ୍‌ସିଏଲ୍ ପଦାଧିକାରୀ ଅମର ଅଞ୍ଚଳର ମହିଳାଙ୍କ ସହିତ ଅନୈତିକ ସମ୍ପର୍କ ରଖିଥିଲେ। ମହିଳା ତାଙ୍କୁ ବିବାହ କରିବାକୁ ଚାପ ପ୍ରୟୋଗ କରିବା ସହିତ ମୋଟା ଅଙ୍କର ଅର୍ଥ ଦାବି କରିଥିଲେ। ଘଟଣା ଉଭୟଙ୍କ ମଧ୍ୟରେ ସମାଧାନ ହୋଇ ନ ପାରିବାରୁ ଗତ ୬ ତାରିଖରେ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ମହିଳାଙ୍କ ଅଭିଯୋଗ ଆଧାରରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଓରିଏଣ୍ଟ ଥାନା ଅଧିକାରିଣୀ ରୋଜାଲିନ ପଟେଲ ଅମରଙ୍କ ବିରୋଧରେ ଥାନାରେ ଏକ ମାମଲା (ନଂ. ୨୨୨/୨୪) ରୁଜୁ କରି ଗିରଫ୍ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଓ ପୀଡ଼ିଙ୍କ ଅଭିଯୋଗ ଅନୁଯାଇ ଗତବର୍ଷ ସେପ୍ଟେମ୍ବର ମାସ ମଧ୍ୟରେ ଅମରଙ୍କ ସହିତ ମହିଳାଙ୍କ ଅନୈତିକ ସମ୍ପର୍କ ସହମତି ଭିତରେ ହୋଇଥିଲା। ଫଳରେ ସମ୍ପୃକ୍ତା ମହିଳା ଗର୍ଭବତୀ ହେଲେ। ଗତ ମେ ୨୫ରେ ସମ୍ପୃକ୍ତା ମହିଳା ଗୋଟିଏ ପୁତ୍ର ସନ୍ତାନ ଜନ୍ମ ଦେଲେ। ଉଭୟ ସହମତିରେ ତିନିଦିନ ପରେ ଅର୍ଥାତ ୨୮ ତାରିଖରେ ଟାଟାର ଏକ ଦମ୍ପତିଙ୍କୁ ପୁତ୍ର ସନ୍ତାନକୁ ଦାନ କରିଥିଲେ। ତାପରଠାରୁ ସମ୍ପୃକ୍ତା ମହିଳା ବିବାହ ପାଇଁ ଅମରଙ୍କ ଉପରେ ଚାପ ପକାଇ ଆସୁଥିଲେ। ଯେହେତୁ ଅମର୍ ପୂର୍ବରୁ ବିବାହିତ ଓ ତାଙ୍କ ଦୁଇଗୋଟି ସନ୍ତାନ ଅଛନ୍ତି। ସମ୍ପୃକ୍ତା ମହିଳାଙ୍କ ପ୍ରସ୍ତାବ ଏଡ଼ାଇ ଆସୁଥିଲେ, ପରିଶେଷରେ ସମ୍ପୃକ୍ତା ମହିଳା ଥାନାରେ ଅଭିଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ


ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

ଝାରସୁଗୁଡ଼ା,୯।୧୨(ଆଶିଷ ରଞ୍ଜନ ଦାଶ)

ତରେଇକେଲା ସରସ୍ୱତୀ ଶିଶୁ ମନ୍ଦିରର ୧୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଖେରୁଆଲର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସୁଶାନ୍ତ ପଶାୟତ ଯୋଗଦେଇଥିଲେ। ବିଦ୍ୟାଳୟ ସଭାପତି ଜପାମାଲି ଭଇଁଶା ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଗତବର୍ଷର ଶ୍ରେଷ୍ଠ କ୍ରୀଡାବିତ୍ ହେମରାଜ୍ ବେହେରା ଶିଶୁଙ୍କୁ ଶପଥ ପାଠ କରାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ହିର୍ମା ସରପଞ୍ଚ ଲକ୍ଷ୍ମୀ ବାଦି ଓ ଗରିଆଡିହିର ୱାର୍ଡମେମ୍ବର ଗଜ ଗରିଆ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କଲତା ସ୍ୱାଗତ ଭାଷଣ ଦେଇଥିଲେ। ଖେଳକୁଦ ପ୍ରମୁଖ ଜ୍ୟୋତ୍ସ୍ନା ପଧାନ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ବରିଷ୍ଠ ଆଚାର୍ଯ୍ୟ ସୁଭଦ୍ରା ପଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶିଶୁ ବର୍ଗର ରିଶବ୍ ସିଂହ, ରୋହନ କାଲୋ, ପ୍ରାଚୀ କାଲୋ, ଆଶିଷ ଶେଠ୍, କିଶୋର ବର୍ଗର ହେମରାଜ୍ ବେହେରା, ଆୟୁଷ ପାତ୍ର ଶ୍ରେଷ୍ଠ ଖେଳାଳି ରୂପେ ପରିଚିତ ହୋଇଥିଲେ। ସ୍ୱର୍ଣ୍ଣ ଗୁରୁମା ବୌଦ୍ଧିକ ପରିଚାଳନା କରିଥିଲେ। ସମସ୍ତ ଗୁରୁଜିଗୁରୁମା କ୍ରୀଡା ପ୍ରତିଯୋଗିତାରେ ସହଯୋଗ କରିଥିଲେ।

# ଜିଲାରେ ଧାନ କ୍ରୟ ଆରମ୍ଭ

### ୭ ଲକ୍ଷ ୯ ହଜାର ମେଟ୍ରିକ୍ ଟନ୍ ଧାନ କ୍ରୟ ଲକ୍ଷ୍ୟ ଧାର୍ଯ୍ୟ

ଝାରସୁଗୁଡ଼ା,୯।୧୨
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ସୋମବାରଠାରୁ ଖରିଫ ଧାନ କିଣା ଆରମ୍ଭ କରାଯାଇଛି। ସରବାହାଲ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଧାନ କ୍ରୟ ଶୁଭାରମ୍ଭ କରିଥିଲେ। ଚଳିତବର୍ଷ ଜିଲାରେ ୨୧୭୩୦ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୭ଲକ୍ଷ ୯ ହଜାର ମେଟ୍ରିକ୍ ଟନ୍ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଜିଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ସରବାହାଲ ମଣ୍ଡିରେ ରଞ୍ଜିତ ରୋହିଦାସଙ୍କ ନାମକ ଜଣେ ଚାଷୀଙ୍କ ୩୩.୪୧ କେଜି ଧାନ ବିକ୍ରି ପାଇଁ ଟୋକନ ଆସିଥିଲା। ହେଲେ ମଣ୍ଡିରେ ଧାନର କ୍ୱାଲିଟି ଏଫ୍‌କ୍ୟୁ ଧାନଠାରୁ ନିମ୍ନମାନର ବୋଲି ଧାନ ନ କିଣି ଫେରାଇ ଦିଆଯାଇଛି। ଏପଟେ କୌଣସି ମିଲ ଧାନ କିଣିବା ପାଇଁ ଏ ପର୍ଯ୍ୟନ୍ତ ଟାର୍ଗେଟ ପାଇ ନ ଥିବା ଜଣାପଡିଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି।


ଧାନକ୍ରୟର ଶୁଭାରମ୍ଭ କରାଯାଉଛି।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୯।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ବିଭିନ୍ନ ସ୍ଥାନରୁ ଆସିଥିବା ୩୧ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗଗୁଡିକ ମଧ୍ୟରେ ୨୧ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ସମସ୍ୟା ସମ୍ବଳିତ ରହିଥିଲା। ମୁଖ୍ୟତଃ ରାସ୍ତା ଘାଟର ମରାମତି, ପାନୀୟ ଜଳ ସମସ୍ୟାର ସମାଧାନ, ୪ ଡେସିମିଲ ଜମିର ପଟ୍ଟା ପ୍ରଦାନ ଆଦି ଅଭିଯୋଗ ରହିଥିଲା। ଏହି ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ, ଉପ ଜିଲାପାଳ ପରକ୍ଷୀତ ସାହୁ, ବାରକୋଟ ବିଡିଓ ସ୍ମୃତିରଞ୍ଜନ ସାହୁ, ବାରକୋଟ ତହସିଲଦାର ରବୀନ୍ଦ୍ର ସାମଲ ଓ ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପୂର୍ବାହ୍ନରେ ହୃଦ୍‌ଘାତରେ ପରଲୋକ ଗମନ କରିଥିବା ଅତିରିକ୍ତ ଜିଲାପାଳଙ୍କ କ୍ଷୀପ୍ର ଲେଖକ (ଷ୍ଟେନୋ) ହରେନ କୁମାର ସାହୁଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା।

# ଝାରସୁଗୁଡ଼ା ବ୍ଲାକ ଡାଇମଣ୍ଡ ବିଜୟୀ

### ଆନ୍ତଃ ଜିଲା କ୍ଲବ କ୍ରିକେଟ ଲିଗ୍

ଝାରସୁଗୁଡ଼ା,୯।୧୨
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସହରସ୍ଥିତ ସରବାହାଲ ଖେଳ ପଡ଼ିଆଠାରେ ଚାଲିଥିବା ଆନ୍ତଃ ଜିଲା କ୍ଲବ କ୍ରିକେଟ ଲିଗ୍‌ର ସୋମବାର ଥିଲା ୬ଷ୍ଠ ଦିବସ। ପୂର୍ବାହ୍ନ ୯ଟାରେ ଝାରସୁଗୁଡ଼ା ବ୍ଲାକ ଡାଇମଣ୍ଡ ଓ ବେଲପାହାଡ଼ ପାନ୍ଥର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଝାରସୁଗୁଡ଼ା ବ୍ଲାକ ଡାଇମଣ୍ଡ ୧୨୬ରନରେ ବିଜୟୀ ହୋଇଛି। ଟସ ଜିତି ଝାରସୁଗୁଡ଼ା ବ୍ଲାକ ଡାଇମଣ୍ଡ ପ୍ରଥମେ ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଦଳର ଓପନର ଅମନ ସିଂ ୩୬ ବଲରେ ୪୯ରନ, ଓମ ଶକୁନିଆ ୩୬ ବଲରେ ୪୨ ରନ କରିଥିଲେ। ବ୍ଲାକ ଡାଇମଣ୍ଡ ଦଳ ସମସ୍ତ ଉଇକେଟ ହରାଇ ୨୬୫ ରନ କରିଥିଲା। ପାନ୍ଥର କ୍ରିକେଟ କ୍ଲବ ପକ୍ଷରୁ ସବୀର ଖାନ ୮ ଓଭରରେ ୨୬ ରନ ଦେଇ ୪ଟି ଉଇକେଟ ଦଖଲ କରିଥିଲେ। ପାନ୍ଥର କ୍ରିକେଟ କ୍ଲବ ୨୬୫ ରନର ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିଲା। ଦଳର ପ୍ରିୟାଂଶୁ ପଟ୍ଟନାୟକ ୬୦ବଲରୁ ୫୫ରନ ସଂଗ୍ରହ କରିଥିବା ବେଳେ ଆଉ କୌଣସି ବ୍ୟାଟ୍ସମ୍ୟାନ ଉଇକେଟରେ ତିଷ୍ଠି ନ ପାରି ୧୩୯ରନରେ ଅଲ ଆଉଟ ହୋଇଯାଇଥିଲେ। ବ୍ଲାକ ଡାଇମଣ୍ଡ ଦଳର ଶୁଭମ ସିଂ ଶ୍ରେଷ୍ଠ ବୋଲିଂ କରି ୮ ଓଭରରେ ୪୦ ରନ ଦେଇ ୬ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା ହୋଇଥିଲେ। ମ୍ୟାଚ ଆରମ୍ଭରେ ପୂର୍ବତନ ଫୁଟବଲ ଖେଳାଳି ସପନ ମଜୁମଦାର ଏବଂ ଖେଳ ଶେଷରେ ପୂର୍ବତନ କ୍ରିକେଟ ଖେଳାଳି ପ୍ରଦୀପ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଫୁଲ୍ୟ ପଟେଲ ଓ ଅନିରୁଦ୍ଧ କେବଟ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

# ସିଙ୍ଗୁରୀ କ୍ରିକେଟ ଦଳ ଚାମ୍ପିୟନ


ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

### ବାବା ସର୍ବେଶ୍ୱର କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ଼,୯।୧୨
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କାଦୋପଡା ଗ୍ରାମପଞ୍ଚାୟତ ସଦର ମହକୁମାରେ ସର୍ବେଶ୍ୱର କ୍ଲବ ଆନୁକୂଲ୍ୟରେ ରବିବାରଠାରୁ ଆରମ୍ଭ ହୋଇଥିବା ବାବା ସର୍ବେଶ୍ୱର ଅଣ୍ଡର ଟ୍ୱେଣ୍ଟି (୨୦ବର୍ଷରୁ କମ) କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାରକୋଟ କ୍ରିକେଟ ଦଳକୁ ପରାସ୍ତ କରି ସିଙ୍ଗୁରୀ କ୍ରିକେଟ ଦଳ ଚାମ୍ପିୟନ ହୋଇଛି। ଆୟୋଜକ ସର୍ବେଶ୍ୱର କ୍ଲବର ସଭାପତି ସରୋଜ ଗଡନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ କାଦୋପଡ଼ା ସେବା ସମବାୟ ସମିତି ସଭାପତି ଚନ୍ଦ୍ରଶେଖର ସାହୁ ଓ ସମ୍ମାନିତ ଅତିଥି ଭାବେ ସୁରେଶ ଚନ୍ଦ୍ର ସାହୁ ଯୋଗଦେଇ ଉଭୟ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କ୍ଲବ ସମ୍ପାଦକ ଈଶ୍ୱର ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ ସଦସ୍ୟ ପରେଶ ସରୋଜ, ସିକି, ଗୁଲୁ, ସାଗର, କାହ୍ନା, ଶିବୁ, ସୁନୀଲ ଓ କ୍ରିଷ୍ଣା ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜସ୍ଥାନରେ ଲକ୍ଷେ କୋଟି ନିବେଶ କରିବ ବେଦାନ୍ତ

**ନୂଆଦିଲ୍ଲୀ,୯।୧୨ (ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରାଜସ୍ଥାନର ଜୟପୁରଠାରେ ଏକ ୩ ଦିନିଆ ନିବେଶ ସମ୍ମିଳନୀ ସୋମବାରଠାରୁ ଆରମ୍ଭ ହୋଇଯାଇଛି। ୨୦୨୪ ଡିସେମ୍ବର ୧୧ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ରାଇଜିଂ ରାଜସ୍ଥାନ ସମ୍ମିଳନୀରେ ଦେଶର ପ୍ରମୁଖ ଘରୋଇ ଶିଳ୍ପସଂସ୍ଥା ବା ଶିଳ୍ପପତିମାନେ ସାମିଲ ହୋଇ ବହୁ କୋଟିର ନିବେଶ କରିବେ ବୋଲି ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଗ୍ରୁପର ଚେୟାରମ୍ୟାନ (ଅଧ୍ୟକ୍ଷ) ଅନିଲ ଅଗ୍ରୱାଲ୍ ରାଇଜିଂ ରାଜସ୍ଥାନ ସମ୍ମିଳନୀକୁ ସମ୍ବୋଧିତ କରି କହିଥିଲେ, ଆଗାମୀ ଦିନରେ ବେଦାନ୍ତ ରାଜ୍ୟରେ ଅତିରିକ୍ତ ଏକ ଲକ୍ଷ କୋଟି ଟଙ୍କା ନିବେଶ କରିବ। ଏପରିକି ଏକ ଅଣ ଲାଭଦାୟକ ଶିଳ୍ପ ପାର୍କ 'ଜିଙ୍କ୍ ପାର୍କ' ସ୍ଥାପନ କରିବାକୁ ଅନିଲ ଘୋଷଣା କରିଛନ୍ତି। ଯାହା ଶତାଧିକ ଏସ୍‌ଏମ୍‌ଇଗୁଡ଼ିକୁ ଜମି, କଞ୍ଚାମାଲ ଓ ଶକ୍ତି ଯୋଗାଇବ। ଫଳରେ ପାଖାପାଖି ୩୦୦ ନୂଆ ଶିଳ୍ପ ସ୍ଥାପନ ହୋଇପାରିବ। ସେହିପରି ରାଜସ୍ଥାନରେ ତୈଳ, ପଟାସ, ପଥର, ଫସଫେଟ, ଲିଡ, ଜିଙ୍କ ଓ ସିଲଭର ଭଳି ପ୍ରାକୃତିକ ବିପର୍ଯ୍ୟୟର ବିପୁଳ ସମ୍ପତ୍ତି ରହିଛି। ସେହିଭଳି ଦୁନିଆର ସମସ୍ତ ସଫଳ ଦେଶ ଭୂତଳ ସମ୍ପଦ ପାଇଁ ବିକଶିତ ହୋଇଛନ୍ତି। ଏପରିକି ଆମକୁ ସେହି ବାଟରେ ଆଗକୁ ବଢ଼ିବାକୁ ପଡ଼ିବ। ରାଜସ୍ଥାନକୁ ଭାରତର ଆକର୍ଷଣୀୟ ସ୍ଥାନ



ଅନିଲ ଅଗ୍ରୱାଲ୍

ଭାବେ ଅଭିହିତ କରିଥିବା ସହ ସ୍ଥାୟୀ ଅନ୍ୱେଷଣ ଦ୍ୱାରା ରାଜ୍ୟର ଅଭିବୃଦ୍ଧି ବହୁ ଗୁଣା ବଢ଼ିପାରିବ। ଏଠାରେ ଇଟାଲି ତୁଳନାରେ ତିନି ଗୁଣା ଅଧିକ କୋଠା ପଥର ଗଚ୍ଛିତ ରହିଥିବାବେଳେ ସବୁଠୁ ଶିଳ୍ପୋନ୍ନତ ରାଜ୍ୟ ଗୁଜରାଟର ପଡ଼ୋଶୀ ଭାବେ ଉପକୃତ ହେବା ଲାଗି ରାଜସ୍ଥାନ ପାଖରେ ବିପୁଳ ସୁଯୋଗ ରହିଛି। ଅପରପକ୍ଷରେ ତୈଳ, ଗ୍ୟାସ୍, ପଟାସ, ରକ୍ ଫସଫେଟ୍, ଲିଡ୍, ଜିଙ୍କ ଓ ସିଲଭର୍ ଭଳି ପ୍ରାକୃତିକ ସମ୍ପଦ ରାଜ୍ୟରେ ରହିଛି, ଯଦି ଆଶାୟୀ ନିବେଶକମାନେ ରାଜସ୍ଥାନରେ ନିବେଶ କରୁଛନ୍ତି, ତେବେ ସେମାନେ ଶୀଘ୍ର ଲାଭ ପାଇପାରିବେ ବୋଲି ଅଗ୍ରୱାଲ୍ ମତପ୍ରକାଶ କରିଛନ୍ତି।

ରାଜସ୍ଥାନ ପ୍ରତି ବେଦାନ୍ତର ଦୃଢ଼ ଓ ଦୀର୍ଘକାଳୀନ ପ୍ରତିବଦ୍ଧତା ଏହାର ଶିଳ୍ପ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ଏବଂ ୨୦୩୦ସୁଦ୍ଧା ୩୫୦ବିଲିଅନ ଡଲାରର ଏକ ଅର୍ଥନୀତି ହେବାର ଅଭିଳାଷ ପୂରଣ କରିବାକୁ କମ୍ପାନୀ ଶକ୍ତି ଦେଉଛି। ଏହା ରାଜ୍ୟକୁ ଧାତବ, ଖଣିଜ ଓ ଶିଳ୍ପ ନବସୃଜନର ବିଶ୍ୱସ୍ତରୀୟ ହବ୍ ଭାବେ ଉପସ୍ଥାପିତ କରିବ। ରାଜସ୍ଥାନର ଅଭିବୃଦ୍ଧି ପ୍ରତି କମ୍ପାନୀର ଯୋଗଦାନ ଉପରେ ଆଲୋକପାତ କରି ସେ କହିଛନ୍ତି, ୨୦୦୨ ପରଠାରୁ ରାଜସ୍ଥାନରେ ଆମେ ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ କରିଛୁ, ଯାହା ଦ୍ୱାରା ଏକ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ୫୦୦୦ ରୁ ଅଧିକ କମ୍ପାନିକୁ ବାହ୍ୟ ସମର୍ଥନ ମିଳିଛି। ରାଜସ୍ଥାନର ସର୍ବବୃହତ ଟିକସଦାତା ଭାବେ ଆମେ ଗର୍ବିତ ଓ ଜାତୀୟ ରାଜକୋଷକୁ ବାର୍ଷିକ ୫୦,୦୦୦ କୋଟି ଟଙ୍କାର ଯୋଗଦାନ ପ୍ରଦାନ କରୁଛୁ। ଆମେ ଆଗାମୀ ଦିନରେ ଯୋଗଦାନ ତିନି ଗୁଣା ବଢ଼ାଇବାକୁ ଯୋଜନା ରଖିଛୁ।

## କୃଷି ଓ ଗ୍ରାମୀଣ ଶ୍ରମିକଙ୍କ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ

**ଭୁବନେଶ୍ୱର,୯।୧୨(ଅନୁରାଧା ମହାରଣା)**

କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଏବଂ ଗ୍ରାମୀଣ ଶ୍ରମିକଙ୍କ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ଅକ୍ଟୋବର ମାସରେ ହ୍ରାସ ପାଇଛି। ସେପ୍ଟେମ୍ବରରେ କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ଖୁଚୁରା ମୁଦ୍ରାସ୍ଫୀତି ହାର ୬.୩୬ ରହିଥିବାବେଳେ ଅକ୍ଟୋବରରେ ଏହା ୫.୯୬କୁ ହ୍ରାସ ପାଇଛି। ସେହିପରି ଗ୍ରାମୀଣ ଶ୍ରମିକଙ୍କ ପାଇଁ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୬.୩୯ ଥିବାବେଳେ ଅକ୍ଟୋବରରେ ଏହା ୬.୦%କୁ ହ୍ରାସ ପାଇଛି। କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ (ସିପିଆଇ-ଏଲ) ପାଇଁ ଅଲ-ଇଣ୍ଡିଆ ଗ୍ରାହକ ମୂଲ୍ୟ ସୂଚକାଙ୍କ ଅକ୍ଟୋବରରେ ୧୧ ପଏଣ୍ଟ ବୃଦ୍ଧି ବୃଦ୍ଧି ପାଇ ୧,୩୧୫ରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ଗ୍ରାମୀଣ ଶ୍ରମିକ (ସିପିଆଇ-ଆରଏଲ) ପାଇଁ ଅଲ-ଇଣ୍ଡିଆ ଗ୍ରାହକ ମୂଲ୍ୟ ସୂଚକାଙ୍କ ଅକ୍ଟୋବରରେ ୧୦ ପଏଣ୍ଟ ଏବଂ ୧,୩୨୬ ସ୍ତରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଶ୍ରମ ମନ୍ତ୍ରଣାଳୟ ଏକ ସରକାରୀ ବିବୃତ୍ତିରେ ସୂଚନା ଦିଆଯାଇଛି।


### ଓଡ଼ିଆ ସାହିତ୍ୟରେ ଡକ୍ଟରେଟ ଲାଭ



ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗବେଷଣାରତ ଗବେଷିକା **ଶ୍ରୀମତୀ ହରିପ୍ରିୟା ସେଠୀ** 'ମହାପ୍ରଭୁଙ୍କ ମହାପ୍ରସାଦ' ଶୀର୍ଷକ ନିଜର ଗବେଷଣା ମହାନିବନ୍ଧ ନିମନ୍ତେ ସମ୍ମାନସୂଚକ ପିଏଚ୍.ଡି. ଉପାଧି ଲାଭ କରିଛନ୍ତି। ବାବା ପଞ୍ଚଲିଙ୍ଗେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ. ଅକ୍ଷୟ କୁମାର ପାଣିଗ୍ରାହୀ ତାଙ୍କର ଗବେଷଣା ତତ୍ତ୍ୱାବଧାରକ ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଭାରତୀୟ ଆଧ୍ୟାତ୍ମିକ ପ୍ରଭାବରେ ସେ ପ୍ରାଣ ସ୍ୱରୂପ। ତାଙ୍କର ପ୍ରସାଦ ମହାପ୍ରସାଦ ଉପରେ ପର୍ଯ୍ୟବସିତ ଏହି ଗବେଷଣାତ୍ମକ ନିବନ୍ଧଟି ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଦ୍ୱୟ ପ୍ରଫେସର ସଂଘମିତ୍ରା ମିଶ୍ର ଓ ପ୍ରଫେସର ନାରାୟଣ ସାହୁଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ହରିପ୍ରିୟା ସେଠୀ ଭଦ୍ରକ ଜିଲ୍ଲାର ଗୋହିରାଣୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ, ଆଦର୍ଶ ଶିକ୍ଷକ ଶ୍ରୀଯୁକ୍ତ ବନମାଳୀ ସେଠୀ ଏବଂ ଶ୍ରୀମତୀ ମାଣିକ ସେଠୀଙ୍କର ଡ. ହରିପ୍ରିୟା ସେଠୀ ସୁପୁତ୍ରୀ ଅଟନ୍ତି। ଭଦ୍ରକ ଜିଲ୍ଲା ଧାମନଗର ବିଜ୍ଞାପିତ ଅଞ୍ଚଳ, ଧାମନଗରର ଖ୍ୟାତନାମା ପ୍ରାଣୀ ଚିକିତ୍ସକ ଶ୍ରୀଯୁକ୍ତ କୁଶଧ୍ୱଜ ସେଠୀ ଏବଂ ଆଶାଲତା ସେଠୀଙ୍କ ପୁତ୍ରବଧୂ ଅଟନ୍ତି। ବିଶିଷ୍ଟ ଯୁବ ଉଦ୍ୟୋଗୀ ଦିଲ୍ଲୀପ କୁମାର ସେଠୀଙ୍କର ସେ ସହଧର୍ମିଣୀ ଅଟନ୍ତି।

ଡ. ହରିପ୍ରିୟା ସେଠୀ ନିଜର ଏହି ସଫଳତାକୁ ପ୍ରଭୁ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିବା ସହିତ ଏଥିନିମନ୍ତେ ସମସ୍ତ ପ୍ରେରଣା ଏବଂ ସହଯୋଗ ପ୍ରଦାନ କରିଆସିଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟର ଗୁରୁ, କର୍ମକର୍ତ୍ତା, ଧାମନଗର ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ପାଠାଗାରର କର୍ମକର୍ତ୍ତା, ଶୁଭେଚ୍ଛୁ, ସହପାଠୀ ଏବଂ ପରିବାରସ୍ୱଜନ, ବନ୍ଧୁବାନ୍ଧବଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଧ-୨୨୧୦


## ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୯।୧୨**

କ୍ରମାଗତ ଦ୍ୱିତୀୟ ଥର ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୨୦୧ (୨୦୦.୬୬) ପଏଣ୍ଟ କମି ୮୧,୫୦୮(୮୧,୫୦୮.୪୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେମଧ୍ୟ୫୯(୫୮.୮୦)ପଏଣ୍ଟହ୍ରାସ ଘଟି ୨୪,୬୧୯ (୨୪,୬୧୯.୦୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ସାଉଥ୍ ଏସିଆ ସମିଟ-୨୦୨୪ ଉଦ୍‌ଘାଟିତ

**ନୂଆଦିଲ୍ଲୀ,୯।୧୨**

ପ୍ରଥମ ଥର ପାଇଁ ଭାରତର ଚେନ୍ନାଇଠାରେ ଏକ ଦୁଇ ଦିନିଆ ଶିଖର ସମ୍ମିଳନୀ 'ସାଉଥ ଏସିଆ ସମିଟ-୨୦୨୪' ସୋମବାର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏପରିକି ଏସିଆର ସାମାଜିକ ନିବେଶକଙ୍କ ସର୍ବବୃହତ ନେଟୱର୍କ ଏଭିପିଏନ୍ ପକ୍ଷରୁ ଏହି ଶିଖର ସମ୍ମିଳନୀ ଆରମ୍ଭ କରାଯାଇଛି। ନୂଆ ବାସ୍ତବତା, ନୂତନ ସୁଯୋଗ' ଶୀର୍ଷକ ବିଷୟ ବସ୍ତୁ ଉପରେ କେନ୍ଦ୍ରିତ ଏହି ଶିଖର ସମ୍ମିଳନୀ ଜଳବାୟୁ ପଦକ୍ଷେପ, ସ୍ୱାସ୍ଥ୍ୟ ପ୍ରଭାବ, ଯୁବ ସଶକ୍ତୀକରଣ ଏବଂ ଜୀବିକା ଏବଂ ଲିଙ୍ଗଗତ ସମାନତା କ୍ଷେତ୍ରରେ ପ୍ରଭାବଶାଳୀ ସମାଧାନକୁ ଆଗେଇ ନେଇ ଦକ୍ଷିଣ ଏସିଆର ସାମାଜିକ ଆହ୍ୱାନଗୁଡ଼ିକର ମୁକାବିଲା ଉପରେ ଗୁରୁତ୍ୱାରୋପ କରୁଛି। ଉକ୍ତ ଅଞ୍ଚଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମାଜିକ-ଅର୍ଥନୈତିକ ଏବଂ ପରିବେଶଗତ



ନୈନା ସୁବରୱାଲ ବାତ୍ରା

ସମସ୍ୟାକୁ ଲକ୍ଷ୍ୟ କରି ସମାଧାନ ଏବଂ ସାମାଜିକ ବିନିଯୋଗକୁ ତ୍ୱରାନ୍ୱିତ କରିବା ଲାଗି ଏହି ଦୁଇ ଦିନିଆ ଶିଖର ସମ୍ମିଳନୀରେ ପ୍ରଭାବଶାଳୀ ବିଶ୍ୱନେତା, ସାମାଜିକ ନିବେଶକ, ନୀତି ନିର୍ଦ୍ଧାରକ ଏବଂ ପ୍ରଭାବଶାଳୀ ନେତାମାନେ ଯୋଗ ଦେବେ। ଏହି ଶିଖର ସମ୍ମିଳନୀରେ ଭାରତ ସରକାର, ନୀତି ଆୟୋଗ, ସିଙ୍ଗାପୁର ୟୁନିଭର୍ସିଟି ଅଫ୍ ସୋସିଆଲ ସାଇନ୍ସ, ବ୍ଲୁ ପ୍ଲାନେଟ୍, ରିଲାଏନ୍ସ ଫାଉଣ୍ଡେସନର ବରିଷ୍ଠ ଅଧିକାରୀଙ୍କ ସମେତ ୪୦ରୁ ଅଧିକ ଅଧିବେଶନରେ ବିଶ୍ୱର ୯୦ରୁ ଅଧିକ ବକ୍ତା ଅଂଶଗ୍ରହଣ କରିବେ।

ଏ ସମ୍ପର୍କରେ ଏଭିପିଏନର ସିଇଓ ନୈନା ସୁବରୱାଲ ବାତ୍ରା କହିଛନ୍ତି, ସାଉଥ ଏସିଆ ସମିଟ-୨୦୨୪ ପ୍ରାସଙ୍ଗିକ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ଏବଂ ଅଭିନବ, ସ୍ଥାନୀୟ ସମାଧାନର ସହ-ନିର୍ମାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ପାଲଟିଛି। ଏପରିକି କ୍ରସ-ସେକ୍ଟର ପାର୍ଟନରଶିପ୍ ଏବଂ ଅଭିନବ ଫାଇନାନ୍ସିଂ ମଡେଲ ମାଧ୍ୟମରେ ଆମେ ଏସଡିଜି ଆର୍ଥିକ ବ୍ୟବଧାନକୁ ପୂରଣ କରିବା ପାଇଁ ପୁଞ୍ଜିର ସମଗ୍ର ନିରନ୍ତରତାକୁ ଉନ୍ମୁକ୍ତ କରୁଛୁ। ସେହିପରି ପ୍ରଥମ ଥର ପାଇ ଚେନ୍ନାଇଠାରେ ଶିଖର ସମ୍ମିଳନୀ ଆୟୋଜନ କରିବା ବିଶେଷ ଭାବେ ଆକର୍ଷଣୀୟ ରହିଛି, ଯାହା କେବଳ ସାମାଜିକ ଏବଂ ପରିବେଶ ପରିବର୍ତ୍ତନ ପାଇଁ ସ୍କେଲେବଲ୍, ଅଞ୍ଚଳ-ନିର୍ଦ୍ଦିଷ୍ଟ ମଡେଲ୍ ବିଷୟରେ ଆଲୋଚନା ଏବଂ ବୁଝାମଣାକୁ ଉତ୍ସାହିତ କରିବା ପାଇଁ ନୁହେଁ ବରଂ ଦକ୍ଷିଣ ଏସିଆ, ଏସିଆ ଏବଂ ବିଶ୍ୱ ମଧ୍ୟରେ ବିନିମୟକୁ ପ୍ରୋତ୍ସାହିତ କରିବା ପାଇଁ ମଧ ଏକ ପ୍ଲାଟଫର୍ମ ପାଲଟିଛି।

## ଅଢ଼େଇ ମାସରେ ୮ ବିଲିୟନ ସ୍ପାମ୍ କଲ

**ନୂଆଦିଲ୍ଲୀ,୯।୧୨**

ବର୍ତ୍ତମାନ ସମୟରେ ସାଇବର ଠକେଇ ଘଟଣା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏପରିକି ବେଆଇନ ନମ୍ବରରୁ ବିଭିନ୍ନ ବର୍ଗର ଉପଭୋକ୍ତାଙ୍କୁ ମିଥ୍ୟା କଲ ବା ସନ୍ଦେହଜନକ କଲ୍ (ସ୍ପାମ୍ କଲ) ଆସୁଛି। ଫଳରେ ଉପଭୋକ୍ତା ନାନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏ ସମସ୍ତ ସମସ୍ୟାର ସମାଧାନ ପାଇ ନିକଟରେ ଭାରତୀ ଏୟାରଟେଲ (ଏୟାରଟେଲ) ର ବହୁ ପ୍ରତୀକ୍ଷିତ ତଥା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ- ଚାଳିତ ସ୍ପାମ୍-ଫାଇଟିଂ ସଲ୍ୟୁଶନ୍‌ର ଶୁଭାରମ୍ଭ କରାଯାଇଥିଲା। ସେହିଭଳି ଭାରତର ପ୍ରଥମ ସ୍ପାମ୍-ଫାଇଟିଂ ନେଟୱର୍କ ଭାରତୀ ଏୟାରଟେଲ ତା'ର ଏଆଇ-ଚାଳିତ, ସ୍ପାମ୍-ଫାଇଟିଂ ସଲ୍ୟୁଶନ୍ ଆରମ୍ଭ କରିବାର ଅଢ଼େଇ ମାସ ମଧ୍ୟରେ ୮ ବିଲିୟନ ସ୍ପାମ୍ କଲ୍ ଏବଂ ୦.୮ ବିଲିୟନ ସ୍ପାମ୍ ଏସଏମଏସକୁ ଚିହ୍ନଟ (ଫ୍ଲାଗ୍) କରିଛି। ଏହି ଅତ୍ୟାଧୁନିକ ଆଲଗୋରିଦମକୁ ଉପଯୋଗ କରି ପ୍ଲାଟଫର୍ମ ତା'ର ଏଆଇ-ଚାଳିତ ନେଟୱର୍କ ଜରିଆରେ ପ୍ରତିଦିନ ପାଖାପାଖି ୧ନିୟୁତ ସ୍ପାମକୁ ସଫଳତାର ସହ ଚିହ୍ନଟ କରୁଛି। ସେହିପରି ବିଗତ ୨.୫ମାସ ମଧ୍ୟରେ କମ୍ପାନୀ ପ୍ରାୟ ୨୫୨ ନିୟୁତ ଅନନ୍ୟ ଗ୍ରାହକଙ୍କୁ ଏହି ସନ୍ଦେହଜନକ କଲ୍ ବିଷୟରେ ସତର୍କ କରାଇଛି। ଏପରିକି ଏହାର ଉତ୍ତର ଦେଉଥିବା ଗ୍ରାହକଙ୍କ ସଂଖ୍ୟାରେ ମଧ୍ୟ ୧୨% ହ୍ରାସ ଘଟିଛି ବୋଲି ପ୍ଲାଟଫର୍ମ ଲକ୍ଷ୍ୟ କରିଛି। ଏୟାରଟେଲ ନେଟୱର୍କରେ ୬% କଲ୍ ସ୍ପାମ୍ କଲ୍ ହୋଇଥିବାବେଳେ ସମସ୍ତ ଏସଏମଏସ ମଧ୍ୟରୁ ୨% କୁ ସ୍ପାମ୍ ଭାବେ ଚିହ୍ନଟ କରାଯାଇଛି। ଆଶ୍ଚର୍ଯ୍ୟର କଥା ହେଉଛି, ୩୫% ସ୍ପାମର୍ ଲ୍ୟାଣ୍ଡଲାଇନ୍ ଟେଲିଫୋନ୍ ବ୍ୟବହାର କରିଥିବା ଦେଖିବାକୁ ମିଳିଛି। ଏହାବ୍ୟତୀତ ଦିଲ୍ଲୀରେ ଗ୍ରାହକଙ୍କୁ ସର୍ବାଧିକ ସ୍ପାମ୍ କଲ୍ ଆସିଛି, ଯାହାକୁ ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମ ଉତ୍ତରପ୍ରଦେଶର ଗ୍ରାହକମାନେ ଅନୁସରଣ କରୁଛନ୍ତି। ଦିଲ୍ଲୀରେ ସର୍ବାଧିକ ସ୍ପାମ୍ କଲ୍ ଆସିଥିବା ବେଳେ ଏହା ପରେ ମୁମ୍ବାଇ ଓ କର୍ଣାଟକ ରହିଛି। ମେସେଜ୍ କ୍ଷେତ୍ରରେ ସର୍ବାଧିକ ଗ୍ରାହକ ଗୁଜରାଟ, କୋଲକାତା ଓ ଉତ୍ତରପ୍ରଦେଶରେ ଚିହ୍ନଟ ହୋଇଥିବା ବେଳେ ସର୍ବାଧିକ ଗ୍ରାହକ ମୁମ୍ବାଇ, ଚେନ୍ନାଇ ଓ ଗୁଜରାଟରୁ ଆସିଛନ୍ତି।


# Classified Everyday
0674-2580101, 9692975378



REAL ESTATE

**SALE**

Investment plot @ 2.5Lakh- 3.5Lakhs, Bhubaneswar, Khurda, Angul, Dhenkanal. 8917622925. D-2173

**4 BHK luxurious flat for sale at Unit-3, Kharavelanagar, back side of Ram Mandir handover within 2 months. Please contact: 9438362399.** D-2127

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-2203

Ready to move 4BHK flat (2050 sqft. SBA) at Saubhagya Nagar, near OUAT with double parking, 6500/- per sqft. Contact: 9439716901. D-75584

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45 000 00/-ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75585




Suitable for commercial / office, Plot No.11, Saptasati Vihar, behind Saptasati Temple, Pandra Highway facing, Ground floor, Parking, 1st & 2nd floor- 1720 sqft. each, Lift available. Contact: 9825060176 / 8480897047/ 9998011384 (Whatsapp only). D-2079




**Full body massage experience, good looking therapist @999 (Bhubaneswar). 9078484455.** D-2144

Newly open full body massage relax with new lady therapist. 7750040475. D-76176

**BUSINESS**

ଓଡ଼ିଶା ପରିବହନର ସ୍ୱୀକୃତିପ୍ରାପ୍ତ VLTD (GPS) DEVICE ର ଜିଲ୍ଲା ସ୍ତରରେ Fitment Center ପାଇଁ ଯୋଗାଯୋଗ କରନ୍ତୁ। Mob- 7008533430. D-2166

**AFFIDAVIT**

I, Sanjibani Das, W/o Prasanna Kumar Das, At- Basudeipur, P.O.- Dandamukundapur, Via- Pipili, Dist.- Puri, PIN- 752104, Odisha declare by this Affidavit No. 863, date 07.12.2024 that now onwards I shall be known as SANJIBANI SUDHA MOHANTY for all future purposes. D-75357

I, Prasana Kumar Das, S/o Late Raghunath Das, At/P.O.- Dandamukundapur, Via- Pipili, Dist.- Puri, Pin- 752104, Odisha declare by this Affidavit No.-864, Date 07.12.2024, that now onwards, I shall be known as PRASANNA KUMAR DAS for all future purposes. D-75358

By virtue of an affidavit sworn before Executive Magistrate, Jajpur Road on dated 9th December 2024, I, Awaindra Kumar Singh, Address : Mahavir Colony, Kanheipur, Jajpur Road, Dist.- Jajpur, Odisha- 755019 declare that I have changed my name from Awaindra Kumar Singh to Awanindra Kumar Singh. Henceforth, I shall be known as Awanindra Kumar Singh for all purpose.
Awanindra Kumar Singh
D-2212

Your classified advertisement published in Dharitri will be listed free in Dharitri online edition:
**dharitriepaper.in**

By virtue of an affidavit before Executive Magistrate, Cuttack, I Saswati Samalla W/o- Ananta Kishore Nayak, Agrahat, Cuttack, swearing that in my passport my name is wrongly recorded as Saswati Nayak instead of Samalla. Both Samalla & Nayak is one and same person. D-2213

## ମନେ ପଡ଼ନ୍ତି



ଅବସରପ୍ରାପ୍ତ ଡାକ୍ତର
**ଗୋବିନ୍ଦ ଚନ୍ଦ୍ର ନାୟକ**
ସ୍ଥାନ : ଭୁବନେଶ୍ୱର
ଅବିର୍ଭାବ - ୦୧.୦୭.୧୯୪୪
ତିରୋଧାନ - ୩୦.୧୧.୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ତାଙ୍କର ଆଦର୍ଶ, କର୍ତ୍ତବ୍ୟବୋଧ, ସ୍ନେହ, ତ୍ୟାଗ ଓ ପରୋପକାରିତା ଆମ୍ଭମାନଙ୍କ ଜୀବନର ପାଥେୟ ହେଉ।
ଶୋକସନ୍ତପ୍ତ
ପତ୍ନୀ, ଝିଅ - ଜ୍ୱାଇଁ, ନାତି ଓ ନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
D-2153

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବଜାରରେ ଟିଭିଏସ୍ ରୋନିନ୍

**ନୂଆଦିଲ୍ଲୀ,୯।୧୨**

ଟିଭିଏସ୍ ମୋଟର କମ୍ପାନିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଦ ୨୦୨୫ ଟିଭିଏସ୍ ରୋନିନ୍‌ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଏହି ମଡେଲରେ ସମସ୍ତ ପ୍ରକାରର ଆଧୁନିକ ସୁରକ୍ଷା ବ୍ୟବସ୍ଥା ସହିତ ସର୍ବୋତ୍ତମ ଫିଚର ସାମିଲ ରହିଛି। ଉଲ୍ଲେଖଯୋଗ୍ୟ, ଗୋଆର ଭାଗାଟୋରଠାରେ ଆୟୋଜିତ ମୋଟରସାଇକେଲ୍ ଉତ୍ସବ 'ଟିଭିଏସ୍ ମୋଟୋସୌଲ ୪.୦'ରେ କମ୍ପାନୀର ଦ ୨୦୨୫ ଟିଭିଏସ୍ ରୋନିନ୍‌କୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଏହି ମୋଟରସାଇକେଲ୍ ଦୁଇଟି ନୂଆ ରଙ୍ଗ ଗ୍ଲାସିୟର ସିଲ୍‌ଭର୍ ଏବଂ ଚାର୍‌କୋଲ୍ ଏମ୍ବର କଲର (ରଙ୍ଗ) ରେ ଉପଲବ୍ଧ ହେଉଛି, ଯାହା ରେଟ୍ରୋ ଡିଜାଇନ୍ ଓ ଆଧୁନିକ ସୁବିଧାସୁଯୋଗର ଏକ ଚମତ୍କାର ମିଶ୍ରଣ ବୋଲି କୁହାଯାଉଛି। ଏପରିକି ଏହାର ଜୀବନ୍ତ ରଙ୍ଗ, ଗ୍ରାଫିକ୍ସ ଓ ଉନ୍ନତ ପ୍ରଯୁକ୍ତି ଯେକୌଣସି ପ୍ରକାର ମନୋଭାବକୁ ସୁହାଇବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ



କରାଯାଇଛି। ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନିର ବ୍ୟବସାୟ ମୁଖ୍ୟ (ପ୍ରିମିୟମ୍) ବିମଲ ସୁମ୍ବଲି କହିଛନ୍ତି, ଫିଲ ଦି ଆଡ୍ରେନାଲିନ୍, ଫିଲ ଦି ଇନସ୍ପିରେସନ୍, ଫିଲ୍ ଦି ଗ୍ରୋଭ୍ ବିଷୟବସ୍ତୁ ଉପରେ ଆଧାରିତ ଟିଭିଏସ୍ ମୋଟୋସୌଲ-୨୦୨୪ ହେଉଛି, ଅଭିଳାଷ, ନବସୃଜନତାର ଏକ ବାସ୍ତବ ଉତ୍ସବ। ପ୍ରତିଟି ସଂସ୍କରଣରେ ଆମେ ମୋଟରସାଇକେଲ୍ ରେସିଂର ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଥିବାବେଳେ ରାଇଡର ଓ ଉତ୍ସାହୀମାନଙ୍କୁ ଆକର୍ଷଣୀୟ ଅନୁଭୂତି ପ୍ରଦାନ କରିଛୁ। ମୋଟରସାଇକେଲ୍ ଗୋଷ୍ଠୀ ସଫଳ ହେବା ଦେଖିବା ବେଶ୍ ଉତ୍ସାହଜନକ ଏବଂ ସ୍ୱତନ୍ତ୍ର ସୃଷ୍ଟି କରିବାକୁ ଉତ୍ସର୍ଗୀକୃତ। ଯାହା ମଣିଷ ଓ ମୋଟରସାଇକେଲ୍ ଭିତରେ ସମ୍ପର୍କକୁ ସୁଦୃଢ଼ କରିବ। ସେହିପରି ୨୦୨୫ ଟିଭିଏସ୍ ରୋନିନ୍‌ରେ ଡୁଆଲ୍ ଚ୍ୟାନେଲ୍ ଏବିଏସ୍ ସାମିଲ ରହିଛି, ଯାହା ରାଇଡରଙ୍କ ସୁରକ୍ଷା ଓ ସ୍ଥିରତାକୁ ବଢ଼ାଇବ।

## କେଏଲ୍ ୟୁନିଭର୍ସିଟିର ଚତୁର୍ଦ୍ଦଶ ସମାବର୍ତ୍ତନ ଉତ୍ସବ

**ନୂଆଦିଲ୍ଲୀ,୯।୧୨**

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କେଏଲ୍ ଡିମ୍ଡ ଟୁ ବି ୟୁନିଭର୍ସିଟିର ଚତୁର୍ଦ୍ଦଶ ବାର୍ଷିକ ସମାବର୍ତନ ଉତ୍ସବ ବିଜୟୱାଡା କ୍ୟାମ୍ପସ ପରିସରେ ପାଳିତ ହୋଇଯାଇଛି। ଏହି ଅବସରରେ ୧୬୬ ଜଣ ପିଏଚଡି, ୬୦୪ ଜଣ ସ୍ନାତକୋତର ଓ ୩୯୩୬ ଜଣ ଅଣ୍ଡର ଗ୍ରାଜୁଏଟ ଛାତ୍ରଛାତ୍ରୀଙ୍କୁ ମିଶାଇ ୪୭୦୬ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ଉଲ୍ଲେଖନୀୟ ଶିକ୍ଷାଗତ ପ୍ରଦର୍ଶନ ପାଇଁ ମେଧାବୀ ଛାତ୍ରଛାତ୍ରୀଙ୍କୁ ୪୨ଟି ସ୍ୱର୍ଣ୍ଣ ପଦକ ଓ ୩୭ଟି ରୌପ୍ୟ ପଦକ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭାରତର ପୂର୍ବତନ ତଥା ୧୪ତମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭବିଷ୍ୟତ ଗଠନରେ ଶିକ୍ଷା, ଅଖଣ୍ଡତା ଏବଂ ଅଭିନବତାର ପରିବର୍ତ୍ତନଶୀଳ ଶକ୍ତି ଉପରେ ଆଲୋକପାତ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ନିରନ୍ତର ଶିକ୍ଷାଗ୍ରହଣ କରିବା ଏବଂ ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟ ହାସଲ କରିବାକୁ ପ୍ରୟାସ କରିବାକୁ ପ୍ରେରଣା ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅବଦୁଲ ନଜିର ଏବଂ ସବିତା କୋବିନ୍ଦ ଯୋଗ ଦେଇଥିଲେ। ସେହିଭଳି ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିବା କେଏଲ୍ ଡିମ୍ଡ ଟୁ ବି ୟୁନିଭର୍ସିଟିର କୁଳପତି କୋନେରୁ ସତ୍ୟନାରାୟଣନ ତାଙ୍କର ଦୂରଦର୍ଶୀ ବାର୍ତ୍ତା ଦେଇ ସ୍ନାତୋକତର ଶ୍ରେଣୀକୁ ପ୍ରେରଣା ଦେଇ କହିଛନ୍ତି, ଆଜି କେବଳ ଆପଣଙ୍କ ଶିକ୍ଷାଗତ ଯାତ୍ରାର ସମାପ୍ତି ନୁହେଁ ବରଂ ଆସନ୍ତାକାଲିର ଦୁନିଆର ନିର୍ମାତା ଭାବରେ ଆପଣଙ୍କ ଭୂମିକାର ଆରମ୍ଭ ହୋଇଛି। ଏହି ବିଶ୍ୱବିଦ୍ୟାଳୟରେ ଆମେ କେବଳ ଦକ୍ଷ ବୃତ୍ତିଗତ ନୁହେଁ ବରଂ ଆହ୍ୱାନଗୁଡ଼ିକୁ ସୁଯୋଗରେ ପରିଣତ କରିବାରେ ସକ୍ଷମ ଥିବା ଦୂରଦର୍ଶୀମାନଙ୍କୁ ପ୍ରୋତ୍ସାହିତ କରିବାରେ ମଧ୍ୟ ସକ୍ଷମ ହୋଇଛୁ। ଆପଣମାନେ ଉତ୍କର୍ଷତା, ଉଦ୍ଭାବନ ଏବଂ ସାମାଜିକ ଦାୟିତ୍ୱବୋଧର ଐତିହ୍ୟକୁ ଆଗକୁ ବଢ଼ାଉଛନ୍ତି। ଆପଣଙ୍କ ଡିଗ୍ରୀ କେବଳ ଜ୍ଞାନର ସୂଚକ ନୁହେଁ ବରଂ ପରିବର୍ତ୍ତନକୁ ପ୍ରେରଣା ଦେବା, ଶିଳ୍ପରେ ପରିବର୍ତ୍ତନ ଆଣିବା ଏବଂ ସମ୍ପ୍ରଦାୟର ଉନ୍ନତି କରିବାର ଶକ୍ତିର ପ୍ରତୀକ।

ଏହି ଅବସରରେ କେଏଲ ଡିମ୍ଡ ଟୁ ବି ୟୁନିଭର୍ସିଟିର ଭାଇସ ଚାନସେଲର, ଡ. ଜି.ପର୍ଥାସାରଥି ବର୍ମା ଅନୁଷ୍ଠାନର ପରିବର୍ତନଶୀଳ ଯାତ୍ରା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଏହି ବିଶ୍ୱବିଦ୍ୟାଳୟରେ ଆମେ ଏପରି ଏକ ପରିବେଶ ସୃଷ୍ଟି କରିଛୁ, ଯେଉଁଠାରେ ଅଭିନବତା ଉଦ୍ଦେଶ୍ୟ ସହିତ ସଂଯୁକ୍ତ ହୋଇଥାଏ, ସ୍ନାତକମାନଙ୍କୁ ପାରମ୍ପରିକ ସୀମା ଅତିକ୍ରମ କରିବା ପାଇଁ ସଜ୍ଜିତ କରିଥାଏ। ଆମର ଅତ୍ୟାଧୁନିକ ଗବେଷଣା କେନ୍ଦ୍ର, ରଣନୈତିକ ଶିଳ୍ପ ସହଯୋଗ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ଉପରେ ଧ୍ୟାନ ଦେଇ ଏଭଳି ଏକ ଇକୋସିଷ୍ଟମ ପ୍ରତିଷ୍ଠା କରିଛି ଯେଉଁଠାରେ ନବସୃଜନକୁ କେବଳ ପ୍ରୋତ୍ସାହିତ କରାଯାଏ ନାହିଁ ବରଂ ଆମ ନୀତିରେ ଗଭୀର ଭାବରେ ଅନ୍ତର୍ଭୁକ୍ତ କରାଯାଏ। ଆଜିର ଗ୍ରାଜୁଏଟମାନେ କେବଳ ଡିଗ୍ରୀ ସହିତ ନୁହେଁ ବରଂ ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା କରିବାର ଦୃଢ଼ତା, ସମାଧାନ ପାଇଁ ସୃଜନଶୀଳତା ଏବଂ କରୁଣା ସହିତ ନେତୃତ୍ୱ ନେବାର ଜ୍ଞାନ ସହିତ ବିଶ୍ୱକୁ ପ୍ରବେଶ କରୁଛନ୍ତି।

# ସବ୍‌ରେଜିଷ୍ଟ୍ରାର ଅଫିସରେ ଲାଞ୍ଚ କାରବାର

## ୨୦ ହଜାର ନେଲାବେଳେ କନିଷ୍ଠ କିରାଣିଙ୍କୁ ଧରିଲା ଭିଜିଲାନ୍ସ

### ଅଫିସରୁ ମିଳିଲା ୧୫ ଲକ୍ଷ, କର୍ମଚାରୀଙ୍କୁ ପଚରାଉଚରା

ଭୁବନେଶ୍ୱର,୯।୧୨ (ସତ୍ୟଜିତ୍ ରାଉତ)





ଜବତ ଟଙ୍କା ଏବଂ କନିଷ୍ଠ କିରାଣି ଦେବଯାନୀ କର।

ଭୁବନେଶ୍ୱର ଖଣ୍ଡଗିରି ସବ୍ ରେଜିଷ୍ଟ୍ରାର (ଉପନିବନ୍ଧକ) କାର୍ଯ୍ୟାଳୟରେ ବେଆଇନ ଭାବେ ଲାଞ୍ଚ କାରବାରର ଘଟଣା ସୋମବାର ସାମ୍ନାକୁ ଆସିଛି। ଜଣେ ଆଇନଜୀବୀଙ୍କଠୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ସୋମବାର ଭୁବନେଶ୍ୱର ଖଣ୍ଡଗିରି ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟର କନିଷ୍ଠ କିରାଣି (ଜୁନିୟର୍ କ୍ଲର୍କ) ଦେବଯାନୀ କର ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ଅଧିକାରୀମାନେ ସାକ୍ଷୀଙ୍କ ଉପସ୍ଥିତିରେ ଦେବଯାନୀଙ୍କଠୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରିଛନ୍ତି। ଏହି ବେଆଇନ କାରବାର ଅଭିଯୋଗରେ ଦେବଯାନୀଙ୍କୁ ଅଧିକ ପଚରାଉଚରା କରାଯାଉଛି। ତେବେ ଏହି ଲିଙ୍କ୍‌ରେ ଭିଜିଲାନ୍ସ ପକ୍ଷରୁ ଦେବଯାନୀଙ୍କ ଭୁବନେଶ୍ୱର ଓଲ୍ଡ ଟାଉନସ୍ଥିତ ବାସଭବନ ଓ ସବ୍ ରେଜିଷ୍ଟ୍ରାର ଅଫିସରେ ଯାଞ୍ଚ କରାଯାଇଥିଲା। ତେବେ ଅଫିସରୁ ୧୫ ଲକ୍ଷ ୮ହଜାର ୫୫୦ ନଗଦ ଟଙ୍କା ଠାବ ହୋଇଛି। ସବ୍ ରେଜିଷ୍ଟ୍ରାର୍ ଅଫିସରୁ ଏତେ ପରିମାଣର ଟଙ୍କା ଠାବ ହେବାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଥିବାବେଳେ ଏନେଇ କର୍ମଚାରୀମାନଙ୍କୁ ଭିଜିଲାନ୍ସ ଅଧିକାରୀମାନେ ପଚରାଉଚରା କରୁଛନ୍ତି। ଏହି ଟଙ୍କାର ଉତ୍ସ ଖୋଜିବାରେ ସହଯୋଗ କରିବାକୁ କଟକସ୍ଥିତ ନିବନ୍ଧକ ମହାନିରୀକ୍ଷକ (ଆଇଜିଆର୍)ଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀଙ୍କୁ ଡକାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ପୈତୃକ ଜମିର ଅଂଶ (ସବ୍ ପ୍ଲଟ୍) ବିକ୍ରି ସମ୍ପର୍କିତ କାଗଜପତ୍ର (ଆର୍‌ଏସ୍‌ଡି) କରିବାକୁ ସବ୍ ରେଜିଷ୍ଟ୍ରାର୍ ଅଫିସରେ ଆବେଦନ କରିଥିଲେ। ଏହି କାମ ପାଇଁ ଜମି ମାଲିକଙ୍କ ବ୍ୟକ୍ତିଗତ ଓକିଲଙ୍କୁ ଦେବଯାନୀ ଲାଞ୍ଚ ମାଗିଥିଲେ। ଲାଞ୍ଚ ଟଙ୍କା ନ ଦେଲେ କାମ ଆଗେଇବ ନାହିଁ ବୋଲି ଦେବଯାନୀ ରୋକଠୋକ୍ ଶୁଣାଇ ଦେଇଥିଲେ। ଏନେଇ ଆଇନଜୀବୀ ଜଣଙ୍କ ଭିଜିଲାନ୍ସ ନିକଟରେ ରବିବାର ଅଭିଯୋଗ କରିଥିଲେ। ଭୁବନେଶ୍ୱର ଭିଜିଲାନ୍ସ ଥାନା ପକ୍ଷରୁ ଏନେଇ ଏକ ମାମଲା(ନଂ.୨୬/୨୦୨୪) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଏଥିସହ ଦେବଯାନୀଙ୍କୁ ଧରିବାକୁ ପ୍ରାକ୍ ପ୍ରସ୍ତୁତି ହୋଇଥିଲା। ସୋମବାର ଅପରାହ୍ନରେ ଅଭିଯୋଗକାରୀଙ୍କଠୁ ଦେବଜାନୀ ତାଙ୍କ ଅଫିସରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ଅତର୍କିତ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ। ତେବେ ସବ୍‌ରେଜିଷ୍ଟ୍ରାର ଅଫିସରେ ଜମି ପଞ୍ଜୀକୃତ ସମ୍ପର୍କିତ ଷ୍ଟାମ୍ପ୍ ଡ୍ୟୁଟି ଆଦିର ଟଙ୍କା ୩ ଦିନ ଭିତରେ ଜମା କରିବାର ପ୍ରାବଧାନ ରହିଛି। ଠାବ ହୋଇଥିବା ଟଙ୍କା ବେଆଇନ ନା ଏଥିରେ କିଛି ସରକାରୀ ଟଙ୍କା ରହିଛି ସେନେଇ ଅଧିକ ତଦନ୍ତ ଚାଲିଛି। ତେବେ ପୂର୍ବରୁ ସବ୍ ରେଜିଷ୍ଟ୍ରାର ଅଫିସ ବିରୋଧରେ ଏକାଧିକ ଅଭିଯୋଗ ରହିଛି। ଅଫିସରୁ ଏତେ ପରିମାଣର ଟଙ୍କା ଜବତ ହେବାରୁ ଏଥିରେ ଦେବଯାନୀଙ୍କ ସହ ଅନ୍ୟ କର୍ମଚାରୀମାନେ ମଧ୍ୟ ସମ୍ପୃକ୍ତ ଥିବା ଭିଜିଲାନ୍ସ ସନ୍ଦେହ କରି ଅଧିକ ଖୋଳତାଡ଼ ଚଳାଇଛି।

# ସ୍ତ୍ରୀଙ୍କ ମୁଣ୍ଡକୁ ପଥରରେ ଛେଚିଲେ କନଷ୍ଟେବଲ୍ ସ୍ୱାମୀ

ବଲାଙ୍ଗୀର/ଗୁଡଭେଲା,୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର/ ମନୋଜ ଜୈନ)

- ତୁଷରା ଥାନାରେ ମାମଲା ରୁଜୁ
- ସଦର ଏସ୍‌ଡିପିଓ କଲେ ଘଟଣାର ଛାନଭିନ୍
- ଗୁରୁତର ସ୍ତ୍ରୀ ହସ୍ପିଟାଲରେ ଭର୍ତ୍ତି, ସ୍ୱାମୀଙ୍କ ପତ୍ତା ମିଳୁନି

ଉଭୟେ ପୋଲିସ ବିଭାଗରେ କନଷ୍ଟେବଲ୍ ଭାବେ ଚାକିରି କରିଛନ୍ତି। ହେଲେ ପାରିବାରିକ କଳହ ଏତେ ବଢ଼ିଗଲା ଯେ, ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କରିବାକୁ ପଛାଇଲେ ନାହିଁ ସ୍ୱାମୀ। ସ୍ୱାମୀଙ୍କ ଆକ୍ରମଣରେ ଗୁରୁତର ହୋଇଛନ୍ତି ସ୍ତ୍ରୀ। ଏଭଳି ଏକ ଘଟଣା ଘଟିଛି ବଲାଙ୍ଗୀର ଜିଲ୍ଲା ତୁଷୁରା ଥାନା ଅଞ୍ଚଳରେ। ଅଭିଯୁକ୍ତ ସ୍ୱାମୀ ଏବେ ଫେରାର ଥିବାବେଳେ ସଦର ଏସ୍‌ଡିପିଓ ଘଟଣାର ଛାନ୍‌ଭିନ୍ କରୁଛନ୍ତି।

ମିଳିଥିବା ସୂଚନା ମୁତାବକ, ତୁଷରା ଥାନା ଅଧୀନ ସମରା ଗାଁର ଜ୍ୟୋତି ପ୍ରଧାନ ଓ ତାଙ୍କ ସ୍ତ୍ରୀ ନୂପୁର ବିଶ୍ୱାଳ ଉଭୟେ ପୋଲିସ କନ୍‌ଷ୍ଟେବଲ ଭାବେ ବଲାଙ୍ଗୀର ରିଜର୍ଭରେ କାମ କରନ୍ତି। ଏହି ଦମ୍ପତି ରବିବାର ସନ୍ଧ୍ୟାରେ ନିଜ ଗାଁ ସମରାରୁ ମୋଟର ସାଇକେଲ ଯୋଗେ ବଲାଙ୍ଗୀର ଅଭିମୁଖେ ଆସୁଥିଲେ। ବାଟରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଜ୍ୟୋତି ତାଙ୍କ ସ୍ତ୍ରୀ ନୂପୁରଙ୍କୁ ପଥରରେ ଛେଚି ହତ୍ୟା ଉଦ୍ୟମ କରିଥିଲେ। ସ୍ତ୍ରୀ ଚିତ୍କାର କରିବାରୁ ପାଖରେ ଥିବା କେତେଜଣ ବ୍ୟକ୍ତି ଦୌଡି ଆସିଥିଲେ। ଏହାଦେଖି ସ୍ୱାମୀ କ୍ଷତାକ୍ତ ସ୍ତ୍ରୀଙ୍କୁ ଛାଡ଼ି ପଳାଇ ଯାଇଥିଲେ। ଆହତ ନୂପୁରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବଲାଙ୍ଗୀରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ନୂପୁରଙ୍କ ପରିବାର ଲୋକେ ତୁଷରା ଥାନାରେ ଜ୍ୟୋତିଙ୍କ ନାଁରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗକୁ ଆଧାର କରି ଥାନାରେ ମାମଲା (ନଂ ୩୫୦/୨୪) ରୁଜୁ ହୋଇଛି। ସୋମବାର ସକାଳେ ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ତୁଷରା ଯାଇ ଘଟଣାର ତନାଘନା କରିଛନ୍ତି। ହତ୍ୟା ଉଦ୍ୟମ କରିବା ପରେ ଅଭିଯୁକ୍ତ ଜ୍ୟୋତି ଫେରାର ଅଛନ୍ତି। କେଉଁ କାରଣରୁ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କହଳ ଉପୁଜିଲା ଏବଂ କାହିଁକି ନୂପୁରଙ୍କୁ ଜ୍ୟୋତି ହତ୍ୟା ଉଦ୍ୟମ କଲେ ତାହା ଜଣାପଡିନାହିଁ। ଏହି ଆକ୍ରମଣ ସମୟରେ ଜ୍ୟୋତିଙ୍କ ଜଣେ ସହଯୋଗୀ ସେଠାରେ ଉପସ୍ଥିତ ଥିବା କୁହାଯାଉଛି। ତେବେ ଘଟଣା ସମ୍ପର୍କରେ ପୋଲିସ ପକ୍ଷରୁ ବିଶେଷ ସୂଚନା ଦିଆଯାଇ ନାହିଁ। କେବଳ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଥିବା ଜଣାପଡ଼ିଛି।

# ଖଣ୍ଡା ଦେଖାଇ ଡକାୟତି ଉଦ୍ୟମ, ୨ ଗିରଫ

ଭୁବନେଶ୍ୱର,୯।୧୨ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ବିଳମ୍ବିତ ରାତିରେ ରାସ୍ତାରେ ଯାଉଥିବା ଲୋକଙ୍କୁ ଖଣ୍ଡା ଦେଖାଇ ଡକାୟତ ଉଦ୍ୟମ କରୁଥିବାବେଳେ ଖାରବେଳ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱର ବଡ଼ଗଡ଼ କେନାଲ ରୋଡରେ ରହୁଥିବା ଦୀପୁନ ନାଏକ ଓ ମହିଁଷାଖାଲର ରାକେଶ ନାଏକ। ଉଭୟଙ୍କଠାରୁ ଅପରାଧରେ ବ୍ୟବହୃତ ବାଇକ ଓ ଗୋଟିଏ ଖଣ୍ଡା ଜବତ ହୋଇଛି। ସୂଚନାନୁସାରେ ରବିବାର-ସୋମବାର ରାତି ୧.୪୫ ରେ ଅଭିଯୁକ୍ତ ଦୁହେଁ କ୍ୟାପିଟାଲ ହାଇସ୍କୁଲ ନିକଟ ଏକ ଅନ୍ଧକାର ସ୍ଥାନରେ ଛିଡ଼ା ହୋଇ ଜଣେ ବାଇକ ଆରୋହୀଙ୍କୁ ଅଟକାଇ ତାଙ୍କର ପର୍ସ ମାଗୁଥିଲେ। ଏନେଇ ବାଇକ ଆରୋହୀ ନ ଦେବାରୁ ଅଭିଯୁକ୍ତଦ୍ୱୟ ଏକ ଖଣ୍ଡା ଦେଖାଇ ଭୟଭୀତ କରିଥିଲେ। ଏହି ସମୟରେ କୌଣସି ସୂତ୍ରରୁ ଖବର ପାଇ ପିସିଆର ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିବା ସହ ସେମାନଙ୍କ କବଳରୁ ବାଇକ ଅରୋହୀଙ୍କୁ ଉଦ୍ଧାର କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା।

# ସ୍ତ୍ରୀ ଉପରେ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ

## ଅଭିଯୁକ୍ତ ସ୍ୱାମୀ ଗିରଫ

ମହାକାଳପଡ଼ା,୯।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଆହତ ଦୁର୍ଗା ପରିଡ଼ା।

ସ୍ତ୍ରୀଙ୍କ ଉପରେ ଜଣେ ଯୁବକ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିବା ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ଜମ୍ବୁ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସମ୍ପୃକ୍ତା ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କେନ୍ଦ୍ରାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୀଡ଼ିତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ହରିଆବାଙ୍କ ଗ୍ରାମର ଚନ୍ଦନ ସେନାପତି(୪୫) ସେହି ଥାନା ଅଧୀନ ବଉଳକଣି ପଞ୍ଚାୟତ ଓଳପଦା ଗ୍ରାମର ଦୁର୍ଗା ପରିଡ଼ା(୩୫)ଙ୍କୁ ୯ ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ୨ ପୁଅ ଅଛନ୍ତି। ବିବାହ ସମୟରେ କନ୍ୟାପକ୍ଷରୁ ସୁନାଗହଣା ସହିତ ମୋଟରସାଇକେଲ ଓ ନଗଦ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ହେଲେ ବିବାହର ୪ ବର୍ଷ ପରେ ଅଧିକ ଯୌତୁକ ପାଇଁ ସ୍ୱାମୀ, ଶାଶୁ , ନଣନ୍ଦ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ସ୍ୱାମୀଙ୍କ ସହିତ ଶାଶୁ ବାସନ୍ତୀ, ନଣନ୍ଦମାନେ ମିଶି ଦୁର୍ଗାଙ୍କୁ ନିର୍ଯାତନା ମଧ୍ୟ ଦେଉଥିଲେ।

ଶନିବାର ଦ୍ୱିପ୍ରହରରେ ଚନ୍ଦନ ଦୁର୍ଗାଙ୍କୁ ମାଡ଼ ମାରିବା ସହ ଘରେ ଭର୍ତ୍ତି କରି କବାଟ ଝରକା ବନ୍ଦ କରି ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିଥିଲେ। ହେଲେ କୌଶଳକ୍ରମେ ଦୁର୍ଗା ସେଠାରୁ ଖସିଆସିଥିଲେ। ଏହାପରେ ବି ଚନ୍ଦନ ତାଙ୍କ ଚୁଟିକୁ ଟାଣି ଘୋଷାରିବାରୁ ଦୁର୍ଗା ଜୀବନ ବଞ୍ଚାଇବା ପାଇଁ ଚିତ୍କାର କରିଥିଲେ। ପଡ଼ିଶା ଲୋକମାନେ ଦୁର୍ଗାଙ୍କ ଚିତ୍କାର ଶୁଣି ତାଙ୍କ ବାପଘର ଲୋକଙ୍କୁ ଖବର ଦେଇଥିଲେ। ବାପଘର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୁମୂର୍ଷୁ ଅବସ୍ଥାରେ ଦୁର୍ଗାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

## ନାବାଳିକା ବଳାତ୍କାର ମାମଲା

ଅନୁଗୋଳ,୯।୧୨ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲ୍ଲା ଜଜ୍ ଫାଷ୍ଟଟ୍ରାକ୍ କୋର୍ଟ ବିରଞ୍ଚି ନାରାୟଣ ମିଶ୍ର ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ନଗେନ ବେହେରା (୧୯)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ନାଲ୍‌କୋନଗର ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକାଙ୍କୁ ଛେଣ୍ଡିପଦା ଥାନା ବରପଦା ଗାଁର ନଗେନ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରି ଫେରାର ହୋଇଯାଇଥିଲେ। ଏ ବିଷୟରେ ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ଥାନାରେ ୨୦୨୨ ଏପ୍ରିଲ ୪ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ନଗେନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ମାମଲାକୁ ଆଡିଶନାଲ ପିପି ପ୍ରଦୀପ ଭୂତିଆ ପରିଚାଳନା କରିଥିଲେ।

# ବ୍ରାଉନସୁଗାର ସହ ୨୫ ଲକ୍ଷ ଜବତ

- ଭଦ୍ରକରେ ବଡ଼ଧରଣର ରେଡ୍
- ମହିଳା ଅଟକ

ଭଦ୍ରକ,୯।୧୨ (ସନାତନ ରାଉତ)



ଜବତ ଟଙ୍କା ଗଣା ହେଉଛି।

ଭଦ୍ରକ ପୌରପାଳିକାରେ ସୋମବାର ଏକ ବଡ଼ଧରଣର ରେଡ୍ ହୋଇଛି। ଟାଉନ ଥାନା ଅଧୀନ ଏଲଖା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଭଡ଼ାଘରେ ପୋଲିସ ରେଡ୍ କରି ବିପୁଳ ପରିମାଣର ବ୍ରାଉନସୁଗାର, ଟଙ୍କା ଜବତ କରିଥିବା ବେଳେ ଜଣେ ମହିଳାଙ୍କୁ ଅଟକ ରଖିଛି। ଅପରାହ୍ନ ୨ଟାରୁ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ଚଢ଼ାଉ ଆରମ୍ଭ ହୋଇଥିବା ବେଳେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏହା ଜାରି ରହିଥିବା ଟାଉନ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ଏହି ଅଞ୍ଚଳରେ ବ୍ୟାପକ ବ୍ରାଉନସୁଗାର କାରବାର ହେଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସ୍‌ପିଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ ଅଚାନକ ଘର ଭିତରେ ପଶି ଚଢ଼ାଉ ଆରମ୍ଭ କରିଥିଲା। ଘର ଭିତରୁ ବିପୁଳ ପରିମାଣର ବ୍ରାଉନସୁଗାର ଜବତ ହୋଇଛି। ମେଶିନ ସାହାଯ୍ୟରେ ଟଙ୍କା ଗଣତି ଚାଲିଥିବା ବେଳେ ନଗଦ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମିଳିଥିବା ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ସୂଚନା ଦେଇଛନ୍ତି। ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରି ଉକ୍ତ ଘରେ ଭଡ଼ାରେ ରହୁଥିବା ପୁରୁଣାବଜାର ମିର୍ଜାପୁର ଅଞ୍ଚଳର ଜଣେ ମହିଳାଙ୍କୁ ଅଟକ ରଖାଯାଇଛି। ମହିଳାଙ୍କ ନିଜ ଘର ପୁରୁଣାବଜାର ଥାନା ମିର୍ଜାପୁରରେ ମଧ୍ୟ ଚଢ଼ାଉ କରାଯାଇଛି। ଏତେ ଟଙ୍କା କେଉଁଠୁ ଆସିଲା ଓ ଏହି ଟଙ୍କା କାହାର ସେନେଇ ତଦନ୍ତ ଚାଲିଛି ବୋଲି ଏସ୍‌ପି କହିଛନ୍ତି। ଏନ୍‌ଡିପିଏସ୍ ଆଇନରେ ମାମଲା ରୁଜୁ ହେବା ସହ ତଦନ୍ତ ପରେ ସମସ୍ତ ଘଟଣା ସ୍ପଷ୍ଟ ହେବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଅତିରିକ୍ତ ଏସ୍‌ପି (ଡିଆଇବି) ଅଂଶୁମାନ ଦ୍ୱିବେଦୀ, ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ, ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାସ ସାମିଲ ହୋଇଥିଲେ।

# ଧୀର ସାମଲ ହତ୍ୟା ମାମଲା: ୫ ଜଣଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର,୯।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଘଟିଥିବା ବହୁଚର୍ଚ୍ଚିତ ଧୀର ସାମଲ ହତ୍ୟା ଘଟଣାର ୧୪ ବର୍ଷ ପରେ ସୋମବାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଗଞ୍ଜାମ ଜିଲ୍ଲା ଓ ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ମାମଲାର ଶୁଣାଣି କରି ସାକ୍ଷ୍ୟ ପ୍ରମାଣ ଆଧାରରେ ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ଶ୍ରୀରାମନଗର ୬ଷ୍ଠ ଲାଇନର କାଳିଆ ସେଠୀ (୩୯), ଜଗନ୍ନାଥ ବିହାରର ପି.କୃଷ୍ଣଚନ୍ଦ୍ର ପାତ୍ର (୪୮), ପିଙ୍କୁ ପାତ୍ର (୪୦), ସଞ୍ଜୟ ପ୍ରଧାନ ( ୪୩) ଓ ସନ୍ନ୍ୟାସୀ ରାଉତ। ଅନ୍ୟପକ୍ଷରେ ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ୩ ଅଭିଯୁକ୍ତ ସନ୍ତୋଷ ପାତ୍ର ଓରଫ ରଙ୍ଗିନ ସନ୍ତୁ (୫୭), ରିଙ୍କୁ ପାତ୍ର (୪୪) ଓ ମଙ୍ଗୁଲୁ ବେହେରା(୫୧)ଙ୍କୁ ଜଜ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୦ ଜୁଲାଇ ୨୨ ତାରିଖ ସକାଳେ ଧୀର ସାମଲ ବଡ଼ବଜାର ଥାନା ଶ୍ରୀରାମନଗରର ଛକରେ ତାଙ୍କର ୨ ସାଙ୍ଗ ସନ୍ତୋଷ ତ୍ରିପାଠୀ ଓ ରାଜୀବ ବେହେରାଙ୍କ ସହ କଥା ହେଉଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ହଠାତ ତାଙ୍କ ଉପରକୁ ବୋମାମାଡ଼ କରିଥିଲେ। ଧୀର ଜୀବନ ବିକଳରେ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ସେମାନେ ତାଙ୍କୁ ଗୋଡ଼ାଇ ଏକ ଗୋଦାମ ଭିତରେ ଖଣ୍ଡାରେ ହାଣି ପଳାଇଥିଲେ। ଖବରପାଇ ଧୀରଙ୍କ ସାନଭାଇ ଭାଲୁ ସାମଲ, ମା' ବିଜୟଲକ୍ଷ୍ମୀ ଓ ସ୍ତ୍ରୀ ଝୁଲି ଘଟଣାସ୍ଥଳରେ ପହଞ୍ଚିଥିଲେ। ଧୀରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁ ପୂର୍ବରୁ ଧୀର ପୋଲିସ ନିକଟରେ ଅଭିଯୁକ୍ତଙ୍କ ନାଁ ପ୍ରକାଶ କରିଥିଲେ। ବୋମାମାଡ଼ରେ ଧୀରଙ୍କ ୨ ବନ୍ଧୁ ସନ୍ତୋଷ ଓ ରାଜୀବ ମଧ୍ୟ ଗୁରୁତର ହୋଇଥିଲେ। ଏ ନେଇ ଅଭିଯୋଗ ପ୍ରକାରେ ବଡ଼ବଜାର ଥାନା ନଂ.୮୭/୧୦ରେ ମାମଲା ରୁଜୁ ହୋଇଥିଲା। ପୋଲିସ ପର୍ଯ୍ୟାୟକ୍ରମେ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେମାନଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ମୋଟ ୨୪ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସରକାରଙ୍କ ତରଫରୁ କ୍ୟାଡର୍ ପବ୍ଲିକ ପ୍ରସିକ୍ୟୁଟର ତ୍ରିଲୋଚନ ପରିଡ଼ା ମକଦ୍ଦମା ପରିଚାଳନା କରିଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାକୁଡ଼ି ଚୋର, ଲାଉ ଚୋର**
**ଚୋରଉ ଚୋରଉ ବଡ଼ ଚୋର।**

ବାଳକ ବୟସରୁ ଛୋଟମୋଟ ଚୋରି କରୁ କରୁ ତାହା ଅଭ୍ୟାସରେ ପଡିଯାଇଥାଏ। ସେହି ସମୟରୁ ଶାସନ ନ କଲେ ସମୟକ୍ରମେ ସେ ବଡ଼ ଚୋର ପାଲଟି ଯିବାର ସମ୍ଭାବନା ରହିଥାଏ। ଖରାପ ଅଭ୍ୟାସ ଯଦି ଠିକ୍ ସମୟରେ ଛଡ଼ା ନ ଯାଏ ତେବେ ତାହା ଜୀବନକୁ ବରବାଦ କରି ଦେଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**କୋଉ କଥାକୁ**
**ନାଆ ପେଲି ଦେଲି କଲିକତାକୁ।**

କେତେଜଣ ବ୍ୟକ୍ତି କୌଣସି କଥାକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଏଇ ସାମାନ୍ୟ କଥାଟା ହୋଇପାରିବନି ଯେ ଏତେ ଚିନ୍ତା ବୋଲି କହି ଫୁତ୍କାରରେ ଉଡେଇ ଦେଇଥାନ୍ତି। କଥାକୁ ଗୁରୁତର ସହକାରେ ନ ନେଇ ବେପରୁଆ ମନୋଭାବ ପୋଷଣ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ଚାନ୍ଦା ଆଦାୟ ଅଭିଯୋଗରେ ୪ ଗିରଫ

## ହାଇୱା ଜବତ, ଡ୍ରାଇଭର ଉଦ୍ଧାର

ଛେନାପଦି,୯।୧୨ (ନିରାକାର ପରିଡ଼ା)

କେନ୍ଦୁଝର ଜିଲ୍ଲା ନନ୍ଦିପଦା ପୋଲିସ ଚାନ୍ଦା ଆଦାୟ ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଥାନା ଅଧୀନସ୍ଥ ଷଡ଼ଙ୍ଗ ଗ୍ରାମର ଦିବ୍ୟପ୍ରକାଶ ଖଣ୍ଡେଇ, ରମାକାନ୍ତ ପଢ଼ିଆରୀ, ଜଗନ୍ନାଥ ଶାସିନୀ, କମଳାକାନ୍ତ ବାରିକ। ତାଙ୍କ ନିକଟରୁ ଅଟକ ଥିବା ହାଇୱା ପୋଲିସ ଜବତ କରିବା ସହ ଅଟକ ଡ୍ରାଇଭରଙ୍କୁ ଉଦ୍ଧାର କରିଛି। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶନିବାର ଷଡ଼ଙ୍ଗ ଗ୍ରାମର କେତେଜଣ ଯୁବକ ବାଲିବୋଝେଇ ହାଇୱା( ଓଡି ୨୨ ୱାଇ ୪୨୭୫) ଅଟକାଇ ଟଙ୍କା ମାଗିଥିଲେ। ଏ ନେଇ ଡ୍ରାଇଭର ଓ ଉକ୍ତ ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଯୁବକମାନେ ଡ୍ରାଇଭରଙ୍କୁ ଅଟକ ରଖିଥିଲେ। ଖବର ପାଇ ଗାଡ଼ିମାଲିକ କେତେଜଣ ଯୁବକଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ଜଣେ ଆହତ ହେଇଥିବା ଜଣାଯାଇଛି। ଏ ନେଇ ବାଲେଶ୍ୱର ଅଞ୍ଚଳର ହାଇୱା ମାଲିକ ଅପରାଜିତା ସେଣ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ଡ୍ରାଇଭରଙ୍କଠାରୁ ଅଭିଯୁକ୍ତମାନେ ୧୨ହଜାର ଟଙ୍କା ଛଡ଼ାଇନେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଓମାନ୍‌ରେ ରଡ୍ ବାଇଡିଂ ଭୁଶୁଡ଼ି ଓଡ଼ିଆ ଶ୍ରମିକ ମୃତ

ରାଜନଗର,୯।୧୨ (ଭାସ୍କର ରାଉତରାୟ)



ଭୁଶୁଡ଼ି ପଡ଼ିଥିବା ଛାତର ରଡ୍ ବାଇଡିଂ।

ଓମାନରେ ରବିବାର ରାତିରେ ୩ ମହଲା ବିଶିଷ୍ଟ ଛାତର ରଡ୍ ବାଇଡିଂ ଭୁଶୁଡି ପଡ଼ିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ରାଜନଗର ପଞ୍ଚାୟତର ଚକ୍ରଧରପୁର ଗାଁର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶୁକଦେବ ସ୍ୱାଇଁଙ୍କ ସାନପୁଅ ବିପିନ ବିହାରୀ ସ୍ୱାଇଁ। ସେ ୨ ବର୍ଷ ତଳେ ଓମାନ ଯାଇ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ଗାଁରେ କାମଧନ୍ଦା ନ ପାଇବାରୁ ବିପିନି ଜଣେ ଠିକାଦାରଙ୍କ ସହାୟତାରେ ଓମାନ ଯାଇଥିଲେ। ଡିସେମ୍ବର ଶେଷ ସପ୍ତାହରେ ସେ ଘରକୁ ଫେରିବାର ଥିଲା। ମାତ୍ର କମ୍ପାନୀ ଛୁଟି ନ ଦେବାରୁ ଆସନ୍ତା ଫେବୃଆରୀରେ ଘରକୁ ଫେରିବେ ବୋଲି କହିଥିଲେ। ରବିବାର ରାତି ପ୍ରାୟ ୧୨ଟା ସମୟରେ ଓମାନରେ ନିର୍ମାଣାଧୀନ ଏକ ୩ ମହଲା ବିଲ୍ଡିଂର ଛାତ ପଡିବା ପାଇଁ ରଡ ବାଇଡିଂ କାମ ଚାଲିଥିଲା। ହେଲେ ସେହି ରଡ ବାଇଡିଂ ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲା। ବିପିନ ରଡ୍ ବାଇଡିଂ ଭିତରେ ଚାପିହୋଇ ରହିଯାଇଥିଲେ। କଟର ମେଶିନ ସାହାର୍ଯ୍ୟରେ ରଡ୍‌ଗୁଡିକ କଟାଯିବା ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ରବିବାର ରାତି ପ୍ରାୟ ୩ ଘଟିକା ସମୟରେ ପରିବାର ଲୋକଙ୍କ ନିକଟକୁ ସେଠାରେ ଥିବା ଅନ୍ୟ ଯୁବକମାନେ ଖବର ଦେଇଥିଲେ। ଘରେ ବିପିନଙ୍କ ସ୍ତ୍ରୀ, ୮ ବର୍ଷର ଝିଅ, ୪ ବର୍ଷର ପୁଅ ସମେତ ବାପା, ମାଆ ଅଛନ୍ତି। ସେମାନେ ଏପରି ଦୁଃଖରେ ସମ୍ପୂର୍ଣ୍ଣ ଭାଙ୍ଗିପଡିଛନ୍ତି। କିପରି ମରଶରୀର ଓମାନରୁ ଗାଁକୁ ଫେରିବ ସେ ନେଇ ସେଠାରେ ଥିବା ଅନ୍ୟ ଓଡ଼ିଆ ଯୁବକମାନଙ୍କ ସହ ଆଲୋଚନା ଜାରି ରହିଛି।

# ମଧ୍ୟସ୍ଥ ଦେବଦତ୍ତଙ୍କ ଅଫିସ ସିଲ୍ କଲା ସିବିଆଇ

## ଦାମୀ କାରରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣା

ଭୁବନେଶ୍ୱର,୯।୧୨ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଲାଞ୍ଚ କାରବାର ବେଳେ ଦାମୀ କାର୍‌ରୁ ୧୦ ଲକ୍ଷ ଟଙ୍କା ଜବତ ହେବା ଘଟଣାରେ ସିବିଆଇ ୩ ଅଭିଯୁକ୍ତଙ୍କୁ ରବିବାରଠାରୁ ରିମାଣ୍ଡରେ ନେଇ ପଚରାଉଚରା କରୁଛି। ସେମାନେ ହେଲେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ 'ବ୍ରିଜ୍ ଆଣ୍ଡ୍ ରୁଫ୍ କର୍ପୋରେଶନ (ଇଣ୍ଡିଆ) ଲିଃ'ର ଗ୍ରୁପ୍ ଜେନେରାଲ ମ୍ୟାନେଜର (ଜିଜିଏମ୍) ଚଞ୍ଚଳ ମୁଖାର୍ଜୀ, 'ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ ଲିଃ'ର ନିର୍ଦ୍ଦେଶକ ସନ୍ତୋଷ ମହାରଣା ଓ ମଧ୍ୟସ୍ଥ ଦେବଦତ୍ତ ମହାପାତ୍ର। ତେବେ ଏହି କାରବାରରେ ଦେବଦତ୍ତଙ୍କ ଭୂମିକା ଅଧିକ ରହିଥିବା ସିବିଆଇ ଜାଣିବାକୁ ପାଇଛି। ସୋମବାର ପାହାଳସ୍ଥିତ ଏକ ବହୁତଳ ପ୍ରାସାଦରେ ଥିବା ଦେବଦତ୍ତଙ୍କ 'ଆଦିତ୍ୟ ଦେବ ଇନ୍‌ଫ୍ରାଟେକ୍ ପ୍ରାଇଭେଟ୍ ଲିଃ'ର ଅଫିସକୁ ସିବିଆଇ ପକ୍ଷରୁ ସିଲ୍ କରାଯାଇଛି। ସିବିଆଇର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଯାଞ୍ଚ କରି ଛାନ୍‌ଭିନ୍ କରିବା ସହ ବହୁ ଆପତ୍ତିଜନକ ଦସ୍ତାବିଜ୍ ମଧ୍ୟ ଜବତ କରିଥିବା ସୂଚନା ମିଳିଛି। ତେବେ ରିମାଣ୍ଡ ଅବଧିର ଦ୍ୱିତୀୟ ଦିନରେ ସମସ୍ତ ଅଭିଯୁକ୍ତଙ୍କୁ ସବିଆଇ ମୁହାଁମୁହିଁ ଜେରା କରି ବିଭିନ୍ନ ଦିଗ ସମ୍ପର୍କରେ ବହୁ ତଥ୍ୟ ହାସଲ କରିଛନ୍ତି।

ସୂଚନାଯୋଗ୍ୟ, ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ ଲିଃର ନିର୍ଦ୍ଦେଶକ ସନ୍ତୋଷ ଶୁକ୍ରବାର ଜିଜିଏମ୍ ଚଞ୍ଚଳ ମୁଖାର୍ଜୀଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ଅଫିସରେ ଭେଟିଥିଲେ। ଜିଜିଏମ୍ ସେଠାରେ ତାଙ୍କୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଲାଞ୍ଚ ଟଙ୍କାକୁ ଠିକାସଂସ୍ଥାର ଭବିଷ୍ୟତ ବିଲ୍‌ରେ ଆଡ୍‌ଜଷ୍ଟ କରିଦେବେ ବୋଲି ଜିଜିଏମ୍ ପ୍ରତିଶ୍ରୁତି ଦେଇଥିଲେ। ତେବେ ଦେବଦତ୍ତଙ୍କ ଜରିଆରେ ଏହି ଟଙ୍କା ନେବା ପାଇଁ ଯୋଜନା ହୋଇଥିଲା। ଶନିବାର ରାତିରେ ସ୍ଥାନୀୟ ଏକ ତାରକା ହୋଟେଲ ସମ୍ମୁଖ ରାସ୍ତାରେ ମର୍ସିଡିଜ୍ କାର୍‌ରେ ଟଙ୍କା ରଖି ଲାଞ୍ଚ କାରବାର ପାଇଁ ଡିଲ୍ ହେଉଥିବାବେଳେ ସିବିଆଇ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# ସିରାଜଙ୍କୁ ଜରିମାନା, ହେଡ୍ ମଧ୍ୟ ଦଣ୍ଡିତ

**ଆଡିଲେଡ୍, ୯।୧୨ (ପି.ଟି.):** ଭାରତୀୟ ପେସ୍ ବୋଲର ମହମ୍ମଦ ସିରାଜ ଓ ଅଷ୍ଟ୍ରେଲିଆ ବ୍ୟାଟର ଟ୍ରାଭିସ ହେଡ୍ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ଦଣ୍ଡିତ ହୋଇଛନ୍ତି। ରବିବାର ଶେଷ ହୋଇଥିବା ଦିବାରାତ୍ର ଟେଷ୍ଟ ମ୍ୟାଚରେ ଉଭୟ ଖେଳାଳିଙ୍କ ମଧ୍ୟରେ ବଚସା ହୋଇଥିଲା। ସୋମବାର ଏକ ଶୃଙ୍ଖଳାଗତ ଶୁଣାଣି ହୋଇଥିଲା। ଏଥିରେ ଉଭୟେ ଆଇସିସି ଆଚରଣବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ସିରାଜଙ୍କୁ ତାଙ୍କ ମ୍ୟାଚ୍ ଫିଁର ୨୦ ପ୍ରତିଶତ ଜରିମାନା ହୋଇଛି। ହେଡ୍‌ଙ୍କୁ ଆଉଟ କରିବାପରେ ଭିନ୍ନ ଅଙ୍ଗଭଙ୍ଗୀ ସହ ଆକ୍ରମଣାତ୍ମକ ପ୍ରତିକ୍ରିୟା ସହ ଗାଳିଗୁଲଜ କରିଥିଲେ। ଫଳରେ ସେ ଖେଳାଳି ଏବଂ ଖେଳାଳିଙ୍କ ସହଯୋଗୀ ଷ୍ଟାଫ୍‌ଙ୍କ ଲାଗି ଉଦ୍ଦିଷ୍ଟ ଆଇସିସି ଆଚରଣ ବିଧିର ଧାରା ୨.୫ର ଉଲ୍ଲଂଘନ କରିଥିଲେ। ଆଇସିସି କିନ୍ତୁ ହେଡ୍‌ଙ୍କୁ ଧାରା ୩.୧୨ ଅନୁସାରେ ଦଣ୍ଡିତ କରିଛି। ଅଷ୍ଟ୍ରେଲୀୟ ବ୍ୟାଟର କିନ୍ତୁ ଜରିମାନାରୁ ବର୍ତ୍ତି ଯାଇଛନ୍ତି। ୨୪ମାସରେ ପ୍ରଥମ ଅପରାଧ ହୋଇଥିବାରୁ ସିରାଜ ଓ ହେଡ୍‌ଙ୍କ ଶୃଙ୍ଖଳା ରେକର୍ଡରେ ଗୋଟିଏ ଲେଖାଏ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି। ଉଭୟେ ସେମାନଙ୍କ ଦୋଷ ସ୍ୱୀକାର କରିବା ସହ ମ୍ୟାଚ ରେଫରି ରଞ୍ଜନ ମାଦୁଗାଲେଙ୍କ ଦ୍ୱାରା ପ୍ରସ୍ତାବିତ ଦଣ୍ଡକୁ ଗ୍ରହଣ କରି ନେଇଥିବା ଆଇସିସି କହିଛି। ରବିବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟ ଲାଭ କରିଥିଲା। ଖେଳର ଦ୍ୱିତୀୟ ଦିବସରେ ହେଡ୍ ଓ ସିରାଜଙ୍କ ମଧ୍ୟରେ ବଚସା ହୋଇଥିଲା। ସିରାଜଙ୍କ ଦ୍ୱାରା ଆଉଟ ହେବାପୂର୍ବରୁ ହେଡ୍ ୧୪୧ ବଲ୍‌ରୁ ଆକର୍ଷଣୀୟ ୧୪୦ରନ କରିଥିଲେ। ଆଉଟ ହେବାପରେ ହେଡ୍‌ଙ୍କୁ ଲକ୍ଷ୍ୟ କରି ସିରାଜ ଆକ୍ରମଣାତ୍ମକ ଅଙ୍ଗଭଙ୍ଗୀ ଦେଖାଇଥିଲେ। ଘଟଣାକୁ ନେଇ ଦୁଇ ଖେଳାଳି ମୁହାଁମୁହିଁ ହେବାରୁ ଆଡିଲେଡ ଦର୍ଶକ ମହଲରେ ଉତ୍ତେଜନା ଦେଖା ଦେଇଥିଲା। ଘଟଣା ପରେ ହେଡ୍ କହିଥିଲେ ସିରାଜଙ୍କୁ ସେ କେବଳ 'ୱେଲ୍ ବୋଲ୍ଡ' ବୋଲି କହିଥିଲେ। ମାତ୍ର ଭ୍ରମଣକାରୀ ଦଳର ବୋଲରଙ୍କ ଏଭଳି ପ୍ରତିକ୍ରିୟା ଦୁଃଖର ବିଷୟ। ସିରାଜ କିନ୍ତୁ ହେଡ୍‌ଙ୍କ ଏହି ସଫେଇକୁ ଗ୍ରହଣ କରି ନ ଥିଲେ। ସେ ଟିଭି ଚ୍ୟାନେଲକୁ ସାକ୍ଷାତ୍କାରରେ କହିଥିଲେ ଅଷ୍ଟ୍ରେଲୀୟ ବ୍ୟାଟରଙ୍କୁ ଲକ୍ଷ୍ୟ କରି ସେ ଆଦୌ କିଛି କହି ନାହାନ୍ତି। ଉଇକେଟ ନେବା ପରେ ସେ ଖୁସିରେ କେବଳ ତାଙ୍କ ପ୍ରତିକ୍ରିୟା ପ୍ରକାଶ କରିଥିଲେ।

## ମାଇନେନିଙ୍କୁ ସଫଳତା

**ଆବୁଧାବି, ୯।୧୨ (ପି.ଟି.)**

ଭାରତୀୟ ଡ୍ରାଇଭର କୁଶ ମାଇନେନି ଏଠାରେ ଅନୁଷ୍ଠିତ ରେସ୍‌ରେ ଫର୍ମୁଲା-୨ କନଷ୍ଟ୍ରକ୍ଟର୍ସ ଟାଇଟଲ ହାସଲ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ଏଫ୍‌ଆଇଏ କନଷ୍ଟ୍ରକ୍ଟର୍ସ ଜିତିବାରେ ସେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି। ଚଳିତବର୍ଷ ମାଇନେନିଙ୍କ ପ୍ରଦର୍ଶନ ଭଲ ରହିଛି। ପୂର୍ବରୁ ସେ ପ୍ରଥମ ଭାରତୀୟ ଭାବେ ଏକ ଫର୍ମୁଲା-୨ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଚଳିତ ସିଜନରେ ଉତ୍ଥାନପତନ ସତ୍ତ୍ୱେ ମାଇନେନି ଇନ୍‌ଭିଷ୍ଟା ରେସିଂର ସଫଳତା ପଛରେ ତାଙ୍କର ବଡ଼ ଭୂମିକା ରହିଛି।



କଳିଙ୍ଗ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟର କୃତୀ ୬୫ କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

# ଗ୍ରୁପ 'ସି'ରେ ଭାରତ

### ଏସିଆନ କପ୍ ଫୁଟବଲ କ୍ୱାଲିଫାୟର୍ସ

**ନୂଆଦିଲ୍ଲୀ, ୯।୧୨ (ପି.ଟି.)**

ଏସିଆନ କପ୍ କ୍ୱାଲିଫାୟର୍ସ ୨୦୨୭ର ଫାଇନାଲ ରାଉଣ୍ଡ କ୍ୱାଲିଫାୟର୍ସ ମ୍ୟାଚଗୁଡ଼ିକ ଆସନ୍ତାବର୍ଷ ମାର୍ଚ୍ଚ ୨୫ରୁ ଖେଳାଯିବ। ଏଥିପାଇଁ ଡ୍ର' ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଂଲାଦେଶ, ହଂକଂ ଓ ସିଙ୍ଗାପୁର ସହ ଭାରତ ଗ୍ରୁପ୍ 'ସି'ରେ ସ୍ଥାନ ପାଇଛନ୍ତି। ମାଲେସିଆର କୁଆଲାଲମ୍ପୁରଠାରେ ରହିଥିବା ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ ୨୪ଟି ଦଳକୁ ନେଇ ଡ୍ର ଅନୁଷ୍ଠିତ ହୋଇଥିଲା। ସେମାନଙ୍କୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ସ୍ଥାନ ପାଇଛନ୍ତି। ୬ଟି ଗ୍ରୁପ୍‌ର ବିଜେତା ସାଉଦି ଆରବରେ ୨୦୨୭ରେ ହେବାକୁଥିବା ମୁଖ୍ୟ ଟୁର୍ନାମେଣ୍ଟ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିବେ। ଏହି ଦଳଗୁଡ଼ିକ ପୂର୍ବରୁ ଦ୍ୱିତୀୟ ରାଉଣ୍ଡରେ ଯୋଗ୍ୟତା ଅର୍ଜନ କରିସାରିଥିବା ଅନ୍ୟ ୧୮ଦଳ ସହିତ ଯୋଗଦେବେ। ଫାଇନାଲ ରାଉଣ୍ଡ ମ୍ୟାଚ ଗୁଡ଼ିକ ହୋମ୍-ଆଣ୍ଡ୍-ଅୱେ ଫର୍ମାଟରେ ଆସନ୍ତା ବର୍ଷ ମାର୍ଚ୍ଚ ୨୫ରୁ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଖେଳାଯିବ। କ୍ରମାଗତ ତୃତୀୟ ଥର ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ଥିବା ଭାରତ ଗ୍ରୁପ୍ 'ସି'ରେ ବାଂଲାଦେଶ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଭାରତ (୧୨୭) ନିଜ ଗ୍ରୁପ୍‌ରେ ସର୍ବୋଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଦଳ। ସେ ତୁଳନାରେ ହଂକଂ (୧୫୬), ସିଙ୍ଗାପୁର (୧୬୧) ଓ ବାଂଲାଦେଶ (୧୮୫) ବହୁ ପଛରେ ରହିଛନ୍ତି।

# "କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ"

### ୬୫ କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ାମନ୍ତ୍ରୀଙ୍କ ଆର୍ଥିକ ପ୍ରୋତ୍ସାହନ

**ଭୁବନେଶ୍ୱର, ୯।୧୨ (ତପନ ସ୍ୱାଇଁ)**

ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ ଦ୍ୱାରା ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଥିବା ସଫଳ କ୍ରୀଡ଼ାବିତ୍‌ମାନଙ୍କୁ ସୋମବାର କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ୧୬ କ୍ରୀଡ଼ାବର୍ଗରେ ୬୫ କ୍ରୀଡ଼ାବିତ୍‌ଙ୍କୁ ୫୩ ଲକ୍ଷ ୭ହଜାର ୫୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି। କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଭାରୋତ୍ତୋଳନ, ଆଥଲେଟିକ୍ସ, ହୁଇଲ ଚେୟାର ଫେନ୍‌ସିଂ, ଚେସ୍, ପାରା-ସନ୍ତରଣ , ଅଲଟ୍ରା ରନିଙ୍ଗ, ପାରା-ଆଥଲେଟ୍, କରାଟେ, ବଧିର ଶୁଟିଂ, ବ୍ୟାଡ୍‌ମିଣ୍ଟନ, ଜୁ-ଜିତ୍‌ସୁ, ସନ୍ତରଣ, କିକ୍ ବକ୍ସିଂ, ଶୁଟିଂ, ପେନ୍‌ଚାକ୍ ସିଲାଟ ଏବଂ ଟାଏକୋଣ୍ଡୋ ଆଦି ୧୬ କ୍ରୀଡ଼ା ବର୍ଗର କ୍ରୀଡ଼ାବିତମାନଙ୍କୁ ପୁରସ୍କୃତ କରାଯାଇଛି।

ଭାରୋତ୍ତୋଳନ କ୍ରୀଡ଼ାବିତ୍ ପ୍ରୀତିସ୍ମିତା ଭୋଇଙ୍କୁ ତାଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସର୍ବାଧିକ ୩ ଲକ୍ଷ ୩୩ ହଜାର ଏବଂ ଜ୍ୟୋତ୍ସ୍ନା ଶବରଙ୍କୁ ୨ ଲକ୍ଷ ୩୩ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେହିପରିଭାବେ ଧାବକ ଅନିମେଷ କୁଜୁରଙ୍କୁ ୨ ଲକ୍ଷ ୩୦ ହଜାର ଓ ୮ ବର୍ଷର ଚେସ୍ ଖେଳାଳି ସତ୍ତ୍ୱିକ ସ୍ୱାଇଁଙ୍କୁ ୬୭ ହଜାର ଟଙ୍କା ପୁରସ୍କୃତ କରାଯାଇଛି। ମାଳତି ପାନୁରେଙ୍କୁ ୧ ଲକ୍ଷ ୮୫ ହଜାର ଟଙ୍କା ସମେତ ମୋଟ ୧୯ ପାରା-କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା ସମାରୋହରେଆର୍ଥିକ ପ୍ରୋତ୍ସାହନ ଦିଆଯାଇଛି।

ନିଜର ଅଭିଭାଷଣରେ କ୍ରୀଡ଼ାମନ୍ତ୍ରୀ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିଥିଲେ। ଭବିଷ୍ୟତରେ ହେବାକୁ ଥିବା ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଖେଳାଳିମାନେ ପଦକ ଜିତି ନିଜ ପାଇଁ ବିଶ୍ୱ ମଞ୍ଚରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ରାଜ୍ୟ ପାଇଁ ଗୌରବ ଅର୍ଜନ କରନ୍ତୁ ବୋଲି ସେ ସମସ୍ତଙ୍କୁ ପ୍ରେରିତ କରିଥିଲେନ୍ତ। ଏଥିସହ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ହକି ପ୍ରମୋଶନ କାଉନସିଲ ସିଇଓ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, କ୍ରୀଡ଼ାବିତ୍‌ମାନେ ଉପସ୍ଥିତ ଥିଲେ।

# ସବିତା, ଆସ୍ତିକଙ୍କୁ ରୌପ୍ୟ ପଦକ

### ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ

**ଭୁବନେଶ୍ୱର, ୯।୧୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୩୯ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ ଓଡ଼ିଶା ପାଇଁ ରୌପ୍ୟ ପଦକ ହାସଲ କରିଛନ୍ତି ସବିତା ଟପ୍ପୋ ଓ ଆସ୍ତିକ ପ୍ରଧାନ। ସୋମବାର ଅନୁଷ୍ଠିତ ୨୦ ବର୍ଷରୁ କମ୍ ମହିଳା ୧୦୦ ମିଟର ହର୍ଡଲ୍ସରେ ସବିତା ୧୪.୧୭ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ମହାରାଷ୍ଟ୍ରର କ୍ରାଇଷ୍ଟାଲ ଭଦାକେଲ ୧୪.୧୦ ଓ ତାମିଲନାଡୁର ୟାମିନି କାର୍ତ୍ତିକେୟନ ୧୪.୫୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ୨୦ ବର୍ଷରୁ କମ୍ ପୁରୁଷ ୪୦୦ ମିଟର ରେସ୍‌ରେ ଆସ୍ତିକ ୪୬.୯୭ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦିଲ୍ଲୀର ଜୟ କୁମାର ୪୬.୨୯ ଓ କେରଳର ଅର୍ଜୁନ ପ୍ରଦୀପ ୪୭.୬୧ ସେକେଣ୍ଡ ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସବିତା ଓ ଆସ୍ତିକଙ୍କ ସଫଳତା ଯୋଗୁ ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୩ରେ ପହଞ୍ଚିଛି। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟର ଇଭେଣ୍ଟରେ ଦଣ୍ଡପତି ମୃତ୍ୟମ୍ ଜୟରାମ ୧୦.୫୦ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ତୃତୀୟ ଦିବସର ପ୍ରଥମ ସେସନରେ ଅନୁଷ୍ଠିତ ଇଭେଣ୍ଟଗୁଡ଼ିକ ମଧ୍ୟରେ ୨୦ ବର୍ଷରୁ କମ୍ ପୁରୁଷ ୧୦,୦୦୦ ମିଟର ରେସ୍ ୱାକ୍‌ରେ ଛତିଶଗଡ଼ର ଅମିତ କୁମାର (୪୨:୧୮.୧୩ ସେକେଣ୍ଡ), ୧୮ ବର୍ଷରୁ କମ୍ ମହିଳା ୩୦୦୦ ମିଟର ରେସ୍ ୱାକ୍‌ରେ ଉତ୍ତର ପ୍ରଦେଶର ଶିଖା ଯାଦବ (୧୪:୧୩.୨୦), ୨୦ ବର୍ଷରୁ କମ୍ ମହିଳା ୩୦୦୦ ମିଟର ରେସ୍ ୱାକ୍‌ରେ ମଧ୍ୟ ପ୍ରଦେଶର ସୋନମ ପରମାର (୯: ୪୪.୧୬), ୨୦ ବର୍ଷରୁ କମ୍ ପୁରୁଷ ୩୦୦୦ ମିଟର ରେସ୍ ୱାକ୍‌ରେ ମଧ୍ୟପ୍ରଦେଶର ମୋହିତ ଯାଦବ (୮:୧୬.୮୪) ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଦ୍ୱିତୀୟ ସେସନରେ ୧୬ ବର୍ଷରୁ କମ୍ ବାଳକ ହାଇଜମ୍ପରେ ଆସାମର ଜୁବିନ ଗୋହେନ (୧.୭୬ ମିଟର), ୨୦ ବର୍ଷରୁ କମ୍ ପୁରୁଷ ୧୧୦ ମିଟର ହର୍ଡଲ୍ସରେ ମହାରାଷ୍ଟ୍ରର ସନ୍ଦୀପ ବିନୋଦ କୁମାର (୧୪.୦୨ ସେକେଣ୍ଡ), ୧୮ ବର୍ଷରୁ କମ୍ ପୁରୁଷ ୧୧୦ ମିଟର ହର୍ଡଲ୍ସରେ କେରଳର କିରାଙ୍କ (୧୩.୬୪), ୧୮ ବର୍ଷରୁ କମ୍ ପୁରୁଷ ୧୦୦ ମିଟର ହର୍ଡଲ୍ସରେ ତାମିଲନାଡୁର ଭାବନା ଜି. (୧୪.୪୨), ୧୬ ବର୍ଷରୁ କମ୍ ବାଳିକା ୮୦ ମିଟର ହର୍ଡଲ୍ସରେ ମହାରାଷ୍ଟ୍ରର ସୌର୍ଯ୍ୟା ଆମ୍ବୁରେ (୧୧.୫୫), ୧୬ ବର୍ଷରୁ କମ୍ ବାଳକ ୮୦ ମିଟର ହର୍ଡଲ୍ସରେ ଆନ୍ଧ୍ର ପ୍ରଦେଶର ସନଗା ଥନୁଶ ତେଜା (୧୦.୩୬), ୨୦ ବର୍ଷରୁ କମ୍ ମହିଳା ୪୦୦ ମିଟର ରେସ୍‌ରେ ତାମିଲନାଡୁର ଦେଶିଖା ଭି. (୫୫.୦୩) ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।





ପଦକ ସହ ସବିତା ଟପ୍ପୋ ଓ ଆସ୍ତିକ ପ୍ରଧାନ।

### ଭାଙ୍ଗିଲା ଜାତୀୟ ରେକର୍ଡ

ହରିୟାଣା ହାଇଜମ୍ପର ପୂଜା ନିଜ ୧୮ ବର୍ଷରୁ କମ୍ ବର୍ଗ ଜାତୀୟ ରେକର୍ଡରେ ଉନ୍ନତି ଆଣିଛନ୍ତି। ସେ ୧.୮୫ ମିଟର ଜମ୍ପ କରି ପୂର୍ବରୁ ତାଙ୍କ ନାମରେ ଥିବା ୧.୮୩ ମିଟର ରେକର୍ଡକୁ ଭାଙ୍ଗିଛନ୍ତି। ସେହିପରି ୨୦ ବର୍ଷରୁ କମ୍ ପୁରୁଷ ୪୦୦ ମିଟର ରେସ୍‌ରେ ୪୬.୨୯ ସେକେଣ୍ଡ ସମୟ ନେଇ ଦିଲ୍ଲୀର ଜୟ କୁମାର ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ୨୦୧୭ରେ ଅମୋଜ ଜ୍ୟାକବ ୪୬.୫୯ ସେକେଣ୍ଡ ସମୟ ନେଇ ରେକର୍ଡର ଅଧିକାରୀ ଥିଲେ। ୧୬ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ହରିୟାଣାର ମୁସ୍କାନ ୪୬.୮୭ ମିଟର ଥ୍ରୋ କରି ଜାତୀୟ ରେକର୍ଡର ଅଧିକାରିଣୀ ହୋଇଛନ୍ତି। ପୂର୍ବରୁ ଶିବାନୀ ପଟେଲ ୪୦.୦୧ ମିଟର ଥ୍ରୋ୍ କରି ଏହି ବର୍ଗରେ ରେକର୍ଡର ଅଧିକାରୀ ଥିଲେ।

# ରାଜ୍ୟ ଜିମ୍ନାଷ୍ଟିକ୍ସ: ରିତିକାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୯।୧୨ (ତପନ ସ୍ୱାଇଁ)**

କୋରାପୁଟର ଜୟପୁରରେ ଅନୁଷ୍ଠିତ ୪୩ତମ ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ଭୁବନେଶ୍ୱରର ଜେଏମ୍ ରିତିକା ଦାସ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭୁବନେଶ୍ୱର ଜିଲାରୁ ମୋଟ ୧୧ ପ୍ରତିଯୋଗୀ ଏହି ରାଜ୍ୟ ପ୍ରତିଯୋଗୀତାରେ ଭାଗ ନେଇଥିବାବେଳେ ରିତିକା ସିନିୟର ବର୍ଗରେ ଅଂଶଗ୍ରହଣ କରି ଟେବୁଲ ଭଲ୍ଟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଭୁବନେଶ୍ୱର ଜିମ୍ନାଷ୍ଟିକ୍ ସଂଘ ସଭାପତି ସୁରେଶ ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ଯୁଗ୍ମ ସମ୍ପାଦକ ଗୁରୁ ପ୍ରସାଦ ପଟ୍ଟନାୟକ୍, ଉପସଭାପତି ମୀରାରାଣୀ ଦାସଙ୍କୁ ଅଭିନନ୍ଦନ ଜଣାଇବା ସହ ଖେଳାଳିମାନଙ୍କୁ ଭବିଷ୍ୟତରେ ଆହୁରି ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ କରିଛନ୍ତି।



ରାଜ୍ୟ ଜିମ୍ନାଷ୍ଟିକ୍ସରେ ବ୍ରୋଞ୍ଜ ପଦକ ବିଜୟିନୀ ଭୁବନେଶ୍ୱରର ଜେଏମ୍ ରିତିକା ଦାସ।

# ସମ୍ଭାବ୍ୟ ଭାରତୀୟ ଦଳରେ ଓଡ଼ିଶାର ୭

### ଖୋ ଖୋ ବିଶ୍ୱକପ୍

**ଭୁବନେଶ୍ୱର, ୯।୧୨ (ତପନ ସ୍ୱାଇଁ)**

ସର୍ବପ୍ରଥମ ଖୋ ଖୋ ବିଶ୍ୱକପ୍ ୨୦୨୫ ଜାନୁଆରୀ ୧୩ରୁ ୧୯ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଆଇଜିଆଇ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୨୪ଟି ଦେଶ ଅଂଶଗ୍ରହଣ କରିବ। ଏଥିପାଇଁ ଘୋଷିତ ସମ୍ଭାବ୍ୟ ଭାରତୀୟ (ମହିଳା ଓ ପୁରୁଷ) ଦଳରେ ଓଡ଼ିଶାର ୭ ଖେଳାଳି ସାମିଲ ହୋଇଛନ୍ତି। ମହିଳା ସମ୍ଭାବ୍ୟ ଦଳରେ କିସ୍‌ର ଶୁଭଶ୍ରୀ ସିଂ, ଅର୍ଚ୍ଚନା ମାଝି, ମାଗାଇ ମାଝି, ପୁରୀର ଅନନ୍ୟା ପ୍ରଧାନ ସ୍ଥାନ ପାଇଛନ୍ତି। ସେହିପରି ପୁରୁଷ ଦଳରେ କିସ୍‌ର ପବନି ସବର, ପୁରୀର ଭରତ କୁମାର ପ୍ରଧାନ ଓ ଜଗତ୍‌ସିଂହପୁରର ଦେବେନ୍ଦ୍ର ନାଥ ସ୍ଥାନୀତ ହୋଇଛନ୍ତି। ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ମଙ୍ଗଳବାରଠାରୁ ନୂଆଦିଲ୍ଲୀରେ କୋଚିଂ କ୍ୟାମ୍ପ ଆରମ୍ଭ ହେବ। ତେଣୁ ଓଡ଼ିଶା ଖେଳାଳିମାନେ ସୋମବାର ଦିଲ୍ଲୀ ଯାତ୍ରା କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମନୋନୀତ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ମୁଖ୍ୟ କୋଚ୍ କାଳନ୍ଦି ଚରଣ ରାଉତ ମଧ୍ୟ ଖେଳାଳିମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।




ଭାରତୀୟ ସମ୍ଭାବ୍ୟ ଖୋ ଖୋ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ କରୁଛନ୍ତି।

## ଶାମିଙ୍କ ଚମତ୍କାର ବୋଲିଂ

**ବେଙ୍ଗାଲୁରୁ, ୯।୧୨ (ପି.ଟି.)**

ମହମ୍ମଦ ଶାମିଙ୍କ ଚମତ୍କାର ପ୍ରଦର୍ଶନ ବଳରେ ବେଙ୍ଗଲ ଏଠାରେ ଚଳିତ ସୟଦ ମୁସ୍ତାକ ଅଲୀ ଟ୍ରଫି ଚଣ୍ଡିଗଡ଼ ବିପକ୍ଷ ମ୍ୟାଚ ୩ ରନରେ ରୋମାଞ୍ଚକ ବିଜୟ ହାସଲ କରିଛି। ଶାମିଙ୍କ ବ୍ୟାଟିଂ ମ୍ୟାଚ୍‌ର ଗତିପଥ ବଦଳାଇ ଦେଇଥିଲା। ସେ ୧୭ ବଲ୍‌ରେ ୩୨ ରନ ସଂଗ୍ରହ କରିଥିଲେ। ଏହାଛଡ଼ା ତାଙ୍କ ୪ ଓଭର ବୋଲିଂରେ ୧୩ଟି ଡଟ୍ ବଲ ରହିଥିଲା। ମ୍ୟାଚରେ ବେଙ୍ଗଲ ଏକଦା ୧୧୪ ରନ ସ୍କୋରରେ ଏହାର ୮ ବ୍ୟାଟରଙ୍କୁ ହରାଇଥିଲା। ଶାମି ଫାଇନାଲ ଓଭରରେ ପୁରୁଖା ସନ୍ଦୀପ ଶର୍ମାଙ୍କ ବୋଲିଂରେ ୧୯ରନ ସଂଗ୍ରହ କରିବା ଦ୍ୱାରା ବେଙ୍ଗଲର ସ୍କୋର ୧୧୪/୮ରେ ପହଞ୍ଚି ଯାଇଥିଲା। ଶାମି ତାଙ୍କ ଇନିଂସରେ ୨ ଛକା ଓ ୩ ଚୌକା ଲଗାଇଥିଲେ। ସାୟନ ଘୋଷଙ୍କ ସହ ଶେଷ ପାର୍ଟନରଶିପରେ ମାତ୍ର ୧୦ ବଲ୍‌ରେ ୨୧ ରନ ଯୋଗ କରାଯାଇପାରିଥିଲା। ପରେ ବେଙ୍ଗଲ ଚଣ୍ଡିଗଡ଼କୁ ୧୫୯/୯ ସ୍କୋରରେ ସୀମିତ କରି ଦେଇଥିଲା। ଶାମି ଚଳିତ ସିଜନରେ ବର୍ତ୍ତମାନ ସୁଦ୍ଧା ରଣଜୀ ଟ୍ରଫିରେ ୯ଟି ଘରୋଇ ଗେମ୍ (୪୨.୩ ଓଭର) ଖେଳି ସାରିଥିବା ବେଳେ ସୟଦ ମୁସ୍ତାକ ଅଲି ଟ୍ରଫି ଟି୨୦ରେ ୩୧. ୩ ଓଭର ବୋଲିଂ କରିସାରିଛନ୍ତି।

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ ସହ ୧୦ ପଦକ

### ଓକିନାୱା ଜାତୀୟ କରାଟେ

**ଭୁବନେଶ୍ୱର, ୯।୧୨ (ତପନ ସ୍ୱାଇଁ)**

ପୁଣେରେ ଅନୁଷ୍ଠିତ ୨୭ତମ ଓକିନାୱା ଜାତୀୟ କରାଟେ ଚାମ୍ପିୟନଶିପରେ ଓଡ଼ିଶା କରାଟେକାମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। କାଟା ଓ କୁମିତେ ଫାଇଟିଂରେ ଓଡ଼ିଶା ପ୍ରତିଯୋଗୀମାନେ ମୋଟ ୧୦ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ସାମିଲ। ପୁଣେର ବାଲେୱାଡ଼ିସ୍ଥିତ ଶ୍ରୀ ଶିବ ଛତ୍ରପତି ଶିବାଜୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜିତ ପ୍ରତିଯୋଗିତାରେ ଦେଶର ପ୍ରାୟ ସମସ୍ତ ରାଜ୍ୟରୁ କରାଟେକା ଅଂଶଗ୍ରହଣ କରିଥିଲେ। ବ୍ରାଉନ ବେଲ୍ଟ ବିଭାଗରେ ଓଡ଼ିଶାର ଶକ୍ତି ପ୍ରସାଦ ଗଜେନ୍ଦ୍ର ଚମତ୍କାର ପ୍ରଦର୍ଶନ କରି ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପ୍ରିୟାଂଶୁ ମିଶ୍ର ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ, ଅଂଶୁମାନ ପତି ୨ଟି ରୌପ୍ୟ, ଅଭିଷେକ ବଳିଆରସିଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ଏବଂ ଦେବୀ ପ୍ରସାଦ ଗରାବଡୁ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ଡିଏଭି ଜାତୀୟ କରାଟେରେ ସାଇ ଶ୍ରେୟାଂଶ ଓ ବୈଭବ କବି ରୌପ୍ୟ ପଦକ ହାସଲ କରିଥିବାରୁ ପ୍ରତିଯୋଗୀମାନେ ଭୁବନେଶ୍ୱରରେ ପହଞ୍ଚିବାପରେ ଓକିନାୱା କରାଟେ ସ୍କୁଲ୍‌ରେ ସମସ୍ତ କରାଟେକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଓଡ଼ିଶା କରାଟେକାଙ୍କ ସହ କୋଚ୍‌ଭାବେ ଦେବାଶିଷ ରାଉତ ପୁଣେ ଯାତ୍ରା କରିଥିଲେ। ଜାପାନ କରାଟେ ଶୋଟୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟରଞ୍ଜନ ଦାସ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ଓକିନାୱା ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ପଦକ ବିଜେତା ଓଡ଼ିଶା କରାଟେକାମାନେ କର୍ମକର୍ତ୍ତାଙ୍କ ଗହଣରେ।

# ସ୍କୁଟି ଚଲାଇବା ସମୟରେ ଲାଗିବନି ଶୀତ

**ଶୀ**ତଦିନ ଆରମ୍ଭ ହୋଇଯାଇଛି। ସ୍କୁଟି ଚଲାଇବା ସମୟରେ ଥଣ୍ଡା ଦାଉରୁ ଆପଣ ରକ୍ଷାପାଇବା ପାଇଁ ଅନେକ ଉପାୟ ରହିଛି। ସ୍କୁଟି ଚଲାଇବା ସମୟରେ ଥଣ୍ଡା ଲାଗିବା ସାଧାରଣ କଥା। ଖାସ୍‌କରି ଏଦିନେ ରାତିରେ ଗାଡ଼ି ଚଲାଇବା ସମୟରେ ଥଣ୍ଡା ଲାଗିଥାଏ। ଏହି ସମୟରେ ଶରୀର ଥଣ୍ଡା ଲାଗିବା ସହ ହାତ ଗୋଡ଼ ମଧ୍ୟ ଥଣ୍ଡା ହୋଇଯାଏ। ଜାଣନ୍ତୁ ଏମିତି କିଛି ଟିପ୍ସ ଯାହା ଆପଣଙ୍କୁ ଥଣ୍ଡା ଦାଉରୁ ରକ୍ଷାକରିବ...



-ସ୍କୁଟି ଚଲାଇବା ସମୟରେ ଶୀତରୁ ରକ୍ଷା ପାଇବାକୁ ହେଲେ ଉଷୁମ କପଡ଼ା ପିନ୍ଧିବା ଏକ ଭଲ ବିକଳ୍ପ। ଗରମ କପଡ଼ାରେ ଯେମିତିକି ଗ୍ଲୋଭ୍ସ,ମଫଲର ଏବଂ ଜୋତା ସହ ସକ୍ସ ପିନ୍ଧିପାରିବେ। ଏହାଦ୍ୱାରା ନିଜକୁ ଥଣ୍ଡା ଦାଉରୁ ରକ୍ଷା କରିପାରିବେ ।

-ସ୍କୁଟି ଚଲାଇବା ସମୟରେ ହାତକୁ ଗରମ ରଖିବା ବହୁ ଜରୁରୀ। ଆପଣ ହାତକୁ ଗରମ ରଖିବାକୁ ହେଲେ ଗ୍ଲୋଭ୍ସ ପିନ୍ଧିପାରିବେ। ଗ୍ଲୋଭ୍ସ ପିନ୍ଧିବା ଦ୍ୱାରା ହାତକୁ ଉଷୁମ ମିଳିବ। ହାତକୁ ଉଷୁମ ରଖିବାକୁ ହେଲେ ନଖ ଉଷୁମ ପାଣିରେ ହାତକୁ ଧୋଇବେ କିମ୍ବା ଉଷୁମ ତେଲ ଲଗାଇପାରିବେ।

-ସ୍କୁଟି ଚଲାଇ ପାଦକୁ ଉଷୁମ ରଖିବାକୁ ହେଲେ ଜୋତା ପିନ୍ଧିବା ସହିତ ମୋଜା ପିନ୍ଧିବାକୁ ଭୁଲିବେ ନାହିଁ। ଥଣ୍ଡାରୁ ରକ୍ଷା ପାଇବାକୁ ହେଲେ ଉଷୁମ ତେଲ ଲଗାଇପାରିବେ।

-ସ୍କୁଟି ଚଲାଇବା ସମୟରେ ଶରୀରକୁ ଉଷୁମ ରଖିବାକୁ ହେଲେ ସ୍ୱେଟର କିମ୍ବା ଜ୍ୟାକେଟ୍ ଆଦି ପିନ୍ଧି ପାରିବେ। ଯାହା ଥଣ୍ଡାରୁ ରକ୍ଷା କରିବା ଲାଗି ସାହାଯ୍ୟ କରିବ।

-ଗାଡି ଚଲାଇବା ସମୟରେ ମୁଣ୍ଡରେ ମଫଲର ସହିତ ହେଲମେଟ୍ ଲଗାନ୍ତୁ। ଯାହା ଆପଣଙ୍କୁ ଶୀତ ଦାଉରୁ ରକ୍ଷା କରିଥାଏ।

## ବାସ୍ତୁ ଟିପ୍ସ

**ଏ**ମିତି କିଛି ବାସ୍ତୁ ଟିପ୍ସ ରହିଛି ଯାହା ଧନୀରୁ ଅଧିକ ଧନୀ ଏବଂ ଗରିବରୁ ଅତି ଗରିବ କରାଇଦେଇଥାଏ। ଯଦି ଆପଣଙ୍କୁ ବାସ୍ତୁ ସମସ୍ୟା ଲାଗିଥାଏ ତେବେ ଆପଣ ଆର୍ଥିକ ସମସ୍ୟାର ସାମ୍ନା କରିପାରନ୍ତି। ଯଦି ବାସ୍ତୁ ଅନୁଯାୟୀ କିଛି କାମ କଲେ ତେବେ ଆପଣଙ୍କ ଏହି ଆର୍ଥିକ ସମସ୍ୟା ଆଉ ଦେଖାଯିବ ନାହିଁ। ବାସ୍ତୁ ନିୟମ ବହୁ ସହଜ ଯଦି ଏହାକୁ ପାଳନ କରିନେଲେ ତେବେ ଧନ ସମ୍ପଦରେ ସମସ୍ୟା ଆଉ କେବେ ଦେଖାଯିବ ନାହିଁ।

■ ଯଦି ଆପଣ ଜୀବନରେ ଟଙ୍କା ସମସ୍ୟା ରହୁଛି ଏଥିରୁ ରକ୍ଷା ପାଇବାକୁ ଚାହାନ୍ତି ତେବେ ଘରର ମୁଖ୍ୟ ଦ୍ୱାର ସାମ୍ନାରେ ଲୁଣର ଏକ ପୋଟଳି କରି ତାକୁ ଟାଙ୍ଗିଦିଅନ୍ତୁ। ଏହାଦ୍ୱାରା ଶୁଭଫଳ ଘରେ ଦେଖିବାକୁ ମିଳିଥାଏ।

■ ଲୁଣ ପୋଟଳି ଘରେ ଦୁଆର ମୁହଁରେ ଟାଙ୍ଗିବା ଦ୍ୱାରା ଘରେ ନକାରାତ୍ମକ ଭାବନା ଦୂର ହୋଇଥାଏ। ଆର୍ଥିକ ରୂପରେ କୌଣସି ସମସ୍ୟା ଦେଖିବାକୁ ମିଳି ନ ଥାଏ।

■ ଏହାକୁ ଟାଙ୍ଗିବା ଦ୍ୱାରା ମଧ୍ୟ ଘର ଲୋକଙ୍କୁ ନଜରଦୋଷ ଲାଗି ନ ଥାଏ।




# ଖୁସିର ସୂତ୍ର



"**ସ୍ତ୍ରୀ**-ସ୍ୱାମୀଙ୍କର ସମ୍ପର୍କ ବହୁତ ମିଠା। ଏହି ସମ୍ପର୍କକୁ ମଜଭୁତ କରିବାକୁ ହେଲେ ଦୁହେଁ ସବୁ ପରିସ୍ଥିତିରେ ଏକାଠି ରହିବା ଆବଶ୍ୟକ। ଦାମ୍ପତ୍ୟ ଜୀବନରେ ସମସ୍ୟା ତ ଆସିବ, ହେଲେ ସେଥିରେ ଭାଙ୍ଗିପଡ଼ିଲେ ଚଳିବ ନାହିଁ। ଏହି ସମୟରେ ପରସ୍ପର ଭିତରେ ବୁଝାମଣା ଠିକ୍ ରହିବା ଦରକାର। କାରଣ ସମସ୍ୟାଟିଏ ସାମ୍ନା କରିବା ବେଳେ ଦୁହେଁ ଯଦି ଏକାଠି ହୋଇ ଏହାର ସମାଧାନ କଲେ ତେବେ ମନୋବଳ ଦୃଢ଼ ହୋଇଥାଏ। ତା'ସହ ଭବିଷ୍ୟତରେ ଯଦି ଏଭଳି ସମସ୍ୟା ପୁଣି ଥରେ ଆସେ ତେବେ ନିଜକୁ ଟେନ୍‌ସନଠାରୁ ଅନେକାଂଶରେ ଦୂରେଇ ରଖିପାରିବେ।"

ଘର ସଂସାର କରିବା ପରେ ଝିଅଟିଏ ବୋହୂ ସାଜି ନୂଆ ଘରେ ପ୍ରବେଶ କରିଥାଏ। ସେଠାକାର ସଦସ୍ୟ ତାଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ। ତା'ସହ ଏହି ପରିବାର ସହିତ ତାହାର ବାକି ଜୀବନ କାଟିବାକୁ ହିଁ ପଡ଼ିବ। ଘରକୁ ସୁରୁଖୁରୁରେ ଚଳାଇବା ପଛରେ ପତ୍ନୀ-ପତିଙ୍କ ଭିତରେ ସୁସମ୍ପର୍କ ରହିବା ନିହାତି ଦରକାର। ସବୁଠାରୁ ବଡ଼ କଥା ହେଲା ଦୁହିଁଙ୍କ ଭିତରେ ଉତ୍ତମ ବୁଝାମଣା ଏବଂ ସହଯୋଗ। ଦୁହିଁଙ୍କର ମନ ଯଦି ଠିକ୍ ଭାବରେ ମିଶିଗଲା, ଆଉ ସବୁ କଥାକୁ ପରସ୍ପର ଭିତରେ ଭଲ ଭାବରେ ଆଲୋଚନାକରି ଆଗେଇପାରିଲେ ତେବେ ସେମାନଙ୍କର ଦାମ୍ପତ୍ୟ ଜୀବନ ଖୁସିରେ ଭରିଯାଇଥାଏ। ତେବେ ଏମିତି କେତୋଟି କଥା ରହିଛି ଯାହା ଆପଣଙ୍କ ସମ୍ପର୍କକୁ ମଜଭୁତ କରିପାରିବ। ଜାଣନ୍ତୁ ଏ ସମ୍ପର୍କରେ....

**ଦାମ୍ପତ୍ୟ ଜୀବନକୁ ହସଖୁସିରେ କଟାଇବାକୁ କିଏ ବା ନ ଚାହେଁ ? ହେଲେ କେତେକ କାରଣରୁ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହି ସମୟରେ ନିଜ ମନୋବଳକୁ ଦୃଢ଼କରି ଆଗେଇବା ଦରକାର। ତା' ସହ ଖୁସିର ମାହୋଲ ଭିତରେ ଉଭୟେ ସ୍ୱାମୀ ସ୍ତ୍ରୀ ରହିବାକୁ ହେଲେ ନିମ୍ନୋକ୍ତ କେତୋଟି କଥାକୁ ଗୁରୁତ୍ୱ ଦେଇପାରନ୍ତି...**

### କେତେ ଭଲପାଆନ୍ତି ତାଙ୍କୁ କୁହନ୍ତୁ

ଯଦିଓ ଆପଣ ନିଜ ସାଥୀଙ୍କୁ ବହୁତ ଭଲପାଉଥିବେ, କିନ୍ତୁ ଚୁପ୍‌ଚାପ୍ ଆପଣଙ୍କ କଥା ସେ ବୁଝିପାରିବେ ଏଇଟା ଜାଣିବା ଟିକେ ହୁଏତ କଷ୍ଟ ହୋଇପାରେ। ଏଥିପାଇଁ ତାଙ୍କୁ କହିବା ମଧ୍ୟ ଜରୁରୀ ହୋଇଥାଏ ଯେ ଆପଣ ତାଙ୍କୁ କେତେ ଭଲପାଉଛନ୍ତି। ଭଲପାଇବା ସହ ସାମ୍ନା ବାଲାକୁ ଏହି କଥାର ହୃଦୟଙ୍ଗମ ହେବା ଆବଶ୍ୟକ ଯେ ଆପଣ ତାଙ୍କ ପାଇଁ କେତେ ଖାସ୍ ବୋଲି ଏବଂ ଆପଣ ତାଙ୍କ ପାଇଁ କେତେ ଭାବୁଛନ୍ତି। ବାରମ୍ବାର ଆଇ ଲଭ୍ ୟୁ କହିବା ହୁଏତ ଏତେଟା ଭଲ ନ ଲାଗି ପାରେ, କିନ୍ତୁ ଏଥିରେ କୌଣସି ଖରାପ ନାହିଁ। ନିଜ ବିଜି ସିଡ୍ୟୁଲ୍ ପରେ ବି ରୋମାଣ୍ଟିକ୍ କଥା ପାଇଁ ଟିକେ ସମୟ ବାହାର କରନ୍ତୁ।

### ପରସ୍ପର ସହ ସାଥୀ ହୋଇ ରହିବା

ସ୍ତ୍ରୀ-ସ୍ୱାମୀଙ୍କର ସମ୍ପର୍କ ବହୁତ ମିଠା। ଏହି ସମ୍ପର୍କକୁ ମଜଭୁତ କରିବାକୁ ହେଲେ ଦୁହେଁ ସବୁ ପରିସ୍ଥିତିରେ ଏକାଠି ରହିବା ଆବଶ୍ୟକ। ଦାମ୍ପତ୍ୟ ଜୀବନରେ ସମସ୍ୟା ତ ଆସିବ। ହେଲେ ସେଥିରେ ଭାଙ୍ଗି ପଡ଼ିଲେ ଚଳିବ ନାହିଁ। ଏହି ସମୟରେ ପରସ୍ପର ଭିତରେ ବୁଝାମଣା ଠିକ୍ ରହିବା ଦରକାର। କାରଣ ସମସ୍ୟାଟିଏ ସାମ୍ନା କରିବା ବେଳେ ଦୁହେଁ ଯଦି ଏକାଠି ହୋଇ ଏହାର ସମାଧାନ କଲେ ତେବେ ମନୋବଳ ଦୃଢ଼ ହୋଇଥାଏ। ତା'ସହ ଭବିଷ୍ୟତରେ ଯଦି ଏଭଳି ସମସ୍ୟା ପୁଣି ଥରେ ଆସେ ତେବେ ନିଜକୁ ଟେନ୍‌ସନଠାରୁ ଅନେକାଂଶରେ ଦୂରେଇ ରଖିପାରିବେ। ତେଣୁ ସ୍ୱାମୀସ୍ତ୍ରୀ ସବୁବେଳେ ଏକାଠି ରହିବା ଦରକାର। ମନ ମିଳିଲେ ସବୁ ଠିକ୍। ଯଦି କିଛି ମନୋମାଳିନ୍ୟ ହେଲା ତେବେ ତାହାକୁ ତୁରନ୍ତ ସମାଧାନ କରିବାକୁ ଚେଷ୍ଟା କରନ୍ତୁ।

### ସମ୍ପର୍କକୁ ନିବିଡ଼ କରନ୍ତୁ

ଆପଣଙ୍କ ପରିଚୟ କେବଳ କାହାର ସ୍ତ୍ରୀ କିମ୍ବା ବୋହୂ ଭିତରେ ସୀମିତ ରଖନ୍ତୁ ନାହିଁ। ଯେଉଁ ଘରେ ପାଦ ଦେଉଛନ୍ତି ତାହାକୁ ନିଜ ଘର ବୋଲି ଭାବି ନିଅନ୍ତୁ। କେବଳ ସ୍ୱାମୀଙ୍କ ସହ ମନ ମିଳାଇ ଚଳିଲେ ହେବ ନାହିଁ, ପରିବାରର ଅନ୍ୟ ସଦସ୍ୟଙ୍କ ସହ ଉତ୍ତମ ସମ୍ପର୍କ ରଖନ୍ତୁ। ନିଜର ସ୍ନେହ ଡୋରିରେ ସେମାନଙ୍କୁ ଏପରି ବାନ୍ଧି ଦିଅନ୍ତୁ ଯେ ସେମାନେ ଅତି ସହଜରେ ତୁମକୁ ସେମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନରେ ରଖିପାରିବେ। ଏହା ବ୍ୟତୀତ ନିଜର ଦାମ୍ପତ୍ୟ ଜୀବନ ରଥକୁ ହସଖୁସିରେ ଏପରି ଆଗକୁ ଗଡ଼ାଇ ନିଅନ୍ତୁ ଯେମିତି ଆପଣଙ୍କୁ ଲାଗିବ ଯେ ଆପଣ ଏଠି ନୂଆ ନୁହନ୍ତି।

### ସମୟ ସହ ବଢ଼ିଥାଏ ଭଲପାଇବା

ବେଳେବେଳେ ଆପଣ ଶୁଣିଥିବେ ବିବାହର କିଛି ବର୍ଷ ପରେ ଦମ୍ପତିଙ୍କ ମଧ୍ୟରେ ଭଲପାଇବା ରୁହେନି। କିନ୍ତୁ ଏହା ସତ ନୁହେଁ। ଦମ୍ପତି ଦୁହେଁ ଦୁହିଁଙ୍କ ସହ ଯେତେ ସମୟ ଅତିବାହିତ କରନ୍ତି ତାଙ୍କର ଭଲପାଇବା ସେତେ ଅଧିକ ବଢ଼ିଯାଇଥାଏ। ଏହି ଭଲପାଇବା ହିଁ ତାଙ୍କ ସମ୍ପର୍କକୁ ଆହୁରି ମଜଭୁତ କରେ। ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ, ରାଗ, ଅଭିମାନ ରହିଛି। ହେଲେ ତାହାକୁ ଧରି ବସିଲେ ସଂସାର ରଥ ଚାଲିବ ନାହିଁ। ସେସବୁକୁ ଅଦିନିଆ ମେଘ ଭାବି ଭୁଲିଯାଆନ୍ତୁ। ଦେଖିବେ ଆପଣଙ୍କ ଦାମ୍ପତ୍ୟ ଜୀବନ କେତେ ସୁମଧୁର ହୋଇଉଠିବ।

### ତୁଳନା କରନ୍ତୁ ନାହିଁ

ସାଧାରଣତଃ ଆମ ନିକଟରେ ଯାହା ବି କିଛି ଥାଏ ଆମେ ତା'ର ତୁଳନା ଅନ୍ୟମାନଙ୍କ ସହ କରିଥାଉ। ତେଣୁ ଦାମ୍ପତ୍ୟ ଜୀବନକୁ କଦାପି ତୁଳନା ପରିସର ଭିତରେ ରଖନ୍ତୁ ନାହିଁ। କାରଣ ଏହାଦ୍ୱାରା ଅନେକ ପ୍ରକାର ପ୍ରଶ୍ନ ମନରେ ଉଙ୍କିମାରିବ। ଦାମ୍ପତ୍ୟ ଜୀବନକୁ କିପରି ଖୁସିରେ ଅତିବାହିତ କରିବେ ସେ ବିଷୟରେ ଚିନ୍ତା କରନ୍ତୁ।







## ଏମାନେ କ'ଣ କରନ୍ତି...

### ଏବେ ବି ନିବିଡ଼ତା ରହିଛି



ଆମର ବିବାହ କିଛି ବର୍ଷ ବିତିଯାଇଥିଲେ ମଧ୍ୟ ଏବେ ମଧ୍ୟ ଆମ ଭିତରେ ନିବିଡ଼ ସମ୍ପର୍କ ରହିଛି। କାରଣ ଯେତେବେଳେ ମୁଁ ବିବାହ ବନ୍ଧନରେ ଆବଦ୍ଧ ହେଲି, ସେତେବେଳେ ମୁଁ ନିଜ ନୂଆ ସଂସାରକୁ କିପରି ଖୁସିର ମାହୋଲ ଭିତରେ ରଖିବି ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥିଲି। ମୁଁ ପ୍ରତିଟି କଥା ସ୍ୱାମୀଙ୍କ ସହ ଆଲୋଚନା କରିଥାଏ। ଆମ ଦାମ୍ପତ୍ୟ ଜୀବନରେ ଅନେକ ସମସ୍ୟା ତ ଆସିଛି। ହେଲେ ଦୁହେଁ ମିଶି ତାହାର ସାମ୍ନା କରିଛୁ ଏବଂ ସମାଧାନର ଉପାୟ ବାହାର କରିଛୁ। ମୋ ମତରେ ସ୍ୱାମୀସ୍ତ୍ରୀ ଭିତରେ ପ୍ରଥମେ ବିଶ୍ୱାସ ଦୃଢ଼ ହେବା ଦରକାର। ତେବେ ଦାମ୍ପତ୍ୟ ଜୀବନରେ ଖୁସି ସବୁବେଳେ ବଜାୟ ରହିବ।

*-**ଶୋଭାରାଣୀ ବେହେରା**, ରାମକୃଷ୍ଣ ନଗର, ରାୟଗଡା*

### ବିଶ୍ୱାସ କେବେ ତୁଟିବାକୁ ଦିଏନା



ଆମ ଦାମ୍ପତ୍ୟ ଜୀବନରେ କେବେ ମୁଁ ବିଶ୍ୱାସକୁ ତୁଟିବାକୁ ଦେଇ ନ ଥାଏ। ସବୁ କଥାକୁ ଦୁହେଁ ମିଶି ବିଶଦ ଭାବରେ ଆଲୋଚନାକରୁ। କେବଳ ଆମେ ନୁହେଁ, ଆମ ପରିବାର କିପରି ଖୁସିରେ ରହିବ ସେ ନେଇ ଚେଷ୍ଟା କରୁଛୁ। କୌଣସି ଅସୁବିଧା ହେଲେ ମୁଁ ସେ ବିଷୟରେ ସ୍ୱାମୀଙ୍କ ସହ ଆଲୋଚନାକରେ। ସେ ମଧ୍ୟ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ମୋ ମତ ନିଅନ୍ତି। ଏହାଦ୍ୱାରା ପରସ୍ପର ଭିତରେ ସମ୍ପର୍କ ଆହୁରି ଦୃଢ଼ ହୋଇଥାଏ। କାରଣ ଯେତେବେଳେ ବିଶ୍ୱାସରେ ଏପଟ ସେପଟ ହୁଏ ସେତେବେଳେ ଅନେକ ଅଯଥା ସମସ୍ୟାର ସାମ୍ନା କରିବାକୁ ପଡ଼େ। ତେଣୁ ଏ ନେଇ ଆମେ ଦୁହେଁ ସବୁବେଳେ ସତର୍କ ଥାଉ।

*-**ସସ୍ମିତା କୁମାରୀ ବେହେରା**, ଲାଞ୍ଜିପଲ୍ଲୀ, ବ୍ରହ୍ମପୁର*

## ସୌନ୍ଦର୍ଯ୍ୟ

# ମୁଲାୟମ ରହିବ ତ୍ୱଚା

ଶୀତଦିନେ ସ୍କିନ୍ ବହୁତ ଡ୍ରାଏ ହୋଇଯାଏ। ଏହିଦିନରେ ତ୍ୱଚାକୁ ରୁଖାପଣରୁ ଦୂରେଇ ରଖିବାକୁ ହେଲେ କେତୋଟି ଟିପ୍ସକୁ ଆପଣାଇବାକୁ ପଡ଼ିବ, ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ ...



**ଶୀ**ତଦିନରେ ତ୍ୱଚା ସାଧାରଣତଃ ଫାଟିଥାଏ। ଏଥିରୁ ରକ୍ଷା ପାଇବାକୁ ହେଲେ ଗ୍ଲିସେରିନ୍ , ଗୋଲାପ ଜଳ, ଲେମ୍ବୁରସ ଏକ ଉତ୍କୃଷ୍ଟ ଉପାୟ। ଗ୍ଲିସେରିନ୍ ତ୍ୱଚାକୁ ନରମ ଏବଂ ମଶ୍ଚରାଇଜ୍ କରିଥାଏ। ଯେତେବେଳେ ଲେମ୍ବୁରସ ତ୍ୱଚାକୁ ସଫା ଏବଂ ଚମକଦାର କରିଥାଏ। ଗୋଲାପ ଜଳ ତ୍ୱଚାକୁ ଶାନ୍ତ ଏବଂ ଆରାମ ଦେଇଥାଏ, ଯେଉଁଥିରେ ତ୍ୱଚାକୁ କୁଣ୍ଡାଇହେବା ଏବଂ ଜ୍ୱଳନ ଆଦି ସମସ୍ୟା ଦୂରହୋଇଥାଏ। ଏହି ତିନୋଟିକୁ ମିଶାଇ ଲଗାଇବା ଦ୍ୱାରା ତ୍ୱଚାକୁ ଆବଶ୍ୟକ ପୋଷଣ ଏବଂ ଆରାମ ମିଳିଥାଏ। ଏହା ଶୀତଦିନରେ ଫାଟିବାରୁ ରକ୍ଷା କରିଥାଏ। ଏହାବ୍ୟତୀତ ତ୍ୱଚାକୁ ସୁସ୍ଥ ଏବଂ ଚମକଦାର୍ କରିଥାଏ। ଏହି ମିଶ୍ରଣକୁ ରାତିରେ ଶୋଇବା ପୂର୍ବରୁ ଲଗାନ୍ତୁ ଏବଂ ସକାଳୁ ଉଠି ଧୋଇଦିଅନ୍ତୁ।

▶▶ ଗ୍ଲିସେରିନ୍, ଲେମ୍ବୁରସ ଏବଂ ଗୋଲାପ ଜଳର ମିଶ୍ରଣ ତ୍ୱଚାର ଭିତରୁ ସଫା କରିଥାଏ। ଫଳରେ ତ୍ୱଚାରୁ ସବୁ ଅପରିଷ୍କାରକୁ ସଫା କରିଥାଏ। ଏହା ତ୍ୱଚାକୁ ରୋମଛିଦ୍ରରୁ ସଫାକରେ। ତ୍ୱଚାକୁ ସଫା ରଖିବା ଦ୍ୱାରା ଏହା ତ୍ୱଚାରେ ସାଧାରଣ ସମସ୍ୟା ଯେମିତିକି ମୁଖବ୍ରଣ,ଦାଗ ଆଦିକୁ ଦୂର କରିଥାଏ।

▶▶ ଗ୍ଲିସେରିନ୍, ଲେମ୍ବୁରସ ଏବଂ ଗୋଲାପ ଜଳର ମିଶ୍ରଣ ତ୍ୱଚାକୁ ଆବଶ୍ୟକ ମଶ୍ଚରାଇଜ କରିଥାଏ। ଫଳରେ ତ୍ୱଚା ନରମ ଏବଂ ମୁଲାୟମ ରୁହେ। ଏହି ମିଶ୍ରଣ ତ୍ୱଚାକୁ ହାଇଡ୍ରେଟ୍ କରିଥାଏ। ଯେଉଁଥିରେ ତ୍ୱଚାର ଜ୍ୱଳନ, କୁଣ୍ଡାଇହେବା ସମସ୍ୟା ଦୂରହୋଇଥାଏ।

▶▶ ଗ୍ଲିସେରିନ୍, ଲେମ୍ବୁରସ ଏବଂ ଗୋଲାପ ଜଳର ମିଶ୍ରଣ ତ୍ୱଚାକୁ ମୁଲାୟମ ଏବଂ ଚମକଦାର କରିଥାଏ। ଏହି ମିଶ୍ରଣ ତ୍ୱଚାର ଇଲାଷ୍ଟିସିଟି ବଢ଼ାଇଥାଏ। ତ୍ୱଚାରେ ଗାର ହୋଇ ଦେଖାଯିବା କମ୍ ହୋଇଥାଏ। ମୁଲାୟମ ତ୍ୱଚା କାରଣରୁ ତ୍ୱଚାର ସମସ୍ୟା ଯେମିତିକି ଫାଟିବା ଗାର ପଡ଼ିବା ଆଦି ଦୂରହୋଇଥାଏ।




## ଖାଦ୍ୟରୁଚି // ବ୍ରେଡ୍ କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ:** ବ୍ରେଡ୍, ପନୀର, ଗାଜର, ସିମ୍‌ଲା ମିର୍ଚ୍ଚି, ପିଆଜ, କଞ୍ଚାଲଙ୍କା, ଜୀରା, ଗରମ ମସଲା, କଶ୍ମୀରୀ ଚିଲି ପାଉଡର, ଲୁଣ, ଗୋଲମରିଚ ଗୁଣ୍ଡ, ତେଲ,ପାଣି ଏବଂ କର୍ନଫ୍ଲୋର।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ବ୍ରେଡ୍‌କୁ ଛୋଟ ଛୋଟ ଆକରରେ କାଟି ତାକୁ ମିକ୍ସଚରରେ ଗ୍ରାଇଣ୍ଡ କରନ୍ତୁ। ଏବେ ଗୋଟିଏ ବଡ଼ ବାଓଲରେ ପନୀର, ଗାଜର, ସିମ୍‌ଲା ମିର୍ଚ୍ଚି, ପିଆଜ, କଞ୍ଚାଲଙ୍କା, ଜୀରା, ଗରମ ମସଲା, ସିମ୍‌ଲା ମିର୍ଚ୍ଚି ପାଉଡର, ଲୁଣ ଏବଂ ଗୋଲମରିଚ ପାଉଡର ମିଶାନ୍ତୁ। ଏବେ ଏଥିରେ ଗ୍ରାଇଣ୍ଡ ହୋଇଥିବା ବ୍ରେଡ୍‌କୁ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ଛୋଟ ଛୋଟ ଗୋଲ ଆକାର କରନ୍ତୁ। ଏକ ପ୍ଲେଟ୍‌ରେ କର୍ନଫ୍ଲୋର ଏବଂ ପାଣିକୁ ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଏବେ କଟ୍‌ଲେଟ୍ କର୍ନଫ୍ଲୋର ପେଷ୍ଟରେ ବୁଡ଼ାନ୍ତୁ ଏବଂ ଏହାକୁ ତେଲରେ ପକାଇ ଛାଣନ୍ତୁ ଯେ ପର୍ଯ୍ୟନ୍ତ ଏହାର ରଙ୍ଗ ପରିବର୍ତ୍ତନ ନ ହୋଇଛି। ଏହାକୁ ଚଟଣି କିମ୍ବା ସସ୍ ସହ ଖାଆନ୍ତୁ। ବ୍ରେଡ୍ କଟ୍‌ଲେଟ୍‌କୁ କ୍ରିସ୍ପି କରିବାକୁ ହେଲେ ଆପଣ ଏଥିରେ ଅଳ୍ପ ମଇଦା ମିଶାଇପାରିବେ।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୦/୨୦୨୪ Bhubaneswar, Tuesday, December 10/ 2024

# ସାଭଚେଙ୍କୋ ଚାମ୍ପିୟନ, ଆରଣ୍ୟକ ରନରଅପ୍





କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୯।୧୨ (ତପନ ସ୍ୱାଇଁ)**

କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ୧୦ ରାଉଣ୍ଡ ବିଶିଷ୍ଟ 'ଏ' ବର୍ଗ ପ୍ରତିଯୋଗିତାରେ ରୁଷିଆ ଗ୍ରାଣ୍ଡମାଷ୍ଟର ବୋରିସ ସାଭଚେଙ୍କୋ ଚାମ୍ପିୟନ ହୋଇଛନ୍ତି। ସେ ୮.୫ ପଏଣ୍ଟ ସହିତ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଆର୍‌ଏସ୍‌ପିବି ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଭାରତୀୟ ଅନ୍ତର୍ଜାତୀୟ ମାଷ୍ଟର ଆରଣ୍ୟକ ଘୋଷ ଦ୍ୱିତୀୟ ଓ ଭିଏତନାମ୍ ଗ୍ରାଣ୍ଡମାଷ୍ଟର ଏନଗୁଏନ ଭାନ୍ ହୁଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର କୌସ୍ତୁଭ କୁଣ୍ଡୁ, ବେଲାରୁଷର ଆଲେକ୍ସ ଫେଡୋରୋଭ, କର୍ନାଟକର ଭିଆନି ଆଣ୍ଟୋନିଓ

## କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଯାପିତ

ଡୁନ୍‌ହା, ଭିଏତନାମ୍‌ର ଏନ୍‌ଗୁଏନ କ୍ୟୁକ୍ ହେ, ଆର୍‌ଏସ୍‌ପିବିର ସାୟନ୍ତନ ଦାସ, ବେଲାରୁଷର ଏଭଗେନି ପୋଡୋଲଚେଙ୍କୋ ଓ ରେଲୱେର ସପ୍ତଶ୍ରୀ ରାୟ ଟପ୍-୧୦ ଫିନିଶ୍ କରିଛନ୍ତି। ୨ୟରୁ ୧୦ମ ସ୍ଥାନ ହାସଲ କରିଥିବା ସମସ୍ତ ପ୍ରତିଯୋଗୀ ୭.୫ ପଏଣ୍ଟ ଲେଖାଏ ପାଇଛନ୍ତି। ଓଡ଼ିଶାର ଉତ୍କଳ ରଞ୍ଜନ ଦାସ ୭.୫ ପଏଣ୍ଟ ପାଇଥିଲେ ହେଁ ୧୧ଶ ସ୍ଥାନରେ ରହିଛନ୍ତି। ବିଧାୟିକା ସୋଫିଆ ଫିର୍ଦୋସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗ୍ରାଣ୍ଡମାଷ୍ଟର ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ଚେସ୍ ତାରକା ପ୍ରବୀଣ ଥିପ୍‌ସେ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ସରନଜିତ ସିଂ, ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍) ଇଭେଣ୍ଟ କମିଟି ସଦସ୍ୟ ରଞ୍ଜନ ମହାନ୍ତି, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଶେଖର ସାହୁ, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୩୦ ଦେଶର ୧୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ୩ ବର୍ଗର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ୭୦ ଜଣ ଟାଇଟଲଧାରୀ ସାମିଲ ଥିଲେ। ଚାମ୍ପିୟନ ସାଭଚେଙ୍କୋଙ୍କୁ ଟ୍ରଫି ସହ ୩ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଆରଣ୍ୟକଙ୍କୁ ରନରଅପ୍ ଟ୍ରଫି ସହ ୨ ଲକ୍ଷ ଏବଂ ଦ୍ୱିତୀୟ ରନରଅପ୍ ଏନ୍‌ଗୁଏନଙ୍କୁ ଟ୍ରଫି ଓ ୧ ଲକ୍ଷ ୪୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଫକିର ମାଝି ପ୍ରଥମ, ତପନ ବଡ଼ମୁଣ୍ଡି ଦ୍ୱିତୀୟ ଓ ଶେଖର ସାହୁ ତୃତୀୟ ସ୍ଥାନରେ ରହିଥିଲେ।

### 'ସି' ବର୍ଗରେ ଶ୍ରୀବର୍ଦ୍ଧନ ବିଜେତା

୯ ରାଉଣ୍ଡ ବିଶିଷ୍ଟ 'ସି' ବର୍ଗର ଟୁର୍ନାମେଣ୍ଟ ମଧ୍ୟ ସୋମବାର ଶେଷ ହୋଇଛି। ଏଥିରେ ଆନ୍ଧ୍ର ପ୍ରଦେଶର ଶ୍ରୀବର୍ଦ୍ଧନ ରେଡ୍ଡୀ ଦେଭରେଡ୍ଡୀ ୮.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ତାଙ୍କୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ରନରଅପ୍ ଝାଡ଼ଖଣ୍ଡର ଅରିଜିତ ଘୋଷଙ୍କୁ ଟ୍ରଫି ସହ ୭୫,୦୦୦ ଓ ଦ୍ୱିତୀୟ ରନରଅପ୍ ମହାରାଷ୍ଟ୍ରର ଗାଇଗୋରେ ସଂସ୍କାରଙ୍କୁ ଟ୍ରଫି ସହ ୬୦,୦୦୦ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଆନନ୍ଦ ରୟ, ସିଦ୍ଧେଶ କାମିଲା, ସନ୍ଦୀପ କୁମାର ମିଶ୍ର, ସଙ୍କେତ କୁମାର, ଦୀପ୍ତିରଞ୍ଜନ ନାୟକ, ଦାଶରଥି ସାହୁ ଓ ମୟଙ୍କ ସନ୍ତୋଷ ଟପ୍-୧୦ରେ ରହିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ସ୍ନେହାଂଶୁ ସର୍କାର, ଗୁଣନିଧି ଭୋଇ ଓ ଅକ୍ଷୟ ସବର ପ୍ରଥମ ୩ ସ୍ଥାନରେ ରହିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଦ୍ୱାଦଶ ରାଉଣ୍ଡରେ ଗୁକେଶ ପରାସ୍ତ

**ସିଙ୍ଗାପୁର, ୯।୧୨ (ପି.ଟି.)**



ଏଠାରେ ଚାଲିଥିବା ବିଶ୍ୱ ଚେସ୍ ଚାମ୍ପିୟନଶିପ୍ ଲଢ଼େଇରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ପୁଣି ପ୍ରତିଦ୍ୱନ୍ଦ୍ୱୀଙ୍କୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇଛନ୍ତି। ସୋମବାର ଅନୁଷ୍ଠିତ ଦ୍ୱାଦଶ ରାଉଣ୍ଡରେ ସେ ଡିଫେଣ୍ଡିଂ ଚାମ୍ପିୟନ ଚାଇନାର ଡିଙ୍ଗ୍ ଲିରେନଙ୍କଠାରୁ ହାରି ଯାଇଛନ୍ତି। ଫଳରେ ଉଭୟଙ୍କ ପଏଣ୍ଟ ସଂଖ୍ୟା ଏବେ ୬-୬ ସ୍ଥିତିକୁ ଚାଲି ଆସିଛି। ରବିବାର ଅନୁଷ୍ଠିତ ୧୦ମ ରାଉଣ୍ଡରେ ୧୮ ବର୍ଷୀୟ ଗୁକେଶ ବିଜୟୀ ହେବାଦ୍ୱାରା ପୂରା ୧ ପଏଣ୍ଟରେ ଅଗ୍ରଣୀ ହାସଲ କରିଥିଲେ। ୧୪ ରାଉଣ୍ଡ ବିଶିଷ୍ଟ ମୁକାବିଲାର ପରବର୍ତ୍ତୀ ୩ ରାଉଣ୍ଡ ମ୍ୟାଚକୁ ସେ ଡ୍ର କରିଥିଲେ ମଧ୍ୟ ପର୍ଯ୍ୟାପ୍ତ ହୋଇଥାନ୍ତା। ମାତ୍ର ୧୧ଶ ରାଉଣ୍ଡରେ ପରାଜୟ ହେବାଦ୍ୱାରା ମୁକାବିଲା ପୁଣି ସଂଘର୍ଷପୂର୍ଣ୍ଣ ହୋଇଛି। ଆଉ ୨ ରାଉଣ୍ଡ ଖେଳ ବାକିଥିବାବେଳେ ଯେଉଁ ଖେଳାଳି ପ୍ରଥମେ ୭.୫ ପଏଣ୍ଟ ପାଇବେ ସେ ଚାମ୍ପିୟନ ହେବେ। ଯଦି ଉଭୟ ଖେଳାଳିଙ୍କ ମଧ୍ୟରେ ପଏଣ୍ଟ ସମାନ ରୁହେ ତେବେ ଦ୍ରୁତ ଟାଇମ୍ କଣ୍ଟ୍ରୋଲ ପଦ୍ଧତିରେ ଖେଳ ହୋଇ ବିଜେତା ନିର୍ଣ୍ଣୟ କରାଯିବ।




# ଗ୍ଲୋବାଲ ଫିଜିଓ କ୍ଲବ ୬-୦ରେ ବିଜୟୀ

## ଗତିକୃଷ୍ଣ ପଣ୍ଡା ସ୍ମାରକୀ ଫୁଟବଲ୍

**ଭୁବନେଶ୍ୱର, ୯।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ର ସୋମବାର ଅନୁଷ୍ଠିତ ମ୍ୟାଚରେ ଗ୍ଲୋବାଲ ଫିଜିଓ ଫୁଟବଲ କ୍ଲବ ବିଜୟୀ ହୋଇଛି। ସୌମ୍ୟ ରଞ୍ଜନ ଭୋଇ, ପ୍ରତୀକ ସୋହମ ଓ ସୁଶାନ୍ତ ବେହେରାଙ୍କ ଡବଲ ଗୋଲ ବଳରେ ଏହି ଦଳ ୬-୦ ଗୋଲରେ ଶିବଶକ୍ତି ଫୁଟବଲ କ୍ଲବକୁ ପରାସ୍ତ କରିଛି। ସୌମ୍ୟରଞ୍ଜନ ମ୍ୟାଚର ୩ୟ ଓ ୨୨, ପ୍ରତୀକ ୯ ଓ ୩୨ ଏବଂ ସୁଶାନ୍ତ ୨୩ ଓ ୫୪ତମ ମିନିଟରେ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ଗ୍ଲୋବାଲ ଟିମ୍‌ର ୨୮ ନମ୍ବର ଜର୍ସି ପରିହିତ ପ୍ରତୀକ ସୋହମ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ପ୍ରିୟନାଥ ଚୌଧୁରୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆଲୋକ କୁମାର ଦେହୁରି, ଚନ୍ଦ୍ରକାନ୍ତ ବାରିକ, ଶିବ ପ୍ରସାଦ ସାମନ୍ତରାୟ ଓ ସୁଜିତ କୁମାର ପାତ୍ରୋ ମ୍ୟାଚ ପରିଚାଳନା କରିଥିଲେ। ମଙ୍ଗଳବାର କିଶୋର ସ୍ପୋର୍ଟିଂ ଓ ଜୟଦୁର୍ଗା ଯୁବକ ସଂଘ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



ପ୍ରତୀକ ସୋହମଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ଦକ୍ଷିଣ ଆଫ୍ରିକା ନମ୍ବର ୱାନକୁ ଉନ୍ନୀତ

**ଜିକ୍‌ବରା, ୯।୧୨ (ଏପି)**

ସ୍ଥାନୀୟ ସେଣ୍ଟ ଜର୍ଜ ପାର୍କଠାରେ ଅନୁଷ୍ଠିତ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ୧୦୯ ରନରେ ଶ୍ରୀଲଙ୍କାକୁ ପରାସ୍ତ କରି ୨-୦ରେ ସିରିଜ ବିଜୟ ହୋଇଛି। ଏଥିସହିତ ପ୍ରଥମ ଥର ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଖେଳିବା ଲାଗି ଦଳର ଆଶା ସଞ୍ଚାର ହୋଇଛି। ମ୍ୟାଚ ଜିତିବା ଲାଗି ଦକ୍ଷିଣ ଆଫ୍ରିକା ୫ ଉଇକେଟ ଆବଶ୍ୟକ କରୁଥିବା ବେଳେ ୩୪୮ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ଶ୍ରୀଲଙ୍କା ଆହୁରି ୧୪୩ ରନ ଦରକାର କରୁଥିଲା। ମାତ୍ର ଦକ୍ଷିଣ ଆଫ୍ରିକା ଧନଞ୍ଜୟ ଡି'ସିଲ୍‌ଭା ଓ କୁସାଲ ମେଣ୍ଡିସଙ୍କ ଉଇକେଟ ଅକ୍ତିଆର କରି ଭ୍ରମଣକାରୀ ଦଳର ବିପର୍ଯ୍ୟୟ ଘଟାଇଥିଲେ। ଶ୍ରୀଲଙ୍କା ମଧ୍ୟାହ୍ନଭୋଜନ ପୂର୍ବରୁ ୨୩୮ ରନରେ ଅଲଆଉଟ ହୋଇଯାଇଥିଲା। ପତନ ଘଟିଥିବା ୫ଟି ଉଇକେଟ ମଧ୍ୟରୁ ସ୍ପିନର କେଶବ ମହାରାଜଙ୍କର ୩ଟି ରହିଥିଲା। ମହାରାଜଙ୍କର ୫/୭୬ ସହ କ୍ୟାରିୟର ୫ଉଇକେଟ ସଫଳତା ସଂଖ୍ୟା ୧୧ରେ ପହଞ୍ଚିଛି। ସିରିଜ ବିଜୟ ପରେ ଦକ୍ଷିଣ ଆଫ୍ରିକା ଡବ୍ଲ୍ୟୁଟିସି ଷ୍ଟାଣ୍ଡିରେ ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇପାରିଛି। ଦଳ ଡିସେମ୍ବରରୁ ଘରୋଇ ମାଟିରେ ପାକିସ୍ତାନ ବିପକ୍ଷରେ ଆଉ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି।

## ଡବ୍ଲ୍ୟୁଟିସି ଷ୍ଟାଣ୍ଡିଂ

ଡବ୍ଲ୍ୟୁଟିସି ଷ୍ଟାଣ୍ଡିଂରେ ଦକ୍ଷିଣ ଆଫ୍ରିକା (୬୩.୩୩ ପ୍ରତିଶତ ପଏଣ୍ଟ) ପଛକୁ ଅଷ୍ଟ୍ରେଲିଆ (୬୦.୭୧) ଓ ଭାରତ (୫୭.୨୯) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

# 'ସିରାଜ କୋହଲିଙ୍କ ସ୍ୱଭାବର'

**ଆଡିଲେଡ୍, ୯।୧୨ (ପି.ଟି):** ମହମ୍ମଦ ସିରାଜଙ୍କ ଗରମ ମିଜାଜ୍‌କୁ ନେଇ ଏବେ ଖୁବ୍ ଆଲୋଚନା ହେଉଛି। କିନ୍ତୁ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ହାଜେଲଉଡ୍ ଏହି ଭାରତୀୟ ପେସରଙ୍କୁ ଜଣେ ଉତ୍ତମ ସ୍ୱଭାବର ବ୍ୟକ୍ତି ବୋଲି ଚିତ୍ରଣ କରିଛନ୍ତି। ସିରାଜ ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କ ସ୍ୱଭାବର ବୋଲି କହିଛନ୍ତି। କୋହଲିଙ୍କ ଭଳି ମ୍ୟାଚ ବେଳେ ସେ ଦର୍ଶକମାନଙ୍କ ମନରେ ଜୋସ୍ ଭରିଦେଇଥାନ୍ତି। ଖେଳ ପ୍ରତି ତାଙ୍କର ଖୁବ୍ ଆବେଗ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ପିଙ୍କ୍-ବଲ୍ ଟେଷ୍ଟରେ ଭାରତର ୧୦ ଉଇକେଟରେ ପରାଜୟ ମ୍ୟାଚରେ ଦୁଇଟି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆର ପ୍ରଥମ ଇନିଂସରେ ମାର୍ନସ ଲାବୁସେନ ତାଙ୍କ ବୋଲିଂରେ ଏକ ପୁଲ୍ ଶଟ୍ ଖେଳିବାରୁ ସିରାଜ ରନ ରୋକିବା ଉଦ୍ୟମରେ ଷ୍ଟମ୍ପକୁ ଏକ ୱାଇଡ୍ ବଲ୍ ପକାଇଥିଲେ। ଜଣେ ଦର୍ଶକ ଏକ ବଡ଼ ବିୟର କପ୍ ଧରି ଲାବୁସେନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରୁଥିବା ବେଳେ ଏହି ଘଟଣା ଦେଖିବାକୁ ମିଳିଥିଲା। ପରଦିନ ଟ୍ରାଭିସ ହେଡ୍‌ଙ୍କୁ ବୋଲ୍ଡ କରିବା ପରେ ସିରାଜଙ୍କର ତାଙ୍କ ସହିତ ବଚସା ହୋଇଥିଲା। ଆଡିଲେଡ୍ ଦର୍ଶକ ଏଥିରେ ଉତ୍ତେଜିତ ହୋଇ ତାଙ୍କୁ ପରିହାସ କରିଥିଲେ। ହାଜେଲଉଡ୍ କହିଛନ୍ତି, ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦଳ ସହିତ ଥିବା ବେଳେ ସେ ଡ୍ରେସିଂ ରୁମ୍‌ରେ ଉଭୟ ସିରାଜ ଓ କୋହଲିଙ୍କ ସହିତ ସମୟ ଅତିବାହିତ କରିଛନ୍ତି। ସିରାଜ ଜଣେ ଉତ୍ତମ ସ୍ୱଭାବର ବ୍ୟକ୍ତି ବୋଲି ସେ ନିଜେ ଅଙ୍ଗେ ନିଭାଇଛନ୍ତି। ଆର୍‌ସିବିରେ ସିରାଜ ବୋଲିଂ ଆକ୍ରମଣର ନେତୃତ୍ୱ ନେଇଥାନ୍ତି। ଖେଳ ସହିତ ସେ ଖୁବ୍ ମଜି ଯାଇଥାନ୍ତି। ବେଳେ ବେଳେ ତାଙ୍କ ଆଚରଣ ଦର୍ଶକଙ୍କୁ ଉତ୍ତେଜିତ କରିଥାଏ। ପାର୍ଶ୍ୱ ଯନ୍ତ୍ରଣା ଯୋଗୁ ହାଜେଲ୍‌ଉଡ ଦ୍ୱିତୀୟ ଟେଷ୍ଟ ଖେଳି ପାରିନାହାନ୍ତି। ପର୍ଥଠାରେ ଓପନିଂ ଟେଷ୍ଟର ପ୍ରଥମ ଇନିଂସରେ ସେ କୋହଲିଙ୍କୁ ୫ରନ ସ୍କୋରରେ ଆଉଟ କରି ଦେଇଥିଲେ। ଏହାକୁ ମିଶାଇ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ରେଡ୍-ବଲ୍ କ୍ରିକେଟରେ କୋହଲିଙ୍କୁ ୪ଥର ଆଉଟ କରିସାରିଛନ୍ତି। ହାଜେଲଉଡ୍ କହିଛନ୍ତି, ପୃଥକ୍ ପୃଥକ୍ ଟିମ୍‌ରେ ଭିନ୍ନ ଭିନ୍ନ ସ୍ୱଭାବର ଖେଳାଳି ରହିଛନ୍ତି। ଏବେକା ସମୟରେ ଅନେକ ବ୍ୟାଟରଙ୍କର ଧୈର୍ଯ୍ୟ କମ୍ ଥିବା ପରିଲକ୍ଷିତ ହେଉଛି। କ୍ରିଜ୍‌କୁ ଆସିଲା ମାତ୍ରେ ସେମାନେ ରନ୍ ସଂଗ୍ରହ ପ୍ରତି ଧ୍ୟାନ ଦେଇଥାନ୍ତି। ୧୦ବର୍ଷ ପୂର୍ବେ କିନ୍ତୁ ସେପରି ନ ଥିଲା।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ